# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୭/୨୦୨୫ (୧୪ ପୃଷ୍ଠା) Bhubaneswar, Monday, March 17/2025 Page 14 ₹ 7.00

୫୧ଶ ଭାଗ ୧୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 111 ମୂଲ୍ୟ ₹୭/-




ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମରଙ୍କୁ ଆଇଏସ୍‌ଏସ୍‌ରୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ପାଇଁ ସ୍ପେସ୍‌ଏକ୍ସରେ ଯାଇଥିବା ଆଷ୍ଟ୍ରୋନଟ୍ସ।

## ମହାକାଶରେ ପହଞ୍ଚିଲା ସ୍ପେସ୍‌ଏକ୍ସ ଡ୍ରାଗନ

### ୧୯ରେ ଫେରିବେ ସୁନୀତା, ବୁଚ୍

କେପ୍ କାନାଭେରାଲ/ୱାଶିଂଟନ୍, ୧୬।୩ (ଏପି/ରଏଟର୍ସ)

ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ୯ ମାସରୁ ଊର୍ଦ୍ଧ୍ୱ ସମୟ ଅବସ୍ଥାନ ପରେ ପୃଥିବୀପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ। ୨୦୨୪ ଜୁନ୍‌ରୁ ମହାକାଶଯାନ(ବୋଇଂ ଷ୍ଟାରଲାଇନର କ୍ୟାପ୍‌ସୁଲ)ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଇଏସ୍‌ଏସ୍‌ରେ ଫସିରହିଥିବା ସୁନୀତା ଓ ବୁଚ୍ ୱିଲ୍‌ମରଙ୍କୁ ଫେରାଇ ଆଣିବା ପାଇଁ ସ୍ପେସେକ୍ସର କ୍ରୁ-୧୦ ମିଶନ ଉଦ୍ୟମ ଆରମ୍ଭ କରିଛି। ବିଲିଓନେୟାର ଏଲନ୍ ମସ୍କଙ୍କ ସ୍ପେସେକ୍ସ ପକ୍ଷରୁ ଉକ୍ତ ମିଶନରେ ୪ ନୂଆ କ୍ରୁ ମେମ୍ବର ରବିବାର ଆଇଏସ୍‌ଏସ୍‌ରେ ପହଞ୍ଚିବା ପରେ ସୁନୀତା ଓ ବୁଚ୍ ସେମାନଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ। ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ୍ (ନାସା)ର ମହାକାଶଚାରୀ ଦ୍ୱୟ ମାର୍ଚ୍ଚ ୧୯ ତାରିଖ ବୁଧବାର ଫ୍ଲୋରିଡା ଉପକୂଳକୁ ଫେରିବେ ବୋଲି ଆଶା କରାଯାଉଛି। ଏହି ଦୀର୍ଘକାଳୀନ ମିଶନ ବେଳେ ଆଇଏସ୍‌ଏସ୍‌ରେ ସୁନୀତା ଏବଂ ତାଙ୍କ ସହଯୋଗୀମାନେ ଅନେକ ବୈଜ୍ଞାନିକ ଗବେଷଣା ପ୍ରୟୋଗ କରିଛନ୍ତି, ଯାହାକି ଭବିଷ୍ୟତରେ ଲମ୍ବା ମହାକାଶ ମିଶନ ପାଇଁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପାକିସ୍ତାନରେ ପୁଣି ଆତଙ୍କବାଦୀ




## ଗରିବ, ମଧ୍ୟବିତ୍ତଙ୍କ ପାଇଁ ପୋଷଣ କେନ୍ଦ୍ର

### ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟରେ ଖୋଲିବ ୩୫ କେନ୍ଦ୍ର: ମନ୍ତ୍ରୀ

ଭୁବନେଶ୍ୱର, ୧୬।୩ (ରବିନାରାୟଣ ଜେନା)

ରାଜ୍ୟରେ ଗରିବ, ଆର୍ଥିକ ଦୁର୍ବଳଶ୍ରେଣୀ ଏବଂ ମଧ୍ୟବିତ୍ତ ପରିବାରର ଲୋକଙ୍କୁ ରିହାତି ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଖୁବ୍‌ଶୀଘ୍ର ଗୁଜରାଟ ମଡେଲରେ ଓଡ଼ିଶାରେ ଖୋଲାଯିବ ପୋଷଣ କେନ୍ଦ୍ର। ଏହି କେନ୍ଦ୍ରରେ ଲୋକଙ୍କୁ କମ୍ ମୂଲ୍ୟରେ ଚାଉଳ, ଡାଲି, ଅଟା ଏବଂ ଖାଇବାତେଲ ମିଳିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୩୫ଟି ପୋଷଣ କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଏହି କେନ୍ଦ୍ର ଖୋଲାଯିବ। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଭାଗିତାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ରବିବାର ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ରବିବାର ଯୋଗାଣମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଗରିବ ତଥା ମଧ୍ୟବିତ୍ତ ପରିବାରକୁ ଏହି ପୋଷଣ କେନ୍ଦ୍ର ମାଧ୍ୟମରେ ଅଟା, ଚାଉଳ, ଡାଲି ଓ ତେଲ ଯୋଗାଇ ଦିଆଯିବ। ଏଥିପାଇଁ ହିତାଧିକାରୀମାନଙ୍କୁ ସ୍ୱତନ୍ତ୍ର କାର୍ଡ ପ୍ରଦାନ କରାଯିବ। ନମୁନା ପ୍ରକଳ୍ପରେ ୩୫ଟି ପୋଷଣ କେନ୍ଦ୍ର ସଫଳ ହେବା ପରେ, ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତି ପଞ୍ଚାୟତରେ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

" ଭାରତକୁ ଡ୍ରଗ୍‌ସମୁକ୍ତ କରିବା ପାଇଁ ମୋଦି ସରକାରଙ୍କ ଅଭିଯାନ ତ୍ୱରାନ୍ୱିତ ହୋଇଛି। ନିଶାଦ୍ରବ୍ୟ ଚୋରାକାରବାରରେ ସମ୍ପୃକ୍ତ ଆପରାଧିକ ସଂଗଠନଗୁଡ଼ିକୁ କ୍ଷମା ନାହିଁ।

-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

# ହୋଲିରେ ୭ ହତ୍ୟା

- ଭୁବନେଶ୍ୱରରେ ୨ ହତ୍ୟାକାଣ୍ଡ
- ବ୍ରହ୍ମପୁର, ସମ୍ବଲପୁର, କଟକ, ନିମାପଡ଼ାରେ ମଧ ଗଡ଼ିଲା ମୁଣ୍ଡ
- ଅନୁଗୋଳରେ ହୋଲି ଖେଳବେଳେ ଭୁଜାଲି ଚୋଟ

ଭୁବନେଶ୍ୱର (ସତ୍ୟଜିତ୍ ରାଉତ), କଟକ/କଟକ ସଦର (କାର୍ତ୍ତିକ ସାହୁ/ ସୁଶାନ୍ତ କୁମାର ଜେନା), ଅନୁଗୋଳ (ଜ୍ୟୋତିରଞ୍ଜନ ସାହୁ), ସମ୍ବଲପୁର (ପ୍ରମୋଦ ବହିଦାର), ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ)/ ନିମାପଡ଼ା (ବିଚିତ୍ରାନନ୍ଦ ସାହୁ), ୧୬।୩

ରଙ୍ଗର ପର୍ବ ହୋଲିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ରକ୍ତର ହୋଲି। ୪ ମହାନଗର ନିଗମରେ ଘଟିଛି ୫ ହତ୍ୟାକାଣ୍ଡ। ସେଥିମଧ୍ୟରେ ଭୁବନେଶ୍ୱରରେ ୨ଟି ଏବଂ ବ୍ରହ୍ମପୁର, ସମ୍ବଲପୁର ଓ କଟକରେ ଗୋଟିଏ ଲେଖାଏ ଘଟଣା ରହିଛି। ସେହିପରି ଅନୁଗୋଳ ସହର ଓ ପୁରୀ ଜିଲାର ନିମାପଡ଼ାରେ ଆଉ ୨ଜଣଙ୍କୁ ହତ୍ୟା କରାଯାଇଛି। ଆଇନଶୃଙ୍ଖଳା ଦିଗକୁ ନେଇ ପୋଲିସ ପକ୍ଷରୁ ସବୁଆଡ଼େ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା କୁହାଯାଇଥିବାବେଳେ ଶନିବାର ଏହି ୭ ହତ୍ୟାକାଣ୍ଡ ଘଟିଯାଇଛି।

ଭୁବନେଶ୍ୱର ଶହୀଦନଗର ଥାନା ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଭିନ୍ନ ଭିନ୍ନ ଘଟଣାରେ ୨ ଜୀବନ ଯାଇଛି। ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଗୋପୀ ଗୁନି (୨୫)ଙ୍କୁ ତାଙ୍କ ସ୍ତ୍ରୀ ଓ ଭାଇମାନଙ୍କ ଆଗରେ ଛୁରି ଭୁସି ହତ୍ୟା କରାଯାଇଛି। ଶନିବାର ଦିନବେଳା ଶାନ୍ତିପଲ୍ଲୀ ବସ୍ତିରେ ହୋଲି ଉତ୍ସବ ଚାଲୁଥିଲା। ଏହି ସମୟରେ ବସ୍ତିର ବାନା ଗୁଣି (୨୦), ପିଙ୍କୁ ଗୁଣି (୩୮) ଏବଂ ଜଣେ ନାବାଳକଙ୍କ ସହ ରଙ୍ଗ ଖେଳକୁ ନେଇ ଗୋପୀଙ୍କ ବଚସା ହୋଇଥିଲା। ପରେ ସ୍ଥିତି ଭୟଙ୍କର ହୋଇଥିଲା। ଗୋପୀଙ୍କୁ ପିଙ୍କୁ ଓ ନାବାଳାକ ଜଣକ ଧରିଥିବାବେଳେ ବାନା ଛୁରି ଭୁସି ହତ୍ୟା କରିଥିଲେ। ଏହି ଘଟଣାରେ କମିଶନରେଟ୍ ପୋଲିସ ରବିବାର ମୁଖ୍ୟ ଅଭିଯୁକ୍ତ ବାନାଙ୍କୁ ଗିରଫ କରିଥିବାବେଳେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରିଛି। ପିଙ୍କୁ ଗୁଣି ଫେରାର ହୋଇଯାଇଛନ୍ତି। ସେହିପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ଅନ୍ୟ ଏକ ଘଟଣାରେ ସିମେଇଗାଡ଼ିଆ ଗାଁର ଆୟୁଷ୍ମାନ ପତି (୩୦)ଙ୍କ ଜୀବନ ଯାଇଛି। ପୂର୍ବ ଶତ୍ରୁତାକୁ ନେଇ ସାମାନ୍ୟ ବଚସାରୁ ପୁରୀ ଜିଲା ବେଗୁନିଆ ଅଞ୍ଚଳର ମିଲୁ ଓରଫ ତନ୍ମୟ ବେହେରା (୨୮) ଛୁରି ଭୁସି ଆୟୁଷ୍ମାନଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ମିଲୁଙ୍କ ସମେତ ତାଙ୍କ ଦୁଇ ଭାଇ ଏବଂ ଅନ୍ୟ ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି। ମିଲୁଙ୍କୁ ଗିରଫରୁ ବଞ୍ଚାଇବାକୁ ଫେରାର କରାଇବା ଅଭିଯୋଗରେ ଦୁଇ ଭାଇ ଓ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ☞ପୃଷ୍ଠା-୨

# ନୀରବିଗଲେ ପଦ୍ମଭୂଷଣ ରମାକାନ୍ତ

ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)

ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କର ରବିବାର ଭୋର ପ୍ରାୟ ୪ଟା ୩୦ରେ ଖାରବେଳନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଶନିବାର ରାତି ପ୍ରାୟ ୨ଟା ୩୦ ପର୍ଯ୍ୟନ୍ତ ତାଙ୍କର ଅକ୍ସିଜେନ୍ ଲାଗିଥିଲା। ତେବେ ଭୋରରୁ ତାଙ୍କର ଦେହାନ୍ତ ହୋଇଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର୍ଗତ ରଥଙ୍କ ଏକମାତ୍ର ପୁଅ ପିନାକୀ ରଥ ସିଙ୍ଗାପୁରରୁ ଆସିବା ପରେ ସୋମବାର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ପୁରୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସାନଝିଅ ଶ୍ୟାମା ରଥ ସୂଚନା ଦେଇଛନ୍ତି। ରମାକାନ୍ତଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ୧୯୩୪ ଡିସେମ୍ବର ୧୩ରେ କଟକଠାରେ ରମାକାନ୍ତ ରଥ ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକୋତ୍ତର ଶେଷ କରିଥିଲେ। ୧୯୫୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ତୁଲାଇବା ସହିତ ୧୯୯୨ରେ ଚାକିରିରୁ ଅବସର ଗ୍ରହଣ କରିବା ପୂର୍ବରୁ ସେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଜଣେ ପ୍ରଶାସନିକ ଅଧିକାରୀ ହୋଇଥିବା ସତ୍ତ୍ୱେ ଓଡ଼ିଆ ସାରସ୍ୱତ ଜଗତକୁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ରଚିତ 'କେତେ ଦିନର', 'ଶ୍ରୀରାଧା', 'ସନ୍ଦିଗ୍ଧ ମୃଗୟା', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର' ଭଳି ଅନେକ ସାହିତ୍ୟ କୃତି ପାଠକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସ୍ୱର୍ଗତ ରଥଙ୍କ ଦେହାନ୍ତ ଖବର ଶୁଣିବା ପରେ ତାଙ୍କ ବାସଭବନକୁ ପାଠକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସୁଅ ଛୁଟିଥିଲା। ☞ପୃଷ୍ଠା-୨

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ**



ରମାକାନ୍ତ ରଥ

# ତେଜପ୍ରତାପଙ୍କ ନିର୍ଦ୍ଦେଶରେ ନାଚି ହଟିଲେ ସିପାହି

ପାଟ୍‌ନା, ୧୬।୩

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପୁଅ ତଥା ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ବିଧାୟକ ତେଜପ୍ରତାପ ଯାଦବଙ୍କ ଦ୍ୱାରା ଶନିବାର ଆୟୋଜିତ ହୋଲି ଉତ୍ସବକୁ ନେଇ ବିବାଦ ଦେଖାଦେଇଛି। ଏହି ଉତ୍ସବରେ ତେଜପ୍ରତାପଙ୍କ ନିର୍ଦ୍ଦେଶରେ ତାଙ୍କ ସୁରକ୍ଷାରେ ନିୟୋଜିତ ପୋଲିସ କନ୍‌ଷ୍ଟେବଲ (ସିପାହୀ) ଦୀପକ କୁମାର ପୋଲିସ ୟୁନିଫର୍ମ ପିନ୍ଧି ନାଚିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା। ରବିବାର ଦୀପକଙ୍କୁ ହଟାଯାଇ ଅନ୍ୟ ଜଣେ ପୋଲିସ କର୍ମୀଙ୍କୁ ତେଜ୍‌ପ୍ରତାପଙ୍କ ଅଙ୍ଗରକ୍ଷୀ ଭାବେ ନିୟୋଜିତ କରାଯାଇଥିବା ନେଇ ପାଟ୍‌ନାସ୍ଥିତ ବରିଷ୍ଠ ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଶନିବାର ତେଜପ୍ରତାପ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ହୋଲି ଉତ୍ସବର ଆୟୋଜନ କରିଥିଲେ। ଏହି ସମୟରେ ସେ ତାଙ୍କ ଅଙ୍ଗରକ୍ଷୀ ଦୀପକଙ୍କୁ ନାଚିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ଦୀପକଙ୍କୁ କହିଥିଲେ, ଏ ସିପାହି ଏବେ ଏକ ଗୀତ ବାଜିବ ଯେଉଁଥିରେ ତୁମକୁ ନାଚିବାକୁ ପଡ଼ିବ। ନାଚିବାକୁ ମନାକଲେ ତୁମକୁ ନିଲମ୍ବନ କରାଯିବ। ଏହାପରେ ସେ ମଜାଳିଆ ☞ପୃଷ୍ଠା-୨







## ସଂକ୍ଷେପରେ

### ୨୦ ଛାତ୍ରଙ୍କ ମୃତ୍ୟୁ ଦଣ୍ଡାଦେଶ କାଏମ

ଢାକା, ୧୬।୩ (ପି.ଟି.)

୨୦୧୯ରେ ବାଂଲାଦେଶର ରାଜଧାନୀ ଢାକାସ୍ଥିତ ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ରାଜନୈତିକ ସଂଶ୍ଳିଷ୍ଟତା କାରଣରୁ ଜଣେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଉକ୍ତ ହତ୍ୟା ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ବିଶ୍ୱବିଦ୍ୟାଳୟର ୨୦ ଜଣ ଅନ୍ୟ ଛାତ୍ରଙ୍କୁ ଢାକାସ୍ଥିତ ଟ୍ରାଏଲ କୋର୍ଟଙ୍କ ପକ୍ଷରୁ ପୂର୍ବରୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ଉକ୍ତ ରାୟକୁ ଢାକାସ୍ଥିତ ଏକ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ରବିବାର ଏହି ମାମଲାର ଶୁଣାଣି କରି ହାଇକୋର୍ଟ ୨୦ ଛାତ୍ରଙ୍କୁ ମିଳିଥିବା ମୃତ୍ୟୁ ଦଣ୍ଡାଦେଶକୁ କାଏମ ରଖିଛନ୍ତି।

### ହସ୍ପିଟାଲରେ ନିଆଁ: ୧୯୦ ରୋଗୀ ଉଦ୍ଧାର

ଗ୍ୱାଲିଅର, ୧୬।୩

ମଧ୍ୟପ୍ରଦେଶର ଗ୍ୱାଲିଅର ସହରରେ ଥିବା ଏକ ସରକାରୀ ହସ୍ପିଟାଲରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ତେବେ ସେଠାରୁ ୧୯୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଉଦ୍ଧାର କରାଯାଇଥିବାବେଳେ କେହି ମୃତାହତ ହୋଇନାହାନ୍ତି। ରାତି ପ୍ରାୟ ୧ଟା ବେଳେ କମଲା ରାଜା ହସ୍ପିଟାଲ ସ୍ତ୍ରୀ ରୋଗ ବିଭାଗ ଆଇସିୟୁର ଏୟାର କଣ୍ଡିଶନରରେ ନିଆଁ ଲାଗିଯାଇଥିଲା। ଆଇସିୟୁ ଝରକା ଭାଙ୍ଗି ୧୩ ଜଣ ରୋଗୀଙ୍କୁ ବାହାର କରାଯାଇଥିଲା। ସମସ୍ତ ୧୯୦ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରାଯାଉଛି।

# ଟ୍ରମ୍ପଙ୍କ ହୁଟି ଦମନ: ୩୧ ନିହତ

## ୟେମେନ୍‌ରେ ଆମେରିକାର ବଡ଼ ଏୟାର ଷ୍ଟ୍ରାଇକ୍

**ହମାସ୍‌ର ଇସ୍ରାଏଲ୍ ବିରୋଧୀ ଲଢ଼େଇରେ ବଡ଼ ଭୂମିକା ନେଇଥିବା ୟେମେନ୍‌ର ହୁଟି ବିଦ୍ରୋହୀଙ୍କ ଉପରେ ଶନିବାର ଆମେରିକା ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଏଥିରେ ଅନ୍ୟୁନ ୩୧ ଜଣଙ୍କ ପ୍ରାଣହାନି ଘଟିଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ମଧ୍ୟପ୍ରାଚ୍ୟରେ ଏହା ହେଉଛି ଆକାଶମାର୍ଗରୁ ଆମେରିକାର ସବୁଠୁ ବଡ଼ ଅପରେଶନ୍। ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପ ଖୋଲା ଧମକ ଦେଇଛନ୍ତି, ହୁଟି ଆତଙ୍କବାଦୀ ସୁଧୁରିଯାଅ, ନଚେତ ଆଗକୁ ଆହୁରି ରକେଟ ବର୍ଷା ହେବ। ଇରାନ୍ ମଧ୍ୟ ଆତଙ୍କବାଦୀଙ୍କୁ ସମର୍ଥନ ଦେବା ବନ୍ଦକରୁ ବୋଲି ସେ ଚେତାବନୀ ଦେଇଛନ୍ତି।**



ଏୟାରଷ୍ଟ୍ରାଇକ୍ ପରେ ୟେମେନ୍‌ର ଏକ ଅଜ୍ଞାତ ସ୍ଥାନରେ ଜାହାଜରୁ ମିଶାଇଲ ଆକ୍ରମଣ କରାଯାଉଛି।

ୱାଶିଂଟନ୍/ଏଡେନ୍, ୧୬।୩

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକା ବାୟୁସେନା ୟେମେନ୍‌ର ହୁଟି ବିଦ୍ରୋହୀଙ୍କ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ୟେମେନ୍ ରାଜଧାନୀ ସାନା ସମେତ ସାଦ, ଅଲ୍ ବାୟଦା ଓ ରଦା ଅଞ୍ଚଳରେ ଆକାଶମାର୍ଗରୁ ଧୁହାକୁ ଧୁହା ରକେଟ ମାଡ଼ରେ ୩୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ ବୋଲି ହୁଟି ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର ସୂଚନା ଦେଇଛି। ଆକ୍ରମଣ ଏତେ ଜୋରଦାର ଥିଲା ଯେ, ପାଖପଡ଼ୋଶୀ ଅଞ୍ଚଳରେ ମଧ୍ୟ ଭୂକମ୍ପ ଭଳି ଝଟକା ଅନୁଭୂତ ହୋଇଥିଲା। ସେମାନେ ଆମ ମହିଳା ଓ ଶିଶୁମାନଙ୍କୁ ଆତଙ୍କିତ କରୁଛନ୍ତି ବୋଲି ଜଣେ ସ୍ଥାନୀୟ ବ୍ୟକ୍ତି କହିଛନ୍ତି। ହୁଟିର ପଲିଟିକାଲ ବ୍ୟୁରୋ ଏହି ଷ୍ଟ୍ରାଇକ୍‌କୁ ଟ୍ରମ୍ପଙ୍କ ଯୁଦ୍ଧ ଅପରାଧ ରୂପେ ଅଭିହିତ କରିଛି। ଆକ୍ରମଣର ଜବାବ ପ୍ରତିଆକ୍ରମଣରେ ଦିଆଯିବ। ୟେମେନ୍‌ର ସଶସ୍ତ୍ର ବଳ ଏଥିପାଇଁ ପ୍ରସ୍ତୁତ ରହିଥିବା ବ୍ୟୁରୋ ପକ୍ଷରୁ କୁହାଯାଇଛି।

ଲୋହିତ ସାଗରରେ ପଣ୍ୟବାହୀ ଜାହାଜଗୁଡ଼ିକୁ ଟାର୍ଗେଟ କରିଆସୁଥିବା ହୁଟିଙ୍କ ସମର୍ଥନକାରୀ ଇରାନ୍ ପାଇଁ ଏହାକୁ ଏକ ସ୍ପଷ୍ଟ ସନ୍ଦେଶ ବୋଲି ମନେକରାଯାଉଛି। ଟ୍ରମ୍ପ ଏନେଇ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ଲୋହିତ ସାଗରରେ ଜାହାଜଗୁଡ଼ିକ ବିରୋଧରେ ହୁଟିର ଆତଙ୍କକୁ ଜବାବ ଦିଆଯାଇଛି। ହୁଟି ଆତଙ୍କବାଦୀମାନେ ଆକ୍ରମଣ ବନ୍ଦ କରନ୍ତୁ। ଆମେରିକୀୟମାନଙ୍କୁ କିମ୍ବା ବୈଶ୍ୱିକ ଜାହାଜ ଚଳାଚଳ ବ୍ୟବସ୍ଥାକୁ ଭୟଭୀତ କରନ୍ତୁ ନାହିଁ। ଆଗକୁ ଯଦି ଆକ୍ରମଣ କରନ୍ତି, ତେବେ କାହାରିକୁ ଛଡ଼ାଯିବ ନାହିଁ। ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ହୁଟି ଉପରେ ଆହୁରି ଘାତକ ଶକ୍ତି ପ୍ରୟୋଗ କରାଯିବ। ଏହା ଉପରେ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାକ୍‌ଚି କହିଛନ୍ତି, ତେହରାନ୍‌ର ବହିର୍ବ୍ୟାପାର ନୀତି ସମ୍ପର୍କରେ ଆମକୁ ନିର୍ଦ୍ଦେଶ ଦେବାର କର୍ତ୍ତୃତ୍ୱ ଆମେରିକାର ନାହିଁ। ଇସ୍ରାଏଲ୍‌ରେ ଗଣହତ୍ୟା ବନ୍ଦ କର। ଆତଙ୍କବାଦ ବନ୍ଦ କର। ୟେମେନୀ ଲୋକଙ୍କୁ ହତ୍ୟା ବନ୍ଦ କର ବୋଲି ଏୟାରଷ୍ଟ୍ରାଇକ୍ ପରେ ସେ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସେହିପରି ଇରାନ୍ ରିଭୋଲ୍ୟୁଶନାରି ଗାର୍ଡ୍ସର ଶୀର୍ଷ କମାଣ୍ଡର ହୋସେନି ସଲାମି କହିଛନ୍ତି, ଶତ୍ରୁମାନେ ଅଧିକ ଆତଙ୍କ ସୃଷ୍ଟି କଲେ ଆମେ ମଧ୍ୟ ଧ୍ୱଂସର ଲୀଳା ଖେଳାଇଦେବୁ। ପ୍ରକାଶ ଯେ, ଚଳିତମାସରେ ଟ୍ରମ୍ପ ପ୍ରଶାସନ ହୁଟିକୁ ପୁନର୍ବାର ଅନ୍ତର୍ଜାତୀୟ ଆତଙ୍କବାଦୀ ସଙ୍ଗଠନ ରୂପେ ବର୍ଗୀକୃତ କରିଛି। ସଶସ୍ତ୍ର ହୁଟି ମୁଭ୍‌ମେଣ୍ଟ ଗତ ଦଶନ୍ଧିରେ ଅଧିକ ତେଜିୟାନ ହୋଇଥିବାବେଳେ ୨୦୨୩ ଅକ୍ଟୋବରରେ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆରମ୍ଭରୁ ସମୁଦ୍ରରେ ଅନେକ ଥର ଜାହାଜଗୁଡ଼ିକୁ ଆକ୍ରମଣ କରିଛି। ବିଶେଷକରି ଆମେରିକୀୟ ଜାହାଜଗୁଡ଼ିକ ଉପରେ ୧୭୪ ଥର ଓ ଅନ୍ୟ ବ୍ୟବସାୟିକ ଜାହାଜକୁ ୧୪୫ ଥର ଟାର୍ଗେଟ କରିଛି। ଏଥିଯୋଗୁ ବୈଶ୍ୱିକ ବାଣିଜ୍ୟ ପ୍ରଭାବିତ ହୋଇଛି। ଗାଜାରେ ପାଲେଷ୍ଟିନୀୟଙ୍କ ଉପରେ ଆକ୍ରମଣର ପ୍ରତିବାଦରେ ଏପରି କରାଯାଇଥିବା ହୁଟି ଯୁକ୍ତି ବାଢ଼ିଛି।

## ବେଲୁଚିସ୍ତାନରେ ଆତଙ୍କବାଦୀ ଆକ୍ରମଣ

### ୯୦ ପାକ୍ ସୈନ୍ୟ ମରିଥିବା ବିଏଲ୍ଏର ଦାବି

କରାଚୀ, ୧୬।୩



ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ରବିବାର ବେଲୁଚ୍ ଆତ୍ମଘାତୀ ବିସ୍ଫୋରଣରେ ପାକ୍ ସେନାର ୯୦ ଜଣ ସୈନ୍ୟ ନିହତ ହୋଇଥିବା ବେଲୁଚିସ୍ତାନ ଲିବରେଶନ ଆର୍ମି (ବିଏଲ୍ଏ) ଉଗ୍ରପନ୍ଥୀମାନେ ଦାବି କରିଛନ୍ତି। ନୁଶ୍‌କି ଜିଲାରେ ଘଟିଥିବା ଏହି ବିସ୍ଫୋରଣରେ ବସ୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାବେଳେ ୫ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ସେନାର ଜବାବୀ ଆକ୍ରମଣରେ ବିସ୍ଫୋରଣକାରୀଙ୍କ ସମେତ ୪ ଆତଙ୍କବାଦୀ ନିହତ ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ନୁଶ୍‌କି-ଦଲବନ୍ଦିଆ ଜାତୀୟ ରାଜପଥରେ ଅର୍ଦ୍ଧସାମରିକ ବାହିନୀର ସୈନ୍ୟମାନଙ୍କୁ ନେଇ ଯାଉଥିବା ଗାଡ଼ି ସହ ଆତ୍ମଘାତୀ ଆକ୍ରମଣକାରୀ ଏକ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ଧକ୍କା କରାଇଥିଲେ। କ୍ୱେଟାରୁ କେତେକ ବସ୍ ଓ ଅନ୍ୟ ଗାଡ଼ିରେ ସୈନ୍ୟମାନେ ଟାଫଟାନ୍ ଯାଉଥିବାବେଳେ ଏହି ଆକ୍ରମଣ ଘଟିଛି। ଆଇଇଡି ବିସ୍ଫୋରଣରେ ଗୋଟିଏ ବସ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାବେଳେ ଅନ୍ୟ ବସ୍‌କୁ ଗ୍ରେନେଡ୍ ଯୋଗେ ଟାର୍ଗେଟ କରାଯାଇଥିଲା।

## ୨୧୪ ପଣବନ୍ଦୀଙ୍କୁ ହତ୍ୟା କରିଥିବା ବିଏଲ୍ଏର ଦାବି

### ପାକିସ୍ତାନ ଟ୍ରେନ୍ ଅପହରଣ ଘଟଣା

କ୍ୱେଟା, ୧୬।୩

ପାକିସ୍ତାନ ଟ୍ରେନ୍ ଅପହରଣ ଘଟଣାରେ ବେଲୋଚ ଲିବରେଶନ ଆର୍ମି (ବିଏଲ୍ଏ) ଆତଙ୍କବାଦୀମାନେ ୨୧୪ ଜଣ ପଣବନ୍ଦୀଙ୍କୁ ହତ୍ୟା କରିଥିବା ଦାବି କରିଛନ୍ତି। ପଣବନ୍ଦୀଙ୍କ ବଦଳରେ ଯୁଦ୍ଧବନ୍ଦୀଙ୍କୁ ଛାଡ଼ିବା ପାଇଁ ପାକିସ୍ତାନ ସେନାକୁ ବିଏଲ୍ଏ ୪୮ ଘଣ୍ଟିଆ ମହଲତ ଦେଇଥିଲା। ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରା ନ ଗଲେ ପଣବନ୍ଦୀଙ୍କୁ ମାରିଦିଆଯିବ ବୋଲି ଚେତାବନୀ ଦେଇଥିଲା। ପାକ୍ ସେନା ଚେତାବନୀର କୌଣସି ଜବାବ ନ ଦେବାରୁ ସମୟସୀମା ପୂରିବା ପରେ ସମସ୍ତ ୨୧୪ ପଣବନ୍ଦୀଙ୍କୁ ହତ୍ୟା କରାଯାଇଥିବା ବିଏଲ୍ଏ ମୁଖପାତ୍ର ଜିୟାନ୍ଦ ବେଲୋଚ୍ ଏକ ବିବୃତି ଜାରି କରି କହିଛନ୍ତି। ସେ କହିଛନ୍ତି, ବିଏଲ୍ଏ ସବୁବେଳେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ କାର୍ଯ୍ୟ କରିଥାଏ। ପାକିସ୍ତାନର ଜିଦି ଯୋଗୁ ସେମାନଙ୍କ ଲୋକମାନଙ୍କ ଜୀବନ ଗଲା। ଗତ ମଙ୍ଗଳବାର ବିଏଲ୍ଏ ଆତଙ୍କବାଦୀମାନେ ଏକ ଟନେଲ୍ ନିକଟରେ ବିସ୍ଫୋରଣ ଘଟାଇ ଜଫର ଏକ୍ସପ୍ରେସ୍‌କୁ ଲାଇନ୍‌ଚ୍ୟୁତ କରାଇବା ସହ ଏହାକୁ ହାଇଜାକ୍ କରି ଯାତ୍ରୀ ଓ ସୁରକ୍ଷା କର୍ମୀମାନଙ୍କୁ ପଣବନ୍ଦୀ ରଖିଥିଲେ।

## ହାଫିଜ୍ ସୟିଦଙ୍କ ଭଣଜା ଅବୁ କତଲ ନିହତ

କରାଚୀ, ୧୬।୩

ଲଶ୍କର-ଇ-ତୋଇବାର ମୋଷ୍ଟୱାଣ୍ଟେଡ୍ ଆତଙ୍କବାଦୀ ଅବୁ କତଲଙ୍କୁ ଶନିବାର ରାତିରେ ପାକିସ୍ତାନରେ ହତ୍ୟା କରାଯାଇଛି। ସେ ଲଶ୍କର ସଂଗଠନର ମୁଖ୍ୟ ଅପରେଟିଭ୍ କମାଣ୍ଡର ରହିବା ସହ ଜମ୍ମୁ-କଶ୍ମୀରରେ ଏକାଧିକ ଆକ୍ରମଣର ଯୋଜନା ପ୍ରସ୍ତୁତ କରିଥିଲେ। ସେ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହଫିଜ୍ ସୟିଦଙ୍କ ଭଣଜା ଥିଲେ। କତଲଙ୍କ ପ୍ରକୃତ ନାମ ଜିଆ-ଉର୍ ରେହମାନ। ସେ ନିଜ ସୁରକ୍ଷା କର୍ମୀଙ୍କ ସହ ଶନିବାର ରାତିରେ ଝେଲମ୍ ଅଞ୍ଚଳକୁ ଯାଉଥିବାବେଳେ ଜିନତ ହୋଟେଲ ନିକଟରେ ଆତତାୟୀମାନେ ତାଙ୍କ ଗାଡ଼ିସମୂହ ଉପରକୁ ଗୁଳି ଚଳାଇଥିଲେ। କତଲଙ୍କ ସମେତ ତାଙ୍କର ଜଣେ ସୁରକ୍ଷା କର୍ମୀ ନିହତ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। କତଲଙ୍କୁ ପାକିସ୍ତାନୀ ସେନା ଏବଂ ଲଶ୍କର ସଂଗଠନ ପକ୍ଷରୁ କଡ଼ା ସୁରକ୍ଷା ଯୋଗାଇ ଦିଆଯାଉଥିଲା। ସୈନ୍ୟମାନେ ସାଦା ପୋଷାକରେ ତାଙ୍କ ସୁରକ୍ଷା ଦାୟିତ୍ୱରେ ରହିଥିଲେ। ହଫିଜ୍‌ଙ୍କ ନିର୍ଦ୍ଦେଶକ୍ରମେ କତଲ କଶ୍ମୀରରେ ବଡ଼ ଆକ୍ରମଣ ଘଟାଉଥିଲେ। ୨୦୨୩ ରାଜୌରୀ ଆକ୍ରମଣରେ ସେ ସମ୍ପୃକ୍ତ ଥିବା ଏନ୍ଆଇଏ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିଲା।

## ନର୍ଥ ମାସେଡୋନିଆ ନାଇଟ୍ କ୍ଲବ୍‌ରେ ନିଆଁ: ୫୯ ମୃତ

ସ୍କୋପ୍‌ଜେ, ୧୬।୩

ନର୍ଥ ମାସେଡୋନିଆର କୋସାନି ସହରରେ ଥିବା ଏକ ଭରପୂର ନାଇଟ୍ କ୍ଲବ୍‌ରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗିଯିବାରୁ ୫୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ପଲ୍ସ ନାଇଟ୍ କ୍ଲବ୍‌ରେ ସ୍ଥାନୀୟ ପପ୍ ଗ୍ରୁପ୍ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିଲା। ରାତି ପ୍ରାୟ ୨ଟା ୩୫ ମିନିଟ୍ ସମୟରେ ଛାତ ଉପରେ ବାଣ ଫୁଟାଯାଉଥିବାବେଳେ ନିଆଁ ଲାଗିଯାଇଥିଲା ବୋଲି ନର୍ଥ ମାସେଡୋନିଆ ଗୃହମନ୍ତ୍ରୀ ପାନ୍‌ଚେ ତୋଶକୋଭସ୍କି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଫଳରେ କ୍ଲବ୍ ଭିତରେ ଆତଙ୍କ ଖେଳିଯାଇଥିଲା ଓ ଲୋକେ ଧୂଆଁ ଭିତରେ ଜୀବନ ବଞ୍ଚାଇବା ପାଇଁ ଧାଇଁଥିଲେ। ଯଥାସମ୍ଭବ ଶୀଘ୍ର ବାହାରିଯିବା ପାଇଁ ଲୋକଙ୍କୁ କୁହାଯାଇଥିଲା। ୧୧୮ ଜଣ ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ପଡୋଶୀ ଦେଶଗୁଡ଼ିକ ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି। ନିଆଁ ଲାଗିବା ବେଳେ କ୍ଲବ୍‌ରେ ୧,୫୦୦ ଲୋକ ଉପସ୍ଥିତ ଥିଲେ। ୨୦ ଲକ୍ଷ ଜନସଂଖ୍ୟାବିଶିଷ୍ଟ ନର୍ଥ ମାସେଡୋନିଆରେ ଏହା ସବୁଠୁ ଦୁଃଖଦ ଘଟଣା ବୋଲି କୁହାଯାଉଛି। କ୍ଲବ୍‌ର ଲାଇସେନ୍ସ ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କର୍ତ୍ତୃପକ୍ଷ ତଦନ୍ତ ଚଳାଇଛନ୍ତି।

## ଆମେରିକାରେ ଘୂର୍ଣ୍ଣିଝଡ଼: ୩୨ ମୃତ

ପିଏଡ୍‌ମୋଣ୍ଟ, ୧୬।୩



ଆମେରିକାରେ ଭୀଷଣ ଘୂର୍ଣ୍ଣିଝଡ଼ରେ ଅନ୍ୟୁନ ୩୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଘର ଭାଙ୍ଗିଯାଇଛି। ଶୁକ୍ରବାର ରାତିରେ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ଏହି ସାମୁଦ୍ରିକ ଝଡ଼ ବ୍ୟାପକ କ୍ଷୟକ୍ଷତି କରିଛି। ମିସୌରୀରେ ଅନ୍ୟୁନ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ବାତ୍ୟାରେ ଜଙ୍ଗଲ ନିଆଁ ବ୍ୟାପିବା ସହ ଧୂଳିଝଡ଼ ହୋଇଥିଲା। ଏଥିରେ ମିସୌରୀ, ଇଲିନୋଇସ୍ ଏବଂ ମିସିସିପି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଜଙ୍ଗଲ ନିଆଁରେ ବହୁ ଘର ଜଳିଯାଇଛି। ପବନର ବେଗ ୧୦୦ କିଲୋମିଟରରୁ ଅଧିକ ରହିଥିଲା।

## ସମାଧାନ ପାଇଁ ଯାଇ ୭ ପୋଲିସ ଆକ୍ରମଣର ଶିକାର

ପାଟନା, ୧୬।୩

ବିହାରରେ ୩ ପୃଥକ୍ ଘଟଣାରେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣର ସମ୍ମୁଖୀନ ହୋଇ ରବିବାର ୭ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ରାଜ୍ୟର ଭାଗଲପୁର, ମଧୁବନୀ ଓ ନୱାଦା ଜିଲାରେ ପୋଲିସ ବିବାଦ ସମାଧାନ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଛି। ଭାଗଲପୁର ଜିଲାର କହାଗାଁ ଅଞ୍ଚଳରେ ୨ ଯୁବକଙ୍କ ଝଗଡ଼ାକୁ ସମାଧାନ କରିବା ପାଇଁ ପୋଲିସ ଟିମ୍ ଯାଇଥିବାବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରିଥିଲେ ଯେଉଁଥିରେ ୫ ପୋଲିସ ଆହତ ହୋଇଛନ୍ତି। ସେହିପରି ମଧୁବନୀ ଜିଲାର ପରସାହି ଅଞ୍ଚଳରେ ୨ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହେଉଥିବାର ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ସେଠାରେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଜଣେ ପୋଲିସ କର୍ମଚାରୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସେହିପରି ନୱାଦାରେ ମଧ୍ୟ ଅନୁରୂପ ଘଟଣାରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ୩ ପୃଥକ ଘଟଣାରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ରାନ୍ୟାଙ୍କ ବାପାଙ୍କୁ ବାଧ୍ୟତାମୂଳକ ଛୁଟି

ନୂଆଦିଲ୍ଲୀ, ୧୬।୩

ବେଙ୍ଗାଲୁରୁ ବିମାନବନ୍ଦରରେ ୧୪.୨ କେ.ଜି. ସୁନା ସହ କନ୍ନଡ ଅଭିନେତ୍ରୀ ରାନ୍ୟା ରାଓ ଗିରଫ ହେବା ପରେ ତାଙ୍କ ସାବତ ବାପା ତଥା ଡିଜିପି ର୍‍ୟାଙ୍କ୍‌ର ପୋଲିସ ଅଫିସର ରାମଚନ୍ଦ୍ର ରାଓଙ୍କୁ ବାଧ୍ୟତାମୂଳକ ଛୁଟିରେ ରହିବାକୁ ଶନିବାର ନିର୍ଦ୍ଦେଶ ଦିଆଯାଇଛି। ରାନ୍ୟାଙ୍କ ସୁନା ଚୋରାଚାଲାଣ ପଛରେ ରାମଚନ୍ଦ୍ରଙ୍କ ସମ୍ପୃକ୍ତି ଥିବା ନେଇ ସେ ସନ୍ଦେହଘେରରେ ରହିଥିଲେ। ରାମଚନ୍ଦ୍ର କର୍ନାଟକ ରାଜ୍ୟ ପୋଲିସ ଗୃହନିର୍ମାଣ ଓ ଭିତ୍ତିଭୂମି ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଗତ ୩ ତାରିଖରେ



ରାନ୍ୟା ରାଓ



ରାମଚନ୍ଦ୍ର ରାଓ

ରାନ୍ୟା ଦୁବାଇରୁ ୧୨.୫୬ କୋଟି ଟଙ୍କା ମୂଲ୍ୟର ସୁନା ଆଣି ଆସୁଥିବାବେଳେ ବେଙ୍ଗାଲୁରୁ ବିମାନବନ୍ଦରରେ ଗିରଫ ହୋଇଥିଲେ। ତାଙ୍କୁ ସହାୟତା କରୁଥିବା ପ୍ରୋଟୋକଲ୍ ଅଫିସର ଡିଜିପି ରାମଚନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏହା କରୁଥିଲେ ବୋଲି ତଦନ୍ତକାରୀ ଅଧିକାରୀଙ୍କୁ ଜଣାଇଥିଲେ। ସୁନା ଚୋରା କାରବାରବେଳେ ସୁରକ୍ଷା ଯାଞ୍ଚରୁ ବର୍ତ୍ତିବା ପାଇଁ ରାଜ୍ୟର ପୋଲିସ ପ୍ରୋଟୋକଲ୍ ଅଫିସରଙ୍କୁ ବ୍ୟବହାର କରାଯାଉଥିବାରୁ ଏହା ପଛରେ ଜଟିଳ ଷଡ଼ଯନ୍ତ୍ର ଥିବା ତଦନ୍ତକାରୀ ସଂସ୍ଥା ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍ଆଇ) ଶୁକ୍ରବାର ସ୍ୱତନ୍ତ୍ର ଅଦାଲତଙ୍କୁ ଜଣାଇଥିଲା। ଭାରତରୁ ହାୱାଲା କାରବାର ଜରିଆରେ ଦୁବାଇକୁ ଟଙ୍କା ପଠାଯାଇ ସେଠାରୁ ସୁନା କିଣାଯାଉଥିଲା। ଏହା ପଛରେ ବଡ଼ ସିଣ୍ଡିକେଟ୍ ସମ୍ପୃକ୍ତ ଥିବା ଡିଆର୍ଆଇ କହିଥିଲା। ରାନ୍ୟା ଗିରଫ ହେବା ପରେ ଆଇପିଏସ୍ ଅଫିସର ନିଜକୁ ଦୂରେଇ ରଖିବା ସହ ସୁନା କାରବାର ସହ ଝିଅଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣି ନ ଥିବା କହିଥିଲେ। ସୁନା କାରବାରରେ ରାମଚନ୍ଦ୍ରଙ୍କ ଭୂମିକା ସମ୍ପର୍କରେ ତଦନ୍ତ କରିବା ପାଇଁ ଗତ ୧୦ ତାରିଖରେ କର୍ନାଟକ ସରକାର ଅତିରିକ୍ତ ମୁଖ୍ୟ ସଚିବ ଗୌରବ ଗୁପ୍ତାଙ୍କୁ ନିଯୁକ୍ତ କରିଥିଲେ।



ମହାକାଶରେ ୨୮୪ ଦିନ ଧରି ଫସିରହିଥିବା ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମରଙ୍କୁ ପୃଥିବୀପୃଷ୍ଠକୁ ଫେରାଇ ଆଣିବା ପାଇଁ ଯାଇଥିବା ସ୍ପେସେକ୍ସ କ୍ରିଉ କ୍ୟାପ୍‌ସୁଲ୍ ରବିବାର ସଫଳତାର ସହ ଆଇଏସ୍ଏସ୍‌ରେ ପହଞ୍ଚିଛି।

## ପୁଣି ବରୁଣ, ଜାହ୍ନବୀଙ୍କ କେମେଷ୍ଟ୍ରି

ମୁମ୍ବାଇ



ଜାହ୍ନବୀ କପୁର

ବରୁଣ ଧାୱନ

ବଡ଼ ପରଦାରେ ପୁଣିଥରେ ଅଭିନେତା ବରୁଣ ଧାୱନ ଓ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ କେମେଷ୍ଟ୍ରିକୁ ଦେଖିବା ପାଇଁ ଉଭୟଙ୍କ ପ୍ରଶଂସକ ଉତ୍ସାହର ସହ ଅପେକ୍ଷା କରିରହିଛନ୍ତି। ରୋମାଣ୍ଟିକ୍ କମେଡି ଫିଲ୍ମ 'ସନି ସଂସ୍କାରୀ କି ତୁଲସୀ କୁମାରୀ'ରେ ଏହି ଯୋଡ଼ିଙ୍କୁ ଦେଖିବାକୁ ମିଳିବ। ଏବେ ଏହି ଫିଲ୍ମର ନୂତନ ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି। ପୂର୍ବରୁ ଏହି ଫିଲ୍ମ ଏପ୍ରିଲ ୧୮ରେ ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ କୌଣସି କାରଣବଶତଃ ଏହି ରିଲିଜ୍ ତାରିଖକୁ ୩ ମାସ ଯାଏ ଘୁଞ୍ଚାଯାଇଛି। ଆସନ୍ତା ସେପ୍ଟେମ୍ବର ୧୨ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ରବିବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଫିଲ୍ମ ନିର୍ମାତା କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଶଶାଙ୍କ ଖେତନ।

'ସନି ସଂସ୍କାରୀ କି ତୁଲସୀ କୁମାରୀ'ରେ ଦ୍ୱିତୀୟଥର ପାଇଁ ବରୁଣ ଏବଂ ଜାହ୍ନବୀଙ୍କ କେମେଷ୍ଟ୍ରିକୁ ଦେଖିବାକୁ ମିଳିବ। ପୂର୍ବରୁ ୨୦୨୩ରେ ରିଲିଜ୍ ହୋଇଥିବା ରୋମାଣ୍ଟିକ୍ ଆକ୍ସନ ଫିଲ୍ମ 'ବୱାଲ'ରେ ଉଭୟ ବରୁଣ ଓ ଜାହ୍ନବୀଙ୍କ ଯୋଡ଼ିକୁ ଏକାଠି ଦେଖିବାକୁ ମିଳିଥିଲା। ଉକ୍ତ ଫିଲ୍ମ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ ପ୍ରାଇମ ଭିଡିଓରେ ରିଲିଜ୍ ହୋଇଥିଲା।

'ସନି ସଂସ୍କାରୀ କି ତୁଲସୀ କୁମାରୀ' ଫିଲ୍ମରେ ବରୁଣ ଓ ଜାହ୍ନବୀଙ୍କ ବ୍ୟତୀତ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା, ଅଭିନେତା ମନୀଷ ପଲ୍, ରୋହିତ ସରାଫ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ଆଗାମୀ ଦିନରେ ବରୁଣ 'ବର୍ଡର ୨' ଏବଂ 'ଭେଡିୟା ୨' ଫିଲ୍ମରେ ନଜରକୁ ଆସିବେ। ସେହିପରି ଜାହ୍ନବୀ ଆଗାମୀ ଦିନରେ ଅଭିନେତା ସିଦ୍ଧାର୍ଥ ମାଲ୍‌ହୋତ୍ରାଙ୍କ ସହ 'ପରମ ସୁନ୍ଦରୀ' ଓ ସାଉଥ୍ ଷ୍ଟାର୍ ରାମଚରଣଙ୍କ ସହ 'ଆର୍‌ସି ୧୬' ଫିଲ୍ମରେ ନଜରକୁ ଆସିବେ।

ଧରିତ୍ରୀ 51 Years

DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୭/୨୦୨୫ | Bhubaneswar, Monday, March 17/2025





ଭୁବନେଶ୍ୱରରେ ରବିବାର ପ୍ରଚଣ୍ଡ ତାତି ଅନୁଭୂତ ହେଉଥିବାରୁ ମହିଳା ଓ ଯୁବତୀମାନେ ଛତାଧରି ଯାଉଛନ୍ତି।

# ଖୁବ୍‌ଶୀଘ୍ର ରାଜ୍ୟରେ ସକାଳୁଆ ସ୍କୁଲ

**ଭୁବନେଶ୍ୱର,୧୬।୩ (ସୁଚିସ୍ମିତା ସାହୁ)**

ରାଜ୍ୟରେ ଖୁବ୍‌ଶୀଘ୍ର ସକାଳୁଆ ହୋଇପାରେ ସ୍କୁଲ। ମାର୍ଚ୍ଚ ଆରମ୍ଭରୁ ଖରାତାତି ବଢ଼ିବାରେ ଲାଗିଛି। ଟାଇଁ ଟାଇଁ ଖରା ସାଙ୍ଗକୁ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଏପରିସ୍ଥିତିରେ ଛୋଟ ପିଲାମାନେ ସ୍କୁଲ ଯିବା ଆସିବା କଷ୍ଟକର ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ପରିବର୍ତ୍ତେ ଚଳିତ ମାସରୁ ସକାଳୁଆ ସ୍କୁଲ କରିବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ଆଲୋଚନା କରାଯିବ। ସମସ୍ତ ସ୍ଥିତିକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଗତବର୍ଷ ମଧ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଦ୍ୟାଳୟର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମୟରେ ପରିବର୍ତ୍ତନ କରାଯାଇଥିଲା। ଏପ୍ରିଲ ୨ରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେଉଥିଲା। ଏହି ସମୟରେ କ୍ୟାମ୍ପସ୍‌ରେ ସୁରକ୍ଷିତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା ସହ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ରେରାରେ ଖାଲି ପଡ଼ିଛି ଅଧ୍ୟକ୍ଷ ପଦ

## ମେ'ରେ ଅବସର ନେବେ ୨ ସଦସ୍ୟ

**ଭୁବନେଶ୍ୱର,୧୬।୩ (ରବିନାରାୟଣ ଜେନା)**

ରାଜ୍ୟରେ ବେଆଇନ କୋଠାବାଡ଼ି ନିର୍ମାଣ ଉପରେ ରୋକ୍ ଲଗାଇବା ସହ ପଞ୍ଜୀକରଣକୁ ନୀତିଗତ ଢାଞ୍ଚାରେ କରିବା ପାଇଁ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲୋଟୋରି ଅଥରିଟି (ରେରା)ରେ ଅଧ୍ୟକ୍ଷ ପଦ ଖାଲିପଡ଼ିଛି। ଫଳରେ କୌଣସି ପ୍ରକଳ୍ପ ପଞ୍ଜୀକରଣ ହୋଇପାରୁନାହିଁ। ଏପରି କି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ କୌଣସି ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇ ପାରୁନାହିଁ। ନୂଆ ଅଧ୍ୟକ୍ଷ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୨ମାସ ସମୟ ଲାଗିବ। ତେଣୁ ଏଯାବତ୍ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଅଧ୍ୟକ୍ଷ ପଦବୀ ପୂରଣ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି। ଗୋଟେ ପଟେ ଆଂଶିକ ବା ପାର୍ଟ ପ୍ଲଟ ବିକ୍ରି ବନ୍ଦ ହୋଇଥିବାବେଳେ ଅଧ୍ୟକ୍ଷ ପଦ ଖାଲି ପଡ଼ିବାରୁ ପଞ୍ଜୀକରଣ ନିଷ୍ପତ୍ତି ନେଇ ବିଳମ୍ବ ଘଟୁଛି। ଫଳରେ ରାଜ୍ୟସ୍ୱ ଆଦାୟରେ ମଧ୍ୟ ସରକାର ବିଫଳ ହେଉଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶା 'ରେରା'ର ପୂର୍ବତନ ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଗତ ଫେବୃଆରୀ ୨୮ରେ କାର୍ଯ୍ୟରୁ ଅପସରି ଯାଇଛନ୍ତି। ସରକାରଙ୍କୁ ନୂଆ ଅଧ୍ୟକ୍ଷ ମନୋନୟନ କରିବା ପାଇଁ ଅତି କମ୍‌ରେ ଦୁଇମାସ ସମୟ ଲାଗିବ। ହେଲେ ଏହି ସମୟରେ ସରକାରଙ୍କ ପକ୍ଷରୁ କାହାକୁ କାମଚଳା ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିନାହିଁ। ଫଳରେ ନୂତନ ପ୍ରକଳ୍ପ ପଞ୍ଜୀକରଣ ହୋଇପାରୁ ନାହିଁ। ଏହାବାଦ୍ କୌଣସି କ୍ଷେତ୍ରରେ ବେଆଇନ ନିର୍ମାଣକାରୀ ସଂସ୍ଥା ଯଦି ଉପଭୋକ୍ତାଙ୍କୁ ଶୋଷଣ କରୁଛନ୍ତି କରୁଛନ୍ତି ତାଙ୍କ ବିରୋଧରେ ସାମାନ୍ୟ ଅଭିଯୋଗ ମଧ୍ୟ ଗ୍ରହଣ ହୋଇପାରୁନାହିଁ। ଏଥିଯୋଗୁ କେତେକ ଉପଯୁକ୍ତ ନିର୍ମାଣକାରୀ ☞ପୃଷ୍ଠା–୨

# ୭୫ କୋଟିର ଡ୍ରଗ୍ସ ସହ ୨ ବିଦେଶିନୀ ଗିରଫ

**ମାଙ୍ଗାଲୁରୁ,୧୬।୩**

ବେଙ୍ଗାଲୁରୁ ବିମାନବନ୍ଦରରୁ ୩୭ କିଲୋଗ୍ରାମ୍ ଡ୍ରଗ୍ସ ସହ ନାଇଜେରିଆର ୨ ମହିଳାଙ୍କୁ ଗିରଫ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୭୫ କୋଟି ଟଙ୍କା ହେବ। କର୍ଣ୍ଣାଟକରେ ଏହା ସର୍ବାଧିକ ଡ୍ରଗ୍ସ ଜବତ ବୋଲି ପୋଲିସ କହିଛି। ଗିରଫ ମହିଳା ହେଲେ ବାମ୍ବା ଫାଣ୍ଟା (୩୧) ଏବଂ ଅବିଗୈଲ ଆଡୋନିସ୍ (୩୦)। ସେମାନେ ଦିଲ୍ଲୀରୁ ଆସି ବେଙ୍ଗାଲୁରୁ ଏୟାରପୋର୍ଟରେ ପହଞ୍ଚିଥିବାବେଳେ ସେମାନଙ୍କ ଟ୍ରଲିବ୍ୟାଗ୍‌ରେ ଏମ୍‌ଡିଏମ୍‌ଏ (ମିଥାଇଲିନ୍‌ଡାୟୋକ୍ସିମିଥାମ୍‌ଫେଟାମାଇନ୍) ଥିଲା ବୋଲି ମାଙ୍ଗାଲୁରୁ ପୋଲିସ କମିଶନର ଅନୁପମ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି। ଏଥିସହ ୪ଟି ମୋବାଇଲ ଫୋନ୍, ପାସ୍‌ପୋର୍ଟ ଏବଂ ନଗଦ ୧୮,୦୦୦ ଟଙ୍କା ଜବତ କରାଯାଇଛି। ସେମାନେ ଦିଲ୍ଲୀରେ ରହିବା ସହ ଭାରତରେ ଏମ୍‌ଡିଏମ୍‌ଏ ଚୋରା ଚାଲାଣରେ ସମ୍ପୃକ୍ତ ଥିଲେ। ସେମାନେ ବିମାନ ଯୋଗେ ଡ୍ରଗ୍ସ ପରିବହନ କରୁଥିଲେ। ଏଥିପାଇଁ ଗତବର୍ଷ ଅଭିଯୁକ୍ତ ମହିଳା ୩୭ ଥର ମୁମ୍ବାଇ ଏବଂ ୨୨ ଥର ବେଙ୍ଗାଲୁରୁ ଯାଇଥିଲେ। ଫାଣ୍ଟା ୨୦୨୦ରେ ଏକ ବ୍ୟବସାୟିକ ଭିଜା ବଳରେ ଭାରତ ଆସିଥିବାବେଳେ ଆଡୋନିସ୍ ୨୦୧୬ରୁ ଏଠାରେ ରହିଆସୁଛନ୍ତି। ସେମାନେ ପ୍ରାୟ ୨ ବର୍ଷ ହେବ ☞ପୃଷ୍ଠା–୨

# ଦେଶରେ ବୌଦ୍ଧ ସବୁଠୁ ଉତ୍ତପ୍ତ ସହର, ଝାରସୁଗୁଡ଼ା ଦ୍ୱିତୀୟ

## ୪୩ ଡିଗ୍ରୀ ଟପିଲା ତାପମାତ୍ରା

**ଭୁବନେଶ୍ୱର,୧୬।୩ (ଅନୁରାଧା ମହାରଣା)**

ମାର୍ଚ୍ଚରେ ଅସହ୍ୟ ହେଲାଣି ଖରାତାତି। ରାଜ୍ୟରେ ଗତ କିଛିଦିନ ହେବ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜାରି ରହିଥିବାବେଳେ ରବିବାର ତାପମାତ୍ରା ୪୩ ଡିଗ୍ରୀ ଟପିଛି। ଭାରତୀୟ ପାଣିପାଗ କେନ୍ଦ୍ର ଅନୁସାରେ, ୪୩.୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ବୌଦ୍ଧ ଦେଶର ସବୁଠୁ ଉତ୍ତପ୍ତ ସହର ପାଲଟିଛି ଏବଂ ୪୨ ଡିଗ୍ରୀ ସହ ଝାରସୁଗୁଡା ଦେଶର ଦ୍ୱିତୀୟ ଉତ୍ତପ୍ତ ସହର ହୋଇଛି। ସେହିପରି ଅନ୍ୟ ୫ ସହରରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ବଲାଙ୍ଗୀରରେ ପାରଦ ୪୧.୭ ଡିଗ୍ରୀ ଛୁଇଁଥିବାବେଳେ ଅନୁଗୋଳରେ ୪୧.୧, ଟିଟିଲାଗଡ଼ରେ ୪୦.୫, ସୁନ୍ଦରଗଡ଼ରେ ☞ପୃଷ୍ଠା–୨


DSPL-422



ଓଡ଼ିଶା ସରକାର



**ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**

**ଧାନ ସଂଗ୍ରହ ବର୍ଷ ୨୦୨୪- ୨୦୨୫**

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ ୨୦୨୪-୨୫) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ । ରବି ଧାନ ସଂଗ୍ରହ ତା.୧.୫.୨୦୨୫ ରୁ ତା.୩୦.୬.୨୦୨୫ ମଧ୍ୟରେ ହେବ ।**



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ**

- ଗତ ରବିଋତୁରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବିଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. **୧୨.୩.୨୦୨୫** ରୁ ତା. **୧୯.୩.୨୦୨୫** ମଧ୍ୟରେ ଉପଲବ୍ଧ ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ ।

**ନୂତନ ଚାଷୀଙ୍କ ପଞ୍ଜିକରଣ**

- ଯେଉଁ ଚାଷୀମାନେ ଗତ ରବିଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର **website www.foododisha.in** ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ ।

**ଚାଷୀମାନଙ୍କର ଦାୟିତ୍ୱ**

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ ।
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ ।
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. **୧୨.୩.୨୦୨୫** ରୁ **୩୧.୩.୨୦୨୫** ମଧ୍ୟରେ ଦାଖଲ କରିବେ ।
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ ।

**ଅଭିଯୋଗ/ପରାମର୍ଶ**

- ଯଦି କୋଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ **ହେଲ୍ପଲାଇନ ନମ୍ବର 1967** ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

OIPR-07002/13/0033/2425

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

FoodOdisha | @Food_Odisha | www.foododisha.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜଳବାୟୁ ପରିବର୍ତ୍ତନ ସମ୍ବର୍ଦ୍ଧୀୟ ସମ୍ମିଳନୀ, ସ୍ଥାନ: ରିଜିଓନାଲ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି, ଆଚାର୍ଯ୍ୟ ବିହାର, ସମୟ: ସକାଳ ୯ଟା।
- ଅଷ୍ଟ୍ରେଲିଆନ କନସୁଲ ଜେନେରାଲ, କୋଲକାତାଙ୍କ ସିଏସ୍ଆଇଆର୍–ଆଇଏମ୍ଏମ୍‌ଟି ପରିଦର୍ଶନ, ସ୍ଥାନ: ସିଏସ୍ଆଇଆର୍– ଆଇଏମ୍ଏମ୍‌ଟି ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ ଟିମ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ଅପରାହ୍ନ ୪ଟା।
- ଲାବଣ୍ୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନ୍ୟାଶନାଲ ଲେଭଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ସ୍କ୍ରିନିଂ, ସ୍ଥାନ: ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା, ସ୍ଥାନ:ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନାଙ୍କ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିକାଶ ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନିଳୋକ ମିନିଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬ଟା।
- ଦୋଳ ମେଳଣ ଉତ୍ସବ, ସ୍ଥାନ: ଗଦଲା ମେଳଣ ପଡ଼ିଆ, ବାସୁଦେବପୁର, ସମୟ: ରାତି ୩ଟା।
- ଦୋଳ ମେଳଣ ଉତ୍ସବ, ସ୍ଥାନ: ବାଲିମେଦ, ବାସୁଦେବପୁର, ସମୟ: ରାତି ୩ଟା।
- ଦୋଳ ମେଳଣ ଉତ୍ସବ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ରାତି ୩ଟା।

## କେନ୍ଦୁଝର

- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟନାରାୟଣ ପାଲାମଣ୍ଡପ, ଇଶଲାଖସିପୁର, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- କରଞ୍ଜିଆ ମହୋତ୍ସବ,ସ୍ଥାନ: କରଞ୍ଜିଆ,ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁଟୁଣିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ହିନ୍ଦୋଳ ବ୍ଲକ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସୁନିମାତା ଠାକୁରାଣୀ ପୀଠ, କାଉପଡ଼ା, ଡେରାବିଶ, ସମୟ: ସକାଳ ୬ଟା।
- ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: କଣ୍ଡିରା, ରାଜନଗର, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଶିଳିପୁର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ କଣିପଟିଆ ଗ୍ରାମ, ସମୟ: ସକାଳ ୬ଟା।
- ୮୮ତମ ଶ୍ରୀଶ୍ରୀ ରାଧାରମଣ ଦେବ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ବ୍ୟାସନଗର ଚୋର୍ଦ୍ଦା, ସମୟ: ସକାଳ ୭ଟା।
- ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଐତିହାସିକ ଧର୍ମଶାଳା ମୁନିସୀ ମେଳଣ, ସ୍ଥାନ: ଧର୍ମଶାଳା ହାଟ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ଜିଲାପାଳଙ୍କ ଜନଶୁଣାଣୀ ଶିବିର, ସ୍ଥାନ: ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଷମ କଟକ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ଅଫିସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ବନ୍ଧୁଗାଁ ବ୍ଲକ୍‌ରେ ମା' ଅଗ୍ନିଗଙ୍ଗାଙ୍କ ଯାତ୍ରାର ମୁଖ୍ୟ ଉତ୍ସବ, ସ୍ଥାନ: ନୀଳାବାଡି ପଞ୍ଚାୟତ ସଦର ମହାକୁମ୍ଭା, ନୀଳାବାଡି, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ନାରାୟପାଟଣା ବ୍ଲକ୍ କାର୍ଯ୍ୟାଳୟ ପରିସର, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସମୟ : ଅପରାହ୍ନ ୪ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଗଲପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ।
- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ତୃତୀୟ ଦିବସ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଓଡିଶା ଲେଖିକା ସଂସଦର ପଞ୍ଚଦଶ ବାର୍ଷିକୋତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ପ୍ଲାଷ୍ଟିକ ବର୍ଜନ ନେଇ ଆଲୋଚନାଚକ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ସଂସ୍କୃତ କଲେଜରେ ବୈଦିକ ଶାସ୍ତ୍ର ଆଲୋଚନା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାନୀୟ ଜଳ ସମସ୍ୟା ନେଇ ୱାଟ୍‌କୋ ଅଧିକାରୀଙ୍କୁ ସାକ୍ଷାତ, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ଦୋଳମେଳଣ ଉତ୍ସବ, ସ୍ଥାନ:ସେକ୍ଟର–୭ ଦୁର୍ଗାପୂଜା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣୀ ଶିବିର,ସ୍ଥାନ: ନୂଆଁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ରାଜ୍ୟସ୍ତରୀୟ କୃଷକ ମହାପଞ୍ଚାୟତ,ସ୍ଥାନ: ସୟାଁ ଖେଳ ପଡ଼ିଆ, ବରଗଡ଼,ସମୟ: ସକାଳ ୯ଟା
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ସୟାଁ ଖେଳ ପଡ଼ିଆ, ବରଗଡ଼,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବିଜେପୁର,ସମୟ:ପୂର୍ବାହ୍ନ ୧୦ଟା
- ବରଗଡ଼ ବାଣିଜ୍ୟ ମେଳା ଉଦ୍‌ଘାଟନୀ ସମାରୋହ,ସ୍ଥାନ: ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର,ସ୍ଥାନ:ନର୍ଲା ବ୍ଲକ ଅଫିସ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।
- ନିୟମିତ ଦାବିରେ ଆଉଟ ସୋର୍ସିଂ କର୍ମଚାରୀ କଳବ୍ୟାଜ ପରିଧାନ, ସ୍ଥାନ:ଭବାନୀପାଟଣା ସହର ସ୍ଥିତ ସରକାରୀ ଅଫିସ,ସମୟ:ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ମହାବିଷ୍ଣୁ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ରେଙ୍ଗାଲବହାଲ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖିଲେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ବ୍ଲକ ସଂଗ୍ରାମପୁରରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ନୂଆପଡ଼ା ପ୍ରିମିୟମ ଲିଗ କବାଡ଼ି ଉଦ୍‌ଯାପିତ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ସମୟ:ସନ୍ଧ୍ୟା ୭ଟା।
- ଷୋହଳ ପ୍ରହରୀ ଅଖଣ୍ଡ ନାମ ଯଜ୍ଞ ନାମ ଧାରଣ,ସ୍ଥାନ: କୋମନା ବ୍ଲକ ସିଆଳଲଟି ଗାଁ, ସମୟ: ସକାଳ ୮ଟା ୫୭।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସିନାପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ମାଳ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଝାରସୁଗୁଡ଼ା ପୌର ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥାନକୁ ମଙ୍ଗଳଙ୍କ ଦୃଷ୍ଟିଜନିତ ପାରିବାରିକ ଜୀବନରେ ସୌହାର୍ଦ୍ଦ୍ୟତା ଲାଭ ସାଙ୍ଗକୁ କାର୍ଯ୍ୟକ୍ଷେତ୍ର ପ୍ରତି ଉତ୍ସହିତ ରହିବେ। ସକାଳ ଯାତ୍ରା, ବ୍ୟବସାୟ ଓ ବନ୍ଧୁମିଳନ ପାଇଁ ଦିନଟି ଭଲ। କିନ୍ତୁ ଜମିଜମାକୁ କେନ୍ଦ୍ରକରି କଳହ ସୃଷ୍ଟି ସମ୍ଭାବନା ରହିଛି। ଶନି ଦୃଷ୍ଟ ବୃହସ୍ପତି ହେତୁ ଗ୍ୟାଷ୍ଟ୍ରିକ୍ ରୋଗୀଙ୍କ ସକାଶେ ସମୟ ଅନୁକୂଳ ନୁହେଁ।

**ବୃଷ** କେତୁ ଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ମନ ଅନୁଯାୟୀ କାମ ସୁବିଧାରେ ସମ୍ପନ୍ନ କରିପାରିବେ ନାହିଁ। ଉଚ୍ଚାରୋହୀ ରବିଙ୍କ ସ୍ଥିତିରୁ ଅଫିସରେ ଉଚ୍ଚକର୍ତ୍ତୃପକ୍ଷ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ନୂତନ ଯୋଜନାରେ ଶିଥିଳତା ଦେଖାଦେବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପରିବାରରେ ଅଶାନ୍ତି ଦୂର କରିବାରେ ବନ୍ଧୁଙ୍କ ସାହାଯ୍ୟ ନେବେ।

**ମିଥୁନ** ଏକାଦଶସ୍ଥ ବୃହସ୍ପତିଙ୍କ ଯୋଗୁ ଆଜି ଠିକ୍ ନିଷ୍ପତ୍ତି ନେଇ କର୍ମକ୍ଷେତ୍ରରେ ଉଚ୍ଚପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। କଳା, ସାହିତ୍ୟ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ଆଜିର ଗ୍ରହଯୋଗ ଅନୁସାରେ କୌଣସି କାମ ଅଟକିବ ନାହିଁ । ଆଜି ଅଶ୍ଳେଷା ନକ୍ଷତ୍ର ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ଅଟକିଯାଇପାରନ୍ତି। ପରିବାର ଭିତରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟାର ସରଳ ସମାଧାନର ଆଶା କ୍ଷୀଣ ହୋଇପାରେ।

**ସିଂହ** ଅଷ୍ଟମସ୍ଥ ଏକାଧିକ ଗ୍ରହଙ୍କ ସ୍ଥିତି ଆପଣଙ୍କ ପ୍ରତ୍ୟେକ କାମ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। ଫଳରେ ନିଜ ଲୋକମାନଙ୍କଠାରୁ ସହଯୋଗ ପାଇବେନି ଏବଂ ଅର୍ଥସଙ୍କଟ ଦେଖାଦେଇପାରେ। ଯାତ୍ରା ସମୟରେ ସତର୍କରେ ଗାଡି ଚଳାନ୍ତୁ , ଅନ୍ୟମନସ୍କ ରହନ୍ତୁ ନାହିଁ। ଶିକ୍ଷା, ପରୀକ୍ଷାଦିରେ ଅଧିକ ନ ହେଲେ ମଧ୍ୟ କିଛି ଖରାପ ହେବନାହିଁ।

**କନ୍ୟା** ତୃତୀୟ ଅଷ୍ଟମାଧିପ ମଙ୍ଗଳ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ ସମ୍ଭାବନା ରହିଛି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ାରେ ସମସ୍ୟା ସମାଧାନ ଆଶା ରହିଛି। ପାରିବାରିକ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଯିବ।

**ତୁଳା** କର୍ମାଧିପ ବ୍ୟୟଭାବସ୍ଥ ଯୋଗୁ ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିସ୍ଥିତିରେ ପଡି ଘର ସାଜସଜ୍ଜାରେ କିମ୍ବା ମରାମତିରେ ବ୍ୟସ୍ତ ରହିପାରନ୍ତି। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ।

**ବିଛା** ଗୁରୁଙ୍କ ଶୁଭଦୃଷ୍ଟିରୁ କେତେକ ଅପୂରଣୀୟ ଅଭିଳାଷ ପୂରଣ ହୋଇଯିବାର ଆଶା ରହିଛି। ଜ୍ୟେଷ୍ଠା ନକ୍ଷତ୍ରର ମନ ଉଦ୍‌ବେଗଯୁକ୍ତ ରହିଲେ ମଧ୍ୟ ଅନ୍ୟାନ୍ୟ ଦୃଷ୍ଟିକୋଣରୁ ମନ୍ଦ ହେବନି। କର୍ମକ୍ଷେତ୍ରରେ ବାଧବାଧକତାରେ କେତେକ କାମ କରିବାକୁ ପଡ଼ିପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଏବଂ ଉଚ୍ଚସ୍ତରରୁ କିମ୍ବା ସଭାସମିତିରୁ ସମ୍ମାନିତ ହେବେ।

**ଧନୁ** ଏକାଧିକ ଗ୍ରହ କର୍ମଭାବକୁ ଦେଖୁଥିବାରୁ ଛୋଟ ଛୋଟ କଥାକୁ ନେଇ ବ୍ୟସ୍ତ ରହିଥିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାର ସରଳ ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବା କାରଣରୁ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇପାରନ୍ତି।

**ମକର** ତୃତୀୟସ୍ଥ ଗ୍ରହପ୍ରଭାବରେ ଆକସ୍ମିକ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡିପାରେ। ସ୍ୱାସ୍ଥ୍ୟପ୍ରତି ଅବହେଳା କଲେ ଅନୁତାପ କରିବାକୁ ପଡିପାରେ। ନିଜ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ଆଶଙ୍କାକୁ ଏଡ଼ାଇ ହେବନାହିଁ । ବନ୍ଧୁ ସମ୍ପର୍କ, ସାହିତ୍ୟଚର୍ଚ୍ଚା, କଳା, କାରିଗରି ଦିଗରୁ ମନଲାଖି ସୁଫଳ ପାଇବେ।

**କୁମ୍ଭ** ସାମାଜିକ ସ୍ତରରେ ଦକ୍ଷତାଭିତ୍ତିକ ଲୋକସମ୍ପର୍କ ବୃଦ୍ଧି ପାଇବାରୁ ଖୁସିହୋଇପାରନ୍ତି। ଆଜି ଆର୍ଥିକ ଦିଗଟି ବହୁତ ଭଲ ରହିବ, କାରଣ ବିଭିନ୍ନ ସୂତ୍ରରୁ ରୋଜଗାର କରିପାରିବେ। କୁଟନୀତି ପ୍ରୟୋଗ କରି ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ନିଜର ପ୍ରାଧାନ୍ୟ ବିସ୍ତାର କରି ପାରନ୍ତି। ଶିଳ୍ପ, ରପ୍ତାନିବାଣିଜ୍ୟ ଓ ପରିବହନ ବେଶ୍ ଭଲରେ ଚାଲିବ।

**ମୀନ** ଆଜି ରାଜଯୋଗ କାରଣରୁ କର୍ମକ୍ଷେତ୍ର ସହ ପାରିବାରିକ ଜୀବନ ସରସ ସୁନ୍ଦର ରହିବ। ବନ୍ଧୁଙ୍କ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ରୋଗ,ଋଣ ଓ ଶତ୍ରୁତା ଆଜିର ଦୁଶ୍ଚିନ୍ତାର ମୁଖ୍ୟ କାରଣ ହେବାର ସୂଚନା ରହିଛି। କିଛି ଜିନିଷ ଅନ୍ୟମନସ୍କତାବଶତଃ କୌଣସି ସ୍ଥାନରେ ହଜାଇ ବ୍ୟସ୍ତ ହେବେ।

ଆଜି ମାର୍ଚ୍ଚ ୧୭ ତାରିଖ, ଚୈତ୍ର କୃଷ୍ଣ ତୃତୀୟା ସୋମବାର। ରାଶିନକ୍ଷତ୍ର–ଚିତ୍ରା/ତୁଳା। ଦିବା ଘ.୦୨.୪୭ ମି. ଗତେ ସ୍ୱାତୀ ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୬ ଗତେ ଘ.୦୭.୨୬ ମଧ୍ୟେ, ଘ.୧୦.୪୩ ଗତେ ଘ.୦୧.୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୭.୨୬ ଗତେ ଘ.୦୮.୫୬ ମଧ୍ୟେ ରାହୁ କାଳ ।

# ପାଚେରିରେ ପିଟିହେଲା କାର୍, ଦମ୍ପତିଙ୍କ ମୃତ୍ୟୁ

**ବାଲୁଗାଁ, ୧୬।୩(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ନୂଆଗଡ଼ ଓଭରବ୍ରିଜ୍‌ଠାରେ ଗତ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱ ଏକ ପାଚେରିରେ କାର୍ ପିଟିହୋଇଯିବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ନିକଟ ବାବନପୁର ଗ୍ରାମର ଶିବରାମ ପାଢ଼ୀ(୬୨) ଏବଂ ତାଙ୍କ ସ୍ତ୍ରୀ ସୁଦେଷ୍ଣା ପାଢ଼ୀ(୫୪)। ସୂଚନା ମୁତାବକ, ପୁରୀରେ ମହାପ୍ରଭୁଙ୍କ ଦର୍ଶନ ସାରି ଶିବରାମ ଏବଂ ତାଙ୍କ ସ୍ତ୍ରୀ ଶୁକ୍ରବାର ସକାଳେ କାର୍ (ଓଡି ୦୭ଏଜି ୪୫୪୬)ରେ ଗ୍ରାମକୁ ଫେରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ନୂଆଗଡ଼ ଓଭରବ୍ରିଜ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ପାଚେରିକୁ ଧକ୍କା ଦେଇଥିଲା। ଫଳରେ କାର୍‌ର ସମ୍ମୁଖଭାଗ ଭାଙ୍ଗିରୁଜି ଚୂରମାର ହୋଇଯାଇଥିବା ବେଳେ ଶିବରାମ ଏବଂ ତାଙ୍କ ସ୍ତ୍ରୀ ଗାଡ଼ି ଭିତରେ ଚାପି ହୋଇଯାଇଥିଲେ। ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ଏବଂ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି କଟର ସାହାଯ୍ୟରେ କାଟିବା ପରେ ଗୁରୁତର ଅବସ୍ଥାରେ ଦମ୍ପତିଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରରେ ସେମାନଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ପ୍ରଥମ ପୃଷ୍ଠାରୁ...

## ହୋଲିରେ ୭ ...

ଅନ୍ୟପକ୍ଷରେ କ୍ୟାରମ୍ ଖେଳକୁ କେନ୍ଦ୍ର କରି କଟକ ୪୨ମୌଜା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ବିହାରରେ ଗୁଳିମାଡ଼ କରି ଜଣେ ଯୁବକ ତାଙ୍କର ଜଣେ ବନ୍ଧୁଙ୍କ ଜୀବନ ନେଇଛନ୍ତି। ମୃତ ଯୁବକ ହେଲେ ବିକାଶ ମହାନ୍ତି। ପୋଲିସ ଅଭିଯୁକ୍ତ ତଥା ପଚ୍ଚାମୁଣ୍ଡାଇ ଥାନା ଅନ୍ତର୍ଗତ ଚାହାପଡ଼ା ଗ୍ରାମର କିଟୁ ଓରଫ୍ ପ୍ରକାଶ ସୁତାର(୨୫)କୁ ଗିରଫ କରିଛି। ଭଡ଼ାଘରେ ରହୁଥିବା ବିକାଶ, ପ୍ରକାଶ ଓ ଅନ୍ୟ ୩ଜଣ ହୋଲି ଖେଳ ପରେ ରାତିରେ ଭୋଜି କରିବା ସହ କ୍ୟାରମ ଖେଳରେ ମାତିଥିଲେ। କ୍ୟାରମ ବୋର୍ଡରେ ପାଣି ଢାଳି ହୋଇଯିବାକୁ ନେଇ ପ୍ରକାଶ ଓ ବିକାଶଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପ୍ରକାଶ ବନ୍ଧୁକ ଆଣି ବିକାଶଙ୍କୁ ଅତି ନିକଟରୁ ଗୁଳିମାଡ଼ କରିଥିଲେ। ପରେ ଅନ୍ୟସାଙ୍ଗମାନେ ପ୍ରକାଶଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ।

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରେ ହୋଲି ଖେଳବେଳେ ସାମାନ୍ୟ ବଚସାରୁ ଆଦିତ୍ୟ ସାଲମା(୧୮)ଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଛି। ଏହି କାଣ୍ଡ ଘଟାଇଥିବା ସାହୁଲ ସିଂହ(୨୫)ଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରି ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରିଛି।

ସେପଟେ ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ଲାଞ୍ଜିପଲ୍ଲୀ ଚାଣକ୍ୟ ନଗରରେ ହୋଲିରେ ଜଣେ ଠିକାଦାରଙ୍କୁ ଛୁରିଭୁସି ହତ୍ୟା କରାଯାଇଛି। ମୃତକ ହେଲେ ଟି.ରାମଚନ୍ଦ୍ର ପାତ୍ର। ଠିକାଦାରଙ୍କ ପାଖରେ କାମ କରୁଥିବା ଚନ୍ଦନ କୁମାର ସାବତ ଓରଫ୍ ପପୁନ (୩୨) ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ପପୁନଙ୍କୁ ଗିରଫ ପରେ ରବିବାର ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ନାଖରା ସାହିରେ ଶନିବାର ଅପରାହ୍ନରେ ହୋଲି ଖେଳୁଥିବା ବେଳେ ଭୁଜାଲିରେ ଆକ୍ରମଣ କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ନାଖରା ସାହିର ଆଜାଦ ହୁସେନଙ୍କ ସହିତ ସେହି ସାହିର ମଣ୍ଟୁ ସାମନ୍ତରାୟ କୌଣସି କାରଣରୁ ଯୁକ୍ତିତର୍କ ଓ ମାରପିଟ ହୋଇଥିଲା। କିଛି ସମୟ ପରେ ମଣ୍ଟୁ ଏକ ଭୁଜାଲି ଆଣି ଆଜାଦଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଫେରାର ଅଭିଯୁକ୍ତ ମଣ୍ଟୁଙ୍କୁ ପୋଲିସ ଟାଉନ ଥାନାକୁ ଆଣି ଅଟକ ରଖି ପଚାରଉଚାର କରୁଥିବା ଜଣାପଡ଼ିଛି ।

ପୁରୀ ଜିଲା ନିମାପଡ଼ା ଥାନା ଅଞ୍ଚଳରେ ହୋଲି ଦିନ ସାମାନ୍ୟ ବଚସା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବୃଦ୍ଧଙ୍କୁ ଏକ ବାଉଁଶରେ ପିଟି ଜଣେ ବ୍ୟକ୍ତି ହତ୍ୟା କରିଛନ୍ତି। ମୃତକ ହେଲେ ସ୍ଥାନୀୟ ଥାନା ଅଧୀନ ତଳଅଣ୍ଡିଆ ଗ୍ରାମର କୈଳାସ ବେହେରା(୬୧)। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୭୫/୨୫)ରୁଜୁ କରିବା ସହ ଅଭିଯୁକ୍ତ ଉକ୍ତ ଗ୍ରାମର ଗାଣ୍ଡୁଆ ବେହେରାଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ତଳଅଣ୍ଡିଆ ଗ୍ରାମ ନିକଟ କୁବିଗୋରଡ଼ା ବଗିଚାରେ ଶନିବାର ହୋଲି ପାଇଁ ଗ୍ରାମର କେତେଜଣ ଭୋଜି କରୁଥିଲେ। ପୂର୍ବ ଶତ୍ରୁତାକୁ ନେଇ ଭୋଜି ପରେ କୈଳାସ ଓ ଗାଣ୍ଡୁଆଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଗାଣ୍ଡୁଆ ଏକ ବାଉଁଶରେ କୈଳାସଙ୍କ କାନକୁ ପିଟିଥିଲେ। ଖବର ପାଇ ପରିବାର ଲୋକେ କୈଳାସଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୈଳାସଙ୍କ ପୁଅ ନିରାକାର ବେହେରା ଶନିବାର ଥାନାରେ ଅଭିଯୋଗ କରିଛନ୍ତି।

## ନୀରବିଗଲେ ପଦ୍ମଭୂଷଣ ...

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ପିସିସି ସଭାପତି ଭକ୍ତ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ମେୟର ସୁଲୋଚନା ଦାସ, ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ସାହିତ୍ୟିକ ହରପ୍ରସାଦ ଦାସ, ପ୍ରତିଭା ରାୟ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ତଥା ଲେଖକ ତରୁଣକାନ୍ତି ମିଶ୍ର, ସାହିତ୍ୟିକ ବିପିନ ବିହାରୀ ମିଶ୍ର, ନେତ୍ରୀ ସୁନିତ ମୁଣ୍ଡ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ମହାକାଶରେ ପହଞ୍ଚିଲା ....

ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ୨୦୨୪ ଜୁନ୍ ୫ରେ ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରୁ ଆମେରିକୀୟ ମହାକାଶଚାରୀ ସୁନୀତା ଓ ବୁଚ୍ ଆଇଏସ୍ଏସ୍ ଅଭିମୁଖେ ୬ ଦିନିଆ ମିଶନ ଆରମ୍ଭ କରିଥିଲେ। ଦୁହେଁ ସେଠାରେ ସଫଳତାର ସହ ପହଞ୍ଚିଯାଇଥିଲେ। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଓ ଅନ୍ୟାନ୍ୟ କାରଣରୁ ଫେରିବା ଏଯାଏ ସମ୍ଭବ ହୋଇ ନ ଥିଲା। ଇତିମଧ୍ୟରେ ଉଭୟଙ୍କୁ ପୃଥିବୀକୁ ଫେରାଇ ଆଣିବା ପାଇଁ ଏକାଧିକ ଥର ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା। ଏଥିଯୋଗୁ ସୁନୀତା ଓ ବୁଚ୍‌ଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢ଼ିବା ସହ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏପରି କି ଏହାକୁ ନେଇ ଆମେରିକା ରାଜନୀତି ମଧ୍ୟ ସରଗରମ ହୋଇଥିଲା। ପୂର୍ବର ଜୋ ବାଇଡେନ୍ ପ୍ରଶାସନ ନିଜ ରାଜନୈତିକ ସ୍ୱାର୍ଥ ଯୋଗୁ ଉଭୟଙ୍କୁ ଆଇଏସ୍ଏସ୍‌କୁ ପଠାଇଦେଇ ଫେରାଇ ଆଣିବା କଥା ଭୁଲିଯାଇଛନ୍ତି ବୋଲି ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସହଯୋଗୀମାନେ ସମାଲୋଚନା କରିଛନ୍ତି। ଇତିମଧ୍ୟରେ ସୁନୀତାଙ୍କୁ ଫେରାଇ ଆଣିବା ପାଇଁ ନୂଆ ମିଶନ ଆରମ୍ଭ କରିବାକୁ ଟ୍ରମ୍ପ ନିଜ ସହଯୋଗୀ ଏଲନ୍ ମସ୍କଙ୍କୁ ପରାମର୍ଶ ଦେଇଥିଲେ। ସ୍ପେସେକ୍ସ ଏହାର ନୂଆ ମିଶନ କେନେଡି ସ୍ପେସ୍ ସେଣ୍ଟରରୁ ଶୁକ୍ରବାର ସ୍ଥାନୀୟ ସମୟ ରାତି ୭ଟା ୩ ମିନିଟରେ ଆରମ୍ଭ କରିଥିଲା। ୧୯ ଘଣ୍ଟା ପରେ ରବିବାର ରାତି ୧୨ଟା ୪ ମିନିଟରେ ଆଇଏସ୍ଏସ୍‌ରେ କ୍ରିଉ ଡ୍ରାଗନ୍ ପହଞ୍ଚିଛି। ଏହି ମିଶନରେ ସାମିଲ ଥିବା ଆମେରିକା, ଜାପାନ ଓ ରୁଷିଆର ୪ ନବାଗତ ସୁନୀତା ଓ ବୁଚ୍‌ଙ୍କ ସ୍ଥାନରେ ନିୟୋଜିତ ହେବେ। ସେମାନେ ହେଲେ ଆନ୍ନେ ମ୍ୟାକ୍ କ୍ଲାଏନ୍ (ନାସା କମାଣ୍ଡର), ନିକୋଲେ ଆୟେର୍ସ (ନାସା ପାଇଲଟ୍), ତାକୁୟା ଓନିଶି (ଜାପାନ ମିଶନ ସ୍ପେଶାଲିଷ୍ଟ) ଏବଂ କିରିଲ୍ ପେସ୍କୋଭ (ରୋସ୍କୋମସ୍ ମିଶନ ସ୍ପେଶାଲିଷ୍ଟ)।

ପାଗ ଅନୁକୂଳ ରହିଲେ ସ୍ପେସେକ୍ସ କ୍ୟାପସୁଲ ସୁନୀତା ଓ ବୁଚ୍‌ଙ୍କ ସହ ଅନ୍ୟ ୨ ମହାକାଶଚାରୀଙ୍କୁ ନେଇ ଆଇଏସ୍ଏସ୍ ଛାଡ଼ିବ। ବୁଧବାର ଫ୍ଲୋରିଡା ଉପକୂଳରେ ସେମାନେ ଅବତରଣ କରିବେ। ସେତେବେଳ ଯାଏ ଅର୍ବିଟିଂ ଲ୍ୟାବ୍‌ରେ ଆମେରିକା, ରୁଷିଆ ଓ ଜାପାନର ୧୧ ମହାକାଶଚାରୀ ରହିଥିବେ।

## ଗରିବ, ମଧ୍ୟବିତ୍ତଙ୍କ ...

ଏହିଭଳି ପୋଷଣ କେନ୍ଦ୍ରମାନ ଖୋଲାଯିବ। ବର୍ତ୍ତମାନ ଖୋଲାଯିବାକୁ ଥିବା ୩୫ ପୋଷଣ କେନ୍ଦ୍ର ଲାଗି ସରକାରୀ ଅଧିକାରୀମାନଙ୍କୁ ପ୍ରାଥମିକସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ଖୁବ୍‌ଶୀଘ୍ର ଏକ ଟିମ୍ ଗୁଜରାଟ ପରିଦର୍ଶନରେ ଯିବେ। ସେଠାରେ ଏହି ମଡେଲ କିଭଳି କାର୍ଯ୍ୟକ୍ଷମ ହେଉଛି ତାହା ପରିଦର୍ଶନ କରି ଫେରିବା ପରେ ବିଭାଗୀୟ ସମୀକ୍ଷା କରାଯିବ। ଯଦି ଏହି ପ୍ରକଳ୍ପ ସଫଳ ହେଲା, ତେବେ ପୋଷଣ କେନ୍ଦ୍ରକୁ ପଞ୍ଚାୟତସ୍ତରକୁ ସମ୍ପ୍ରସାରଣ କରାଯିବ।ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ରିହାତି ଯୋଗାଇ ଦେବେ। ରାଜ୍ୟର ସବୁ ଗରିବ ଓ ମଧ୍ୟବିତ୍ତ କିଭଳି ସରକାରୀ ଯୋଜନାର ସୁଫଳ ପାଇବେ ତାହା ହିଁ ଏହି କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ବୋଲି ମନ୍ତ୍ରୀ କହିଥିଲେ।

## ତେଜ୍‌ପ୍ରତାପଙ୍କ ନିର୍ଦ୍ଦେଶରେ ...

ଢଙ୍ଗରେ କହିଥିଲେ ବୁରା ନା ମାନୋ ହୋଲି ହୈ। ତେଜପ୍ରତାପଙ୍କ ନିର୍ଦ୍ଦେଶକୁ ମାନି ଦୀପକ ଆର୍‌ଜେଡିର ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ କିଛି ସମୟ ପାଇଁ ନାଚିଥିଲେ। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅନେକ ୟୁଜର୍ସ ଏହି ଘଟଣାକୁ ସମାଲୋଚନା କରିଛନ୍ତି। ଭାଜପା ପକ୍ଷରୁ ମଧ୍ୟ ଏଭଳି ଘଟଣାକୁ ନିନ୍ଦା କରାଯାଇଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ତେଜପ୍ରତାପ ଓଲଟା କେତେକ ଗଣମାଧ୍ୟମ ଏଜେନ୍ସି ଓ ଭାଜପାକୁ ଦାୟୀ କରିଛନ୍ତି।

## ରେରାରେ ଖାଲି ...

ସଂସ୍ଥା(ବିଲ୍ଡର) ଓ ଉପଭୋକ୍ତା ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ରାଜ୍ୟ ସରକାର ଲୋକଙ୍କ ଅଭିଯୋଗକୁ ପ୍ରାଧାନ୍ୟ ଦେଉଛନ୍ତି। ପ୍ରତ୍ୟେକ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରୁ ଆରମ୍ଭ କରି ଜିଲାସ୍ତରରେ ଅଭିଯୋଗ ପ୍ରକୋଷ୍ଠଗୁଡ଼ିକ ଦ୍ୱରାନ୍ୱିତ କରାଯାଉଛି। ହେଲେ ରେରା କ୍ଷେତ୍ରରେ ତତ୍ପରତା ଦେଖିବାକୁ ମିଳୁନାହିଁ। ଉଲ୍ଲେଖଯୋଗ୍ୟ ଯେ, 'ରେରା'ରେ ଅଧ୍ୟକ୍ଷ ପଦକୁ ଛାଡ଼ି ଆଉ ଦୁଇଜଣ ସଦସ୍ୟ ପଦ ରହିଛି। ସେଥିମଧ୍ୟରେ ଗୋଟିଏ ନ୍ୟାୟିକ ସଦସ୍ୟ ପଦ ରହିଥିବାବେଳେ ଆଉ ଗୋଟିଏ ପ୍ରଶାସନିକ ପଦ ରହିଛି। ନ୍ୟାୟିକ ସଦସ୍ୟ ପଦରେ ଗୋପାଳ ଚନ୍ଦ୍ର ପଟ୍ଟନାୟକ ରହିଥିବାବେଳେ ପ୍ରଶାସନିକ ସଦସ୍ୟ ପଦରେ ପ୍ରଦୀପ୍ତ କୁମାର ବିଶ୍ୱାଳ ରହିଛନ୍ତି। ହେଲେ ଏହି ଉଭୟ ସଦସ୍ୟଙ୍କ କାର୍ଯ୍ୟକାଳ ଚଳିତବର୍ଷ ମେ'ରେ ସମ୍ପୂର୍ଣ୍ଣ ହୋଇଯିବ। ନିକଟରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ପଶ୍ଚିମ ଓଡ଼ିଶାର ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ, ଖୁବ୍‌ଶୀଘ୍ର ପାର୍ଟ ପ୍ଲଟ କିଭଳି ପଞ୍ଜୀକରଣ କରାଯିବ ତା' ଉପରେ ନିଷ୍ପତ୍ତି ନିଆଯିବ। ଜମିଜମା ପଞ୍ଜୀକରଣରେ ସମସ୍ୟା ହେଉଥିବା ଯୋଗୁ ରାଜସ୍ୱ ବୃଦ୍ଧି ମଧ୍ୟ ହୋଇ ପାରୁନାହିଁ। ଏନେଇ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନଙ୍କ କହିବା କଥା ହେଲା, 'ରେରା'ର ପୂର୍ବତନ ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କେନ୍ଦ୍ର ସରକାରଙ୍କ ଏକ ପଦରେ ଅଧିଷ୍ଠିତ ଥାଇ ଗତ ୨ବର୍ଷ ଧରି ରେରା ଅଧ୍ୟକ୍ଷ ପଦରେ ରହି ଆସିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏକ ଖଣ୍ଡପୀଠ ତାଙ୍କୁ 'ରେରା'ରୁ ଭାରମୁକ୍ତ ହେବା ପାଇଁ ନିର୍ଦ୍ଦେଶ ଦେବା ପରେ ସେ ଫେବୃଆରୀ ୨୮ରେ ନିଜ ପଦରୁ ଅପସାରିତ ହୋଇଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ରେରା ପକ୍ଷରୁ ବହୁ ବେଆଇନ କୋଠାବାଡ଼ି ନିର୍ମାଣକାରୀ ସଂସ୍ଥା, ବିଲ୍ଡର ଏବଂ ରିଅଲ-ଇଷ୍ଟେଟ କର୍ତ୍ତୃପକ୍ଷଙ୍କୁ ଜରିମାନା କରାଯାଇଛି। ଏହାକୁ ନେଇ ଅଧିକାଂଶ ବେଆଇନ ନିର୍ମାଣକାରୀ ସଂସ୍ଥା ଭୟରେ ଅଛନ୍ତି। ଏତିକି ବେଳେ ରେରାରେ ନୂତନ ନିଯୁକ୍ତି ନେଇ ସରକାରୀ ତତ୍ପରତା ଦେଖା ନ ଦେବା ଉପଭୋକ୍ତା ମହଲରେ ଅସନ୍ତୋଷ ସୃଷ୍ଟି କରିଛି। କେତେକ ବିଲ୍ଡର ରେରା ପାଇଁ ଚାପରେ ରହୁଥିବାରୁ ଏହାକୁ ଅଚଳ କରିବା ପାଇଁ ପରୋକ୍ଷରେ ସରକାରଙ୍କ ଉପରେ ଚାପ ପକାଉଥିବା ପ୍ରଧାନ କହିଛନ୍ତି।

## ଦେଶରେ ବୌଦ୍ଧ ସବୁଠୁ ...

୪୦.୩ ଓ ଭବାନୀପାଟଣାରେ ୪୦.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଥିବାବେଳେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ଝାରସୁଗୁଡ଼ା ଓ ସମ୍ବଲପୁରକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଅନୁଗୋଳ, ବଲାଙ୍ଗୀର ଓ ସୁନ୍ଦରଗଡ଼କୁ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାସହ ବିଭିନ୍ନ ଜିଲାରେ ରାତି ତାପମାତ୍ରା ବୃଦ୍ଧି ସହ ଗୁଳୁଗୁଳି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ରହିଛି। ଅନ୍ୟପଟେ ୧୯ ତାରିଖ ବେଳକୁ ମୟୂରଭଞ୍ଜ, ବଲାଙ୍ଗୀର, ନୂଆପଡା, ରାୟଗଡା, ଗଞ୍ଜାମ, ନୟାଗଡ ଏବଂ କନ୍ଧମାଳ ଜିଲାରେ ବିଜୁଳିଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି।

## ୭୫ କୋଟିର ଡ୍ରଗ୍ସ ...

ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ଅଗ୍ରୱାଲ କହିଛନ୍ତି। ୬ ମାସ ପୂର୍ବରୁ ପୋଲିସ ମାଙ୍ଗାଲୁରୁରୁ ୧୫ ଗ୍ରାମ୍ ଏମ୍‌ଡିଏମ୍ଏ ସହ ହାଇଦର ଅଲି ନାମକ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଏହି ବ୍ୟବସାୟର ମୂଳ ଖୋଜିବାରେ ଲାଗିଥିଲ। ଅଧିକ ତଦନ୍ତ ପରେ ତଦନ୍ତକାରୀ ଅଧିକାରୀ ପିଟର ନାମକ ଜଣେ ନାଇଜେରୀୟ ବ୍ୟକ୍ତିଙ୍କୁ ବେଙ୍ଗାଲୁରୁରୁ ୬ କେ.ଜି. ଏମ୍‌ଡିଏମ୍ଏ ସହ ଗିରଫ କରିଥିଲେ।

# ସାହିତ୍ୟ ଜଗତର ଉଜ୍ଜ୍ୱଳ ତାରକା

ଓଡ଼ିଆ ସାହିତ୍ୟ ଜଗତର ଉଜ୍ଜ୍ୱଳ ତାରକା ତଥା ଆଧୁନିକ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପରଲୋକ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ତାଙ୍କ ପରି ଜଣେ ପ୍ରଶାସନିକ ଅଧିକାରୀ ଓ ସାହିତ୍ୟ ସ୍ରଷ୍ଟାଙ୍କ ଅମାୟିକ ସ୍ୱଭାବ ଏବଂ ସରଳପଣ ତାଙ୍କୁ ସମସ୍ତଙ୍କ ପାଖରେ ଆପଣାର କରି ରଖିଛି। ଅନେକ ପଦ ପଦବୀରେ ଥିଲେ ମଧ୍ୟ ତାଙ୍କ ଚଳଣୀ ଏକଦମ୍ ସାଧାରଣ ଥିଲା। ସେହିପରି ତାଙ୍କ ସାହିତ୍ୟ କୃତି ସବୁ ବର୍ଗର ପାଠକଙ୍କ ହୃଦୟକୁ ଛୁଇଁବା ସହିତ କିଭଳି ସହଜରେ ବୁଝି ହେବ ସେଥିପ୍ରତି ସ୍ୱର୍ଗତ ରଥ ସର୍ବଦା ଧ୍ୟାନ ଦେଉଥିଲେ। ତାଙ୍କ ରଚିତ 'ଶ୍ରୀରାଧା' ପାଇଁ ସେ ଓଡ଼ିଶା ସମେତ ଭାରତରେ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ଅବର୍ତ୍ତମାନ ଓଡ଼ିଆ ସାହିତ୍ୟ ଜଗତ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି।


ରମାକାନ୍ତ ରଥ

## ସମ୍ମାନ

୧୯୭୮ରେ ସ୍ୱର୍ଗତ ରମାକାନ୍ତ ରଥଙ୍କ କବିତା ସଂକଳନ 'ସପ୍ତମ ଋତୁ' ପାଇଁ ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ୧୯୮୪ରେ 'ସଚିତ୍ର ଅନ୍ଧାର' ପାଇଁ ସେ 'ଶାରଳା ପୁରସ୍କାର' ପାଇଥିଲେ। ୨୦୦୬ରେ 'ପଦ୍ମଭୂଷଣ', ୨୦୧୮ରେ 'ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ', ୧୯୯୧ରେ 'ବିଷୁବ ସମ୍ମାନ', ୨୦୧୧ରେ 'ସାରଳା ସମ୍ମାନ', ୨୦୦୬ରେ 'ସାହିତ୍ୟ ଭାରତୀ ସମ୍ମାନ', ୨୦୦୯ରେ 'କଳିଙ୍ଗ ରତ୍ନ', ୨୦୧୭ରେ 'ଉତ୍କଳ ରତ୍ନ' ଭଳି ଅନେକ ସମ୍ମାନ ଲାଭ କରିଥିଲେ। ୨୦୦୯ ଫେବୃଆରୀରେ ସ୍ୱର୍ଗତ ରଥ କେନ୍ଦ୍ର ସାହିତ୍ୟ ଏକାଡେମୀର ସ୍ୱତନ୍ତ୍ର ସମ୍ମାନ 'ସାହିତ୍ୟ ଏକାଡେମୀ ଫେଲୋଶିପ' ପାଇଥିଲେ।

## ପଦବୀ

୧୯୫୭ରୁ ସ୍ୱର୍ଗତ ରଥ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ୧୯୯୨ରେ ମୁଖ୍ୟ ଶାସନ ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଏବଂ ୧୯୯୮ରୁ ୨୦୦୩ ଏକାଡେମୀର ସଭାପତି ଦାୟିତ୍ୱ ତୁଲାଇଥିଲେ।

## ରଚନାବଳୀ

ରମାକାନ୍ତ ରଥଙ୍କ କବିତା ରଚନାବଳୀ ମଧ୍ୟରେ 'କେତେ ଦିନର' (୧୯୬୨), 'ଅନେକ କୋଠରି' (୧୯୬୭), 'ସନ୍ଦିଗ୍ଧ ମୃଗୟା' (୧୯୭୧), 'ସପ୍ତମ ଋତୁ' (୧୯୭୭), 'ସଚିତ୍ର ଅନ୍ଧାର' (୧୯୮୨), 'ସୀମାନ୍ତ ବାସ', 'ଫେରି ଚାହିଁଲେ', 'ସବୁଦିନେ ସେପାଖେ', ' ନ ଯା ନ ଯା କହୁ କହୁ', 'ସରଳ ହୃଦଗଣିତ', 'ଜାହାଜ ଆସିବ ଓ ଆଉ କେତୋଟି', 'ଧର୍ମପଦର ଆତ୍ମହତ୍ୟା', କବିତା ସମଗ୍ର ୧ମ, ୨ୟ ଓ ୩ୟ, 'ସେବେ, ଏବେ, ସବୁବେଳେ : କବୀରଙ୍କ କବିତା' (ଅନୁବାଦ) ରହିଛି। ସେହିପରି ଲମ୍ବା କବିତା 'ଶ୍ରୀରାଧା' (୧୯୮୪), 'ଶ୍ରୀ ପଳାତକ' (୧୯୯୭) ଏବଂ ଗଳ୍ପ 'ମେଘ ଓ ଅନ୍ୟାନ୍ୟ ଗଳ୍ପ' ପାଠକୀୟ ମହଲରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏଥିସହ ତାଙ୍କର ଅନେକ କବିତା ଇଂଲିଶ ଓ ଅନ୍ୟ ଭାଷାରେ ଅନୁବାଦିତ ହୋଇ ବିଶ୍ୱରେ ବେଶ୍ ଆଦୃତି ଲାଭ କରିଛି।

## ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି: ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କବି ରମାକାନ୍ତ ରଥଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ଅତ୍ୟନ୍ତ ମର୍ମାହତ ଥିବା କହିଛନ୍ତି। ସ୍ୱର୍ଗତ ରଥ ଭାରତୀୟ ସାହିତ୍ୟର ଜଣେ ପ୍ରମୁଖ କବି ଭାବେ ଖ୍ୟାତିଲାଭ କରିଥିଲେ। ସେ ପଦ୍ମଭୂଷଣ ସହିତ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ। ଓଡ଼ିଆ ସାହିତ୍ୟକୁ ତାଙ୍କର ଚିରସ୍ମରଣୀୟ ଅବଦାନ ମାଧ୍ୟମରେ ସେ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ତାଙ୍କ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ରାଷ୍ଟ୍ରପତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଶୋକ

କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି। ରମାକାନ୍ତଙ୍କ କୃତି ବିଶେଷକରି କବିତା ସମାଜର ସମସ୍ତ ବର୍ଗଙ୍କ ମଧ୍ୟରେ ବ୍ୟାପକ ଭାବେ ଲୋକପ୍ରିୟ ହୋଇପାରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ରମାକାନ୍ତଙ୍କ ପରିବାର ଓ ପ୍ରଶଂସକଙ୍କ ପ୍ରତି ସମବେଦନା ଜଣାଇଛନ୍ତି।









ଭୁବନେଶ୍ୱର ଖାରବେଳନଗରସ୍ଥିତ ରମାକାନ୍ତ ରଥଙ୍କ ବାସଭବନରେ ତାଙ୍କ ଶେଷ ଦର୍ଶନ ପାଇଁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ।



୨୦୦୬ରେ ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କଠାରୁ 'ପଦ୍ମଭୂଷଣ' ସମ୍ମାନ ଗ୍ରହଣ କରିବା ଅବସରରେ।

## ବିଭିନ୍ନ ମହଲରେ ଶୋକ

### ସାହିତ୍ୟ ଜଗତର ଶ୍ରେଷ୍ଠ କବିଙ୍କ ମଧ୍ୟରେ ଥିଲେ ରମାକାନ୍ତ: ମୁଖ୍ୟମନ୍ତ୍ରୀ

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା କବି ରମାକାନ୍ତ ରଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରି ମହାନ୍ ସାହିତ୍ୟିକ ଓ ଯୁଗସ୍ରଷ୍ଟାଙ୍କର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ପଦ୍ମଭୂଷଣ ସ୍ୱର୍ଗତ ରଥ ଭାରତୀୟ ସାହିତ୍ୟ ଜଗତର ଅଳ୍ପ କେତେଜଣ ଶ୍ରେଷ୍ଠ କବିଙ୍କ ମଧ୍ୟରେ ଥିଲେ ଅନ୍ୟତମ। 'ସପ୍ତମ ଋତୁ', 'ଶ୍ରୀରାଧା', 'ସଚିତ୍ର ଅନ୍ଧାର' ପରି ଅନେକ କାଳଜୟୀ ରଚନା ତାଙ୍କୁ ସାହିତ୍ୟ ଜଗତରେ ଚିରଦିନ ପାଇଁ ଅମର କରି ରଖିବ। ବିଭିନ୍ନ ବିଭାଗର ସଚିବ ଓ ମୁଖ୍ୟ ଶାସନ ସଚିବ ଭାବେ ମଧ୍ୟ ରାଜ୍ୟର ବିକାଶରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଛନ୍ତି। ଓଡ଼ିଆ ସାହିତ୍ୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ତାଙ୍କ ଭୂମିକାକୁ ଅସ୍ୱୀକାର କରିହେବନି। ମୁଖ୍ୟମନ୍ତ୍ରୀ ରମାକାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

### ଅପୂରଣୀୟ କ୍ଷତି: ବାଚସ୍ପତି

କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବିୟୋଗରେ ବାଚସ୍ପତି ସୁରମା ପାଢ଼ୀ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ରମାକାନ୍ତଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି। ଓଡ଼ିଆ ସାହିତ୍ୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ସ୍ୱର୍ଗତ ରଥଙ୍କ ଭୂମିକା ତାଙ୍କୁ ସ୍ମରଣୀୟ କରି ରଖିବ। ଜଣେ ପ୍ରଶାସନିକ ଅଧିକାରୀ ଭାବେ ବିଭିନ୍ନ ଦାୟିତ୍ୱରେ ରହି ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ବାଚସ୍ପତି ସ୍ୱର୍ଗତ ରଥଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

### ରମାକାନ୍ତଙ୍କ ଲେଖାରେ ଆଧାତ୍ମିକ, ଆଦିଭୌତିକ କଳ୍ପନାର ବ୍ୟବହାର ଦେଖାଯାଏ: ସୂର୍ଯ୍ୟବଂଶୀ ସୂରଜ

ଓଡ଼ିଆ ସାହିତ୍ୟର ଜଣେ ଆଧୁନିକ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପରଲୋକ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଜଣେ ଦକ୍ଷ ପ୍ରଶାସକ ଭାବେ ମଧ ସେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ରଚିତ ଅନେକଗୁଡ଼ିଏ କବିତା ସଂକଳନ ବେଶ୍ ପାଠକୀୟ ଶ୍ରଦ୍ଧା ସାଉଣ୍ଟି ପାରିଥିଲା। ତାଙ୍କର କବିତା ସଂକଳନ 'ସପ୍ତମ ଋତୁ' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ରମାକାନ୍ତ ରଥଙ୍କ ଲେଖାରେ ଆଧାତ୍ମିକ ଓ ଆଦିଭୌତିକ କଳ୍ପନାର ବ୍ୟବହାର ଦେଖାଯାଏ। ସାହିତ୍ୟ ଜଗତର ଏଭଳି ଜଣେ ମହାମନୀଷୀଙ୍କ ପରଲୋକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ତାଙ୍କ ଭଲପାଇବା, ସ୍ନେହକୁ ଆମେ ମନେପକାଇବୁ: ତଥାଗତ ସତପଥୀ

ରମାକାନ୍ତ ରଥଙ୍କ ସହ ମୋ ସମ୍ପର୍କ ବହୁତ ଦିନର। ମା' ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରମାକାନ୍ତ ବାବୁ ତାଙ୍କ ବ୍ୟକ୍ତିଗତ ସଚିବ ଥିଲେ। ମା'ଙ୍କ କାର୍ଯ୍ୟରେ ତାଙ୍କର ଅବଦାନ ରହିଥିଲା। ତାଙ୍କର ପ୍ରଶାସନିକ ଦକ୍ଷତା ରହିବା ସହ ସଚ୍ଚୋଟପଣିଆ ରହିଥିଲା। ଏଥିସହ ଜଣେ କବି ଭାବରେ ତାଙ୍କୁ କେବଳ ଓଡ଼ିଶା ନୁହେଁ ଅନେକ ରାଜ୍ୟ ତଥା ଦେଶର ଲୋକମାନେ ତାଙ୍କୁ ଜାଣିଛନ୍ତି। ସେ ଯାହାଙ୍କ ଜୀବନକୁ ଛୁଇଁଛନ୍ତି, ସମସ୍ତେ ତାଙ୍କୁ ମନେ ପକାଇବେ। ତାଙ୍କର ଭଲପାଇବା, ସ୍ନେହକୁ ଆମେସବୁ ମନେ ପକାଇବୁ।



ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା



# ପାକିସ୍ତାନରେ ପୁଣି ଆତଙ୍କବାଦୀ

ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେଇଆସୁଥିବା ପାକିସ୍ତାନ ଏବେ ଘୋର ବିପଦର ସମ୍ମୁଖୀନ ହୋଇଛି। ବେଲୁଚିସ୍ତାନ ପ୍ରଦେଶରେ ମାର୍ଚ୍ଚ ୧୧ରେ ବାଲୋଚ ଲିବରେଶନ ଆର୍ମି(ବିଏଲ୍ଏ) କ୍ୱେଟାରୁ ପେଶାୱାର ଯାଉଥିବା ଜାଫର ଏକ୍ସପ୍ରେସ୍‌କୁ ଅପହରଣ କରି ନେଇଥିଲା। ୪୦୦ରୁ ୫୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ଟ୍ରେନ୍‌ରେ ଅଧିକାଂଶ ପାକିସ୍ତାନ ସାମରିକ ଅଧିକାରୀ ଓ ଯବାନ ଥିଲେ। ଅପହରଣକାରୀମାନେ ସାଧାରଣ ଲୋକଙ୍କୁ ଛାଡ଼ିଦେଇ ଆର୍ମି ଲୋକଙ୍କୁ ପଣବନ୍ଦୀ ରଖିଥିଲେ। ବାଲୋଚ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କଲେ ପଣବନ୍ଦୀମାନଙ୍କୁ ଛାଡ଼ି ଦିଆଯିବ କହି ବିଏଲ୍ଏ ୧୪ ମାର୍ଚ୍ଚକୁ ଡେଡ୍‌ଲାଇନ୍ ବା ମୃତ୍ୟୁରେଖା ଦେଇଥିଲା। ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା କୌଣସି ଅଗ୍ରଗତି ନ ଘଟିବାରୁ ବିଏଲ୍ଏ ୨୧୪ ଜଣ ପାକିସ୍ତାନୀ ମିଲିଟାରୀ ଲୋକଙ୍କୁ ହତ୍ୟା କରିଥିବା ଏବେ ପ୍ରକାଶ କରିଛି। ଏଥିସହିତ କୁହାଯାଇଛି ଯେ, ପାକିସ୍ତାନ ସରକାର ଯେଉଁ ଦାବି କରୁଛନ୍ତି ଟ୍ରେନ୍ ଅବରୋଧ ହଟିବା ସହ ସବୁ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଛି ତାହା ସମ୍ପୂର୍ଣ୍ଣ ଭୁଲ୍। ଏକଜିଦିଆ ନିଷ୍ପତ୍ତି ଯୋଗୁ ନିଜ ଲୋକମାନଙ୍କୁ ରକ୍ଷା କରିବାରେ ପାକିସ୍ତାନ ସକ୍ଷମ ହୋଇ ନ ଥିବା ବିଏଲ୍ଏ ପକ୍ଷରୁ କୁହାଯାଇଛି।

ଉକ୍ତ ଅପହରଣ ଘଟଣାରେ କିଏ କେତେ ସତ କହୁଛନ୍ତି, ତାହା ସ୍ପଷ୍ଟ ହୋଇପାରୁ ନାହିଁ। କିନ୍ତୁ ଏହା ସତ୍ୟ ଯେ, ପାକିସ୍ତାନ ଅତୀତରେ ଆତଙ୍କବାଦୀଙ୍କୁ ଯେଭଳି ପୋଷି ଆସିଥିଲା, ତାହାର ପରିଣାମ ନିଜେ ଭୋଗୁଛି। ପାକିସ୍ତାନ ଅନେକ ଦଶନ୍ଧି ଧରି ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟି ଆସିଥିଲା। ତା'ର ଅନେକ କାର୍ଯ୍ୟ ଭାରତ ପ୍ରତି ସୀମାପାର ଆତଙ୍କବାଦ ରୂପ ନେଇଥିଲା। ନିଜ ଦେଶ ଭିତରେ ଥିବା ବିଦ୍ରୋହକୁ ଚାପି ଦେଇ ଭାରତ ବିରୋଧରେ ପାକିସ୍ତାନ କ୍ରମାଗତ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଆସିଥିଲା। ବିଗତ କିଛି ବର୍ଷ ହେବ ଏହାର ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ ଭାରତ ବିରୋଧୀ ଆଭିମୁଖ୍ୟ କମିନାହିଁ। ଅନ୍ୟପକ୍ଷରେ ଭାରତର ରାଜନୈତିକ ନେତୃତ୍ୱ ନିଜ ଦେଶର ବୃହତ୍ ସ୍ଥିତିକୁ ଭୁଲିଯାଇ ସବୁବେଳେ କ୍ଷୁଦ୍ର ପାକିସ୍ତାନକୁ ଶତ୍ରୁ ଭାବେ ଦେଖିବାକୁ ସୁବିଧା ମନେକରି ଆସିଛନ୍ତି। ସେହି ଆଳରେ ଭାରତୀୟ ସେନା ବାସ୍ତବ ଶତ୍ରୁ ଚାଇନାକୁ ମୁକାବିଲା ପାଇଁ ପ୍ରସ୍ତୁତ ହେବା ପରିବର୍ତ୍ତେ ପାକିସ୍ତାନକୁ ଲକ୍ଷ୍ୟ ରଖି ନିଜର ଅକ୍ଷମତା ଲୁଚାଇ ଆସିଛି। ଉଦାହରଣସ୍ୱରୂପ, ଅନେକ ସେନା ଅଧିକାରୀ ତାଙ୍କର କାର୍ଯ୍ୟକାଳ ସମୟରେ ସୀମାନ୍ତ ଅଞ୍ଚଳରେ ପୋଷ୍ଟିଂ ହେବା ପରିବର୍ତ୍ତେ ଦେଶର ବିଭିନ୍ନ କ୍ୟାଣ୍ଟନମେଣ୍ଟରେ ଅବସ୍ଥାନ କରି ବରିଷ୍ଠତା ଅର୍ଜନ କରିଛନ୍ତି। ସେଥିପାଇଁ ରାଜନୈତିକ ଚାପ ମଧ୍ୟ ବ୍ୟବହାର କରାଯାଇଥାଏ। ଏବର ପାକିସ୍ତାନ ଘଟଣାକୁ ଦେଖିଲେ ସମ୍ପୃକ୍ତ ଟ୍ରେନ୍ ଅପହରଣ ପାଇଁ ବିଏଲ୍ଏ ନିଜକୁ ସମ୍ପୂର୍ଣ୍ଣ ଦାୟୀ କରିଛି। ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ ଏହି ଉଗ୍ରପନ୍ଥୀ ସଙ୍ଗଠନ ଗଢ଼ାଯାଇଥିଲା। ଆଫଗାନିସ୍ତାନର ବେଲୁଚିସ୍ତାନ ଅଞ୍ଚଳରୁ ଏହା ପ୍ରାରମ୍ଭିକ ଅବସ୍ଥାରେ କାର୍ଯ୍ୟ କରିଥିଲା। ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରୁ ଏହି ସଙ୍ଗଠନ ଅନ୍ତର୍ଘାତୀ କାର୍ଯ୍ୟକଳାପ ଜାରି ରଖିଆସିଛି। ପାକିସ୍ତାନଠାରୁ ବେଲୁଚିସ୍ତାନକୁ ଅଲଗା କରିବା ଲକ୍ଷ୍ୟ ରଖି ବିଏଲ୍ଏ କ୍ରମାଗତ ପାକିସ୍ତାନର ସଶସ୍ତ୍ର ସାମରିକ ବଳ ଓ ତା'ର ନାଗରିକ ଏବଂ ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରିଆସିଛି। ପ୍ରାକୃତିକ ସମ୍ପଦରେ ଭରପୂର ବେଲୁଚିସ୍ତାନରୁ ପାକିସ୍ତାନ ସର୍ବାଧିକ ରାଜସ୍ୱ ପାଉଥିଲେ ମଧ୍ୟ ଏହି ପ୍ରଦେଶର ବିକାଶରେ ତାହା ବିନିଯୋଗ କରୁ ନ ଥିବାରୁ ସେଠାକାର ନାଗରିକ ଉତ୍କ୍ଷିପ୍ତ ରହିଛନ୍ତି। ଏଥିସହିତ ବେଲୁଚିସ୍ତାନବାସୀଙ୍କୁ ପାକିସ୍ତାନ ଶାସକ ନ୍ୟୂନ ଦୃଷ୍ଟିରେ ଦେଖିବା ଅସନ୍ତୋଷର ଆଉ ଏକ କାରଣ ପାଲଟିଯାଇଛି। ପାକିସ୍ତାନଠାରୁ ବେଲୁଚିସ୍ତାନକୁ ଅଲଗା କରିବା ଲାଗି ୧୯୭୩ରୁ ୧୯୭୭ ଯାଏ ସ୍ୱାଧୀନ ବେଲୁଚିସ୍ତାନ ଆନ୍ଦୋଳନ ସେତେବେଳେ ଉଗ୍ର ରୂପ ଧାରଣ କରିଥିଲା।

> **ଟ୍ରେନ୍ ଅପହରଣ ଘଟଣାରେ କିଏ କେତେ ସତ କହୁଛନ୍ତି, ତାହା ସ୍ପଷ୍ଟ ହୋଇପାରୁ ନାହିଁ। କିନ୍ତୁ ଏହା ସତ୍ୟ ଯେ, ପାକିସ୍ତାନ ଅତୀତରେ ଆତଙ୍କବାଦୀଙ୍କୁ ଯେଭଳି ପୋଷି ଆସିଥିଲା, ତାହାର ପରିଣାମ ନିଜେ ଭୋଗୁଛି।**

ଆତଙ୍କବାଦ ବିରୋଧରେ ସମସ୍ତେ ଚିତ୍କାର କରୁଛନ୍ତି। କିନ୍ତୁ କେଉଁ କାରଣରୁ ଗୋଟିଏ ଅଞ୍ଚଳରେ ଆତଙ୍କବାଦ ଜନ୍ମ ନେଉଛି, ତାହା କେହି ବୁଝିବାକୁ ଚେଷ୍ଟା କରୁନାହାନ୍ତି। ରୋଗ ବ୍ୟାପିଲା ପରେ ଔଷଧ ଖୋଜା ହେଉଛି। ଏହା ସତ୍ୟ ଯେ, ଇସ୍‌ଲାମୀୟ ଦେଶଗୁଡ଼ିକରେ ଯେଉଁଭଳି ଭାବେ ଆତଙ୍କବାଦୀ ଚିନ୍ତାଧାରା ସୃଷ୍ଟି ହେଉଛି ତାହା ଅନ୍ୟ ଧର୍ମୀୟ ଦେଶରେ ଦେଖାଯାଉ ନାହିଁ। କେବଳ ଭାରତ ନୁହେଁ, ଅଷ୍ଟ୍ରେଲିଆରୁ ଫ୍ରାନ୍ସ ପର୍ଯ୍ୟନ୍ତ ସବୁ ଆତଙ୍କବାଦୀ ଆକ୍ରମଣ ପଛରେ ମୁସଲମାନ ସମ୍ପ୍ରଦାୟର ସିଧାସଳଖ ସମ୍ପୃକ୍ତି ରହିଛି। ଏଥିରୁ ବୁଝିବାକୁ ହେବ ଯେ, ଇସ୍‌ଲାମୀୟ ଦେଶଗୁଡ଼ିକରେ ଅତ୍ୟାଚାର ବୃଦ୍ଧି ପାଉଥିବାରୁ ସେଠାକାର ଲୋକମାନେ ଅତିଷ୍ଠ ହୋଇ ଅନ୍ୟ ଦେଶକୁ ପଳାଉଛନ୍ତି। ସେମାନଙ୍କ ଚରିତ୍ର ବଦଳୁ ନ ଥିବା ହେତୁ ନୂଆ ଦେଶରେ ମଧ୍ୟ ନିଆଁ ଲଗାଉଛନ୍ତି। ପାକିସ୍ତାନ କଥା ଦେଖିଲେ ତା'ର ଅର୍ଥନୀତି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଇ ସେହି ଦିଗରେ ଅର୍ଥ ବରବାଦ କରିଥିବା ପାକିସ୍ତାନ ଅର୍ଥନୀତିକୁ ସୁଧାରିବାକୁ ଚାହିଁବା ବେଳକୁ ବିଚ୍ଛିନ୍ନତାବାଦୀଙ୍କ ଆକ୍ରମଣ ଯୋଗୁ ନଇଁପଡ଼ିବା ସ୍ୱାଭାବିକ। କେବଳ ପାକିସ୍ତାନ ନୁହେଁ, ବିଶ୍ୱର ଅନେକ ଇସ୍‌ଲାମିକ ରାଷ୍ଟ୍ର ଆତଙ୍କବାଦ ସହ ଜଡ଼ିତ ରହିଥିବାରୁ ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଆଫଗାନିସ୍ତାନରେ ତାଲିବାନଙ୍କ ପ୍ରାଦୁର୍ଭାବ ଯୋଗୁ ସେହି ଦେଶ ଘୋର ସଙ୍କଟ ଦେଇ ଗତି କରୁଛି। ଇରାକ୍, ଇରାନ୍, ଲିବ୍ୟା, ସିରିଆ ସମେତ ମଧ୍ୟପ୍ରାଚ୍ୟ ଆତଙ୍କବାଦୀ କାର୍ଯ୍ୟକାଳପ ଯୋଗୁ ଅସ୍ଥିରତା ଦେଇ ଗତି କରୁଛି। ଅଲ୍ କାଏଦା ହେଉ ବା ଇସ୍‌ଲାମିକ୍ ଷ୍ଟେଟ(ଆଇଏସ୍) ଭଳି ଆତଙ୍କବାଦୀ ସଙ୍ଗଠନକୁ ପରୋକ୍ଷରେ ଜନ୍ମ ଦେଇଥିବା ଆମେରିକା ମଧ୍ୟ ନିଜେ ଉଗ୍ରବାଦର ସମ୍ମୁଖୀନ ହୋଇଥିବାର ପ୍ରମାଣ ଅତୀତ ଦେଇସାରିଛି। ଯେତେବେଳେ ଆମେରିକା ଭଳି ରାଷ୍ଟ୍ର ଏହାର କୁପ୍ରଭାବକୁ ସାମ୍ନା କଲା, ସେଭଳି ସ୍ଥଳେ ଯୁଦ୍ଧ, ଅନ୍ତର୍ଘାତୀ ବା ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତ୍ୟେକ ଦେଶ ନିରୁତ୍ସାହିତ କରିବା ଦରକାର। ଆସନ୍ନ ବିପଦକୁ ଦେଖିପାରୁଥିବା ରାଷ୍ଟ୍ର ଯଦି ଏଭଳି ସମୟରେ ନିଜକୁ ସୁଧାରିବାକୁ ନ ଚାହିଁବ, ତେବେ ତାକୁ ରକ୍ଷା କରିବା ଲାଗି କେହି ଆଗେଇ ଆସିବେ ନାହିଁ। କାରଣ ଭୂରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା ପ୍ରାୟ ପ୍ରତ୍ୟେକ ରାଷ୍ଟ୍ରକୁ କାବୁ କରିସାରିଛି। ନିଜ ଆଭ୍ୟନ୍ତରୀଣ ରାଜନୈତିକ ସମସ୍ୟାରୁ ବଞ୍ଚିବା ପାଇଁ ଅନ୍ୟ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଯାଇ ଆତଙ୍କବାଦ ବ୍ୟବହାର କଲେ ତାହା ଭସ୍ମାସୁର ରୂପ ନେବା ନିଶ୍ଚିତ।

# ଏକ ଅନ୍ତର୍ମୁଖୀ ଜୀବନ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଲଣ୍ଡନ ସହରର ପଶ୍ଚିମ ଦିଗରେ ପ୍ରାୟ ୨୨୫ କିଲୋମିଟର ଦୂରରେ ବନ୍ଦର-ନଗର ବ୍ରିଷ୍ଟଲ ଅବସ୍ଥିତ। ଏହି ସହରରେ ଅନେକ ବରପୁତ୍ର ଜନ୍ମ ହୋଇଛନ୍ତି। ବିଂଶ ଶତାବ୍ଦୀର ବିଖ୍ୟାତ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହଲିଉଡ୍ ଅଭିନେତା କେରି ଗ୍ରାଣ୍ଟ (୧୯୦୪–୧୯୮୬), ଯିଏକି ଦୁଇ ଥର ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହେବା ସହ ୧୯୭୦ରେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପାଇଥିଲେ। ତାଙ୍କ ସମ୍ମାନାର୍ଥେ ବ୍ରିଷ୍ଟଲରେ ବିଜ୍ଞାନ–ମ୍ୟୁଜିୟମ ନିକଟରେ ଏକ ମନଲୋଭା ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ସ୍ଥାନଠାରୁ ଅଳ୍ପ ଦୂରରେ ବ୍ରିଷ୍ଟଲରେ ଜନ୍ମିତ ପଦାର୍ଥଶାସ୍ତ୍ରୀ ପଲ୍ ଡିରାକଙ୍କ ପ୍ରତିମୂର୍ତ୍ତି ମଧ୍ୟ ଶୋଭାପାଉଛି। ଉଭୟ ଗ୍ରାଣ୍ଟ ଓ ଡିରାକ ଏକା ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ପୁଣି ଡିରାକଙ୍କ ପ୍ରତିମୂର୍ତ୍ତି ନିକଟରେ ନିଜ ନାମ ବହନ କରିଥିବା ଗୋଟିଏ କୋଠା ନିର୍ମାଣ କରାଯାଇଛି, ଯେଉଁଠାରେ ଆଇଓପି (ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ)ର ପ୍ରକାଶନ ସଂସ୍ଥା ଅବସ୍ଥାପିତ। ପ୍ରକାଶ ଥାଉ କି, ଏକଦା ଆଇଜାକ ନିଉଟନ କେମ୍ବ୍ରିଜର କାସିଆନ ପ୍ରଫେସର ଭାବେ ଅଧିଷ୍ଠିତ ହୋଇଥିବା ପଦବୀରେ ଡିରାକ ୧୯୩୨ରେ ସେହି ଆସନରେ ନିଯୁକ୍ତ ହୋଇଥିଲେ। ପୁଣି ମାତ୍ର ୩୧ ବର୍ଷ ବୟସରେ ସେ ପଦାର୍ଥବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ, ଯେଉଁଥିପାଇଁ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନରେ ସର୍ବକନିଷ୍ଠ ବିଜେତା ଭାବେ ସେହି ସମୟରେ ତାଙ୍କ ନାମ ଲିପିବଦ୍ଧ ହୋଇଥିଲା। କ୍ୱାଣ୍ଟମ୍ ମେକାନିକ୍ସରେ ତାଙ୍କ ଅଭୂତପୂର୍ବ ସଫଳତା ଲକ୍ଷ୍ୟ କରି କେତେଜଣ ବିଶେଷଜ୍ଞ ମତ ଦିଅନ୍ତି ଯେ, ନିଉଟନଙ୍କ ପରେ ବ୍ରିଟିଶ ଫିଜିସିଷ୍ଟମାନଙ୍କ ମଧ୍ୟରେ ସେ ହେଉଛନ୍ତି ସର୍ବଶ୍ରେଷ୍ଠ।

ତଥାପି ବ୍ରିଷ୍ଟଲ ସହରରେ କେରି ଗ୍ରାଣ୍ଟଙ୍କ ଯେଉଁ ପ୍ରସିଦ୍ଧି ରହିଛି, ଡିରାକ ସେଇ ତୁଳନାରେ ଯଥେଷ୍ଟ ନ୍ୟୂନ। ଏହାର ଗୋଟିଏ କାରଣ ହୋଇପାରେ ଯେ, ଚଳଚ୍ଚିତ୍ର ପରି ବିଜ୍ଞାନ ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରି ନାହିଁ। ତେବେ ମୁଖ୍ୟତଃ ଡିରାକଙ୍କ କ୍ଷେତ୍ରରେ ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ତାଙ୍କ ଚରିତ୍ର ଓ ସ୍ୱଭାବ। ସେ ସ୍ୱଳ୍ପଭାଷୀ ଥିଲେ। ସାମାଜିକ କ୍ଷେତ୍ରରେ ସମ୍ପୃକ୍ତିଠାରୁ ଦୂରରେ ରହୁଥିଲେ। କମ୍ ଶବ୍ଦ ଉଚ୍ଚାରଣ କରୁଥିଲେ। ସେ ଯେତେବେଳେ ଘରୁ ପଦାକୁ ବାହାରୁଥିଲେ, ରାସ୍ତାରେ କାନ୍ଥ କଡ଼ରେ ଲୁଚି ଯାତାୟାତ କରୁଥିଲେ। ପୁଣି ଜଣାଯାଏ ଯେ, ଟିନ୍–ଏଜ୍‌ରେ କିଶୋର କିଶୋରୀମାନେ ସ୍ୱଭାବତଃ ଯୌନ–ଆକର୍ଷଣର ସ୍ପର୍ଶ ଅନୁଭବ କରିଥାନ୍ତି। କିନ୍ତୁ ଏହି ଲକ୍ଷଣ ତାଙ୍କଠାରେ ପ୍ରକଟିତ ହୋଇ ନ ଥିଲା। ତାଙ୍କଠାରେ ପୁଲକ ଉଙ୍କିମାରୁ ନ ଥିଲା।

ମୋଟାମୋଟି ଭାବେ ସମସ୍ତେ ସ୍ୱୀକାର କରିବେ ଯେ, ଡିରାକଙ୍କ ଆଚରଣ ଅସ୍ୱାଭାବିକ ଓ ବିଚିତ୍ର। ଏହି ପରିପ୍ରେକ୍ଷୀରେ ତାଙ୍କ ସମ୍ପର୍କରେ ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଛି, ତାହା ଉଦ୍ଧାର କରାଯାଇପାରେ, 'ମୌଳିକ କଣିକାମାନଙ୍କ ସମ୍ବନ୍ଧରେ 'ଷ୍ଟ୍ରେଞ୍ଜ୍‌ନେସ୍' ନାମକ ଗୋଟିଏ କ୍ୱାଣ୍ଟମ ନମ୍ବର ରହିଛି। ଏହି ସଂଖ୍ୟାରୁ ଗୋଟିଏ କଣିକା କେତେ ଶୀଘ୍ର କ୍ଷୟ ହୁଏ, ତାହା ଜଣାପଡ଼େ। ଷ୍ଟ୍ରେଞ୍ଜ୍‌ନେସ୍ ନମ୍ବର ପ୍ରୋଟୋନ ଓ ଇଲେକ୍ଟ୍ରୋନ ପାଇଁ ଜିରୋ। କାରଣ ସେମାନଙ୍କଠାରେ ଉଦ୍ଦିଷ୍ଟ ପରିବର୍ତ୍ତନଶୀଳତା ପରିଦୃଷ୍ଟ ହୋଇ ନ ଥାଏ। ତେବେ ଓମେଗା ମାଇନସ୍ ପରି କଣିକାଗୁଡ଼ିକଠାରେ ଏହି ସଂଖ୍ୟା ହେଉଛି ମାଇନସ୍ ତିନି, କାରଣ ସେମାନଙ୍କର ତିନୋଟି କ୍ୱାର୍କ ଅଛି। ... ଯଦି ଡିରାକ ଗୋଟିଏ କଣିକା ହୋଇଥାନ୍ତେ, ତା'ହେଲେ ତାଙ୍କୁ 'ଷ୍ଟ୍ରେଞ୍ଜ୍' ଭାବେ ନିଶ୍ଚିତ ପରିଚିତ କରାଯାଇଥାନ୍ତା।' କ୍ରାଘଙ୍କ ଉପରୋକ୍ତ ତୁଳନାତ୍ମକ ଆକଳନ ନିରାଧାର ବୋଲି କହି ହେବ ନାହିଁ। ଏହି ମର୍ମରେ କେତୋଟି ଘଟଣା ଉପସ୍ଥାପନ କରାଯାଇପାରେ। ଦୀର୍ଘ ଦିନ ଧରି ତାଙ୍କ ସହ ସୁପରିଚିତ ଥିବା କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଜଣେ ପଦାର୍ଥବିଜ୍ଞାନୀ ଲକ୍ଷ୍ୟ କରିଥିଲେ ଯେ, ଯଦି ବିଜ୍ଞାନ–ସମ୍ପୃକ୍ତ କୌଣସି ପ୍ରଶ୍ନ ତାଙ୍କୁ ପଚରାଯାଏ, ସେ ପାଞ୍ଚ ମିନିଟ ଛାତକୁ ଚାହାନ୍ତି, ପାଞ୍ଚ ମିନିଟ ଝରକାକୁ ଏବଂ ତା'ପରେ ଗୋଟିଏ ପଦରେ ଉତ୍ତର ସାରିଦିଅନ୍ତି: 'ହଁ' କିମ୍ବା 'ନାହିଁ'। କିନ୍ତୁ ଉତ୍ତର ଠିକ୍ ଥାଏ। ବେଳେବେଳେ ସେ ଖୁବ୍ ବେଶିରେ ଆଉ ଦୁଇଟି ଶବ୍ଦ ମିଶେଇଥାନ୍ତି, 'ମୁଁ ଜାଣେ ନାହିଁ।' ଅବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପରି!

ଡିରାକଙ୍କୁ ୨୩ ବର୍ଷ ହୋଇଥିବାବେଳେ ତାଙ୍କ ବଡ଼ ଭାଇ ରେଗିନାଲ୍ଡ ଆତ୍ମହତ୍ୟା କରିଥିଲେ। ସେତେବେଳେ ତାଙ୍କ ବାପା–ମା ଦୁଃଖରେ ଭାଙ୍ଗିପଡ଼ିଲେ। ସେଇ ଅବସରରେ ଡିରାକ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ ଓ ବୁଝିପାରି ନ ଥିଲେ, 'ମୋ ବାପା–ମା' ଏତେ ମାତ୍ରାରେ ଯତ୍ନଶୀଳ ଓ ଉତ୍କଣ୍ଠିତ ଥିଲେ ବୋଲି ମୁଁ ଜାଣି ନ ଥିଲି! ମୁଁ କଦାପି ଚିନ୍ତା କରି ନ ଥିଲି ଯେ, ଅଭିଭାବକମାନେ ନିଜ ସନ୍ତାନମାନଙ୍କ ଯତ୍ନ ଓ ଦାୟିତ୍ୱ ନେବା ଆଶା କରାଯାଏ। ତା'ପରଠୁ ମୁଁ ଏହା ଜାଣିଲି।' ବିଭିନ୍ନ ପ୍ରକାର ପ୍ରବଳ ମାନସିକ ଧକ୍କା ଭୋଗିଥିବା ସତ୍ତ୍ୱେ ଡିରାକ ଜୀବନରେ ଥରେ ମାତ୍ର ୧୯୫୫ରେ କାନ୍ଦିଥିଲେ, ଯେତେବେଳେ ତାଙ୍କ ଅନ୍ତରଙ୍ଗ ଆଇନଷ୍ଟାଇନଙ୍କ ଦେହାବସାନ ଘଟିଲା। ଆବେଗଶୂନ୍ୟ ଓ ଅବିଚଳିତ ଭାବେ ରହିବା ଏକ ଅନନ୍ୟସାଧାରଣ ପ୍ରକୃତି।



ଯେତେବେଳେ ନୋବେଲ ପୁରସ୍କାର ଘୋଷଣା କରାଗଲା, ଡିରାକ ଏହା ପ୍ରତ୍ୟାଖ୍ୟାନ କରିବା ପାଇଁ ଇଚ୍ଛୁକ ଥିଲେ, କାରଣ ସେ ଭୟ କରୁଥିଲେ ଯେ, ସେ ଆଉ ଶାନ୍ତିରେ ରହିପାରିବେ ନାହିଁ। ଅଭିନନ୍ଦନର ସୁଅ ତାଙ୍କୁ ବ୍ୟତିବ୍ୟସ୍ତ କରିବ। ବିଭିନ୍ନ ବ୍ୟକ୍ତି ଓ ସଂଗଠନ ସାକ୍ଷାତ୍କାର ଓ ଫଟୋଅପ୍ ପାଇଁ ତାଙ୍କୁ ଅଥୟ କରିଦେବେ। ସର୍ବୋପରି ତାଙ୍କ ଗବେଷଣା କାର୍ଯ୍ୟ ଅତି ମାତ୍ରାରେ ବାଧାପ୍ରାପ୍ତ ହେବ। କିନ୍ତୁ ନୋବେଲ ବିଜୟୀ ଏର୍ନେଷ୍ଟ ରଦରଫୋର୍ଡ (ନ୍ୟୁଜିଲାଣ୍ଡ) ଉପଦେଶ ଦେଲେ ଯେ, ପୁରସ୍କାର ଗ୍ରହଣ ନ କଲେ ସେ ଆହୁରି ଅଧିକ ଆଲୋଚିତ ହେବେ ଓ ସାରାବିଶ୍ୱର ଏହା ଦୃଷ୍ଟିଆକର୍ଷଣ କରିବା ଫଳରେ ସେ ମୁହୂର୍ତ୍ତେ ମଧ୍ୟ ଶାନ୍ତିରେ ରହିପାରିବେ ନାହିଁ। ତେଣୁ ପୁରସ୍କାର ଗ୍ରହଣ କରିବା ଏକ ବିଜ୍ଞ ପଦକ୍ଷେପ ହେବ। ଡିରାକ ରଦରଫୋର୍ଡଙ୍କ ପରାମର୍ଶ ସ୍ୱୀକାର କରିଥିଲେ ପରିଶେଷରେ ଅନିଚ୍ଛା ସତ୍ତ୍ୱେ।

୧୯୫୩ ରେ ତାଙ୍କୁ ବ୍ରିଟିଶ ନାଇଟହୁଡ୍ ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, କିନ୍ତୁ ସେ ଏହା ପ୍ରତ୍ୟାଖ୍ୟାନ କରିଥିଲେ। କାରଣ ତାଙ୍କ ନାମ ଆଗରେ 'ସାର୍' ଯୋଡ଼ାଯିବ ଓ ସେ 'ସାର୍ ପଲ୍' ଭାବେ ସମ୍ବୋଧିତ ହେବେ! ଏହା ସେ ପସନ୍ଦ କରୁ ନ ଥିଲେ। ଅବଶ୍ୟ ୨୦ ବର୍ଷ ପରେ ୧୯୭୩ରେ ଉଚ୍ଚ ମର୍ଯ୍ୟାଦାସମ୍ପନ୍ନ 'ଅର୍ଡର ଅଫ ମେରିଟ' ଦ୍ୱାରା ମହିମାମଣ୍ଡିତ ହେବାକୁ ନାରାଜ ହୋଇ ନ ଥିଲେ, ଯଦିଚ ଏହା ନାଇଟ–ହୁଡ୍ ଅପେକ୍ଷା ଅଧିକ ଗୌରବାବହ ନ ଥିଲା।

ଲଣ୍ଡନର ଏକ ଖବରକାଗଜ ତାଙ୍କୁ ଲକ୍ଷ୍ୟକରି ଶିରୋନାମା ଲେଖିଥିଲା, 'ଦା ଜିନିଅସ୍ ହୁ ଫିୟର୍‌ସ ଅଲ୍ ଓମେନ... ସାର୍ ଆଜ୍ ଏ ଗଜଲ ଆଣ୍ଡ ମୋଡେଷ୍ଟ ଆଜ୍ ଏ ଭିକ୍ଟୋରିଆନ ମେଡ।' ଅର୍ଥାତ୍ ସେ ଗୋଟିଏ କ୍ଷୁଦ୍ର ନମନୀୟ କୃଷ୍ଣସାର ମୃଗ ପରି ଲଜ୍ଜାଶୀଳ ଥିଲେ। ନିଜ ପୋଷାକ ପରିଚ୍ଛଦ ସମ୍ପୂର୍ଣ୍ଣ ପରିଚ୍ଛନ୍ନ ରଖିବା ସହ ସମୟାନୁବର୍ତ୍ତୀ ହୋଇ କାମ କରୁଥିଲେ, ଯାହାକି ଭିକ୍ଟୋରିଆନ୍ ଚାକରାଣୀର କାର୍ଯ୍ୟପଦ୍ଧତି ସଦୃଶ।

ତାଙ୍କର ଏହି ଲକ୍ଷଣ ଗୋଟିଏ ଘଟଣା ଦ୍ୱାରା ପୁଷ୍ଟ ହେଉଛି। ଯେତେବେଳେ ମହତ୍ତ୍ୱପୂର୍ଣ୍ଣ ସମ୍ମିଳନୀ ଓ ସମ୍ମାନରେ ଯୋଗ ଦେବାକୁ ଥିବା ସଦସ୍ୟମାନେ ପ୍ରଥା ସମର୍ଥିତ ପୋଷାକ ପିନ୍ଧିବା ଘଟଣା ଅନୁସୃତ। ଏକଦା ବ୍ରୁସେଲ୍‌ସରେ ୧୯୨୭ରେ ଅନୁଷ୍ଠିତ ପଞ୍ଚମ ସୋଲ୍‌ଭେ କନ୍‌ଫରେନ୍ସରେ ପରବର୍ତ୍ତୀ ସମୟରେ ତାଙ୍କ ସହ ନୋବେଲ ସହବିଜେତା ସ୍କ୍ରୋଡିର ଗୋଟିଏ ସ୍ପୋର୍ଟ୍ସ ଜ୍ୟାକେଟ ଓ ବୋ–ଟାଇ ପିନ୍ଧି ଆସିଥିଲେ। ପରମ୍ପରାର ଖାତିରରେ ଡିରାକ ଅନ୍ୟ ସଦସ୍ୟମାନଙ୍କ ପରି କଳା କୋଟ୍ ଓ ଷ୍ଟାର୍ଚ୍ଚଡ କଲାର ଥିବା ପୋଷାକ ପରିଧାନ କରିଥିଲେ। ବନ୍ଧୁ ସ୍କ୍ରୋଡିରଙ୍କ ବ୍ୟବସ୍ଥା ତାଙ୍କୁ ଗଭୀର ଦୁଃଖ ଦେଇଥିଲା।

ବାସ୍ତବିକ ଡିରାକ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ। ସେ କେତେକ ବିଷୟରେ ଅତି ପ୍ରତିକ୍ରିୟାଶୀଳ ହୋଇଯାଉଥିଲେ। ତେବେ ଡିରାକଙ୍କୁ ବୁଝିବା ସକାଶେ ଆମେରିକୀୟ ଲେଖିକା ସୁସାନ କେନ ଅନ୍ତର୍ମୁଖୀ ବ୍ୟକ୍ତି (ଇଣ୍ଟ୍ରୋଭେର୍ଟ)ମାନଙ୍କ ସମ୍ପର୍କରେ ଯାହା ଲେଖିଛନ୍ତି, ତାହା ଅତ୍ୟନ୍ତ ଉପାଦେୟ, 'ଭଲ ଭାବେ କହୁଥିବା ଓ ଅଭିନବ ଧାରଣା ଜାତ କରୁଥିବା ବ୍ୟକ୍ତି ପରସ୍ପରଠାରୁ ଅଲଗା। ଆମର ସଭ୍ୟତା ନୀରବ ଓ ଗମ୍ଭୀର ବ୍ୟକ୍ତିମାନଙ୍କ ବିପକ୍ଷେ ପକ୍ଷପାତପୂର୍ଣ୍ଣ ମତ ପୋଷଣ କରିଥାଏ। କିନ୍ତୁ ଅନ୍ତର୍ମୁଖୀ ବ୍ୟକ୍ତିମାନେ ମାନବ–ସମାଜର ଅନେକ କୃତିତ୍ୱ ପାଇଁ ଦାୟୀ।' ଏହି ବିଚାରକୁ ପ୍ରାଧାନ୍ୟ ଦେଲେ ଡିରାକଙ୍କୁ ବୁଝିବା ଅଧିକ ପ୍ରାସଙ୍ଗିକ ଓ ବାସ୍ତବ ହେବ। ତେଣୁ ବ୍ରିଷ୍ଟଲ ସହରରେ ଯଦିଓ ଡିରାକ ଅଭିନେତା କେରି ଗ୍ରାଣ୍ଟଙ୍କ ପରି ଜନପ୍ରିୟ ହୋଇପାରି ନାହାନ୍ତି, ଏଥିରେ କୌଣସି ବୈଚିତ୍ର୍ୟ ନାହିଁ।

ବଡ଼ଖେମୁଣ୍ଡି ବଙ୍ଗଳା
ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩

# ଗଛ ଅଛି ଫଟୋରେ, ଗଛ ନାହିଁ ମାଟିରେ



ସତ୍ୟନାରାୟଣ ଦେହୁରୀ

ପ୍ରତିବର୍ଷ କିଛି କିଛି ବୃକ୍ଷ ରୋପଣ କରି ଆମ ଅବକ୍ଷୟମୁଖୀ ପରିବେଶକୁ ସୁରକ୍ଷା କରିବା ନିହାତି ଆବଶ୍ୟକ। ପ୍ରତିବର୍ଷ ପାଳନ କରାଯାଉଥିବା ବନମହୋତ୍ସବର ଲକ୍ଷ୍ୟ ହେଲା ୧–ଜଙ୍ଗଲର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା। ୨–ଜଙ୍ଗଲ କ୍ଷୟର କ୍ଷତିକାରକ ପ୍ରଭାବ ବିଷୟରେ ଲୋକଙ୍କୁ ଶିକ୍ଷା ଦେବା। ୩–ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ପାଇଁ ଲୋକଙ୍କୁ ଉତ୍ସାହିତ କରିବା। ୪–ମୃତ୍ତିକା, ଜଳ ଓ ଜୈବ ବିବିଧତାର ସୁରକ୍ଷା କରି ପବନର ଗୁଣାତ୍ମକ ଉନ୍ନତି କରିବା। ଏ ସବୁ ଲକ୍ଷ୍ୟ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଏ। ମାଗଣାରେ ଚାରା ଯୋଗାଇ ଦିଆଯାଏ। ସରକାରୀ ଅର୍ଥ ବ୍ୟୟ କରି ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ ହୁଏ। ଫଟୋ ଉଠାଇ ପ୍ରମାଣ ରଖାଯାଏ। କିନ୍ତୁ କିଛିଦିନ ପରେ ଦେଖାଯାଏ ଯେଉଁଠାରେ ଗଛ ଲଗା ଯାଇଥିଲା ସେଠାରେ ଗଛ ନ ଥାଏ। ତେଣୁ ସେ ଗଛଟି ଫଟୋରେ ହିଁ ରହିଯାଏ। ଯଦି ୧୦୦ଟି ଗଛରୁ ୧୦ଟି ଗଛ ରହିଥାନ୍ତା ତା'ହେଲେ ସରକାରୀ ଅର୍ଥର କିଛି ଅଂଶ ସୁବିନିଯୋଗ ହୋଇଥାନ୍ତା।

ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ମଧ୍ୟ ପାଳନ କରାଯାଉଛି। ଏହିଦିନ ମଧ୍ୟ ବୃକ୍ଷ ରୋପଣକୁ ପ୍ରାଧାନ୍ୟ ଦିଆଯାଏ। ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଏ। ପିଲାମାନଙ୍କୁ ମାଗଣାରେ ଚାରା ଯୋଗାଇ ଦିଆଯାଏ। ସରକାରୀ ବାବୁମାନେ ବହୁ ପରିମାଣରେ ଗଛ ଲଗାଇ ଫଟୋ ଉଠନ୍ତି। ଗଛର ହିସାବ କେହି ରଖନ୍ତି ନାହିଁ। ଏହି ଦିନ ବିଦ୍ୟାଳୟମାନଙ୍କରେ ମଧ୍ୟ ବୃକ୍ଷ ରୋପଣ ହୋଇଥାଏ, ବିଭିନ୍ନ ଅତିଥିମାନଙ୍କୁ ଡକାଇ ଗଛ ଲଗାଯାଏ ଓ ଫଟୋ ଉଠାଯାଇ ରଖାଯାଏ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ, ଅର୍ଥାତ୍ ବିଦ୍ୟାଳୟ ପାଇଁ କୌଣସି ପୁରସ୍କାର ହାତେଇବା ଉଦ୍ଦେଶ୍ୟରେ। ଏଠି ଗୋଟିଏ ଘଟଣା ମନେପଡେ। ଗୋଟିଏ ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଅନେକ ଗଛ ଲଗାଇ ଫଟୋ ଉଠାଇ ପ୍ରକୃତିମିତ୍ର ପୁରସ୍କାର ପାଇଁ ଆବେଦନ କଲେ ଏବଂ ସେଥିରେ ସଫଳ ବି ହେଲେ। କିଛି ମାସ ପରେ ସେହି ପ୍ରଧାନ ଶିକ୍ଷକଙ୍କ ବଦଳି ହୋଇ ଗଲା। ତାଙ୍କ ଜାଗାରେ ଆଉ ଜଣେ ପ୍ରଧାନ ଶିକ୍ଷକ ସେ ବିଦ୍ୟାଳୟକୁ ଆସିଲେ। ସେ ଯେତେବେଳେ ଦେଖିଲେ ଏତେଗୁଡାଏ ଗଛ ଲାଗିଛି ତାଙ୍କର ଲୋଭ ହେଲା। ସେ ମଧ୍ୟ ଗଛଗୁଡିକର ଫଟୋ ଉଠାଇ ଆବେଦନ କଲେ ପୁରସ୍କାର ପାଇଁ। ଧରାଧରି କରି ସେ ମଧ୍ୟ ପୁରସ୍କାର ହାତେଇ ନେଲେ। ତେଣୁ ଫଟୋରେ ହିଁ ଗଛ ବଞ୍ଚି ରହେ। ଗଛ ନ ଲଗାଇ ମଧ୍ୟ ଅନ୍ୟ ଜାଗାର ଫଟୋ ଦେଖାଇ ପୁରସ୍କାର ମିଳିଯାଉଛି। ବାସ୍ତବ ଚିତ୍ରକୁ କେହି ଅନୁଧ୍ୟାନ କରୁନାହାନ୍ତି। ଗଛ ମାଟିରେ ନ ଥିଲେ କ'ଣ ହେଲା ଫଟୋରେ ତ ଅଛି।



ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ଚାରା ନଷ୍ଟ କରାଯାଉଛି। ବୃକ୍ଷରୋପଣ ନାଆଁରେ ଟଙ୍କା ଆସୁଛି। ସେଥିପାଇଁ ଚାରା ପକାଯାଉଛି। ବହୁତ ଅର୍ଥ ବିନିଯୋଗ ହେଉଛି କିନ୍ତୁ ଫଳ ଶୂନ। ଅଳ୍ପ କିଛି ଗଛ ଲଗାଇ ଦିଆଯାଉଛି। ତାହା ପୁଣି ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ପ୍ରତିବର୍ଷ ଲଗାଯାଉଛି। ଇଏ ବଡ ବିଚିତ୍ର କଥା। ଗତ ବର୍ଷ ଯେଉଁ ଜାଗାରେ ଗଛ ଲାଗିଥିଲା ଏବର୍ଷ ପୁଣି ସେହି ଜାଗାରେ ଗଛ ଲଗାଯାଉଛି। ଗତ ବର୍ଷର ଗଛ ଗଲା କେଉଁଆଡେ। ଚାରା ଲାଗିଲା ପରେ ବାକି ବଳକା ଚାରା ସବୁ ଫୋପାଡି ଦିଆଯାଉଛି। କାରଣ ଚାରର ମଧ୍ୟ ହିସାବ ଅଛି। ହିସାବ ଅନୁସାରେ ଟଙ୍କା ଖର୍ଚ୍ଚ ହୋଇଛି।

ଆଜିକାଲି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ମଧ୍ୟ ଗଛ ଲଗାଇବାକୁ ଗୁରୁତ୍ୱ ଦେଉଛନ୍ତି। ପରିବେଶକୁ ନିର୍ମଳ ରଖିବା, କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ହ୍ରାସ କରିବା ଲକ୍ଷ୍ୟ ନେଇ କାମ କରୁଛନ୍ତି। ଉଦ୍ଦେଶ୍ୟ ମହତ୍ କିନ୍ତୁ ବାସ୍ତବତା ଅଲଗା। ସେମାନେ ମଧ୍ୟ କୌଣସି ଗ୍ରାମ କିମ୍ବା ସହର ନିକଟସ୍ଥ ଅଦରକାରୀ ଜାଗାରେ ଗଛ ଲଗାଇ ଫଟୋ ଉଠାଇ ସାରିବା ପରେ କାମ ସରିଗଲା। ସୋସିଆଲ ମିଡିଆରେ ତାକୁ ପୋଷ୍ଟ କରିଦେଲେ ତାଙ୍କର ସେ ଅନୁଷ୍ଠାନକୁ କିଛି ଧନ୍ୟବାଦ, ପ୍ରଶଂସା ମିଳିଯାଏ ତ କିଛି ଅନୁଦାନ ମଧ୍ୟ ମିଳିଯାଏ।

ବର୍ତ୍ତମାନ ସମୟରେ ସାମାଜିକ ବନୀକରଣର ଆବଶ୍ୟକତା ବଢିଯାଇଛି। ଗ୍ରାମ କିମ୍ବା ସହର ନିକଟରେ ଥିବା ଅଦରକାରୀ ଜାଗାରେ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବା, କେବଳ ଫଟୋ ଉଠାଇବା ଉପରେ ଗୁରୁତ୍ୱ ନ ଦେଇ ବାସ୍ତବରେ ପରିବେଶ କଥା ଚିନ୍ତା କରି ଗଛ ଲଗାଇ ସେଗୁଡିକର ରକ୍ଷଣାବେକ୍ଷଣ କରି ବଞ୍ଚାଇବା ଜରୁରୀ। ମାଟିରେ ଗଛଟିଏ କେବଳ ଲଗାଇ ଦେଲେ ବଞ୍ଚେ ନାହିଁ, ତାକୁ ପାଣି ଦେଇ ବଞ୍ଚାଇବା ଓ ତା'ର ରକ୍ଷଣାବେକ୍ଷଣ କରି ଗୋରୁଙ୍କ କବଳରୁ ରକ୍ଷା କରିବା ଆବଶ୍ୟକ ହୋଇଥାଏ। ତା' ହେଲେ ଯାଇ ନୂଆ ଜଙ୍ଗଲଟିଏ ସୃଷ୍ଟି କରିପାରିବା। ବାସ୍ତବିକ ଆଗରୁ ଯେଉଁ ଗଛଗୁଡିକ ଆମର ପୂର୍ବପୁରୁଷ ଲଗାଇଥିଲେ ସେହି ବିଶାଳ ଗଛଗୁଡିକ ଆଉ ଦୃଷ୍ଟିଗୋଚର ହେଉ ନାହିଁ। ବିଭିନ୍ନ କାରଣ ପାଇଁ ସେଗୁଡିକ କାଟି ଦିଆଗଲା। ସେ ଗଛଗୁଡିକର ପରମାୟୁ ବହୁତ ଥିଲା। ଏବେ ମଧ୍ୟ କାଁ ଭାଁ ଅଳ୍ପ କିଛି ପୁରାତନ ଗଛ ଅଛି। ରାସ୍ତାର ଉଭୟ ପାର୍ଶ୍ୱରେ ଯେଉଁ ପୁରୁଣା ଗଛ ଥିଲା ସେଗୁଡିକ କଟାଯାଇ ରାସ୍ତା ପ୍ରଶସ୍ତୀକରଣ ପରେ ନୂତନ ଗଛ ଲଗାଯାଇଛି। ନୂଆ ଗଛଗୁଡିକ ଆକାରରେ ଛୋଟ ହୋଇଥିବାରୁ ବାଟୋଇମାନଙ୍କୁ ଖରାଦିନେ ଛାଇ ପ୍ରଦାନ କରିପାରୁ ନାହିଁ। ସାମାନ୍ୟ ପବନରେ ଡାଳଗୁଡିକ ଭାଙ୍ଗିଯାଉଛି। ଯାହା ବି ହେଉ ଟଙ୍କା ଖର୍ଚ୍ଚ ହେଉଛି ଓ କିଛି କିଛି ଗଛ ଲଗାଯାଉଛି ଇଏ ଏକ ଆଶ୍ୱସ୍ତିର କଥା। କିନ୍ତୁ ସବୁ ଅର୍ଥର ଯଦି ସୁବିନିଯୋଗ ହୁଅନ୍ତା ନିଶ୍ଚିତ ଭାବରେ ପୃଥିବୀ ସବୁଜିମାରେ ଭରିଯାନ୍ତା।

ରାଧାନଗର, ବୌଦ୍ଧ
ମୋ: ୯୯୩୮୭୬୮୩୫୩

## ଏଇ ଭାରତରେ

ଟଙ୍କା ଏଭଳି ଏକ ଜିନିଷ ଯାହା ବେଳେବେଳେ ଭାଇ ଭାଇଙ୍କ ମଧ୍ୟରେ ସାଙ୍ଗ ମଧ୍ୟରେ ଏମିତି କି ବାପା ପୁଅ ମଧ୍ୟରେ ବି ଝଗଡ଼ା ସୃଷ୍ଟି କରାଇ ଦିଏ। ହେଲେ ଆଜିର ସମାଜରେ ଏମିତି କେତେଜଣ ଭଦ୍ର ଓ ସଚ୍ଚୋଟପଣିଆର ବ୍ୟକ୍ତି ଅଛନ୍ତି ଯେଉଁମାନେ ଅନ୍ୟର ଅର୍ଥକୁ ପାଇଲେ ବି ଲୋଭ କରନ୍ତି ନାହିଁ ଓ ହଜାଇଥିବା ବ୍ୟକ୍ତିଙ୍କୁ ଖୋଜି ତାଙ୍କୁ ହସ୍ତାନ୍ତର କରନ୍ତି। ଠିକ୍ ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ରାଜସ୍ଥାନ ଅଲୱର ଜିଲାର କିଶନଗଡ ଅଞ୍ଚଳରେ। ଏହି ଅଞ୍ଚଳର ମୋତିଲାଲ୍ ନାମକ ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବା ସମୟରେ ଏକ ବ୍ୟାଗ୍ ପାଇଥିଲେ। ବ୍ୟାଗରେ କ'ଣ ଅଛି ଭାବି କୌତୂହଳରେ ତାକୁ ଖୋଲିବା ବେଳକୁ ସେ ପ୍ରଥମେ ଚମକି ପଡ଼ିଥିଲେ। କାରଣ ସେଥିରେ କେବଳ ବିଭିନ୍ନ ପ୍ରକାରର ସୁନା ଅଳଙ୍କାର ଭର୍ତ୍ତି ହୋଇ ରହିଥିଲା। ଏତେଗୁଡ଼ିଏ ସୁନା କାହାର ହଜିଥିବ ଭାବି ସେ ଭାରି ବ୍ୟସ୍ତ ହୋଇପଡ଼ିଲେ। ତେଣୁ ତୁରନ୍ତ ସେ ନିକଟସ୍ଥ ଥାନାକୁ ଯାଇ ଜମା କରିଥିଲେ। ସେହିଠାରେ କିଛି ସମୟ ରହିବା ଭିତରେ ଗହଣା ହଜାଇଥିବା ମାଲିକ ମଧ୍ୟ ପହଞ୍ଚି ଯାଇଥିଲେ। ଗହଣା ହଜିବା ନେଇ ଥାନାରେ ରିପୋର୍ଟ ଲେଖାଇବାକୁ ଯିବାବେଳେ ସେ ନିଜର ପର୍ସ ପାଇ ବହୁତ ଖୁସି ହୋଇଯାଇଥିଲେ। ପର୍ସ ଭିତରେ ପ୍ରାୟ ୧୨ ଲକ୍ଷ ଟଙ୍କାର ସୁନା ଗହଣା ରହିଥିଲା ଓ ଏତେ ସବୁ ସୁନା ଗହଣାକୁ ନେଇ ସେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିଲେ। ତେବେ ସୁନା ଗହଣାକୁ ଫେରି ପାଇଥିବାରୁ ସେ ମୋତିଲାଲ୍‌ଙ୍କର ଖୁବ୍ ପ୍ରଶଂସା କରିଥିଲେ। ପୋଲିସ ମଧ୍ୟ ତାଙ୍କୁ ମିଠା ଖୁଆଇ ତାଙ୍କ ସଚ୍ଚୋଟପଣିଆକୁ ଖୁବ୍ ପ୍ରଶଂସା କରିଥିଲା।

## ଚିରନ୍ତନୀ

ଆସ ଗୋ ମୋର ଚପଳ ତାରା
ସନ୍ଧ୍ୟାରାଣୀ ଗଳାର ହାରା,
ଚାତକ ପ୍ରାଣେ ବରଷା ଧାରା, ସୁନ୍ଦରୀ
ଆସ ଗୋ ପ୍ରିୟେ ପରାଣ–ପଥେ ଗୁଞ୍ଜରି।
(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 5 | | | 8 | | 4 |
| 4 | | 6 | | | | | 3 | |
| | | | | | 8 | | 1 | |
| | | | | 6 | 5 | | 9 | |
| | 3 | 2 | | | 7 | | | 5 |
| | | 1 | | 2 | | | | |
| | | | | | | 9 | | 7 |
| 2 | | 4 | | | 9 | | | 6 |
| | 6 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 7 | 1 | 4 | 2 | 8 | 5 |
| 1 | 5 | 2 | 6 | 9 | 8 | 4 | 3 | 7 |
| 4 | 8 | 7 | 3 | 5 | 2 | 6 | 1 | 9 |
| 7 | 2 | 3 | 9 | 6 | 5 | 1 | 4 | 8 |
| 5 | 9 | 1 | 8 | 4 | 3 | 7 | 2 | 6 |
| 8 | 4 | 6 | 2 | 7 | 1 | 9 | 5 | 3 |
| 9 | 1 | 4 | 5 | 3 | 7 | 8 | 6 | 2 |
| 2 | 7 | 5 | 1 | 8 | 6 | 3 | 9 | 4 |
| 3 | 6 | 8 | 4 | 2 | 9 | 5 | 7 | 1 |

ପୂର୍ବ ସଂସ୍କରଣର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସଂଗୃହୀତ ରକ୍ତରେ ବେପାର

ମହାଶୟ,
ସ୍ୱେଚ୍ଛାକୃତ ଭାବେ ଯୁବତୀ ଯୁବକ କୌଣସି ଜଟିଳ ରୋଗାକ୍ରାନ୍ତ ପୀଡ଼ିତର ଜୀବନ ରକ୍ଷା ଉଦ୍ଦେଶ୍ୟରେ ରକ୍ତ ଦାନ କରୁଥିବା ବେଳେ ସଂଗୃହୀତ ହେଉଥିବା ରକ୍ତକୁ ନେଇ ବେପାର ଚାଲିବା ଅମାନବୀୟ ବୋଲି କୁହାଯାଇପାରେ। ରକ୍ତଦାନ ଶିବିର ଆୟୋଜନ କରୁଥିବା ସଂସ୍ଥା ବା ଅନୁଷ୍ଠାନ ରକ୍ତ ସଂଗ୍ରହ ପରେ ସେଗୁଡିକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ କିପରି ରୋଗୀଙ୍କୁ ଦିଆଯାଇ ପାରିବ ସେ ବିଷୟରେ ଚିନ୍ତା କରାଯିବା ଦରକାର। ଅବ୍ୟବହୃତ ରକ୍ତ ପ୍ୟାକେଟ୍ ଟିଭିରେ ମ୍ୟୁନିସିପାଲଟି ଡଷ୍ଟବିନ୍‌ରେ ପଡିଥିବାର ଦେଖାଯାଏ। ସେତେବେଳେ ପ୍ରଶ୍ନ ଉଠେ ତେବେ ଆବଶ୍ୟକ ନ ଥିବା ବେଳେ କାହିଁକି ଏତେ ରକ୍ତ ସଂଗୃହୀତ ହୋଇ ଫିଙ୍ଗା ଫୋପଡା ହେବ। ରକ୍ତଦାନ ଶିବିରର ଉଦ୍ୟୋକ୍ତା ନିଜକୁ ବିଜ୍ଞାପିତ କରି ଫଟୋ ଉଠାଇ ନା କମେଇବାର ଅଭିସନ୍ଧି ବାଞ୍ଛନୀୟ ନୁହେଁ। ଜିଲାର ମୁଖ୍ୟ ଚିକିତ୍ସାଧିକାରୀ ଓ ବ୍ଲଡ୍ ବ୍ୟାଙ୍କର କର୍ମକର୍ତ୍ତା ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

**– ହରମୋହନ ମହାନ୍ତି, ଦତତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩ ପିଲାଙ୍କୁ ହତ୍ୟାକରି ବାପାଙ୍କ ଆତ୍ମହତ୍ୟା

**ଗିରିଡିହ, ୧୬।୩**

ଝାଡ଼ଖଣ୍ଡର ଗିରିଡିହ ଜିଲା ପିର୍‌ଟାଣ୍ଡ ଥାନା ଅଞ୍ଚଳରେ ସନାଉଲ ଅଂଶାରୀ ନାମକ ଜଣେ ବ୍ୟକ୍ତି(୩୬) ନିଜର ୨ ନାବାଳିକା ଝିଅ ଆଫ୍‌ରିନ ପର୍‌ବିନ(୧୨) ଓ ଜେବା ନାଜ୍(୮) ଏବଂ ନାବାଳକ ପୁଅ ସଫାଉଲ ଅଂଶାରୀ(୬)ଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଛନ୍ତି। ପଡ଼ୋଶୀଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ସହ ୪ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଗିରିଡିହ ସଦର ହସ୍ପିଟାଲ ପଠାଇଛି। ସନାଉଲଙ୍କ ସ୍ତ୍ରୀ ୨ ଦିନ ତଳେ ଗିରିଡିହସ୍ଥିତ ନିଜ ବାପଘର ଜମଦରା ଗ୍ରାମକୁ ଯାଇଥିଲେ। ତେଣୁ ସେ ଘରେ ନ ଥିଲେ ବୋଲି ପୋଲିସ କହିଛି। ସନାଉଲ ତାଙ୍କ ୩ ପିଲାଙ୍କର ଗଳା ଚିପି ହତ୍ୟାକରି ନିଜେ ରଶି ଲଗାଇ ଆତ୍ମହତ୍ୟା କରଥିବା ନେଇ ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଥିବା ସ୍ଥାନୀୟ ଏସ୍‌ଡିପିଓ ସୁମିତ ପ୍ରସାଦ କରିଛନ୍ତି। ତେବେ ରାଜମିସ୍ତ୍ରି ଭାବେ କାର୍ଯ୍ୟରତ ସନାଉଲ କାହିଁକି ନିଜର ୩ ପିଲାଙ୍କୁ ହତ୍ୟାକରି ନିଜେ ଆତ୍ମହତ୍ୟା କରିଛନ୍ତି, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଘଟଣାର ବିଭିନ୍ନ ଦିଗକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

# ହୋଲି ଖେଳିବା ଇସ୍‌ଲାମରେ ଅପରାଧ





**କୋଲକାତା,୧୬।୩**

ସର୍ବଭାରତୀୟ ମୁସଲିମ ଜମାତ ସଭାପତି ମୌଲାନା ଶାହାବୁଦ୍ଦିନ ରଜ୍‌ଭି ଭାରତୀୟ ପେସର ମହମ୍ମଦ ଶାମିଙ୍କୁ ସମାଲୋଚନା କରିବା ପରେ ଏବେ ତାଙ୍କ ଝିଅଙ୍କୁ ଟାର୍ଗେଟ କରିଛନ୍ତି। ଶାମିଙ୍କ ଝିଅ ହୋଲି ଖେଳିବାରୁ ମୌଲାନା ରଜ୍‌ଭି ତାହାକୁ ଅପରାଧ ଓ ଶାରିୟା ଆଇନ ବିରୋଧୀ ବୋଲି କହିଛନ୍ତି। ସେ ଜଣେ ଛୋଟ ଝିଅ। ଯଦି ସେ ନ ଜାଣି ହୋଲି ଖେଳିଛନ୍ତି, ତେବେ ତାହା ଅପରାଧ ନୁହେଁ। କିନ୍ତୁ ଯଦି ସେ ସବୁ କିଛି ବୁଝି ଏହା କରିଛନ୍ତି, ତେବେ ଏହାକୁ ଶାରିୟା ଆଇନ ବିରୋଧୀ ବୋଲି ଧରାଯିବ। ମୁଁ ଶାମି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅନୁରୋଧ କରୁଛି ଯେ, ଯାହା ଶାରିୟା ଆଇନରେ ନାହିଁ, ତାହା ଛୁଆଙ୍କୁ କରିବାକୁ ଦିଅ ନାହିଁ। ହୋଲି ହିନ୍ଦୁଙ୍କ ପାଇଁ ଏକ ବଡ଼ ପର୍ବ। କିନ୍ତୁ ମୁସ୍‌ଲିମ୍‌ମାନେ

### ମହମ୍ମଦ ଶାମିଙ୍କ ପରେ ତାଙ୍କ ଝିଅଙ୍କୁ ଟାର୍ଗେଟ କଲେ ରଜ୍‌ଭି

ଏହାଠାରୁ ଦୂରେଇ ରହିବା ଉଚିତ। ଯଦି କେହି ଶାରିୟା ଆଇନକୁ ଜାଣିବା ପରେ ହୋଲି ପାଳନ କରୁଛନ୍ତି, ତେବେ ତାହା ଅପରାଧ ବୋଲି ମୌଲାନା ରଜ୍‌ଭି ଏକ ଭିଡିଓରେ କହିଛନ୍ତି। ନିକଟରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଖେଳ ସମୟରେ ଶାମି ରମ୍‌ଜାନ୍ ମାସ ଚାଲିଥିବା ସତ୍ତ୍ୱେ ଏନର୍ଜି ଡ୍ରିଙ୍କ୍‌ସ୍ ପିଇବାକୁ ନେଇ ରଜ୍‌ଭି ଟାର୍ଗେଟ୍ କରିଥିଲେ। ରମ୍‌ଜାନ ମାସରେ ଉପବାସ ନ କରି ଶାମି ଡ୍ରିଙ୍କ୍‌ସ ନେବାକୁ ସେ ଇସଲାମ ବିରୋଧୀ ବୋଲି ସେ କହିଥିଲେ। ଅପରପକ୍ଷରେ ସେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇବା ସହ ଦଳର ଅଧିନାୟକ, ସମସ୍ତ ଖେଳାଳି ଓ ମହମ୍ମଦ ଶାମିଙ୍କୁ ସଫଳତାର ଶ୍ରେୟ ଦେଇଥିଲେ।

# ଭାରତ-ଚାଇନା ପ୍ରତିଯୋଗିତା ସଂଘର୍ଷ ହେବା ଅନୁଚିତ

### ପୋଡ୍‌କାଷ୍ଟର ଲେକ୍ସ ଫ୍ରିଡ୍‌ମ୍ୟାନ୍‌ଙ୍କୁ ସାକ୍ଷାତକାର ଦେଲେ ପ୍ରଧାନମନ୍ତ୍ରୀ ମୋଦି



**ନୂଆଦିଲ୍ଲୀ,୧୬।୩(ପି.ଟି.)**

ଭାରତ ଓ ଚାଇନା ମଧ୍ୟରେ ରହିଥିବା ମତଭେଦକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଭାବିକ ବୋଲି ଦର୍ଶାଇବା ସହ ଅତୀତର ଉତ୍ତେଜନା ସତ୍ତ୍ୱେ ପଡ଼ୋଶୀ ଦେଶ ସହ ଆଲୋଚନା କରାଯିବା ସପକ୍ଷରେ ମତ ଦେଇଛନ୍ତି। ପାରସ୍ପରିକ ଦୃଢ଼ ସହଯୋଗ ଦୁଇରାଷ୍ଟ୍ରର ସ୍ୱାର୍ଥ ଓ ବୈଶ୍ୱିକ ସ୍ଥିରତାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେରିକାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଗବେଷକ ଲେକ୍ସ ଫ୍ରିଡ୍‌ମ୍ୟାନ୍‌ଙ୍କ ସହ ଏକ ପୋଡ୍‌କାଷ୍ଟରେ ଭାବ ବିନିମୟ ବେଳେ ମୋଦି ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଜ ମତ ରଖିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୨୦ ପୂର୍ବରୁ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ରହିଥିବା ସ୍ଥିତି ଫେରାଇ ଆଣିବା ଦିଗରେ ଭାରତ ଓ ଚାଇନା କାର୍ଯ୍ୟ କରୁଛନ୍ତି। ଗତ ଅକ୍ଟୋବରରେ ସେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ସୀମାକୁ ସ୍ୱାଭାବିକ ସ୍ଥିତି ଫେରୁଥିବା ଦେଖିବାକୁ ମିଳୁଛି। ଏକବିଂଶ ଶତାବ୍ଦୀ ଏସିଆର ଶତାବ୍ଦୀ ହୋଇଥିବାରୁ ଦୁଇଦେଶ ଏକ ସୁସ୍ଥ ଓ ସ୍ୱାଭାବିକ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ। ଉଭୟ ଦେଶର ସଂସ୍କୃତି ଓ ସଭ୍ୟତା ପ୍ରାଚୀନ ହୋଇଥିବାରୁ ସମ୍ପର୍କ ନୂଆ ନୁହେଁ ବୋଲି ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ ତାଙ୍କ ଆଦ୍ୟ ଜୀବନରୁ ନେଇ ହିମାଳୟ ଯାତ୍ରା, ଆର୍‌ଏସ୍‌ଏସ୍ ଏବଂ ହିନ୍ଦୁ ଜାତୀୟତାବାଦ ସମ୍ପର୍କରେ ମଧ ଅବତାରଣା କରିଥିଲେ।

ଆର୍‌ଏସ୍‌ଏସ୍‌ରେ କିପରି ସାମିଲ ହେଲେ ବୋଲି ପୋଡ୍‌କାଷ୍ଟର ପ୍ରଶ୍ନ କରିବାରୁ ମୋଦି କହିଛନ୍ତି, ତାଙ୍କ ପିଲାବେଳେ ଗାଁରେ ସଂଘର ଶାଖା ଲାଗୁଥିଲା। ସେଠାରେ ସେମାନେ ଖେଳକୁଦ ସାଙ୍ଗକୁ ଦେଶାତ୍ମବୋଧକ ଗୀତ ଗାଉଥିଲେ। ସେଥିରୁ କେତୋଟି ଗୀତ ତାଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ସେଇଠୁ ସେ ଆର୍‌ଏସ୍‌ଏସ୍ ପ୍ରତି ଢଳିବା ଆରମ୍ଭ କରିଥିଲେ। ସ୍ୱାମୀ ବିବେକାନନ୍ଦ ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ତାଙ୍କୁ ଅନୁପ୍ରାଣିତ କରିଥିଲା। ଜନସେବା ହିଁ ପ୍ରଭୁ ସେବା ବୋଲି ଉପଲବ୍ଧି କରିବା ପରେ ସେ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଭଗବାନଙ୍କ ଆଶୀର୍ବାଦ ତାଙ୍କୁ କେବେ ନିଃସଙ୍ଗ ହେବାକୁ ଦେଇନାହିଁ।

ପିଲାଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, କେବଳ ପରୀକ୍ଷାରେ ମାର୍କ ଆଣିଲେ ତାହା ଛାତ୍ରାଛାତ୍ରୀଙ୍କ ବାସ୍ତବ ଦକ୍ଷତା ନୁହେଁ। ଜ୍ଞାନ ଆହରଣ ଓ ଆତ୍ମବିକାଶର ଏକ ଦୀର୍ଘ ଯାତ୍ରାରେ ପରୀକ୍ଷା ଏକ ଛୋଟ ଅଂଶ। ପିଲାମାନେ ଅଧିକ ନମ୍ବର ରଖି ପାସ୍ କଲେ ପରିବାର ଲୋକେ ଗର୍ବିତ ହୁଅନ୍ତି। ମା'ବାପାଙ୍କ ଏଭଳି ମାନସିକତା ପିଲାଙ୍କ ଉପରେ ଚାପ ସୃଷ୍ଟି କରିଥାଏ। ପିଲା ମନେକରନ୍ତି, ତାଙ୍କ ସାରା ଜୀବନ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ପ୍ରଦର୍ଶନ ଉପରେ ନିର୍ଭରଶୀଳ। ବର୍ତ୍ତମାନର ନୂଆ ଶିକ୍ଷାନୀତି ଏହି ସମସ୍ୟା ଦୂର କରିବା ପାଇଁ ଉଦ୍ଦିଷ୍ଟ। ସେହିପରି ଏଆଇ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମତ ରଖି କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବଶାଳୀ ହୋଇପାରେ। କିନ୍ତୁ ତାହା କେବେ ମାନବୀୟ ପରିକଳ୍ପନାର ଗଭୀରତା ସହ ତୁଳନୀୟ ନୁହେଁ। ବାସ୍ତବ ମଣିଷର ବୁଦ୍ଧିମତ୍ତା ବିନା ଏଆଇର ନିରନ୍ତର ବିକାଶ ଅସମ୍ଭବ।

ପଡ଼ୋଶୀ ପାକିସ୍ତାନ ଉପରେ ଲେକ୍ସ ପ୍ରଶ୍ନ କରିବାରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଏକ ଆତଙ୍କବାଦୀ ମାନସିକତା ପାକିସ୍ତାନକୁ ବୈଶ୍ୱି ବିଭ୍ରାଟର କେନ୍ଦ୍ରସ୍ଥଳ କରିଦେଇଛି। ପାକିସ୍ତାନର ଆତଙ୍କବାଦୀ ମାନସିକତା ଯୋଗୁ ଏହା ସହ ଭାରତର ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ରହୁଛି। ରକ୍ତପାତ ଓ ଆତଙ୍କବାଦ ରପ୍ତାନୀ କେବେହେଲେ ଏକ ବିଚାରଧାରା ହୋଇ ନ ପାରେ। ବିଶ୍ୱର ଯେକୌଣସି ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ହେଲେ ଲୋକଙ୍କ ମନକୁ ପ୍ରଥମେ ପାକିସ୍ତାନ ଆସିଥାଏ। ମୋଦି ବ୍ୟକ୍ତିଗତ ଭାବେ ଶାନ୍ତି ଉଦ୍ଦେଶ୍ୟରେ ଲାହୋର ଗସ୍ତ କରିଥିବା କଥା ପୋଡ୍‌କାଷ୍ଟରଙ୍କୁ କହିଛନ୍ତି। ଭାରତ ଯେତେଥର ଶାନ୍ତି ପ୍ରତିଷ୍ଠାର ପ୍ରୟାସ କରିଛି, ପାକିସ୍ତାନ ପଟୁ ଶତ୍ରୁତା ଓ ବିଶ୍ୱାସଘାତକତା ପାଇଛି। ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଆଣିବା ପାଇଁ ଇସ୍‌ଲାମାବାଦ ନେତୃତ୍ୱଙ୍କ ସଦ୍‌ବୁଦ୍ଧି ଆସୁ।

ସେହିପରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଉପରେ ମୋଦି କହିଛନ୍ତି, ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠାର ପଥ ଯୁଦ୍ଧଭୂମି ଦେଇ ଯାଇନାହିଁ। ଆଲୋଚନାର ଟେବୁଲରେ ବସି ଶାନ୍ତି ଆଡ଼କୁ ଅଗ୍ରସର ହେବା ସମ୍ଭବ। ଯୁଦ୍ଧରତ ଦୁଇ ଦେଶ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ଯୁଦ୍ଧକୁ ବିରାମ ଦେବାକୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଫଳପ୍ରସୂ ଆଲୋଚନା କରନ୍ତୁ। ପ୍ରକାଶ ଯେ, 'ଲେକ୍ସ ଫ୍ରିଡ୍‌ମ୍ୟାନ ପୋଡ୍‌କାଷ୍ଟ' ନାମରେ ୨୦୧୮ରୁ ବିବିଧ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନଙ୍କ ସାକ୍ଷାତ୍‌କାର ନେଇ ଲେକ୍ସ ନିଜ ପୋଡ୍‌କାଷ୍ଟ ଚଳାଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ଆର୍ଜେଣ୍ଟିନା ପ୍ରଧାନମନ୍ତ୍ରୀ ଜାଭିଏର୍ ମିଲେଇ। ସେହିପରି ଏଲନ୍ ମସ୍କ, ମାର୍କ ଜୁକେରବର୍ଗ, ଜେଫ୍ ବେଜୋସ୍, ସାମ୍ ଅଲ୍ଟମ୍ୟାନ୍‌ଙ୍କ ଭଳି ବ୍ୟକ୍ତି ମଧ ଲେକ୍ସଙ୍କୁ ସାକ୍ଷାତ୍‌କାର ଦେଇଛନ୍ତି। ଲେକ୍ସ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରେ କମ୍ପ୍ୟୁଟର ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟରତ ଥିବା ନିଜ ୱେବ୍‌ସାଇଟ୍‌ରେ ଦର୍ଶାଇଛନ୍ତି। ୟୁଟ୍ୟୁବ୍‌ରେ ଲେକ୍ସଙ୍କ ୪.୫ ନିୟୁତ ସବ୍‌ସ୍କ୍ରାଇବର ଥିବାବେଳେ ୮୨ କୋଟି ଭ୍ୟୁୟର୍ସ ରହିଛନ୍ତି।

## ଗୁଜରାଟ ଦଙ୍ଗାକୁ ନେଇ ମିଛ ପ୍ରଚାର କରାଯାଇଥିଲା

ଗୁଜରାଟରେ ୨୦୦୨ ଗୋଧ୍ରା ପରବର୍ତ୍ତୀ ଘଟଣା ସବୁଠୁ ବଡ଼ ଦଙ୍ଗା ବୋଲି ଦୀର୍ଘଦିନ ଧରି ଗମ୍ଭୀର ଚର୍ଚ୍ଚା ଲାଗିରହିଥିଲା। ଭୁଲ୍ ଖବର ପ୍ରଚାର ପାଇଁ ଏହା ଏକ ଉଦ୍ୟମ ଥିଲା। ସେତେବେଳେ କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ବିରୋଧୀମାନେ ତାଙ୍କୁ ଦଣ୍ଡିତ କରିବାକୁ ଚାହୁଁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତେବେ ଅଦାଲତ ତାଙ୍କୁ ଦୋଷମୁକ୍ତ କରିଥିଲେ। ୨୦୦୨ ପୂର୍ବବର୍ତ୍ତୀ ତଥ୍ୟର ସମୀକ୍ଷା କଲେ ଜଣାଯାଏ, ପୂର୍ବରୁ ଗୁଜରାଟ ବାରମ୍ବାର ଦଙ୍ଗାର ସମ୍ମୁଖୀନ ହୋଇଥିଲା। କେତେକ ଅଞ୍ଚଳରେ କ୍ରମାଗତ ଭାବେ କର୍ଫ୍ୟୁ ଜାରି ରହିଥିଲା। ଗୁଡ଼ିଉଡ଼ା ପ୍ରତିଯୋଗିତା କିମ୍ବା ସାଇକେଲ ଧକ୍କା ଭଳି ମାମୁଲି ଘଟଣାକୁ ନେଇ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟୁଥିଲା। ୧୯୬୯ରେ ଗୁଜରାଟ ଦଙ୍ଗା ୬ ମାସ ଧରି ଲାଗିରହିଥିଲା। ଅନ୍ୟପକ୍ଷରେ ସେ ଗୁଜରାଟ ବିଧାନସଭାକୁ ବିଧାୟକ ଭାବେ ନିର୍ବାଚିତ ହେବାର ମାତ୍ର ୩ ଦିନ ପରେ ଗୋଧ୍ରା ଟ୍ରେନ୍‌ପୋଡ଼ି ଘଟଣା ଘଟି ଲୋକେ ଜିଅନ୍ତା ଜଳିଗଲେ, ଯାହାକି ଅକଳ୍ପନୀୟ ଦୁଃଖଦ ଘଟଣା ଥିଲା। କାନ୍ଦାହାର ବିମାନ ଅପହରଣ, ପାର୍ଲାମେଣ୍ଟ ଉପରେ ଆକ୍ରମଣ କିମ୍ବା ୯/୧୧ ଆକ୍ରମଣ ଘଟଣା ପରେ ଗୋଧ୍ରାରେ ଏତେ ସଂଖ୍ୟାରେ ଲୋକେ ଜୀବନ୍ତ ଦଗ୍ଧ ଘଟଣାରେ ସ୍ଥିତି କେତେ ଉତ୍ତେଜନାପୂର୍ଣ୍ଣ ହୋଇପାରେ ତାହା କଳ୍ପନା କରାଯାଇପାରେ। ତେବେ ସମସ୍ତେ ଶାନ୍ତି ଚାହିଁଥିଲେ ବୋଲି ସେହି ସମୟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ମୋଦି ପୋଡକାଷ୍ଟର ଲେକ୍ସଙ୍କୁ କହିଛନ୍ତି।

# ଗୋପୀନାଥପୁରରୁ ଶିଶୁପୁତ୍ର ଉଦ୍ଧାର

**ବଡ଼ମ୍ବା,୧୬।୩(ମାୟାଧର ମଲ୍ଲିକ)**

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳରୁ ରବିବାର ଏକ ଶିଶୁପୁତ୍ର ଉଦ୍ଧାର ହୋଇଛି। ସେ ଖୋର୍ଦ୍ଧା ଅଞ୍ଚଳର କେଶବ ବେହେରାଙ୍କ ପୁଅ ଚନ୍ଦନ (୫)ବୋଲି ଜଣାପଡ଼ିଛି। କେତେଜଣ ଦୁର୍ବୃତ୍ତ ତାକୁ ଚକୋଲେଟ ଦେଇ ଅପହରଣ କରିଥିଲେ ବୋଲି ଚନ୍ଦନ କହିଛନ୍ତି। ତେବେ କେଉଁଠାରୁ ତାଙ୍କୁ ଅପହରଣ କରାଯାଇଥିଲା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋପୀନାଥପୁରରେ ଛାଡ଼ି ପଳାଇଥିବା ସନ୍ଦେହ କରାଯାଉଛି। ସକାଳେ ସ୍ଥାନୀୟ

### ଚକୋଲେଟ୍ ଦେଇ କରାଯାଇଥିଲା ଅପହରଣ

ଲୋକେ ଶିଶୁଟିକୁ ଦେଖି ବଡ଼ମ୍ବା ଥାନାରେ ଖବର ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ଚନ୍ଦନଙ୍କୁ ଉଦ୍ଧାର କରି ଥାନାରେ ରଖିବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ପଠାଇଛି। କେବେ ଓ କାହିଁକି ଉକ୍ତ ଶିଶୁଙ୍କୁ ଅପହରଣ କରାଯାଇଥିଲା ସେନେଇ ତଦନ୍ତ ଜାରି ରହିଛି ବୋଲି ସବ୍‌ଇନ୍ସପେକ୍ଟର ସସ୍ମିତ କୁମାର ସ୍ୱାଇଁ କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ହୋଲି ଅଘଟଣ: ପାଣିରେ ବୁଡ଼ି ୨ ମୃତ

**ଭବାନୀପାଟଣା,୧୬।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ଓ ଭବାନୀପାଟଣା ସହରରେ ଶନିବାର ହୋଲ ପର୍ବ ପାଳନ ବେଳେ ଘଟିଛି ଦୁଃଖଦ ଘଟଣା। ପାଣିରେ ବୁଡି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବ୍ରାହ୍ମଣ ପଡ଼ାର ପ୍ରତ୍ୟୁଷ ପାଢ଼ୀ (୨୨) ଓ ଭବାନୀପାଟଣା ସହର ଜେନାଖାଲ ପଡ଼ାର ସରୋଜ ସ୍ୱାଇଁ (୪୨)। ଏନେଇ ଜୁନାଗଡ଼ ଓ ଭବାନୀପାଟଣା ଥାନରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ହୋଲି ଖେଳି ସାରିବା ପରେ ପ୍ରତ୍ୟୁଷ ସାଙ୍ଗଙ୍କ ସହ ହାତୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ନଦୀରେ ଗଭୀର ଥିବା ସ୍ଥାନକୁ ଚାଲିଯାଇଥିଲେ। ସେଠାରୁ ବାହାରକୁ ବାହାରି ନ ପାରି ବୁଡି ଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ସେହିପରି ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଷାକେନ୍ଦୁ ନିକଟ ଯମୁନାସାଗରର ଏକ ଫାର୍ମ ହାଉସକୁ ସରୋଜ ଭୋଜି କରିବାକୁ ଯାଇଥିଲେ। ଏହି ସମୟରେ ଯମୁନାସାଗରକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଗଭୀର ଜଳକୁ ଚାଲିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଦୁର୍ଘଟଣାରେ ଚାଲିଗଲା ୬ ଜୀବନ

**ଚମ୍ପୁଆ/ଢେଙ୍କିକୋଟ /ପାଟଣା, ୧୬।୩ (ମହେଶ୍ୱର ଦାସ/ନୀଳମଣି ମଣ୍ଡଳ /ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ଚମ୍ପୁଆ, ଘଟଗାଁ ଓ ପାଟଣା ଥାନା ଅଞ୍ଚଳରେ ଶନିବାର ହୋଲି ସମୟରେ ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣାରେ ୬ ଜୀବନ ଚାଲିଯାଇଛି। ଚମ୍ପୁଆ ଥାନା ଅନ୍ତର୍ଗତ ଦୋଳିତା ଛକ ନିକଟରେ ଏକ ବାଇକ୍ ଉପରେ ଆଇରନ ବୋଝେଇ ଟ୍ରକ୍ ମାଡ଼ିଯିବାରୁ ଗୋଟିଏ ପରିବାରର ମା', ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ଲକ୍ ଅଧୀନ ସାନନଈର ଐବନ ପ୍ରଧାନ(୬୦), ସ୍ତ୍ରୀ ମଥାମଣି ପ୍ରଧାନ(୫୫), ପୁଅ ସଚ୍ଚିଦାନନ୍ଦ ପ୍ରଧାନ(୨୩)। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ଘଟଗାଁ ଥାନା ଅଧୀନ ବାରହାଟିପୁରା-ଦେହୁରୀପଡ଼ା କେନାଲ ରାସ୍ତାରେ ଶନିବାର ଅପରାହ୍ନ ୧ଟାରେ ବାଇକ୍ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ହରିଚନ୍ଦନପୁର ବ୍ଲକ୍ ଠାକୁରପଡ଼ା ପଞ୍ଚାୟତ ଗଣ୍ଡିହାର ସୌମ୍ୟପ୍ରକାଶ ମହାନ୍ତ(୧୭) ଓ ଠାକୁରପଡ଼ା ଗ୍ରାମର ଶିବାନନ୍ଦ ମହାରଣା(୧୫)। ଗୁରୁତର ଗଣ୍ଡିହାର ସିଦ୍ଧାନ୍ତ ମହାନ୍ତ(୧୭)ଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶିବାନନ୍ଦ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ସୌମ୍ୟ ଯୁକ୍ତ୨ ପରୀକ୍ଷା ଦେଉଥିଲେ। ସେହିପରି ସିଦ୍ଧାନ୍ତ ମଧ ଯୁକ୍ତ୨ ପରୀକ୍ଷା ଦେଉଥିବା ଜଣାପଡ଼ିଛି। ସେହିପରି ପାଟଣା ଥାନା ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ୨୨୦ ନଂ. ଜାତୀୟ ରାଜପଥର ଗୋରାଣ୍ଡିଯୋଡ଼ି ନିକଟରେ ଶନିବାର ଅପରାହ୍ନରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ମୟୂରଭଞ୍ଜ ଜିଲା ଯଶୀପୁରସ୍ଥିତ ରଘୁନାଥ ଜୀଉ ମଠ ମହନ୍ତ ସ୍ୱାମୀ ଅଭୟାନନ୍ଦ ସରସ୍ୱତୀ(୫୯)ଙ୍କ ମୃତ୍ୟୁ ଘଟିଛି।

# ଅନ୍ୟ ଜାତିରେ ବିବାହ କରିବାରୁ ପ୍ରଦୀପ ମାଝୀ ବାସନ୍ଦ



ଧମନାଗୁଡାଠାରେ ଭତ୍ରା ସମାଜର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

### ୧୨ ବର୍ଷ ସମାଜରୁ ବାସନ୍ଦ ପାଇଁ ନିଷ୍ପତ୍ତି ନେଲା ଭତ୍ରା ସମାଜ

**ଝରିଗାଁ,୧୬।୩ (କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଭଳି ଆଦିବାସୀ ବହୁଳ ଜିଲାରେ ଏବେବି ବଞ୍ଚି ରହିଛି ଜାତିଗତ ପ୍ରଥା। ନିଜ ଜାତି ଛାଡ଼ି ଅନ୍ୟ ଜାତିର ଝିଅଙ୍କୁ ବିବାହ କରିଥିବାରୁ ନବରଙ୍ଗପୁରର ପୂର୍ବତନ ଏମ୍‌ପି ତଥା ବିଜେଡି ନେତା ପ୍ରଦୀପ ମାଝି ୧୨ ବର୍ଷ ପାଇଁ ସାମାଜିକ ବାସନ୍ଦ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଝରିଗାଁ ବ୍ଲକ ଧମନାଗୁଡାଠାରେ ଭତ୍ରା ସମାଜର କେନ୍ଦ୍ରୀୟ କମିଟି ଉପସଭାପତି ଗୋପାଳ ପୂଜାରୀଙ୍କ ସଭାପତିତ୍ୱରେ ଶୁକ୍ରବାର ଭତ୍ରା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଦୀପ ମାଝୀ ନିଜ ଜାତି ଛାଡ଼ି ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କୁ ଏବଂ ତାଙ୍କ ପରିବାରକୁ ୧୨ ବର୍ଷ ପାଇଁ ଜାତିରୁ ସାମାଜିକ ବାସନ୍ଦ କରିବା ଲାଗି ସମାଜର କେନ୍ଦ୍ରୀୟ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଦୀପଙ୍କ ପରିବାରର କୌଣସି ଭଲ ମନ୍ଦ କାର୍ଯ୍ୟରେ ଭତ୍ରା ସମାଜର କେହି ଯୋଗ ଦେବେ ନାହିଁ ବୋଲି ବୈଠକରେ କଠୋର ନିଷ୍ପତ୍ତି ନିଆଯାଇଥିଲା। ତେବେ ବାସନ୍ଦ ନିଷ୍ପତ୍ତି ନେଇ ପ୍ରଦୀପ ମାଝୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ଚଳିତ ମାସ ୧୨ ତାରିଖରେ ଗୋଆରେ ବହୁ ଆଡ଼ମ୍ବର ସହକାରେ କେନ୍ଦ୍ରାପଡା ଜିଲାର ସୁଶ୍ରୀ ସଙ୍ଗିତା ସାହୁଙ୍କ ସହିତ ପ୍ରଦୀପ ମାଝୀଙ୍କ ବିବାହ ହୋଇଥିଲା। ତେବେ ସଙ୍ଗୀତା ଅନ୍ୟ ଜାତିର ହୋଇଥିଲେ ମଧ ପ୍ରଦୀପ ନିଜ ଜାତି ଛାଡ଼ି ଅନ୍ୟ ଜାତିରେ ବିବାହ କରିଥିବାରୁ ନିଜ ସମାଜ ପ୍ରତି ତାଙ୍କର ଘୃଣାଭାବ ରହିଥିବା କେନ୍ଦ୍ରୀୟ କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ମଧ ପ୍ରଦୀପ ନିଜ ଭଉଣୀ ସଞ୍ଜୁକ୍ତା ମାଝୀଙ୍କୁ ଏକ ବ୍ରାହ୍ମଣ ପରିବାରରେ କୋରାପୁଟସ୍ଥିତ ଜଗନ୍ନାଥ ମନ୍ଦିରରେ ବିବାହ କରିଥିଲେ। ପ୍ରଦୀପ ନିଜ ଜାତି ପ୍ରତି ଘୃଣାଭାବ ରଖିଥିବା ଅଭିଯୋଗ କରିଛି କେନ୍ଦ୍ରୀୟ କମିଟି । ବୈଠକରେ ଝରିଗାଁ ବ୍ଲକ ଭତ୍ରା ସମାଜର ବ୍ଲକ ସଭାପତି ଟିକେଚାନ୍ଦ ମାଝୀ, ଡାବୁଗାଁ ବ୍ଲକ ସଭାପତି ହିରଣ୍ୟ ମାଝୀ, ପରିଚାଳନା କମିଟି ସଭାପତି ରାମଧର ମାଝୀ, ପରମନ ଭତ୍ରା, ମଙ୍ଗନଥ ଭତ୍ରା, ଶଙ୍କର ମାଝୀ, ନୂଆଖାଉ ଭତ୍ରା, ପିତମ ଭତ୍ରା, ରତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହା

**ସମ୍ବଲପୁର,୧୬।୩(ପ୍ରମୋଦ ବହିଦାର)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୧ରୁ ୩ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ସେ ମାର୍ଚ୍ଚ ୨୨ରେ ସମ୍ବଲପୁରରେ ଏକ ସାଧାରଣ ସଭାରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଅପରାହ୍ନରେ ଭୁବନେଶ୍ୱର ଅଭିମୁଖେ ବାହାରିବେ। ଭୁବନେଶ୍ୱରରେ କିଛି ସମୟ ରହିବା ପରେ ସେ ପୁରୀ ଯାଇ ସେଠାରେ ରାତ୍ରିଯାପନ କରିବେ। ୨୩ତାରିଖ ସକାଳେ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି ଜଟଣୀରେ ଦେଶର ଦ୍ୱିତୀୟ ଫୋରେନସିକ୍ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ସହିତ ଅନ୍ୟାନ୍ୟ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ମଧାହ୍ନ ଭୋଜନ

### ବୁର୍ଲାରେ ସୁପର ସ୍ପେଶାଲିଟି ଡାକ୍ତରଖାନାର ଉଦ୍‌ଘାଟନ କରିବେ

ସାରି ସେହିଦିନ ସେ ଦିଲ୍ଲୀ ଫେରିଯିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ରବିବାର ଶାହାଙ୍କ ଗସ୍ତକୁ ନେଇ ବୁର୍ଲାସ୍ଥିତ ଏମ୍‌ସିଏଲ୍ ଅତିଥି ଭବନରେ ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ତଥା ପାନୀୟ ଜଳମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ଶେଷରେ ରାଜ୍ୟ ସଭାପତି ସାମଲ କହିଛନ୍ତି, ହସ୍ତଗତ ହୋଇଥିବା କାର୍ଯ୍ୟସୂଚୀ ଅନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ମାର୍ଚ୍ଚ ୨୧ରେ ଦିଲ୍ଲୀରୁ ଆସି ଝାରସୁଗୁଡ଼ା ବିମାନ ବନ୍ଦରରେ ଓହ୍ଲାଇବେ। ସେଠାରୁ ଆସି ବୁର୍ଲା ଏମସିଏଲ୍ ଅତିଥି ଭବନରେ ରାତ୍ରିଯାପନ କରିବେ। ତା' ପରଦିନ ଅର୍ଥାତ ୨୨ ତାରିଖ ସକାଳେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏହା ପରେ ବୁର୍ଲାର ବହୁ ପ୍ରତୀକ୍ଷିତ ସୁପର ସ୍ପେଶାଲିଟି ଡାକ୍ତରଖାନା, ଦୁର୍ଗାପାଲିର ରେଳ ଓଭରବ୍ରିଜ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ। ଏଥିପୂର୍ବରୁ ପୂର୍ବାହ୍ନରେ ଅଇଁଠାପାଲି ପିଏଚ୍‌ଡି ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏକ ସାଧାରଣ ସଭାରେ ଯୋଗଦେଇ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ ବୋଲି ସୂଚନା ଦେଇଛନ୍ତି ସଭାପତି ସାମଲ।

# ଶେଖାଓ୍ୱତ୍‌ଙ୍କୁ ଭେଟିଲେ ଅପରାଜିତା

**ଭୁବନେଶ୍ୱର,୧୬।୩(ରବିନାରାୟଣ ଜେନା)**

ଭୁବନେଶ୍ୱରରେ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ର ଏକ ଶାଖା ସ୍ଥାପନ କରିବା ଲାଗି ସାଂସଦ ଅପରାଜିତା ଷଡ଼ଙ୍ଗୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ସାଂସଦ ୫ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ୍‌ଙ୍କୁ ପତ୍ର ଲେଖିଥିବାବେଳେ ଦୁଇଦିନ ତଳେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଛନ୍ତି। ଅପରାଜିତା ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅକ୍ଟୋବରରେ ଭେଟି ଏଥିପାଇଁ ଅନୁରୋଧ କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର

### ଭୁବନେଶ୍ୱରରେ ମଡର୍ନ ଆର୍ଟ ଗ୍ୟାଲେରି ପ୍ରସଙ୍ଗ

ଲେଖିଥିଲି। ସେ ଉଲ୍ଲେଖ କରିଛନ୍ତି ଯେ, ଭୁବନେଶ୍ୱର, ଯାହାକୁ ପ୍ରାୟତଃ 'ଭାରତର ମନ୍ଦିରମାଳିନୀ ସହର' ବୋଲି କୁହାଯାଏ, ଏହା କେବଳ ଏକ ସମୃଦ୍ଧ ଐତିହାସିକ ଏବଂ ସାଂସ୍କୃତିକ ଐତିହ୍ୟ ସହର ନୁହେଁ ବରଂ ପର୍ଯ୍ୟଟନ ଏବଂ ଶିକ୍ଷାଗତ ଅଭିବୃଦ୍ଧିର ଅପାର ସମ୍ଭାବନା ରହିଛି। ଭୁବନେଶ୍ୱରରେ ଏନ୍‌ଜିଏମ୍‌ଏ ଶାଖା ପ୍ରତିଷ୍ଠା ହେଲେ ଏହି ଅଞ୍ଚଳର ସାଂସ୍କୃତିକ ଏବଂ କଳାତ୍ମକ ଦୃଶ୍ୟପଟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ, ବିଶେଷ କରି ଏହା ସ୍ଥାନୀୟ ଜନତା ଏବଂ ସମଗ୍ର ରାଜ୍ୟକୁ ବହୁମୁଖୀ ଫାଇଦା ଦେବ ବୋଲି ସାଂସଦ ଦର୍ଶାଇଛନ୍ତି।

# ଟ୍ରାକ୍ଟର ଚକା ତଳେ ଗଲା ଶିଶୁକନ୍ୟା ଜୀବନ

**ଭଦ୍ରକ,୧୬।୩(ସନାତନ ରାଉତ)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କମାରିଆ ବସପୁର ଛକରେ ରବିବାର ଅପରାହ୍ନ ୫ଟା ବେଳେ ଟ୍ରାକ୍ଟର ଚାପାରେ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଲେ ଗୁଜିଦରଡ଼ା ଗ୍ରାମର ଶେଖ୍ ସବାକ୍ ତୁଲାଙ୍କ ଝିଅ ସାହିସ୍ତା ନିଘର(୪)। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଟ୍ରାକ୍ଟରକୁ ଜାଳିଦେବା ସହ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟା ବେଳେ ଶେଖ୍ ସବାକ୍ ତୁଲା ଝିଅ ସାହିସ୍ତାଙ୍କୁ ବାଇକ୍‌ରେ ନେଇ ଘରକୁ ଫେରୁଥିବା ବେଳେ କମାରିଆ ବସପୁର ଛକରେ ଏକ ଇଟା ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସାହିସ୍ତା ତଳେ ପଡ଼ିଯିବା ପରେ ଟ୍ରାକ୍ଟର ଚକା ତାଙ୍କ ଉପରେ ଚଢ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ଉତ୍ତ୍ୟକ୍ତ ଲୋକ ଟ୍ରାକ୍ଟରରେ ନିଆଁ ଲଗାଇଦେବା ସହ ଦୁର୍ଘଟଣାସ୍ଥଳରେ କ୍ଷତିପୂରଣ ଦାବିରେ ମୃତଦେହ ରଖି

### ଟ୍ରାକ୍ଟର ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

ବସିଥିଲେ। ଖବରପାଇ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଟି ଡିଏସ୍‌ପି ସସ୍ମିତ କୁମାର ମାଝୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମୃତା ଶିଶୁକନ୍ୟାଙ୍କ ସମ୍ପର୍କୀୟ ଓ ପୋଲିସ ପ୍ରଶାସନ ମଧ୍ୟରେ ଏହାର ସମାଧାନ ପାଇଁ ଆଲୋଚନା କରାଯାଇଛି। ଅପରପକ୍ଷେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଶେଖ୍ ସବାକ୍ ତୁଲାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି।



ଲୋକେ ଜାଳି ଦେଇଥିବା ଟ୍ରାକ୍ଟର।

# ଗୋଟିଏ ଘରୁ ମହିଳା, ପୁରୁଷଙ୍କ ମୃତଦେହ ଜବତ

## ଆତ୍ମହତ୍ୟା ସନ୍ଦେହ

ଭୁବନେଶ୍ୱର,୧୬।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ଥିବା ଏକ ଘରୁ ପୁରୁଷ ଓ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ଶନିବାର ସକାଳେ ଏହି ଘଟଣା ଜଣାପଡ଼ିଥିଲା। ମୃତକ ହେଲେ ନୟାଗଡ଼ ଦଶପଲ୍ଲା ଅଞ୍ଚଳର କୁମାର ଜିତେନ ଓ କାଞ୍ଚନ ନାୟକ। ପ୍ରାଥମିକ ତଦନ୍ତରୁ ଉଭୟ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଥିବା ପୋଲିସ କହିଛି। ମାତ୍ର ଆତ୍ମହତ୍ୟା ପଛର କାରଣ ଜଣାପଡ଼ି ନାହିଁ। ପୋଲିସ ତଦନ୍ତ ଜାରି ରଖିଛି। ଜିତେନ ଡ୍ରାଇଭର ଭାବେ କାମ କରୁଥିବାବେଳେ ମହିଳା ଜଣକ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରୁଥିଲେ।

ପୋଲିସ ସୂଚନାନୁସାରେ, ଜିତେନ ପୂର୍ବରୁ ବିବାହିତ ଓ ତାଙ୍କର ସନ୍ତାନ ଅଛନ୍ତି। କାଞ୍ଚନ ମଧ୍ୟ ପୂର୍ବରୁ ବିବାହିତ ହୋଇଥିବାବେଳେ ଭୁବନେଶ୍ୱରରେ ଚାକିରି କରୁଥିଲେ। ଉଭୟ ଦୂରସମ୍ପର୍କୀୟ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଭଲ ପାଇବା ରହିଥିଲା। ତେଣୁ ଉଭୟ ପ୍ରାୟ ସମୟ ଏକାଠି ହେବା ସହ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ରହୁଥିଲେ। ତେବେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହେଉଥିଲା। ଶନିବାର ଅର୍ଥାତ ହୋଲି ଦିନ ସକାଳେ ଛାତ ଉପରେ ଥିବା ଏକ ଆଜବେଷ୍ଟସ୍ ଘରେ ଉଭୟଙ୍କ ଝୁଲନ୍ତା ମୃତଦେହ ଏକ ଓଢ଼ଣିରେ ଝୁଲୁଥିବା ଓ ଉକ୍ତ ଘରର କବାଟ ଖୋଲାଥିବା ଦେଖି ସେଠାରେ ରହୁଥିବା ଜଣେ ଭଡ଼ାଟିଆ ଘର ମାଲିକଙ୍କୁ ଜଣାଇଥିଲେ। ଏହାପରେ ପୋଲିସକୁ ସୂଚନା ଦିଆଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ଘଟଣା ସଂକ୍ରାନ୍ତରେ ଉଭୟଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ସ୍ୱାମୀଙ୍କୁ ମଦ ପିଆଇ ସ୍ତ୍ରୀଙ୍କୁ ବଳାତ୍କାର

ଜଳେଶ୍ୱର,୧୬।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ପୁତୁରାଙ୍କୁ ମଦ ପିଆଇ ସମ୍ପର୍କୀୟ କକା ପୁତୁରା ବୋହୂଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏକ ମାମଲା (ନଂ.୧୫୨/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର

## ସମ୍ପର୍କୀୟ କକା ଫେରାର

ସାହୁ ସୂଚନା ଦେଇଛନ୍ତି। ଗିରଫ ଭୟରେ ସମ୍ପର୍କୀୟ କକା କାଳିଆ ସାହୁ ଫେରାର ଥିବା ଜଣାପଡ଼ିଛି।

ଗତ ୬ ମାସ ତଳେ ପୀଡ଼ିତାଙ୍କର ବିବାହ ହୋଇଥିଲା। ତାଙ୍କ ଆଧାରକାର୍ଡରେ କିଛି ତ୍ରୁଟି ଥିବାରୁ ସମ୍ପର୍କୀୟ କକା କାଳିଆ ତାହାକୁ ଠିକ୍ କରିଦେବେ ବୋଲି କହିଥିଲେ। ଗତ ଶୁକ୍ରବାର ଅପରାହ୍ନ ୪ଟା ସମୟରେ ପୁତୁରା ବୋହୂ ଓ ପୁତୁରାଙ୍କୁ ଏକ ବାଇକ୍‌ରେ ବସାଇ କାଳିଆ ସିଂଲା ବଜାରକୁ ନେଇଥିଲେ। ସେଠାରେ ପୁତୁରା ବୋହୂଙ୍କୁ ବସେଇ ପୁତୁରାଙ୍କୁ ନେଇ ମଦ ପିଆଇ ଦେଇଥିଲେ। ପୁତୁରା ନିଶାସକ୍ତ ହୋଇପଡ଼ିବାରୁ ତାଙ୍କୁ କୌଣସି କାମରେ ନାଇକୁଡ଼ି ପଠାଇ ଦେଇ ପୁତୁରା ବୋହୂଙ୍କୁ ଗାଁରେ ଛାଡ଼ି ଦେବେ କହିଥିଲେ। ତେବେ ଗାଁକୁ ଫେରିବା ରାସ୍ତାରେ ସନ୍ଧ୍ୟା ସମୟରେ ହସିମପୁର ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ଜବରଦସ୍ତି ବଳାତ୍କାର କରିଥିଲେ। ବଳାତ୍କାର ପରେ ପୁତୁରା ବୋହୂଙ୍କୁ ଗାଁରେ ଛାଡ଼ି କାଳିଆ ଚମ୍ପଟ ମାରିଥିଲେ। ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ତାଙ୍କୁ ସିଂଲା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ପ୍ରତିଶୋଧ ପାଇଁ ବ୍ୟବସାୟୀଙ୍କ ଗଳା କାଟି ହତ୍ୟା

ବାରିପଦା,୧୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜଣେ ଯୁବକ ତାଙ୍କ ବାପାଙ୍କ ପ୍ରତିଶୋଧ ନେବାକୁ ଯାଇ ଜଣେ ବ୍ୟବସାୟୀଙ୍କ ଜୀବନ ନେବାକୁ ପଛାଇ ନାହାନ୍ତି। ସେ ବ୍ୟବସାୟୀଙ୍କ ଘରେ ପଶି ତାଙ୍କ ଗଳା କାଟି ହତ୍ୟା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ମୟୂରଭଞ୍ଜ ଜିଲା ବାରିପଦା ସହର ଭଞ୍ଜପୁର ଥାନା ଫରେଷ୍ଟ କଲୋନୀ ଅଞ୍ଚଳରେ ଏଭଳି ହତ୍ୟାକାଣ୍ଡ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତ ବ୍ୟବସାୟୀ ହେଲେ ସ୍ନେହାଶିଷ ପଣ୍ଡା। ଏହି ଘଟଣାରେ ଅଭିଯୁକ୍ତ ଯଶିପୁର ଥାନା ଅଧୀନ ସୁଆଁପାଳ ଅଞ୍ଚଳର ହିମାଂଶୁ ମହାକୁଡ଼(୨୪)ଙ୍କୁ ପୋଲିସ ଗିରଫ କରିବା ସହ କ୍ରାଇମ୍ ସିନ୍ ରିକ୍ରିଏଟ୍ କରିଛି। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ହୋଲି ପର୍ବ ପାଳନ ପାଇଁ ସାରା ଜିଲା ଉତ୍ସବମୁଖର ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ନାମଯଜ୍ଞ ଓ ହୋମଯଜ୍ଞ ଚାଲୁ ରହିଥିଲା। ଭଞ୍ଜପୁର ଥାନା ଫରେଷ୍ଟ କଲୋନୀରେ ଅଷ୍ଟପ୍ରହର ନାମଯଜ୍ଞ ଚାଲୁଥିବା ସମୟରେ ଏହି ହତ୍ୟାକାଣ୍ଡ ଘଟିଥିଲା। ହିମାଂଶୁଙ୍କ ବାପା ଧରଣୀଧରଙ୍କ ସହ ବ୍ୟବସାୟୀ ସ୍ନେହାଶିଷଙ୍କର ପୂର୍ବରୁ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ବାପାଙ୍କ ପ୍ରତିଶୋଧ ନେବାକୁ ଯାଇ ପୁଅ ହିମାଂଶୁ ବ୍ୟବସାୟୀ ରହୁଥିବା ଉପରମହଲାକୁ ଯାଇଥିଲେ। ସେଠାରେ ସ୍ନେହାଶିଷ ଖାଉଥିବା ସମୟରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଦେବାରୁ ସେ ତଳେ ପଡ଼ିଯାଇ ଚିତ୍କାର କରିଥିଲେ। ହିମାଂଶୁ ସେଠାରୁ ଫେରାର ହୋଇଯାଇଥିଲେ। ପରିବାର ଲୋକେ ପୋଲିସକୁ ଖବର ଦେବା ସହ ସ୍ନେହାଶିଷଙ୍କୁ ନିକଟସ୍ଥ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ନରହତ୍ୟା ମାମଲା (ନଂ.୭୫/୨୫) ରୁଜୁ କରି ସେହିଦିନ ଅପରାହ୍ନରେ ହିମାଂଶୁଙ୍କୁ ଗିରଫ କରିଥିଲା।

# ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ସନ୍ଦେହ



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

ଛେଣ୍ଡିପଦା,୧୬।୩(ଅଜିତ କୁମାର ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଜଣେ ୫ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ଶନିବାର ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ସନ୍ଦେହରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି।

ସୂଚନା ମୁତାବକ, ଗୁରୁବାର ମଧ୍ୟାହ୍ନରେ କଙ୍କରେଇ ପିଢଖମଣ ଗାଁର ୫ବର୍ଷୀୟା ଶିଶୁକନ୍ୟା କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ପାଇବାରୁ ଶୁକ୍ରବାର ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୭୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ଘରଠାରୁ ୧୦୦ମିଟର ଦୂରରେ ଥିବା ମହୁଲ ଗଛ ମୂଳରେ ଶିଶୁକନ୍ୟାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରି ତଦନ୍ତ ଦାବି କରିଛନ୍ତି। ପୋଲିସ ଶିଶୁକନ୍ୟାଙ୍କ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ଅନ୍ୟପକ୍ଷରେ ଗ୍ରାମର ଜଣେ ଯୁବକଙ୍କ ଘରେ ରକ୍ତଛିଟା ପଡ଼ିଥିବା ଦେଖି ପୋଲିସ ସଂପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତ ଶିଶୁଙ୍କ ଗାଁରେ ଡିଏସ୍‌ପି ଯୋଗେଶ୍ୱରୀ ବେହେରା, ନିଶା ଥାନା ଅଧିକାରୀ ବିବେକାନନ୍ଦ ମହାନ୍ତ ପ୍ରମୁଖ ପହଞ୍ଚି ଘଟଣାର ଛାନ୍‌ଭିନ୍ ଚଳାଇଛନ୍ତି। ଏହି ଘଟଣାକୁ ନେଇ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ନିନ୍ଦା କରାଯିବା ସହିତ ମୃତଶିଶୁଙ୍କ ପରିବାରଙ୍କୁ ନ୍ୟାୟ ଦେବା ପାଇଁ ଥାନାରେ ଫେରାଦ ହୋଇଛନ୍ତି। ସୋମବାର ରାଜ୍ୟ କଂଗ୍ରେସର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ମଧ୍ୟ ଘଟଣାସ୍ଥଳକୁ ଆସି ତଦନ୍ତ କରିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରେସରକୁକର ବୋମା ଜବତ



ମାଲକାନଗିରି,୧୬।୩ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ଅମଦଇ ଖଦାନ ନିକଟରେ ମାଓବାଦୀଙ୍କ ଦ୍ୱାରା ଲୁଚାଯାଇଥିବା ପ୍ରେସରକୁକର ବୋମା ଜବତ କରାଯାଇଛି। ମାଓବାଦୀମାନେ ବହୁ ସ୍ଥାନରେ ଲାଣ୍ଡମାଇନ୍ ଓ ପ୍ରେସରକୁକର ବୋମା ଖଞ୍ଜିଥିବାରୁ ଏହାର ସଂସ୍ପର୍ଶରେ ଆସି ବହୁ ଯବାନ ଓ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ବୋମା ନିଷ୍କ୍ରିୟକାରୀ ଦଳ ଓ ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଚଳାଇଥିଲେ। ଏହିକ୍ରମରେ ନାରାୟଣପୁର ଜିଲା ଛୋଟେନଗର ଥାନା ଅନ୍ତର୍ଗତ ଅମଦଇ ଖଦାନ(ନିକୋ କମ୍ପାନୀ) ଡମ୍ପ ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଏହି ପ୍ରେସରକୁକର ବୋମା ଖଞ୍ଜା ଯାଇଥିଲା। ଏହାକୁ ଚିହ୍ନଟକରି ପରେ ନିଷ୍କ୍ରିୟ କରାଯାଇଛି।

# ନିଜ ବନ୍ଧୁକରୁ ଗୁଳି ଫୁଟି ଶିକାରୀ ମୃତ

ମୋହନା,୧୬।୩(ମନ୍ମଥ ମିଶ୍ର)

ନିଜ ବନ୍ଧୁକରୁ ଗୁଳି ଫୁଟି ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଶିକାରୀଙ୍କ ମୃତ୍ୟୁ ହୋଇଛି। ଗଜପତି ଜିଲା ମୋହନା ଥାନା କୁଙ୍କୁଣୀ ପଦାସାହି ଗାଁ ପାହାଡ଼ ନିକଟରେ ଏପରି ଘଟଣା ଦେଖିବାକୁ ମିଳିଛି। ମୃତକ ହେଲେ ରାୟଗଡ଼ ଥାନା ସିନ୍ଧିବା ଗାଁର ହରିଶ୍ଚନ୍ଦ୍ର ଭୂୟାଁ। ଗତ ଦୁଇ ମାସ ହେବ ହରିଶ୍ଚନ୍ଦ୍ର କୁଙ୍କୁଣୀ ପଦା ସାହିରେ ରହି ଖଜୁରି ତାଡ଼ି ସଂଗ୍ରହ କରି ବିକ୍ରି କରୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ହରିଶ୍ଚନ୍ଦ୍ର ଓ ଗାଁର କେତେ ଜଣ ବ୍ୟକ୍ତି ଜଙ୍ଗଲକୁ ଦେଶୀ ବନ୍ଧୁକ ନେଇ ଶିକାର କରିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଗୁଳିଫୁଟି ହରିଶ୍ଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ପାହାଡ଼ ତଳେ ମୃତଦେହ ପଡ଼ିଥିବା ବେଳେ ଘଟଣା ସ୍ଥଳରେ ଦେଶୀ ବନ୍ଧୁକ, ଗୁଳି, ବାରୁଦ ଓ ଟର୍ଚ୍ଚ ଲାଇଟ ପଡ଼ି ରହିଥିବା ମୃତଦେହ ଜବତ ବେଳେ ଦେଖିବାକୁ ମିଳିଥିଲା। ତେବେ ନିଜ ବନ୍ଧୁକରୁ ଗୁଳି ଫୁଟି ହରିଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି ନା ଆଉ କିଛି କାରଣ ରହିଛି ସେନେଇ ମୋହନା ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି। ନଂ. ୩୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି।

# ୬୪ ମାଓବାଦୀଙ୍କ ଆତ୍ମସମର୍ପଣ




ଜିଲା ପୋଲିସ ଆଇଜି ଚନ୍ଦ୍ରଶେଖର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି,୧୬।୩ (ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ଜିଲା ପୋଲିସ ନିକଟରେ ଛତିଶଗଡ ବିଜାପୁର ଓ ସୁକ୍‌ମାର ୬୪ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ସୁକ୍‌ମା ଓ ବିଜାପୁରରେ ଏହି ମାଓବାଦୀମାନେ ଦଳ ସଭ୍ୟଭାବେ କାର୍ଯ୍ୟକରି ଆସୁଥିଲେ। ଏମାନଙ୍କ ମଧ୍ୟରୁ ୧୬ ମହିଳା ଥିବା ବେଳେ ୪୮ ପୁରୁଷ ରହିଛନ୍ତି। ଏ ସମସ୍ତ ମାଓବାଦୀ ସଂଗଠନର ଜନ ମିଲିସିଆ, ଡିଭିସିଏମ୍, ଏସିଏମ୍, ପାର୍ଟି ମେମ୍ବର, ପିପିସିଏମ କ୍ୟାଡରରେ କାର୍ଯ୍ୟ କରୁଥିଲେ। ସଂଗଠନର ହିଡମା ଓ ଦେବା ଭଳି ବଡ ବଡ ନେତାଙ୍କ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ନିରୀହ ଆଦିବାସୀଙ୍କୁ ହତ୍ୟା କରୁଛନ୍ତି। ତେଣୁ ଏଥିରେ ନିଜ ଜୀବନ ପ୍ରତି ବିପଦ ଥିବା ଓ ବର୍ତ୍ତମାନ ଛତିଶଗଡରେ ପୋଲିସ ପ୍ରତି ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା କରି ମାଓବାଦୀଙ୍କୁ ଗିରଫ ଓ ମାରୁଛନ୍ତି। ଅନ୍ୟପକ୍ଷରେ ଏହି ବଡ଼ ନେତାମାନେ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ କୌଣସି ସୁରକ୍ଷା ଦେଉ ନ ଥିବାରୁ ନିଜ ଜୀବନପ୍ରତି ବିପଦ ଥିବା ଜାଣି ଏମାନେ ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ଜିଲା ଆଇଜି ଚନ୍ଦ୍ରଶେଖର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

# ହୋଲି ଖେଳରୁ ଗୋଷ୍ଠୀ ସଂଘର୍ଷ, ୫ ଆହତ

ଦିଗପହଣ୍ଡି,୧୬।୩ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ଥାନା ତିତିଖଣ୍ଡି ଗ୍ରାମରେ ଶନିବାର ମଧ୍ୟାହ୍ନରେ ହୋଲିଖେଳକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଗ୍ରାମର ଦଳିତ ସାହିର ଦୁଇଗୋଷ୍ଠୀ ଯୁବକଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷର ୫ ଜଣ ଯୁବକ ଆହତ ହୋଇଛନ୍ତି। ଖବର ପାଇ ପାଟପୁର ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରି ଆହତଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଏନେଇ ଉଭୟପକ୍ଷ ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଏହାକୁ ଭିତ୍ତିକରି ତଦନ୍ତ ଚଳାଇଛନ୍ତି।

# ଜେଲ ଗଲେ ବିଜେଡି ନେତା ରାଜା ଚକ୍ର

ବାଲେଶ୍ୱର,୧୬।୩(ବାଞ୍ଛାନିଧି ଦେ)

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା




ଗିରଫ ରାଜା ଚକ୍ର।

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗାନ୍ଧମାର୍ଦ୍ଦନ ଲୋଡ଼ିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ଲିଃରେ ଅନେକ କୋଟି ଟଙ୍କାର ଦୁର୍ନୀତି ମାମଲାରେ ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କୁ ଗୁରୁବାର କ୍ରାଇମ୍ ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିଲା। ଗତ ୧୪ ତାରିଖରେ ବାଲେଶ୍ୱର ଓପିଆଇଡି କୋର୍ଟରେ ଗିରଫ ରାଜା ଚକ୍ରଙ୍କୁ ଇଓଡବ୍ଲ୍ୟୁ ହାଜର କରିଥିଲା। କୋର୍ଟ ପରିସରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ ସୁରକ୍ଷା ବଳୟ ମଧ୍ୟରେ ରାଜାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଇଓଡବ୍ଲ୍ୟୁ ପକ୍ଷରୁ ରିମାଣ୍ଡରେ ନେବା ପାଇଁ ଆବେଦନ କରାଯାଇ ନାହିଁ କି ରାଜାଙ୍କ ପାଇଁ ଜାମିନ ଆବେଦନ କରାଯାଇ ନାହିଁ ବୋଲି ରାଜାଙ୍କ ଓକିଲ ରଘୁନାଥ ପ୍ରଧାନ କହିଛନ୍ତି।

ଏହି ମାମଲାରେ ସମବାୟ ସମିତିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାସଙ୍କୁ ପୂର୍ବରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସଂସ୍ଥାର ସଭାପତି, ସମ୍ପାଦକ ଓ ଅନ୍ୟ ସହଯୋଗୀଙ୍କୁ ହାତବାରିଶି କରି ରାଜା ଅନେକ କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ୨୦୧୭-୧୮ରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ସଂସ୍ଥା ୧୮୫ କୋଟି ଟଙ୍କା ଲାଭ କରିଥିବା ଖାତାରେ ଦର୍ଶାଯାଇଛି। କିନ୍ତୁ ୨୦୧୨-୧୩ରୁ ଏଯାବତ୍ ଏହି ସଂସ୍ଥାର ଅଡିଟ୍ କରାଯାଇ ନାହିଁ। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ସଂସ୍ଥା ପକ୍ଷରୁ ୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ସୋସାଇଟିର ଗାଡ଼ି ବଦଳରେ ରାଜା ନିଜ ଗାଡ଼ି, ମେସିନେରିରେ ୯.୧ କୋଟି ଟଙ୍କାର ତେଲ ପକାଇବା ବାବଦରେ ମା’ କାଳୀ ପେଟ୍ରୋଲ ପମ୍ପକୁ ଗନ୍ଧମାର୍ଦ୍ଦନ ଏଜେନ୍ସିପକ୍ଷରୁ ଏହି ଟଙ୍କା ପ୍ରଦାନ କରାଯାଇଛି। ୪ ବର୍ଷ ଭିତରେ ବିଭିନ୍ନ ଗାଁ ଲୋକଙ୍କ ମୁହଁକୁ ଚୁପ୍ କରି ସମର୍ଥନ ପାଇବାକୁ ସଂସ୍ଥା ପକ୍ଷରୁ ୩୩ କୋଟି ଟଙ୍କା ବଣ୍ଟାଯାଇଛି। ଶ୍ରମିକଙ୍କୁ ଦେୟ ଓ ଲୋଡିଂ ଖର୍ଚ୍ଚ ପାଇଁ ୭୪ କୋଟି ଟଙ୍କା ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ମାମଲାରେ ରାଜାଙ୍କ ୨ ଯାତ୍ରୀବାହୀ ଗାଡ଼ି ଓ ୪୦ ହାଇୱା ଜବତ କରାଯାଇଛି। ଏଥି ସହ ୨ କ୍ରସିଂ ପ୍ଲାଣ୍ଟକୁ ମଧ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଫ୍ରିଜ୍ କରାଯାଇଛି।

# ଏମ୍‌ପି ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ, ୨ ଜେଲ ଗଲେ

ଦିଗପହଣ୍ଡି,୧୬।୩ (ଅଶେଷ ନାଥ ମିଶ୍ର)



କାଳିଆ ପ୍ରଧାନ



ରବୀନ୍ଦ୍ର ପ୍ରଧାନ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ୍ ଗଡ଼ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବ୍ରହ୍ମପୁର ଏମ୍‌ପି ପ୍ରତିନିଧି କେ.ହରିବନ୍ଧୁ ରେଡ୍ଡୀଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀ ପକ୍ଷରୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ରାତି ପ୍ରାୟ ୮ଟାରେ ଗଡ଼ଗୋବିନ୍ଦପୁର ଗ୍ରାମର ନୃସିଂହ ମନ୍ଦିରରେ ହରିବନ୍ଧୁ ତାଙ୍କ ୨ ସହଯୋଗୀ ନୀଳାଞ୍ଚଳ ସାହୁ ଏବଂ ଯଜ୍ଞ ରେଡ୍ଡୀଙ୍କ ସହ କଥା ହେଉଥିଲେ। ଏହି ସମୟରେ ସରପଞ୍ଚଙ୍କ ୪ରୁ ଊର୍ଦ୍ଧ୍ୱ ସମର୍ଥକ ସେଠାରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲେ। ପରେ ହରିବନ୍ଧୁ ଏବଂ ତାଙ୍କ ସମର୍ଥକମାନେ ସରପଞ୍ଚଙ୍କ ଜଣେ ସମର୍ଥକଙ୍କୁ ନିପୁଟ ମାଡ଼ ମାରିଥିଲେ। ଆହତ ହରିବନ୍ଧୁଙ୍କୁ କେତେଜଣ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେହିପରି କାଳିଆଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କେ.ନୂଆଗାଁ ଥାନା ଏବଂ ନୂଆପଡ଼ା ଫାଣ୍ଡି ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛି। ଘଟଣାରେ ସମ୍ପୃକ୍ତ କାଳିଆ ପ୍ରଧାନ ଏବଂ ରବୀନ୍ଦ୍ର ପ୍ରଧାନଙ୍କୁ ଥାନା ମାମଲା ନଂ.୯୨/୨୫ ଅନୁଯାୟୀ ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ହରିବନ୍ଧୁଙ୍କୁ ଆକ୍ରମଣ ଘଟଣାରେ ବ୍ରହ୍ମପୁର ଏମ୍‌ପି ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର ଏବଂ ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ପଞ୍ଚାୟତରେ ୩ ବର୍ଷ ମଧ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କୌଣସି କାମ କରା ନ ଯାଇ ପ୍ରାୟ ୨କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ନେଇ ହରିବନ୍ଧୁଙ୍କ ସମର୍ଥକ ନୀଳାଞ୍ଚଳ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ ପାଇଁ ନୋଟିସ ହେବାରୁ ପ୍ରତିପକ୍ଷ ସରପଞ୍ଚଙ୍କ ସମର୍ଥିତ ଗୋଷ୍ଠୀର ଯୁବକମାନେ ତାଙ୍କୁ ପୂର୍ବରୁ ଆକ୍ରମଣ ପାଇଁ ଧମକ ଦେଇଥିଲେ। ଏନେଇ ସେ ସୁରକ୍ଷା ପାଇଁ ଗଞ୍ଜାମ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲାପାଳ କେ.ନୂଆଗାଁ ଥାନା ଆଇଆଇସିଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି କରିଥିଲେ। ପ୍ରତିପକ୍ଷ ଗୋଷ୍ଠୀର ଯୁବକମାନେ ଏଥିରେ ଉତ୍ତେଜିତ ହୋଇ ଗ୍ରାମରେ ଆତଙ୍କ ଚଳାଇଥିବା ହରିବନ୍ଧୁ କହିଛନ୍ତି। ଏନେଇ ସେ କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ସରପଞ୍ଚ ରଞ୍ଜନ କୁମାର ସାହୁଙ୍କ ସମେତ ଆକ୍ରମଣରେ ସମ୍ପୃକ୍ତ ୪ ଯୁବକଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛନ୍ତି। ଅପରପକ୍ଷରେ ସରପଞ୍ଚ ସାହୁ ତାଙ୍କ ନାଁରେ ହୋଇଥିବା ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଏମ୍‌ଜିଏନ୍‌ଆରଜିଏସ୍‌ରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ। ଆକ୍ରମଣ ପ୍ରତି ଆକ୍ରମଣ ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ସରପଞ୍ଚ ତାଙ୍କ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଘରେ ରହିଲେ ଅଡୁଆ**
**ଘିଅ ଘରେ ରହିଲେ କଡୁଆ।**

ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇ ନ ଥାଏ। କାରଣ ଝିଅକୁ ଘରେ ଅଧିକ ଦିନ ରଖିଲେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ ଏବଂ ବୟସ୍କା ଝିଅର ବାହାଘର କରିବା ମଧ୍ୟ କଷ୍ଟକର ହୋଇପଡ଼ିଥାଏ। ସେହିପରି ଘିଅ ଅଧିକ ଦିନ ଘରେ ସାଇତି ରଖିଲେ ତାହା କଡୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ ଝିଆଣୀ**
**ଦବା ନବା ଯାଏ ମୁହଁ ଚାହାଣି**
**ନ ଦେଲେ କରନ୍ତି ବାଙ୍କ ଚାହାଣି।**

ଯୌତୁକ ଏକ ସାମାଜିକ ବ୍ୟାଧି। ଏହା ଏକ କଳଙ୍କିତ ପ୍ରଥା ହୋଇଥିଲେ ମଧ୍ୟ ବିବାହ ବେଳେ ଝିଅଘର ପକ୍ଷରୁ ଅନେକ ବସ୍ତୁ ବା ଜିନିଷ ଦାନ ଆକାରରେ ଦିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ଦବାନବା ଠିକ୍ ଥିଲେ ଝିଅ ଝିଆଣୀ ବାପଘରକୁ ଯିବା ଆସିବାରେ କିଛି ବାରଣ ରହି ନ ଥାଏ କି ସମ୍ପର୍କରେ ମଧ୍ୟ କିଛି ସମସ୍ୟା ବା ଆଞ୍ଚ ଆସି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୪ ଶିଶୁ ଯୌନ ନିର୍ଯାତନା ମାମଲା, ସବୁ ଅଭିଯୁକ୍ତ ଦୋଷୀ | ୩ ଅଭିଯୁକ୍ତଙ୍କୁ ୨୦ବର୍ଷ, ଜଣଙ୍କୁ ୩ ବର୍ଷ ଜେଲ

ଛତ୍ରପୁର,୧୬।୩(ସନ୍ତୋଷ ପାଢ଼ୀ)

ଗଞ୍ଜାମ ପୋଲିସ ଜିଲାରେ ଘଟିଥିବା ୪ଟି ଶିଶୁ ଯୌନ ନିର୍ଯାତନା ମାମଲାର ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେଇଛନ୍ତି। ଶିଶୁ ଯୌନ ନିର୍ଯାତନା ନେଇ ବଡ଼ଗଡ଼ ଥାନାରେ ୨୦୨୩ ଫେବୃଆରୀ ୧୧ ରେ ରୁଜୁ ମାମଲା (ନଂ. ୮୧) ଏବଂ କବିସୂର୍ଯ୍ୟନଗର ଥାନାରେ ୨୦୨୦ ଡିସେମ୍ବର ୫ରେ ରୁଜୁ ମାମଲା (ନଂ. ୩୩୪)ରେ ଅଭିଯୁକ୍ତଙ୍କୁ କୋର୍ଟ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ଭଞ୍ଜନଗର ଥାନା ଅଞ୍ଚଳରେ ୯ ବର୍ଷର ଜଣେ କନ୍ୟାଙ୍କୁ ବଳାତ୍କାର ହୋଇଥିଲା। ଏନେଇ ଥାନାରେ ୨୦୨୩ ଅକ୍ଟୋବର ୧୦ରେ ରୁଜୁ ମାମଲା (ନଂ.୯୪୨)ର ଦୋଷୀ ଯୁବକଙ୍କୁ କୋର୍ଟ ୨୦ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଶିଶୁ ଯୌନ ନିର୍ଯାତନା ନେଇ ହିଞ୍ଜିଳି ଥାନାରେ ୨୦୨୧ ଫେବୃଆରୀ ୧୪ରେ ରୁଜୁ ମାମଲା (ନଂ. ୫୮)ର ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ସମସ୍ତ ୪ ମାମଲାରେ ପୋକ୍‌ସୋ ଆକ୍ଟରେ ପୋଲିସ ମାମଲା ରୁଜୁ କରିଥିଲା। ମାମଲାଗୁଡ଼ିକର ତଦନ୍ତକାରୀ ଅଫିସର ତଥା ତତ୍କାଳୀନ ବଡ଼ଗଡ଼ ଥାନାର ଏସଆଇ ସତ୍ୟବ୍ରତ ସାହୁ, କବିସୂର୍ଯ୍ୟନଗର ଥାନା ଇନ୍ସପେକ୍ଟର ପ୍ରଭାତ ସାହୁ, ହିଞ୍ଜିଳି ଥାନାର ଏସ୍‌ଆଇ ଶରତ ଚନ୍ଦ୍ର ରାୟ ଏବଂ ଭଞ୍ଜନଗର ଥାନା ଏସ୍‌ଆଇ କେଶବ ଷଡ଼ଙ୍ଗୀଙ୍କ ଠିକ୍ ତଦନ୍ତ ଯୋଗୁ ଏହିସଫଳତା ମିଳିଥିବା ଏସ୍‌ପି କହିଛନ୍ତି।

**ଛାତ୍ରୀଙ୍କ ଫଟୋ ଭାଇରାଲ ଅଭିଯୋଗ**

ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)- ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କ ଫଟୋ ଭାଇରାଲ ହେବାକୁ ନେଇ ତାଙ୍କ ପରିବାର ଲୋକେ ତାଙ୍କ ନାବାଳକ ଟିଉଶନ ସାର୍‌ଙ୍କ ନାମରେ ରବିବାର ଗୋପ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଅଭିଯୁକ୍ତ ଟିଉଶନ ସାର୍ ଫେରାର ଥିବା ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୩।୨୦୨୫

| | |
|---|---|
| ୮,୦୯,୧୧୭ ଟଙ୍କା | |
| ସୁନା | ୨.୨୦୦ ଗ୍ରାମ୍ |
| ରୁପା | ୪୨.୭୦୦ ଗ୍ରାମ୍ |

## ସଂକ୍ଷେପରେ

### କାଦୁଅରେ ହୋଲି ଖେଳିଲେ, ଦହିହାଣ୍ଡି ଭାଙ୍ଗିଲେ



ଯୋଗେଶ୍ୱରପୁର, ୧୬।୩(ରଶ୍ମିରଞ୍ଜନ ସାହୁ)

ରାସାୟନିକ ରଙ୍ଗରେ ହୋଲି ନ ଖେଳି କେତେଜଣ ଯୁବକ କାଦୁଅରେ ହୋଲି ଖେଳିବା ଯୋଗେଶ୍ୱରପୁର ଅଞ୍ଚଳରେ ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ଚାରିଆଡ଼େ ହୋଲି ରଙ୍ଗ ଖେଳା ଯାଉଥିବାବେଳେ ନୟାହାଟ ଫାଣ୍ଡି ଅଧୀନ ଧୁମାଳ ପଞ୍ଚାୟତ ଯୋଗେଶ୍ୱରପୁର ମହାଦେବଙ୍କ ପୀଠରେ ଦ୍ୱିତୀୟ ବାର୍ଷିକ ହୋଲି ଉତ୍ସବ ତୀର୍ଥବାସୀଙ୍କ ନେତୃତ୍ୱରେ ମାଟିରେ ଏକ ନିଆରା ଢଙ୍ଗରେ ହୋଲି ଖେଳା ଯାଇଥିଲା। ଏଥିରେ ପ୍ରମୋଦ ଦାସ, ସୁକାନ୍ତ ମଲ୍ଲିକ, ପ୍ରମୋଦ ପ୍ରଧାନ, କୈଳାସ ମୁଦୁଲି, ମିଟୁ ମୁଦୁଲି ପ୍ରମୁଖ ମାଟିରେ ହୋଲି ଖେଳି ଉପରେ ଟଙ୍ଗା ଯାଇଥିବା ଦହିହାଣ୍ଡି ଭାଙ୍ଗିଥିଲେ। ଭାଗୀରଥି ମିଶ୍ରଙ୍କ ଦ୍ୱାରା ୪ ଘଣ୍ଟା ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାବେଶ ହୋଇଥିଲା। ଶେଷରେ ଉପସ୍ଥିତ ଲୋକେ ମହାଦେବଙ୍କ ପ୍ରସାଦ ସେବନ କରିଥିଲେ।

### ଧାନମଣ୍ଡିରୁ ଚୋରିବେଳେ ଧରାପଡ଼ି ମାଡ଼ଖାଇଲେ

ବଲଙ୍ଗା, ୧୬।୩(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଶାଇଶ ପଞ୍ଚାୟତର କୁଅଁରପୁରଠାରେ ଥିବା ଧାନମଣ୍ଡିରୁ ଶନିବାର ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ଧାନ ଚୋରି କରିବା ସମୟରେ ଧରାପଡ଼ି ନିସ୍ତୁକ ମାଡ଼ ଖାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ପୋଲିସ ଜିମା ଦେଇଛନ୍ତି। ସମବାୟ ସମିତି ସଭାପତି ଜିତେନ ଦ୍ୱିବେଦୀଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତରଜଙ୍ଗର ରଞ୍ଜନ କାଣ୍ଡି, କୋଠସାହିର ରାକେଶ ପାତ୍ର ଓ ବ୍ରହ୍ମପୁରର କ୍ରିଷ୍ଣା ମଲ୍ଲିକଙ୍କୁ ଗିରଫ କରିବା ସହ ୨ଟି ବାଇକ୍ ଜବତ କରିଛି।

# ପପୁଙ୍କ କମେଡି, ଅଭିଜିତ୍‌ଙ୍କ ସଙ୍ଗୀତରେ ବିମୋହିତ ଦର୍ଶକ

କାକଟପୁର/ଅସ୍ତରଙ୍ଗ, ୧୬।୩ (ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଚତୁର୍ଦ୍ଦଶ ମା' ମଙ୍ଗଳା ମହୋତ୍ସବ କାକଟପୁର ହାଇସ୍କୁଲ ପଛ ପଡ଼ିଆରେ ୩ ଦିନ ଧରି ଆୟୋଜିତ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ସିନେ ଜଗତର ହାସ୍ୟାଭିନେତା ପପୁ ପମ୍‌ପମ୍ କମେଡିରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଉତ୍ସବରେ ଘଣ୍ଟ, ମର୍ଦ୍ଦଳ ଓ ସଂକୀର୍ତ୍ତନ ସହିତ ମା' ମଙ୍ଗଳାଙ୍କ ମନ୍ଦିରରୁ ଜ୍ୟୋତି ଆବାହନ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତଥା ମହୋତ୍ସବ କମିଟି ସଭାପତି ତୁଷାରକାନ୍ତି ବେହେରା, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଦେଖି ମନୋରଞ୍ଜନ କରିଥିଲେ ଦର୍ଶକ। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ ସାହୁ ମହୋତ୍ସବକୁ ଉପଭୋଗ କରିଥିଲେ। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ରାମାରେ ରାମାରେ ଗୀତଠାରୁ ଆରମ୍ଭ କରି ଅନେକ ଗୀତ ପରିବେଷଣ କରିଥିଲେ। ଏହାସହ ନୁପୁର ଧ୍ୱନିଡ୍ୟାନ୍ସ ଏକାଡେମୀ ପକ୍ଷରୁ ରାଜସ୍ଥାନୀ ଗୀତ, ଆରୀୟାନ ଡ୍ୟାନ୍ସ ଗ୍ରୁପର ସୁନ୍ଦର ଗଣେଶ ବନ୍ଦନା ସହ ଓଡ଼ିଶୀ, ସମ୍ବଲପୁରୀ ଗୀତ, ମହାବୀର ଡ୍ୟାନ୍ସ ଏକାଡେମୀ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ



ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

### ମା' ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ

ଅଭିଜିତ୍ ମଜୁମଦାରଙ୍କ 'ସକାଳ ପହିଲି ଗାଡ଼ିରେ'ଠାରୁ ଆରମ୍ଭ କରି ଅନେକ ହିଟ୍ ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଶିକ୍ଷାବିତ୍ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଆଙ୍କର ଶୋଭନା ମିଶ୍ର ନିଜର ଉପସ୍ଥାପନା କରିଥିଲେ। ଶେଷ ସନ୍ଧ୍ୟାରେ ମଙ୍ଗଳା ସମ୍ମାନ କାକଟପୁର ସମ୍ମାନରେ ରାମଚନ୍ଦ୍ର ଦୀକ୍ଷିତ, ଗତିକୃଷ୍ଣ ସ୍ୱାଇଁ ସ୍ମାରକୀ ସମ୍ମାନରେ ଡକ୍ଟର ଭରତ ପଣ୍ଡା ଓ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନ ଗୋଟିପୁଅ ନୃତ୍ୟଗୁରୁ ଲିଙ୍ଗରାଜ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# ହୋଲି ଖେଳିଲେ ଜାପାନୀ ପର୍ଯ୍ୟଟକ



ଜାପାନୀ ପର୍ଯ୍ୟଟକମାନେ ହୋଲି ଖେଳୁଛନ୍ତି ।

ପୁରୀ, ୧୬।୩(ଅଜିତ୍ କୁମାର ମହାନ୍ତି)

ରଙ୍ଗର ପର୍ବ ହୋଲି ଖେଳିଲେ ଜାପାନୀ ପର୍ଯ୍ୟଟକ। ଶନିବାର ଭାରତ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ଆୟୋଜିତ ହୋଲି ଉତ୍ସବରେ ବହୁ ଜାପାନୀ ପର୍ଯ୍ୟଟକ ସାମିଲ ହୋଇ ପରସ୍ପରକୁ ରଙ୍ଗ, ଅବିର ଲଗାଇବା ସହ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଏ ସମ୍ପର୍କରେ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ଭାଇଚାରାର ପର୍ବ ହୋଲି ଏବଂ ଉତ୍କଳୀୟ ସଂସ୍କୃତି ସମ୍ପର୍କରେ ସମ୍ପୃକ୍ତ ପର୍ଯ୍ୟଟକଙ୍କୁ ଜାପାନୀ ଭାଷାରେ ଅବଗତ କରାଇବା ପରେ ସେମାନେ ହୋଲି ଖେଳିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସେମାନେ ପ୍ରଥମେ ସେଣ୍ଟର ପରିସରରୁ ବାହାରି ରାସ୍ତାରେ ସମସ୍ତଙ୍କ ସହିତ ପ୍ରାକୃତିକ ରଙ୍ଗରେ ହୋଲି ଖେଳି ଚକ୍ରତୀର୍ଥ ବେଳାଭୂମିରେ ପହଞ୍ଚିଥିଲେ। ସେଠାରେ ଅନ୍ୟ ପର୍ଯ୍ୟଟକଙ୍କ ସହ ହୋଲି ଖେଳିସାରିବା ପରେ ସମୁଦ୍ର ସ୍ନାନର ମଜା ନେଇଥିଲେ। ଏହାଦ୍ୱାରା ଉଭୟ ଦେଶର ଭାଇଚାରା ଓ ସମ୍ପର୍କ ଆହୁରି ସୁଦୃଢ଼ ହେବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ଦାଶ ମତବ୍ୟକ୍ତ କରିଛନ୍ତି।

# ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ

ପୁରୀ, ୧୬।୩(ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଏବଂ ଲିଙ୍ଗରାଜ କଳା ନିକେତନର ମିଳିତ ଆନୁକୂଲ୍ୟରେ ଭକ୍ତକବି ବନମାଳି ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଶୁକଦେବ ମହାନ୍ତି ମୁଖ୍ୟବକ୍ତା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଏବଂ ବରିଷ୍ଠ ସେବାୟତ ଭଗବାନ ସୁଆର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ଭକ୍ତକବି ବନମାଳି ଦାସଙ୍କ ସମ୍ପର୍କରେ ଆୟୋଜିତ ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଚାରକ ଡ. ନରେଶ ଚନ୍ଦ୍ର ଦାଶ ଏବଂ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସମ୍ପାଦକ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତ ଗୁରୁ ଉର୍ମିଳା ପ୍ରଧାନଙ୍କୁ ଚଳିତ ବର୍ଷର ଭକ୍ତକବି ବନମାଳି ଦାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ପ୍ରକାଶ କୁମାର ରଥ ଏବଂ ଗୁରୁ ତାପସ କୁମାର ନାୟକଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସାଇଶ୍ରୀ କଳା ପରିଷଦ, ପୁରୀର କଳାକାରମାନେ ଓଡ଼ିଶୀ ଭକ୍ତି ସଙ୍ଗୀତ ଓ ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଧବଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ତବଲା ଗୁରୁ ସାରଦା ପ୍ରସନ୍ନ ମିଶ୍ର, ନୃତ୍ୟ ଗୁରୁ ମନୋଜ ପ୍ରଧାନ, ବେହେଲା ଗୁରୁ ହରିଶ ଚନ୍ଦ୍ର ଦାସ, ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର, ହାରମୋନିୟମ ଗୁରୁ ପ୍ରକାଶ ରଥ ଏବଂ ଖୋଳ ଗୁରୁ ମନୋଜ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ ଏବଂ ଅନ୍ୟମାନେ ।

# କାର୍ ଧକ୍କାରେ ଯୁବକ ମୃତ

ନିମାପଡ଼ା, ୧୬।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଦିପିରେଣ୍ଟା ଗ୍ରାମର ସୂର୍ଯ୍ୟନାରାୟଣ ସେନାପତି (୨୭)ଙ୍କୁ ଶନିବାର ଏକ କାର୍ ଧକ୍କା ଦେବାରୁ ତାଙ୍କ ମୃତ୍ୟୁ ଘଟିଛି। ସୂର୍ଯ୍ୟନାରାୟଣ ନିମାପଡ଼ା ବଜାରରୁ ଚାଲି ଚାଲି ମହାବୀର କଲୋନୀକୁ ଯାଉଥିବାବେଳେ କୋଣାର୍କରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ଟିଭିଏସ୍ ଶୋ' ରୁମ୍ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଥିଲେ। ତାଙ୍କ ମୁଣ୍ଡରୁ ଅତ୍ୟଧିକ ରକ୍ତସ୍ରାବ ହେଉଥିବାରୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ପରେ ଏମ୍ସରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ କାର୍ ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ପୋଲିସ ପହଞ୍ଚି କାର୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଏ ସମ୍ପର୍କରେ ମୃତ ସୂର୍ଯ୍ୟନାରାୟଣଙ୍କ ଭାଇ ବାସୁଦେବ ସେନାପତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୭୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଗୋହତ୍ୟା ବନ୍ଦ ପାଇଁ କଠୋର ଆଇନ ପ୍ରଣୟନ ଦାବିରେ ପୂଜ୍ୟପୂଜା ସଂସଦ ପକ୍ଷରୁ ରବିବାର ପୁରୀ ଗାନ୍ଧୀପୀଠଠାରେ ସତ୍ୟାଗ୍ରହ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଶ୍ରୀମନ୍ଦିର, ବେଳାଭୂମିରେ ପ୍ରବଳ ଗହଳି

ପୁରୀ, ୧୬।୩(ଅଜିତ୍ କୁମାର ମହାନ୍ତି):

ଶ୍ରୀମନ୍ଦିର ଓ ପୁରୀ ବେଳାଭୂମିରେ ରବିବାର ପ୍ରବଳ ଗହଳି ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଠିଆହୋଇ ରହିଥିଲେ। ତେବେ ପ୍ରବଳ ତାତି ଯୋଗୁ ସେମାନଙ୍କୁ କଲବଲ ହେବାକୁ ପଡ଼ିଥିଲା। ଚାରିଦ୍ୱାର ଖୋଲାଯାଇଥିଲେ ମଧ୍ୟ ଅତ୍ୟଧିକ ଭିଡ଼ ସମୟରେ ଭକ୍ତଙ୍କୁ ହଇରାଣ ହେବାକୁ ପଡୁଛି। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି। ସେହିପରି ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ବହୁ ପର୍ଯ୍ୟଟକ ସମୁଦ୍ର ସ୍ନାନର ମଜା ନେଉଥିବାବେଳେ ଅନେକେ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଓଟ ଏବଂ ଘୋଡ଼ା ପିଠିରେ ବସି ବୁଲୁଥିବା ଦେଖିବାକୁ ମିଳିଥିଲା।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ।

# ପୂର୍ବ ବିବାଦରୁ ୨ ପରିବାର ମଧ୍ୟରେ ସଂଘର୍ଷ, ୩ ଗିରଫ

ନିମାପଡ଼ା, ୧୬।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବିଷ୍ଣୁପୁର ଗ୍ରାମରେ ପୂର୍ବ ବିବାଦ, ଶତ୍ରୁତା ଓ ଦୋକାନ ଭଙ୍ଗାରୁଜା ଘଟଣାକୁ ନେଇ ୨ ପରିବାର ମଧ୍ୟରେ ଶନିବାର ଗଣ୍ଡଗୋଳ ସହ ସଂଘର୍ଷ ହୋଇଛି। ଏଥିରେ ଉଭୟ ପରିବାରର ସତୀ ବେହେରା, ସୁଦର୍ଶନ ବେହେରା, ଅମୂଲ୍ୟ ବେହେରା, ପ୍ରଦ୍ୟୁମ୍ନ ମଲ୍ଲିକ, ଭୀମସେନ ମଲ୍ଲିକ ପ୍ରମୁଖ ୫ ଜଣ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏହି ଘଟଣାରେ ସତୀ ୪ ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ପରିବାରର ପ୍ରଦ୍ୟୁମ୍ନ ୩ ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷ ଅଭିଯୋଗକୁ ଭିତ୍ତି କରି ପୋଲିସ ୭ ଜଣଙ୍କ ବିରୋଧରେ ପୃଥକ୍ ଭାବେ ୭୬/୨୫ ଓ ୭୭/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଗଣ୍ଡଗୋଳ ମାମଲାରେ ପୋଲିସ ଉଭୟ ପକ୍ଷର ପ୍ରଦ୍ୟୁମ୍ନ, ଭୀମସେନ, ସୁଦର୍ଶନ ପ୍ରମୁଖ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବାଦଭୂଇଁ ମେଳଣପଡ଼ିଆରେ ବୋମା ମାଡ଼, ୫ ଆହତ

ବ୍ରହ୍ମଗିରି, ୧୬।୩ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅଧୀନ ବାଦଭୂଇଁ ଦୋଳଯାତ୍ରା ଶନିବାର ରଣକ୍ଷେତ୍ର ପାଲଟିଥିଲା। ଯାତ୍ରା ପରିବେଷଣକୁ ନେଇ ୨ ଗାଁ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ସହ ବୋମା ମାଡ଼ ହୋଇଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି। ଖବର ପାଇ ବ୍ରହ୍ମଗିରି ପୋଲିସ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ସୂଚନା ଅନୁଯାୟୀ, ବାଦଭୂଇଁ ଦୋଳଯାତ୍ରାକୁ ୩୫ ମୌଜାରୁ ୧୦ଟି ଦୋଳ ବିମାନ ଆସି ୩ ଦିନ ଧରି ମେଳଣ ଚାଲିଥାଏ। ଏହାର ବିଶେଷ ଆକର୍ଷଣ ପାଲଟିଥାଏ ଯାତ୍ରା ପରିବେଷଣ, ଯାହାକୁ ନେଇ ଲୋକେ ଏହାକୁ ବାଦଭୂଇଁ ମେଳଣ ବୋଲି କୁହନ୍ତି। ଚଳିତବର୍ଷ ୨ ଗାଁ- ନୂଆଗାଁ ଓ ପିରିଜିପୁର ଗାଁ ଦ୍ୱାରା ୨ଟି ଯାତ୍ରା ପାର୍ଟି ନାଟକ ପରିବେଷଣ କରୁଥିଲା। କିନ୍ତୁ ନାଟକ ପରିବେଷଣର ସଫଳତା ଓ ବିଫଳତାକୁ ନେଇ ୨ ଗାଁ ମଧ୍ୟରେ ବିବାଦ ଦେଖାଦେଇଥିଲା। ଶନିବାର ନୂଆଗାଁ ଯାତ୍ରା ପାର୍ଟିରେ ଜଣେ ସଦସ୍ୟ ପିରିଜିପୁର ଯାତ୍ରା ପାର୍ଟିକୁ ଆସିଥିଲେ। ସେଠାରେ କଥାବାର୍ତ୍ତାରୁ ଯୁକ୍ତିତର୍କ ଆରମ୍ଭ ହୋଇ ଉଗ୍ର ରୂପ ଧାରଣ କରିଥିଲା। ଫଳରେ ଉକ୍ତ ଘଟଣାକୁ ନେଇ ୨ ଗାଁ ମଧ୍ୟରେ ସଂଘର୍ଷ ହେବା ସହ ବୋମାମାଡ଼ ହୋଇଥିଲା। ବୋମାମାଡ଼ରେ ମେଳଣକୁ ଆସିଥିବା ଦୋଳ ବିମାନ ମଧ୍ୟ ବାଦ ପଡ଼ିନାହାନ୍ତି। ଉକ୍ତ ଯାତ୍ରା ପାର୍ଟିର ମଞ୍ଚ ଉପରେ ବୋମା ମାଡ଼ ହେବା ଦ୍ୱାରା ଯାତ୍ରା ମଞ୍ଚ କ୍ଷତିଗ୍ରସ୍ତ ହୋଇଛି।

### ଗୋଷ୍ଠୀ ସଂଘର୍ଷ, ୧୦ ଗିରଫ

କଣାସ, ୧୬।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କଣାସ ଥାନା ପରିସରଭୁକ୍ତ ଅଣ୍ଡାଳିସିଂହ ଗ୍ରାମପଞ୍ଚାୟତ ରୁଢ଼ୁପୁର ଗ୍ରାମରେ ହୋଲି ଖେଳକୁ କେନ୍ଦ୍ରକରି ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୧୦ ଜଣ ଆହତ ହେବା ସହ ଉଭୟ ପକ୍ଷଙ୍କ ପକ୍ଷରୁ ଏତଲା ହୋଇଛି। ଏନେଇ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଝୁଞ୍ଝାରସିଂହ ୨ଟି ମକଦ୍ଦମା ରୁଜୁ କରିବା ସହ ୧୦ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି। କଣାସ ଥାନା କେସ୍ (ନଂ. ୫୩/୨୫)ରେ ୬ ଜଣଙ୍କୁ ଓ (ନଂ. ୫୪/୨୫)ରେ ୪ ଜଣଙ୍କୁ ଗିରଫ କରାଯାଇଛି।

# ମହାପ୍ରଭୁଙ୍କ ହୋଲି ଉତ୍ସବ, ଚନ୍ଦନ ଅନୁକୂଳ ନୀତି ସମ୍ପନ୍ନ

ପୁରୀ, ୧୬।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ର ମାସ କୃଷ୍ଣ ପ୍ରତିପଦା ତିଥି ଅବସରରେ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ହୋଲି ଉତ୍ସବ ଓ ଚନ୍ଦନ ଅନୁକୂଳ ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ଏହି ନୀତି ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ ବେଶରେ ତିନିଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କଠାରେ ଲାଗି କରାଯାଇଥିଲା। ଦକ୍ଷିଣୀଘର ଭୋଗ ସରିବା ପରେ ମହାଜନ ସେବକମାନେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକମାନେ ଝୁଲଣମଣ୍ଡପ ତଳେ ଥିବା ବିମାନରେ ଠାକୁର ଠାକୁରାଣୀଙ୍କୁ ବିଜେ କରାଇବା ପରେ ଫୁଲମାଳ ଲାଗିକରାଯାଇଥିଲା। ଘଣ୍ଟ, ଛତା, କାହାଳୀ ଓ ପଟୁଆରରେ ବିମାନ ବଡୁମାନଙ୍କ ଦ୍ୱାରା ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ରାସ୍ତାରେ ନରେନ୍ଦ୍ର ଚକଡ଼ାକୁ ଠାକୁରାଣୀ ଠାକୁରଙ୍କୁ ନିଆଯାଇଥିଲା। ସେଠାରେ ଜଳଲାଗି କରାଯାଇଥିଲା। ମୁଦିରସ୍ତ ହଳଦୀ ପାଣିରେ ଠାକୁର ଠାକୁରାଣୀଙ୍କୁ ପିଚ୍‌କାରି ଓ ପ୍ରସାଦ ଲାଗି ଏବଂ ପୂଜାପଣ୍ଡା ସାମନ୍ତ ଶୀତଳ ଭୋଗ ମଣୋହି କରିଥିଲେ। ମୁଦିରସ୍ତ ବନ୍ଦାପନା ଓ ରାଜନୀତି ନୀତି ସମ୍ପନ୍ନ କରିବା ପରେ ନରେନ୍ଦ୍ର ପୁଷ୍କରିଣୀରେ ବେଷ୍ଟନୀତି ଅନୁଷ୍ଠିତ ହୋଇଥିଲା। ସମସ୍ତ ନୀତି ସରିବା ପରେ ଠାକୁର, ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ଭୁବନେଶ୍ୱର ରେନ୍‌ବୋ ଦଳ ଚାମ୍ପିୟନ

### ଆଚାର୍ଯ୍ୟ ହରିହର ସ୍ମାରକୀ ଭଲିବଲ

ସାକ୍ଷୀଗୋପାଳ, ୧୬।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଶାସନରେ ଆଚାର୍ଯ୍ୟ ହରିହର ଯୁବ ପରିଷଦ ପକ୍ଷରୁ ୫୩ତମ ବାର୍ଷିକ ଆଚାର୍ଯ୍ୟ ସ୍ମାରକୀ ଭଲିବଲ୍ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ଯୁବ ପରିଷଦ ସଭାପତି ଅଜିତ କୁମାର ନନ୍ଦ, ସମ୍ପାଦକ ସୁବ୍ରତ ନନ୍ଦ, ସୁଧୀର ତ୍ରିପାଠୀ, ଅଜୟ ତ୍ରିପାଠୀ, କୋଚ ପ୍ରଭାକର ତ୍ରିପାଠୀ, ଗ୍ରାମ କୋଠ ସମ୍ପାଦକ ମାନସ ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବାଲେଶ୍ୱର ଭଲିବଲ୍ ଦଳ, ଭୁବନେଶ୍ୱର ରେନ୍‌ବୋ ଭଲିବଲ ଦଳ, ପୁରୀ କ୍ଲବ ଭଲିବଲ୍ ଦଳ ଓ ଶ୍ରୀକ୍ଷେତ୍ର ପୁରୀ ଭଲିବଲ୍ ଦଳ ମଧ୍ୟରେ ସେମି ଫାଇନାଲ ମ୍ୟାଚ ହୋଇଥିଲା। ଫାଇନାଲ ମ୍ୟାଚରେ ଶ୍ରୀକ୍ଷେତ୍ର ପୁରୀ ଭଲିବଲ୍‌କୁ ହରାଇ ଭୁବନେଶ୍ୱର ରେନ୍‌ବୋ ଭଲିବଲ୍ ଚାମ୍ପିୟନ ହୋଇଛି। ଭଲିବଲ୍ ଫେଡେରେଶନ ଅଫ ଇଣ୍ଡିଆର ରେଫେରୀ ତ୍ରିଲୋଚନ ଦାସ, ବିଦ୍ୟୁତ ଭୂଷଣ ରଥ ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ସମ୍ମାନିତ ଅତିଥି ରୂପେ ଅନନ୍ତ ଦାସ ମହାପାତ୍ର ଓ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ରୀକ୍ଷେତ୍ର ପୁରୀ ଭଲିବଲ୍ ଦଳର ମୋହନ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୁରୀର ପାୟୋନିଅରକୁ ହରାଇ ରାଉରକେଲା ଚାମ୍ପିୟନ

### ଦ୍ୱିତୀୟ ଧର୍ମେନ୍ଦ୍ର ସାହୁ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଗୋପ, ୧୬।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଦ୍ୱିତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପୁରୀର ପାୟୋନିଅର କ୍ଲବକୁ ହରାଇ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନ ଚଳିତବର୍ଷର ଚାମ୍ପିୟନ ହୋଇଛି।

ରାଉରକେଲା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୨୨୬ ରନ କରିଥିଲା। ଜବାବରେ ପୁରୀ ୧୯ ଓଭର ୫ ବଲ୍‌ରେ ୧୮୫ ରନ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ବିଜେଡି ଜିଲା ସଭାପତି ଦିବାକର ପାତ୍ର, ସମ୍ମାନିତ ଅତିଥି ଭାବେ କସ୍ତୁରୀବାଳା ଫାଉଣ୍ଡେଶନ ପ୍ରତିଷ୍ଠାତା କସ୍ତୁରୀବାଳା ସ୍ୱାଇଁ, ସୁବ୍ରତ ଛାଟୋଇ, ଆଇନଜୀବୀ ରଣଜିତ୍ ସାହୁ, ସାମାଜିକ କର୍ମୀ କୁମାର ତରୁନ, ବ୍ୟବସାୟୀ ଜୟଦେବ ମହାପାତ୍ର, ପୂର୍ବତନ ସରପଞ୍ଚ ନୀରଞ୍ଜନ ଶଗଡ଼ିଆ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗୋପ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଚାମ୍ପିୟନ ରାଉରକେଲାକୁ ନଗଦ ୪୦ ହଜାର ଟଙ୍କା, ଟ୍ରଫି ଓ ରନର୍ସ ଅପ ଦଳ ପୁରୀ ପାୟୋନିଅରକୁ ନଗଦ ୨୫ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ରାଉରକେଲାର ମୃତ୍ୟୁଞ୍ଜୟ ପାଣ୍ଡେଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ମ୍ୟାନ ଅଫ୍ ଦି ମ୍ୟାଚ୍‌ରେ ସମ୍ମାନିତ କରାଯାଇଥିଲା। ଖେଳକୁ ସିନିୟର ଅମ୍ପାୟର ନିର୍ମଳ କୁମାର ମିଶ୍ର, ପ୍ରମୋଦ କୁମାର ସିହ୍ନା ପରିଚାଳନା କରିଥିଲେ। ଭାଷାକାର ମନୋଜ ପାତ୍ର, ସଂଗ୍ରାମ କେଶରୀ ଭୋଳ, ସୁନାକର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଟ୍ରଫିସହ ଚାମ୍ପିୟନ ଦଳର ଖେଳାଳିମାନେ ।

## ସଂକ୍ଷେପରେ

### ଜଙ୍ଗଲରୁ ମୃତଦେହ ଜବତ

ବାରଙ୍ଗ,୧୬।୩(ଲିଙ୍ଗରାଜ ରାଉତ) ଚନ୍ଦକା ଥାନା ଅଧୀନ ବିସ୍କୁଟ ଫ୍ୟାକ୍ଟ୍ରିଠାରୁ ଅଳ୍ପଦୂର ସିମିଲିପାଟଣା ପଛପଟ ଜଙ୍ଗଲରୁ ରବିବାର ସକାଳୁ ଏକ ପରିତ୍ୟକ୍ତ ମୃତଦେହକୁ ପୋଲିସ ଜବତ କରିଛି। ମୃତଦେହଟି ପଚି ଯାଇଥିବାରୁ ଚିହ୍ନିବା କଷ୍ଟସାଧ ହୋଇଛି। ସକାଳୁ ସ୍ଥାନୀୟ କେତେଜଣ ଯୁବକ ଦୁର୍ଗନ୍ଧ ହେଉଥିବା ଜାଣି ଜଙ୍ଗଲ ମଧ୍ୟକୁ ଯିବା ପରେ ପରିତ୍ୟକ୍ତ ମୃତଦେହଟି ପଡ଼ିଥିବା ଜଣାପଡ଼ିଥିଲା। ମୃତକ ଜଣେ ପୁରୁଷ ବୋଲି ଜଣାପଡ଼ିଥିବାବେଳେ ପାଖରେ ଏକ ବ୍ଲୁ ରଙ୍ଗର ପ୍ୟାଣ୍ଟ ପଡ଼ିଛି। ତେବେ କେହି ତାଙ୍କୁ ମାରି ଏଠାରେ ପକାଇଥିବା ଚର୍ଚ୍ଚା ଜୋର ଧରିଛି। ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ହୋଲିରେ ସଂଘବଦ୍ଧ ଆକ୍ରମଣ, ୨ ଗୁରୁତର

ବାଲକାଟୀ,୧୬।୩(ମନୋଜ ମଣ୍ଡଳ) ହୋଲିରେ ବାଲକାଟୀ ଫାଣ୍ଡି ଅଧୀନ ବସନ୍ତପେଡ଼ି କେନାଲ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ୍ ପାଖରେ ସଂଘବଦ୍ଧ ଆକ୍ରମଣରେ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଝିଙ୍କିଶାସନ ଗ୍ରାମର ରାକେଶ ପାତ୍ର ଓ ଖଣ୍ଡାୟତ ସାହିର ରାକେଶ ଜେନା। ଆକ୍ରମଣରେ ରାକେଶଙ୍କ ମୁଣ୍ଡ ଓ କାନରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲକାଟୀ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ଏନେଇ ଆହତ ଯୁବକଙ୍କ ପକ୍ଷରୁ ବାଲକାଟୀ ଫାଣ୍ଡିରେ ପ୍ରାୟ ୧୨ ଜଣଙ୍କ ନାମରେ ଅଭିଯୋଗ ହୋଇଛି। ଦୁଇ ଜଣ ଶନିବାର ହୋଲି ଖେଳିବାକୁ କେତେଜଣ ସାଙ୍ଗଙ୍କୁ ପେଟ୍ରୋଲ ପମ୍ପ ପାଖରେ ଅପେକ୍ଷା କରିଥିଲେ। ମଉକା ପାଇ ପୂର୍ବ ଶତ୍ରୁତାକୁ ନେଇ ବିପକ୍ଷ ଗୋଷ୍ଠୀର ୧୦/୧୨ ଜଣ ଯୁବକ ଦୁହିଁଙ୍କୁ ଆକ୍ରମଣ କରିଥିଲେ। ଫାଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ ରାମଚନ୍ଦ୍ର ସାହୁ କହିଛନ୍ତି, ଲିଖିତ ଅଭିଯୋଗ ହେଇଛି। ଇଞ୍ଜୁରି ରିପୋର୍ଟ ଦେବା ପରେ ରିପୋର୍ଟ ଲେଖାହେବ।

### ପ୍ରମିଳା ଜେନାଙ୍କ ପରଲୋକ

ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)- ସିପିଆଇ ସଦସ୍ୟା ତଥା ଦଳର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନାଙ୍କ ସ୍ତ୍ରୀ ପ୍ରମିଳା ଜେନା(୬୧)ଙ୍କର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଦେହାନ୍ତ ସମୟରେ ସ୍ୱାମୀ, ବଡ଼ପୁଅ ଅନିଲ କୁମାର ଜେନା, ସାନପୁଅ ସୁନିଲ କୁମାର ଜେନା, ବୋହୂ ରଶ୍ମିରେଖା ଜେନା, ସାନ ବୋହୂ ମିତାଲି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କଲେଜରୁ ମରଶରୀରକୁ



ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିଜୟ ଜେନା, ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନକୁ ମୃତଦେହ ଅଣାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ମରଶରୀର ଉପରେ ଲାଲ୍ ପତାକା ଆଚ୍ଛାଦନ କରି ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଅନିଲ ମୁଖାଗ୍ନି ଦେଇଥିଲେ। ଭଗବତୀ ଭବନଠାରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ରାଜ୍ୟ କଣ୍ଟ୍ରୋଲ କମିଶନ ଅଧ୍ୟକ୍ଷ ବସନ୍ତ ପାଇକରାୟ, ଉତ୍କଳ ମହିଳା ସମିତି ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ସତୀଶ ମିଶ୍ର, ଅଖିଳ ଭାରତ ଛାତ୍ରସଂଘ ରାଜ୍ୟ ସଭାପତି ସଂଘମିତ୍ରା ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ରକ୍ତର ହୋଲି ଖେଳିଲେ ଅଭିଯୁକ୍ତ

## ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ଛୁରି ଭୁସି ହତ୍ୟା

### ସ୍ୱାମୀଙ୍କୁ ମାରିଥିବା ଲୋକଙ୍କୁ ଫାଶୀହେଉ: ସ୍ତ୍ରୀ

ଭୁବନେଶ୍ୱର,୧୬।୩(ସତ୍ୟଜିତ୍ ରାଉତ)



ମୃତ ଗୋପୀ ଗୁଣି।



ଗିରଫ ମୁଖ୍ୟ ଅଭିଯୁକ୍ତ ବାନା ଗୁଣି ।

ଘର ଆଗରେ ମ୍ୟୁଜିକ୍ ବକ୍ସ ବାଜୁଥିଲା। ହୋଲିର ରଙ୍ଗରେ ସମସ୍ତେ ରଙ୍ଗିନ୍ ହେଉଥିଲେ। ବସ୍ତି ଲୋକ ପରସ୍ପରକୁ ରଙ୍ଗ ବୋଳି ଉତ୍ସବ ମନାଉଥିଲେ। ହେଲେ ହଠାତ୍ ଗଣ୍ଡଗୋଳ ଘଟିଲା। ହୋଲିର ଖୁସି କ୍ଷଣକରେ ମିଳାଇଗଲା। ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ସ୍ତ୍ରୀ ଆଗରେ ସ୍ୱାମୀଙ୍କ ଜୀବନ ନେଇଗଲେ ୩ ଅସାମାଜିକ ଯୁବକ। ମୃତକ ହେଲେ ସେହି ବସ୍ତିରେ ରହୁଥିବା ଗୋପୀ ଗୁଣି। ଶନିବାର ଘଟିଥିବା ଏହି ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୋଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାନା ଗୁଣି (୨୦)ଙ୍କୁ ଗିରଫ କରିଛି। ଏଥିସହ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତ ପିଙ୍କୁ ଗୁଣିଙ୍କୁ ଧରିବାକୁ ଖୋଜାଖୋଜି କରୁଛି। ତେବେ ପିଙ୍କୁ ଓ ବାନାଙ୍କ ନାଁରେ ଶହୀଦନଗର ଥାନାରେ ଗୋଟିଏ ଲେଖାଏ ମାମଲା ଥିବା ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶାନ୍ତିପଲ୍ଲୀ ବସ୍ତିରେ ଶନିବାର ଦିନବେଳା ହୋଲି ଉତ୍ସବ ବେଳେ ନାଚଗୀତ ଚାଲୁଥିଲା। ମୃତ ଗୋପୀଙ୍କ ଘର ଆଗରେ ମ୍ୟୁଜିକ୍ ବକ୍ସ ବାଜିବା ସହ ଉତ୍ସବ ମନା ଯାଉଥିଲା। ଗୋପୀଙ୍କ ପରିବାର ଲୋକେ ମଧ୍ୟ ସେଠାରେ ନାଚଗୀତ କରୁଥିଲେ। ଦିନ ପ୍ରାୟ ୧ଟାରେ ୩ ଅଭିଯୁକ୍ତ ସେଠାକୁ ଆସି ରଙ୍ଗ ଖେଳିଥିଲେ। ନିଶାଗ୍ରସ୍ତ ଅବସ୍ଥାରେ ଆତଙ୍କ ରଚିବା ସହ ରଙ୍ଗ ଲଗାଇଥିଲେ। ଫଳରେ ଗୋପୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସାମାନ୍ୟ ବଚସା ପରେ ଭୟଙ୍କର ରୂପ ଧାରଣ କରିଥିଲା। ଗୋପୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଅନ୍ୟ ଦୁଇ ଅଭିଯୁକ୍ତ ଗୋପୀଙ୍କୁ ଭିଡି ଧରିଥିବା ବେଳେ ବାନା ଛୁରି ଭୁସି ହତ୍ୟା କରିଥିଲେ। ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ତ୍ରୀ ରାଜେଶ୍ୱରୀ ଏହି ଘଟଣା ଦେଖୁଥିଲେ ମଧ୍ୟ ସ୍ୱାମୀଙ୍କୁ ବଞ୍ଚାଇ ପାରି ନ ଥିଲେ। ରାଜେଶ୍ୱରୀଙ୍କ ଏତଲା ଆଧାରରେ ଶହୀଦନଗର ଥାନା ପୋଲିସ ଏ ସଂକ୍ରାନ୍ତରେ ମାମଲା (ନଂ.୧୧୭/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତମାନଙ୍କୁ ଫାଶି ହେଉ ବୋଲି ରାଜେଶ୍ୱରୀ କୋହଭରା କଣ୍ଠରେ ଗଣମାଧ୍ୟମକୁ କହିଛନ୍ତି।




ଏମ୍ ସୁଷମା ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ରବିବାର ଅନୁଷ୍ଠିତ ମ୍ୟୁଜିକାଲ ପ୍ରୋଗ୍ରାମ ' ସାକ୍ସୋଫୋନ୍ ସେରେନାଡେ'।

### ହୋଲିରେ ୨ ସାହି ମୁହାଁମୁହିଁ, ପୋଲିସ ମୁତୟନ

ବାରଙ୍ଗ,୧୬।୩(ଲିଙ୍ଗରାଜ ରାଉତ) ଦୋଳ ଭୋଗ ଖାଇବାକୁ କେନ୍ଦ୍ରକରି ହୋଲିରେ ନରାଜର ୨ ସାହି ମଧ୍ୟରେ ଉପୁଜିଥିବା ବିବାଦର ପ୍ରତିଫଳନ ସ୍ୱରୂପ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ବାରଙ୍ଗ ପୋଲିସ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲେ ମଧ୍ୟ ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ସୁରକ୍ଷା ଦୃଷ୍ଟିରୁ ପୋଲିସ ଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି।ପ୍ରକାଶ ଯେ, ଶୁକ୍ରବାର ରାତିରେ ନରାଜ ଗାଁରେ ଦୋଳଯାତ୍ରା ଅବସରରେ ଠାକୁର ଭୋଗ ଖାଇବାକୁ ନେଇ କୈବର୍ତ୍ତ ସାହି ଓ ଗୋପାଳ ସାହି ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଗଣ୍ଡଗୋଳ ଧୀରେ ଧୀରେ ବଢ଼ିବା ସହ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଖବର ପାଇ ବାରଙ୍ଗ ପୋଲିସ ଲୋକଙ୍କୁ ବୁଝାଶୁଝା କରି ବିବାଦ ବିଷୟରେ ଆଲୋଚନା କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କିନ୍ତୁ ପୂର୍ବଦିନ ରାତି ବିବାଦକୁ କେନ୍ଦ୍ର କରି ହୋଲିଦିନ ସକାଳ ୯ଟାରେ ପୁଣି ୨ ସାହି ମୁହାଁମୁହିଁ ହୋଇଥିଲେ। ପୋଲିସ ସଦଳବଳ ପହଞ୍ଚିବାରୁ ଉତ୍ତେଜନା ହ୍ରାସ ପାଇଥିଲା। ଗଣ୍ଡଗୋଳକାରୀଙ୍କୁ ଆୟତ୍ତ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପରେ ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଗାଁରେ ପୋଲିସ ଫୋର୍ସ ମୁତୟନ ହୋଇଛି।

### କୃଷ୍ଣଚନ୍ଦ୍ର ପାଇବେ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ'

ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଆସନ୍ତା ୨୪ରୁ ପାଞ୍ଚଦିନିଆ ଓଡିଆ ସାହିତ୍ୟ ସମାରୋହ ସୂଚନା ଭବନରେ ଅନୁଷ୍ଠିତ ହେବ। ଏହି ଅବସରରେ କବି ତଥା ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଚଳିତବର୍ଷ ଭଞ୍ଜଭାରତୀର ରୌପ୍ୟଜୟନ୍ତୀ ଉପଲକ୍ଷେ ଏହି ସମାରୋହ ୫ଦିନ ଧରି ଚାଲିବ ବୋଲି ଭଞ୍ଜଭାରତୀର ସଭାପତି ଡ. କୃଷ୍ଣକେଶବ ଷଡଙ୍ଗୀ ସୂଚନା ଦେଇଛନ୍ତି।

## ଛୁରାମାଡ଼ରେ ଚାଲିଗଲା ଜୀବନ



ଗିରଫ ୪ ଅଭିଯୁକ୍ତ।

### ଗିରଫ ଭୟରେ ଡିମିରି ଫଳ ଖାଇଦେଲେ ଅଭିଯୁକ୍ତ

- ମୁଖ୍ୟ ଅଭିଯୁକ୍ତଙ୍କୁ ଫେରାର କରାଇଥିବାରୁ ଦୁଇ ଭାଇ ଗିରଫ
- ଅଟୋରେ ନେଇ ଚାଳକ ଫସିଲେ, ଦୁଇ ଗାଡି ଜବତ

ଭୁବନେଶ୍ୱର,୧୬।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ହୋଲି ଦିନ ଶନିବାର ସମେଇଗାଡ଼ିଆ ଗାଁର ଆୟୁଷ୍ମାନ ପତିଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ତନ୍ମୟ ବେହେରା ଓରଫ ମିଲୁ, ସହଯୋଗୀ ଦୁଇ ଭାଇ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଗାଁର ଲୁଲୁ ଓରଫ ପଦ୍ମନାଭ ବେହେରା (୩୫) ଓ ବୁଲୁ ଓରଫ ପ୍ରଶାନ୍ତ ବେହେରା (୪୦) ଏବଂ ଅଟୋ ଚାଳକ ଭରତପୁର ଥାନା ଅନ୍ତର୍ଗତ ପାତ୍ରପଡ଼ା ଫୁଲେଶ୍ୱରୀ ବସ୍ତିର ସମୀର କୁମାର ସ୍ୱାଇଁ (୨୫)। ମୁଖ୍ୟ ଅଭିଯୁକ୍ତ ତନ୍ମୟ ଗିରଫ ଭୟରେ ଡିମିରି ଫଳ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ରବିବାର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମସ୍ତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଲୁଙ୍କୁ ଫେରାର କରାଇବାରେ ବ୍ୟବହୃତ କାର୍ ଓ ଅଟୋକୁ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ.୧୩୨/୨୫)ରୁଜୁ କରି ଅଧିକ ତଦନ୍ତ ଚାଲିଛି। ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ମିଲୁ ମଞ୍ଚେଶ୍ୱର ଅଞ୍ଚଳରେ ଭଉଣୀ-ଭିଣୋଇଙ୍କ



ମୃତକ ଆୟୁଷ୍ମାନ ପତି

ସହ ରୁହନ୍ତି। ଆୟୁଷ୍ମାନ ଓ ମିଲୁଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ଶନିବାର ଦିନ ବେଳା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ଉଭୟ ଭେଟ ହୋଇଥିଲେ। ଏହି ସମୟରେ ବଚସା ହେବାରୁ ମିଲୁ ରାଗରେ ଏକ ଛୁରୀ ଆଣି ଆକ୍ରମଣ କରିଥିଲେ। ଏହାପରେ ସେ ବାଇକ ଯୋଗେ ବେଗୁନିଆ ଗାଁକୁ ପଳାଇଯାଇ ବଡ଼ ଭାଇଦ୍ୱୟଙ୍କୁ ଘଟଣା ବିଷୟରେ କହିଥିଲେ। ଏହା ପରେ ମିଲୁଙ୍କୁ ଫେରାର କରାଇବାକୁ ଭାଇ ଲୁଲୁ ଓ ବୁଲୁ ଯୋଜନା କରିଥିଲେ। ନିଜର ଏକ କାର୍ ଯୋଗେ ମିଲୁଙ୍କୁ ଖୋର୍ଦ୍ଧା ନେଇ ଆସିଥିଲେ। ଏହି ସମୟରେ ମିଲୁ ଲୁଚାଇ ଡିମିରି ଫଳ ଖାଇ ଦେଇଥିଲେ। ମଝିଆ ଭାଇ ଖୋର୍ଦ୍ଧାରେ ବ୍ୟବସାୟ କରୁଥିବା ସ୍ଥାନକୁ ମିଲୁ ଯାଇଥିବା ନେଇ ପୋଲିସ ଖବର ପାଇଥିଲା। ପରେ ସେଠାରୁ ସମୀରଙ୍କ ଅଟୋରେ ମିଲୁଙ୍କୁ ନୟାଗଡ ନେବାକୁ ଯୋଜନା ହୋଇଥିଲା। ପୋଲିସ ମୋବାଇଲ ନମ୍ବର ଟ୍ରାକ୍ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ତେବେ ଡିମିରି ଫଳ ଖାଇଥିବା ସମ୍ପର୍କରେ ମିଲୁ କହିବା ସହ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ମଙ୍ଗଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଇବା ପରେ ଭୁବନେଶ୍ୱର ଅଣାଯାଇଥିଲା।

## ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ବାର୍ଷିକୋତ୍ସବ

ଭୁବନେଶ୍ୱର,୧୬।୩(ଅନୁରାଧା ମହାରଣା)



ଉତ୍ସବରେ ଯୋଗଦେଇଥିବା ଅତିଥି।

ନିସ୍ ଶିକ୍ଷାନୁଷ୍ଠାନର ରୌପ୍ୟଜୟନ୍ତୀ ଅବସରରେ ଏହାର ଦ୍ୱିତୀୟ ଇଞ୍ଜିନିୟରିଂ କ୍ୟାମ୍ପସ୍ ଛତାବରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିର ବାର୍ଷିକ ଉତ୍ସବ 'ପ୍ରତିଭା- ୨୦୨୫' ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଇଞ୍ଜିନିୟର ଇନ୍ ଚିଫ୍ ଇଂ. ଅଶ୍ୱିନୀ କୁମାର ଦାସ, ମୁଖ୍ୟବକ୍ତା ଭାବେ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟିର ପୂର୍ବତନ ପ୍ରଫେସର ଡ. ବି. ବି. ପାଣି ଓ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲୀପ କୁମାର ଶ୍ରୀଚନ୍ଦନ ଯୋଗଦେଇଥିଲେ । ନିସ୍ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ଡ. ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେବାସହ ଛାତ୍ରୀଛାତ୍ର ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣକରି କିପରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରେ ଉନ୍ନତ ଶିକ୍ଷା ଲାଭକରି କିପରି ଛାତ୍ରୀଛାତ୍ର ନିଯୁକ୍ତିଭିତ୍ତିକ ଶିକ୍ଷା ଲାଭ କରିବା ସହ ଦେଶ ବିଦେଶରେ ନିଯୁକ୍ତି ପାଇପାରିବେ କହିଥିଲେ। ଅଧ୍ୟକ୍ଷ ଡ. ଦେବବ୍ରତ ରଥ, ଆଡ୍‌ଭାଇଜର ଲୋକନାଥ ଓଝା, ଉପାଧ୍ୟକ୍ଷ ମୃତ୍ୟୁଞ୍ଜୟ ସେନାପତିଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନୃତ୍ୟ, ସଙ୍ଗୀତ, ରଙ୍ଗୋଲି ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା ବୋଲି ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି।

## ଆଜି ବିଧାନସଭା ଘେରିବ ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପସନ

ଭୁବନେଶ୍ୱର,୧୬।୩ (ସୁଚିସ୍ମିତା ସାହୁ)

ଚାକିରି ଆଶାୟୀଙ୍କ ସହ ରାଜ୍ୟ ସରକାର ପ୍ରତାରଣା କରୁଛନ୍ତି। ପିଏମ୍‌ଟି ଓ ବାଟାଲିଆନ ନିଯୁକ୍ତି ପାଇଁ ବୟସ ବୃଦ୍ଧି କରିବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରିବା ପରିବର୍ତ୍ତେ ଡବଲ ବେଞ୍ଚରେ ଚ୍ୟାଲେଞ୍ଜ କରିଛନ୍ତି। ମେଧାବୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସହ ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରତିବାଦ କରି ସୋମବାର ବିଧାନସଭା ଘେରାଉ କରାଯିବ ବୋଲି ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନ ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି।

## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ, ୪ ଗିରଫ

ଭୁବନେଶ୍ୱର,୧୬।୩ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ବିବାଦକୁ କେନ୍ଦ୍ର କରି ମନୋଜ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କୁ ହୋଲିରେ ଖଣ୍ଡା ଓ ଲୁହା ଛଡରେ ଆକ୍ରମଣ ହୋଇଛି। ଏହି ଘଟଣାରେ ଚନ୍ଦ୍ରଶେଖରପୁର ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ବାଲେଶ୍ୱରର ଦିଲୀପ ବାରିକ, ଚନ୍ଦକାର ମାନସ କୁମାର ମହାପାତ୍ର, ଗଞ୍ଜାମ ଦିଗପହଣ୍ଡିର ଦୀପୁନା ଜେନା ଓ ଗଜପତିର ହାପି ନାୟକ। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ ଖଣ୍ଡା ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ମନୋଜଙ୍କ ଭାଇ ମାନସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନାନୁସାରେ, ମନୋଜ ବୁଦ୍ଧ ବିହାର ସୋସାଇଟିର ସଦସ୍ୟ ଅଛନ୍ତି। ମାତ୍ର ମନୋଜ ଓ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ହୋଲି ସନ୍ଧ୍ୟାରେ ମନୋଜ ବୁଦ୍ଧବିହାର ସୋସାଇଟି ପରିସର ପମ୍ପହାଉସ୍ ନିକଟରେ ଭୋଜି ଲାଗି ପ୍ରସ୍ତୁତି ଚଳାଇଥିବା ବେଳେ ଅଭିଯୁକ୍ତ ବାପି ସ୍ୱାଇଁ, ଗେଡୁ ଓରଫ ହାପି, ଦୀପୁନା ଏବଂ ଅନ୍ୟମାନେ ସେଠାରେ ପହଞ୍ଚି ମନୋଜଙ୍କୁ ନାନା ପ୍ରକାର ଧମକ ଦେବା ସହ ଚେତାବନୀ ମଧ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ସେଠାରେ ଉଭୟ ପକ୍ଷ ମଧ୍ୟରେ ଝଗଡା ହୋଇଥିଲା। ପରେ ଅଭିଯୁକ୍ତମାନେ ହଠାତ ସେଠାରେ ପହଞ୍ଚି ଖଣ୍ଡା ଓ ଲୁହା ରଡ୍‌ରେ ମନୋଜଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ମନୋଜ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଲୁଗା ଦୋକାନରୁ ଲକ୍ଷାଧିକ ଟଙ୍କାର ଲୁଟ୍

ବାଲକାଟୀ,୧୬।୩(ମନୋଜ ମଣ୍ଡଳ)

ହୋଲି ଦିନ ବିଳମ୍ବିତ ରାତିରେ ବାଲକାଟୀ ଫାଣ୍ଡି ଅଧୀନ ରଥିଜେମା ନିକଟ ଏକ ଲୁଗା ଦୋକାନର ଟିଣ ଚାଦର କାଟି ଲକ୍ଷାଧିକ ଟଙ୍କାର ଲୁଗାପଟା ଦୁର୍ବୃତ୍ତ ନେଇଯାଇଥିବା ନେଇ ମାଲିକ ଦୀପକ ସାହୁ ରବିବାର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତେବେ ଫାଣ୍ଡିଠାରୁ କେଇ ମିଟର ଦୂରରେ ଘଟିଥିବା ଏହି ଘଟଣା ସ୍ଥାନୀୟ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀପକ ସବୁଦିନ ପରି ଶନିବାର ରାତିରେ ଲୁଗା ଦୋକାନ ୧୦ଟା ୩୦ରେ ବନ୍ଦ କରି ଘରକୁଫେରିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନର ଟିଣ ଚାଦର କାଟି ଲୁଗାପଟା ଓ ନଗଦ ୩୫ ହଜାର ଟଙ୍କା ନେଇଯାଇଛନ୍ତି। ତେବେ ପୋଲିସ ତନାଘନା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ସନ୍ଧାନ ପାଇପାରି ନାହିଁ।



ପଞ୍ଚମବେଦ ଅନୁଷ୍ଠାନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ୨୧ତମ ନାଟକ ଉତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ସୈନିକଙ୍କ ପ୍ରତି ସରକାରଙ୍କ ଅବହେଳାକୁ ନେଇ ଉଦ୍‌ବେଗ

### ଅଖିଳ ଓଡିଶା ଭେଟେରାନ ସୋଲଜର୍ସ ଆସୋସିଏଶନର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୬।୩ (ସୌମ୍ୟରଞ୍ଜନ ରାଉତ)

ଅଲ୍ ଓଡିଶା ଭେଟେରାନ ସୋଲଜର୍ସ ଆସୋସିଏସନର ତୃତୀୟ ପ୍ରତିଷ୍ଠା ଦିବସ ରବିବାର ସୂଚନା ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟର ୨୪ଟି ଜିଲା ଓ ୧୫ଟି ବ୍ଲକ ସ୍ତରୀୟ ପୂର୍ବ ସୈନିକ ସଂଗଠନର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ସୈନିକଙ୍କ ପ୍ରତି ସରକାରଙ୍କ ଅବହେଳା ଓ ଅଣଦେଖାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଓଆର୍‌ଓପିରେ ଯବାନଙ୍କୁ ଅଣଦେଖା, ଯବାନ ସଂରକ୍ଷିତ ଜମିକୁ ବୀର ଯବାନଙ୍କଠାରୁ ଛଡାଇ ନେଇ ଜମି ମାଫିଆଙ୍କ ହାତରେ ଟେକିଦେବା ହେଉ ବା ଓଡିଶାରେ ସୈନିକ ବୋର୍ଡର ଅକାମି ଯୋଗୁ ପୂର୍ବ ସୈନିକ ଓ ବୀରନାରୀଙ୍କ ନାନାଦି ସମସ୍ୟାର ସମ୍ମୁଖୀନ ହେଉ, ଏହାର ସମାଧାନ ପାଇଁ ବିପ୍ଳବୀ ପୂର୍ବ ସୈନିକମାନେ ମା' ଦୁର୍ଗାଙ୍କ ଦରବାର ରେ ଶପଥ ନେଇଥିଲେ। ପ୍ରତ୍ୟେକ



ଉତ୍ସବରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥିମାନେ ସୋଭେନିୟର ଉନ୍ମୋଚନ କରୁଛନ୍ତି।

ଜିଲାର ପୂର୍ବ ସୈନିକ ସଂଗଠନକୁ ନେଇ ଅଲ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏଶନ୍ ଗଠିତ ହୋଇଥିଲା। ବର୍ତ୍ତମାନ ପୂର୍ବସୈନିକ ସଂଗଠନ ଓଡିଶାର ପ୍ରତ୍ୟକ ଜିଲ୍ଲାସ୍ତରୀୟ ସୈନିକ ସଂଗଠନ ସହ ହାତ ମିଳାଇ ଓଡିଶାର ବିକାଶ ପାଇଁ ଆଗକୁ ପାଦ ବଢ଼ାଇଛି। ଦେଶ ସେବା ପରେ ଏହି ସୈନିକମାନେ ସଂଗଠିତ ହୋଇ ରାଜ୍ୟର ବିକାଶ ପ୍ରକ୍ରିୟାରେ ନିଜର ଯୋଗଦାନ ପାଇଁ ଆଗ୍ରହୀ ଅଛନ୍ତି। ଏହି ସଂଗଠନର ସୈନିକମାନେ ସାମାଜିକ ଦାୟିତ୍ୱ ଭାବେ ଓଡିଶାରେ ସୈନ୍ୟ ଶିକ୍ଷା ଅଭିଯାନ ଚଳାଇବା, ପ୍ରାକୃତିକ ବିପର୍ଯ୍ୟୟ ସମୟ ରେ ସାଧାରଣ ନାଗରିକଙ୍କୁ ସାହାଯ୍ୟ କରିବା, ଯୁବ ପିଢ଼ିକୁ ରାଷ୍ଟ୍ରୀୟ ସୁରକ୍ଷାରେ ଯୋଗଦାନ ଦେବା ପାଇଁ ପ୍ରେରିତ କରିବା ଓ ଅନୁଶାସିତ ଜୀବନ ଶୈଳୀକୁ ଅନୁପ୍ରାଣିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସଂଗଠନକୁ ଅନୁସରଣ କରି ଓଡିଶାର ପ୍ରାୟ ୫୦ ହଜାର ସେବାନିବୃତ୍ତ ଅର୍ଦ୍ଧସାମରିକ ବଳର ଯବାନମାନେ ଅନୁପ୍ରାଣିତ ହୋଇଥିବା ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନାଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣ ଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଡ଼ ପୂର୍ଣ୍ଣ ଚନ୍ଦ୍ର ମଲିକ, ଅତିଥି ଡ଼ ଏସ୍ କେ ବିଶୋଇ ପ୍ରମୁଖ ଯୋଗଦାନ ଦେଇଥିଲେ। ସଂଗଠନର ଉପଦେଷ୍ଟା ଦିଲୀପ କୁମାର ମହାପାତ୍ର, ସଭାପତି ମହେଶ୍ୱର ବେହେରା, ଉପସଭାପତି ପ୍ରତାପ ରଥ ଓ ସମ୍ପାଦକ ଉମେଶ କୁମାର ଚଇନି ସଭା ପରିଚାଳନା କରିଥିଲେ ।

**ମୁକ୍ତେଶ୍ୱର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି**

ଟାଙ୍ଗୀ, (ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୁକ୍ତେଶ୍ୱର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ନେଇ ଭୂଷଣପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟ କାର୍ଯ୍ୟାଳୟ, ଶିକ୍ଷକ ସାଧାରଣ କକ୍ଷ, ଗେଟ ତାଲା ଭାଙ୍ଗି ଦେବା ସହ କାର୍ଯ୍ୟାଳୟ ଆଲମାରିରେ ଥିବା ରେକର୍ଡପତ୍ର, ଅଫିସ କାଗଜପତ୍ର ଏଣେତେଣେ ପକାଇଦେଇଛନ୍ତି। ବିଦ୍ୟାଳୟରୁ ୨ହଜାର ଟଙ୍କା ଏବଂ ୨୦ଟି ସାବୁନ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ଅମିତ ଚକ୍ରବର୍ତ୍ତୀ ଲିଖିତଭାବେ ଥାନାରେ ଅଭିଯୋଗ କରିବା ସହିତ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଛୁରାମାଡ଼: ଯୁବକ ଆହତ

ନିରାକାରପୁର,୧୬।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଙ୍କିଆ ଥାନା ଅଧୀନ ଓଳସିଂହ ଗ୍ରାମର ଜଣେ ଯୁବକଙ୍କୁ ଗତ ଶୁକ୍ରବାର ରାତିରେ ଛୁରାମାଡ଼ ହୋଇଛି। ସେ ହେଲେ ଗ୍ରାମର ସଦାଶିବ ବରାଳ (୩୨)। ତାଙ୍କ ମୁଣ୍ଡ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ଆକ୍ରମଣ ପରେ ତାଙ୍କଠାରୁ ସୁନାଚେନ୍ ସହ ୧୨ହଜାର ଟଙ୍କା ଦୁର୍ବୃତ୍ତମାନେ ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ସଦାଶିବ ଗୟାଙ୍କର ଗ୍ରାମରୁ ଯାତ୍ରା ଦେଖି ଘରକୁ ଫେରୁଥିଲେ। ଏହି ସମୟରେ ଡମଣ୍ଡମି ବାଲୁଙ୍କେଶ୍ୱର ମନ୍ଦିର ଓଳସିଂହ ରାସ୍ତାରେ କେତେଜଣ ଯୁବକ ହଠାତ୍ ସଦାଶିବଙ୍କୁ ଅଟକାଇବା ସହ ଛୁରାମାଡ଼ କରିଥିଲେ। ଏଥିସହ ସୁନାଚେନ୍ ଓ ଟଙ୍କା ନେଇଯାଇଛନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଜଙ୍କିଆ ଥାନା ଦାୟିତ୍ୱରେ ଥିବା ଖୋର୍ଦ୍ଧା ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ଜଙ୍କିଆ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି।

### ସରିଲା ଭୂଷଣ୍ଡପୁର ଦୋଳ ମେଳଣ

ନିରାକାରପୁର,୧୬।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଦୋଳପୂର୍ଣ୍ଣମୀ ଠାରୁ ଆରମ୍ଭ ହୋଇଥିବା ଭୂଷଣ୍ଡପୁର ଦୋଳଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୋଳପୂର୍ଣ୍ଣମୀ ବିଳମ୍ବିତ ରାତିରେ ଭୂଷଣ୍ଡପୁର ପଞ୍ଚାୟତର ଇଷ୍ଟଦେବ ଈଶାନେଶ୍ୱର ଦେବ ଏବଂ ବାଲିପାଟପୁର ପଞ୍ଚାୟତର ଇଷ୍ଟଦେବ ପତିତପାବନ ଦେବଙ୍କୁ ଏକ ସୁସଜ୍ଜିତ ବିମାନରେ ସ୍ଥାନୀୟ ଦୋଳ ମଣ୍ଡପକୁ ଅଣାଯାଇଥିଲା। ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ହରିବୋଲ, ହୁଳହୁଳି ଓ ବିଭିନ୍ନ ବାଦ୍ୟ ସହ ଶ୍ରୀଜୀଉଙ୍କ ଶ୍ଲୋକରେ ମେଳଣ ପଡିଆରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅନୁରୂପଭାବେ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଆତସବାଜି ପ୍ରତିଯୋଗିତା କରାଯାଇଥିଲା। ରଙ୍ଗବେରଙ୍ଗର ଆତସବାଜିରେ ମେଳଣ ପଡିଆ ଝଲସି ଉଠିଥିଲା। ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଭବ୍ୟ ବେଶ ଦର୍ଶନ ସହ ପ୍ରଭୁକୃପା ଲାଭ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ବିନୋଦ ବିହାରୀ ପରିଡାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭୂଷଣ୍ଡପୁର ମୂଳକ ସଭାପତି ନବ କିଶୋର ଦାଶ ଏବଂ ବାଲିପାଟପୁର ମୂଳକ ସଭାପତି ରବୀନ୍ଦ୍ର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋପାଳଙ୍କ ପାଇକ ଆଖଡ଼ା ପ୍ରଦର୍ଶନ

ବୋଲଗଡ଼,୧୬।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ଗୋପାଳ ସମ୍ପ୍ରଦାୟର ଲୋକେ ଦୋଳପୂର୍ଣ୍ଣମା ପର୍ବକୁ ପୁରୁଷାନୁକ୍ରମେ ସ୍ୱତନ୍ତ୍ର ଭାବେ ପାଳନ କରିଆସୁଛନ୍ତି। ଗୋପାଳମାନେ ଉକ୍ତ ଦିନ ନୂତନବସ୍ତ୍ର ପରିଧାନ ଏବଂ ଉପବାସ କରି ବିଧି ଅନୁସାରେ ପ୍ରାତଃରୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ପୂଜାକରି ଗୋ'ମାତାଙ୍କୁ ନୂତନବସ୍ତ୍ର ପରିଧାନ କରାଇ ପୂଜାର୍ଚ୍ଚନା କରିଥିଲେ। ପରମ୍ପରାକ୍ରମେ ଗ୍ରାମର ଗୋପାଳମାନେ ଏକତ୍ରିତ ହୋଇ ପିଲାମାନଙ୍କୁ ଶ୍ରୀକୃଷ୍ଣ, ରାଧା ଓ ସଖୀ ବେଶରେ ସୁସଜ୍ଜିତ କରି ପାଇକ ଆଖଡ଼ା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ। ଏହି ପାଇକ ଆଖଡ଼ା ଅବସରରେ ଗୋପାଳମାନେ ସ୍ୱତନ୍ତ୍ର ବେଶରେ ବାଡ଼ି ଖେଳ, ହତା ବାଡ଼ି ଖେଳ, ଖଣ୍ଡା ଖେଳ, ଯୋଡ଼ାବାଡ଼ି ଖେଳ, ଛୁରି ଖେଳ, ଲଉଡ଼ି ଖେଳ, ନିଆଁହୁଳା ଖେଳ ଓ ଗୋଟାବାଡ଼ି ଖେଳ ପ୍ରଦର୍ଶନ କରିଥିଲେ। ପରେ ଗୋପାଳମାନେ ଘରକୁ ଫେରିବା ବାଟରେ ପରସ୍ପର ମଧ୍ୟରେ ଆନନ୍ଦ ଉଲ୍ଲାସର ସହିତ ପାଣିଖେଳ ଖେଳିଥିଲେ। ଏହି କାର୍ଯ୍ୟକ୍ରମକୁ ପାଇକ ଆଖଡ଼ା ଗୁରୁ ଭୋବନି ବେହେରା, ବଳରାମ ବେହେରା, ଗୋବିନ୍ଦ ବେହେରା, କାଳିଆ ବେହେରା, ସୂର୍ଯ୍ୟକାନ୍ତ ବେହେରା, ସୌରୀ ବେହେରା, ନାରାୟଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବୋଲଗଡ଼ ବ୍ଲକ ଅଞ୍ଚଳର ଅନ୍ୟାନ୍ୟ ଗ୍ରାମରେ ଦୋଳପର୍ବକୁ ଗୋପାଳମାନେ ସ୍ୱତନ୍ତ୍ର ଭାବେ ପାଳନ କରିଛନ୍ତି। ପ୍ରତ୍ୟେକ ଗ୍ରାମର ଇଷ୍ଟ ଦେବତାମାନେ ବିମାନରେ ବିରାଜମାନ କରି ଗ୍ରାମ ପରିକ୍ରମା କରିଥିଲେ। ଇଷ୍ଟଦେବଙ୍କୁ ଗ୍ରାମବାସୀ ନିଜ ଦୁଆରେ ପୂଜାର୍ଚ୍ଚନା କରି ଫଗୁ, ନୂଆ ଆମ୍ବ ଓ ନୂଆ ଚଣା ଆଦି ଭୋଗ ପ୍ରଦାନ କରିବା ସହିତ ଦର୍ଶନ କରିଥିଲେ।

# ଭାଇଚାରାର ବାର୍ତ୍ତା ଦିଏ ଦୋଳ ଉତ୍ସବ

**ଏକାଠି ହେଲେ ୨୬ ଠାକୁର**

କୃଷ୍ଣପ୍ରସାଦ,୧୬।୩ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ଦୋଳ ମେଳଣରେ ଶ୍ରଦ୍ଧାଳୁଙ୍କ ଭିଡ଼।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦଗଡ଼ଠାରେ ପାଞ୍ଚମୌଜା ପରିଚାଳନା କମିଟି ପକ୍ଷରୁ ଐତିହାସିକ ଦୋଳ ମହୋତ୍ସବ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପାରିକୁଦଗଡ଼ର ମୁଖ୍ୟ ପୀଠାଧୀଶ ନୀଳକଣ୍ଠେଶ୍ୱର ଦେବ, ଦଧିବାମନଙ୍କ ନେତୃତ୍ୱରେ ୩୫ମୌଜା ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ୨୬ ଠାକୁର ସୁସଜ୍ଜିତ ବିମାନରେ ଆସି ଗଡ଼ଚନ୍ଦନ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପ୍ରଥମେ ପାରିକୁଦ ରାଜାସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ପରେ ରାଜାଙ୍କ ପକ୍ଷରୁ ଭୋଗଲାଗି ହୋଇଥିଲା। ୫ ମୌଜା ପକ୍ଷରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଇକ ଆଖଡ଼ା ପ୍ରଦର୍ଶନ ହୋଇଥିବା ବେଳେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇଙ୍କ ସମେତ ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏହି ଅବସରରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଉତ୍ତମ କୁମାର ତରେଇ, ହରିହର ଦାଶ, ସଂଗ୍ରାମ କେଶରୀ ଜେନା, ପ୍ରଦୀପ ଜେନା, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ହୋଇ ଦୋଳବେଦି ପରିଦର୍ଶନ କରି ବିଗ୍ରହଙ୍କୁ ଫଗୁ ଲାଗି କରିବା ସହ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ।

# ନିର୍ମାଣାଧୀନ ଡ୍ରେନ୍ ରଡ୍ ଛାତିରେ ପଶି ଯୁବକଙ୍କ ଜୀବନ ଗଲା

ଜଟଣୀ,୧୬।୩(ରବୀନ୍ଦ୍ରନାଥ ମହାକୁଡ଼)

ହୋଲି ପାଇଁ ଶନିବାର ସବୁଠି ଉତ୍ସାହର ମାହୋଲ ଥିବା ବେଳେ ଜଟଣୀ ସହରରେ ଏକ ଦୁଃଖଦ ଘଟଣା ଘଟିଥିଲା। ନିର୍ମାଣାଧୀନ ଡ୍ରେନ୍ ରଡ୍ ଛାତିରେ ପଶିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଟଣୀ ଥାନା ଅଧୀନ ବିଶ୍ୱନାଥ କଲୋନୀର ତ୍ରିନାଥ ସାହୁ। ସୂଚନା ମୁତାବକ, ତ୍ରିନାଥ ବାଇକ୍‌ରେ ଅପରାହ୍ଣରେ ଘରୁ ବାହାରି କୌଣସି କାମରେ ବଜାର ଅଭିମୁଖେ ଯାଉଥିଲେ। ସ୍ଥାନୀୟ ଗୋରୁହାଟସ୍ଥିତ ରାସ୍ତାରେ ଡ୍ରେନ୍ ନିର୍ମାଣ ପାଇଁ ପଡ଼ିଥିବା ବାଲିରେ ବାଇକ୍‌ଟି ଖସିଯିବାରୁ ସେ ରାସ୍ତାକଡ଼ ଡ୍ରେନ୍‌ରେ ପଡ଼ିଯାଇଥିଲେ। ଡ୍ରେନ୍‌ରେ ବ୍ୟବହୃତ ରଡ୍ ତ୍ରିନାଥଙ୍କ ଛାତିରେ ପଶିଯାଇଥିଲା। ଖବରପାଇ ଜଟଣୀ ପୋଲିସ ଏବଂ ପରିବାର ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ତ୍ରିନାଥଙ୍କୁ ପ୍ରଥମେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଅବହେଳାରୁ ମୁକୁଳା ଡ୍ରେନ୍‌ରେ ପଡ଼ି ତ୍ରିନାଥଙ୍କ ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଏବଂ ସମ୍ପୃକ୍ତ ଠିକାଦାରଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅଶୋକାଷ୍ଟମୀ ବିଜୟା ରଥକାଠ ଅନୁକୂଳ

ନିରାକାରପୁର,୧୬।୩(ମାନସ ଚନ୍ଦ୍ର ପଟ୍ଟନାୟକ)



ବିଜୟା ରଥକାଠ ଅନୁକୂଳ କରାଯାଉଛି।

ବିଜେଡିଆସ୍ଥିତ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ବିଜୟା ରଥଯାତ୍ରା ଉପଲକ୍ଷେ ପାରମ୍ପରିକ ରୀତିରେ ଦୋଳପୂର୍ଣ୍ଣମୀରେ ରଥକାଠ ଅନୁକୂଳ କରାଯାଇଛି। ଆସନ୍ତା ଏପ୍ରିଲ ୫ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଏହି ରଥଯାତ୍ରା ଅନୁଷ୍ଠିତ ହେବ। ତେଣୁ ରାମେଶ୍ୱର ପଞ୍ଚାୟତସ୍ଥିତ ମଧୁବନ ଗ୍ରାମର ବିଶ୍ୱକର୍ମାମାନେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରିଛନ୍ତି। ମୁଖ୍ୟ ବିଶ୍ୱକର୍ମା ଦ୍ୱିଜ ମହାରଣାଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ କାରିଗର ରଥ ନିର୍ମାଣରେ ନିୟୋଜିତ ହୋଇଛନ୍ତି। ମନ୍ଦିରର ମୁଖ୍ୟ ପୂଜକ ଧ୍ରୁବ କିଶୋର ମହାପାତ୍ର ଶ୍ରୀଜୀଉଙ୍କଠାରୁ ଆଜ୍ଞାମାଳ ଆଣିବା ପରେ ରଥକାଠ ଅନୁକୂଳ କରାଯାଇଥିଲା। ହରିବୋଲ, ହୁଳହୁଳି ସହ ନାମ ସଂକୀର୍ତ୍ତନରେ ରଥଖଳାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି କିଶୋର କୁମାର ଦାଶ, ସଦସ୍ୟ ସାରଙ୍ଗଧର ମହାପାତ୍ରଙ୍କ ସମେତ ସମସ୍ତ ମାଳି ସେବକ, କାହାଳିଆ ସେବକ ଏବଂ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

**୪ ବାଇକ୍, ୬ ମୋବାଇଲ, ୩୨ ହଜାର ଟଙ୍କା ଜବତ**

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଲ୍ପାଞ୍ଚଳ ଥାନା ପୋଲିସ ବେଣାପଞ୍ଜରୀ ରୋଡ୍ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଚଢ଼ାଉ କରି ୨୫.୮୩ ଗ୍ରାମ ବ୍ରାଉନ୍‌ସୁଗାର ସହ ୪ ବାଇକ୍, ୬ଟି ମୋବାଇଲ ଫୋନ୍ ଏବଂ ୩୨ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଖୋର୍ଦ୍ଧା ଉପରସାହିର ଦେବାଶିଷ ପଟ୍ଟନାୟକ(୨୨), ସ୍ୱାତିକ ସାହୁ (୨୩), ପାନବରଜର ଶିବପ୍ରସାଦ ରଥ(୨୨) ଏବଂ ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ଦାଧିବାମନସାହିର ଦୀପକ ନାୟକ(୩୫)। ସୂଚନା ମୁତାବକ, ଗତ ଶୁକ୍ରବାର ଗଡ଼ଚଣ୍ଡୀ ମନ୍ଦିରଠାରେ ବ୍ରାଉନ୍‌ସୁଗାର ବେପାର ହେଉଥିବା ନେଇ ଶିଳ୍ପାଞ୍ଚଳ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଏସ୍ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏହି ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ୪ ଜଣଙ୍କୁ କାବୁ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୬୪/୨୫) ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ବାସୁଦେବ ଜୟସିଂ କହିଛନ୍ତି।

# ଉମାମହେଶ୍ୱର ଦେବଙ୍କ ଦଧିଯାତ୍ରା ଉତ୍ସବ



ବାଲୁଗାଁ,୧୬।୩(ସଂଗ୍ରାମ ପାଇକରାୟ)

ହୋଲି ପର୍ବ ଅବସରରେ ବାଲୁଗାଁ ଅଞ୍ଚଳର ଆରାଧ୍ୟ ଉମାମହେଶ୍ୱର ଦେବଙ୍କ ଦଧିଯାତ୍ରା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ସେବାୟତଙ୍କ ଗହଣରେ ପାଟପଟୁଆର ସହ ଦୋଳବିମାନରେ ବିଜେ ଉମାମହେଶ୍ୱର ଦେବ ମନ୍ଦିରରୁ ବାହାରିଥିଲେ। ପରମ୍ପରା ଅନୁଯାୟୀ ଏକ ନିର୍ଦ୍ଧାରିତସ୍ଥଳରୁ ଗୋପାଳଜୀଉ ଦେବ, ପାଟଣାସାହି ଏବଂ ରାଧାଗୋବିନ୍ଦ ଦେବ, କୁଳାକୁଣ୍ଡେଇ ନୂଆଗାଁ ଦୋଳ ଠାକୁରଙ୍କୁ ପାଛୋଟି ନେଇଥିଲେ। ଆତସବାଜି ପ୍ରଦର୍ଶନ ସହ ଶୋଭାଯାତ୍ରାରେ ତିନି ଠାକୁର ପ୍ରଥମେ କୁଳାକୁଣ୍ଡେଇ ନୂଆଗାଁ ପରିକ୍ରମା କରିଥିଲେ। ପରେ ଗୋପାଳଜୀଉ ଦେବ ଏବଂ ଉମାମହେଶ୍ୱର ଦେବ ପାଟଣାସାହି ପରିକ୍ରମା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉମାମହେଶ୍ୱର ଦେବଙ୍କୁ ଗୁଣ୍ଡୁରୁପୁର ରଘୁନାଥ ଦେବ ଏବଂ ସାମନ୍ତରାପୁର ଦଧିବାମନ ଦେବ ପାଛୋଟି ନେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ସମସ୍ତ ଗ୍ରାମ ସାଜସଜ୍ଜା ଏବଂ ଆଲୋକମାଳା ରେ ଝଲସି ଉଠିଥିଲା। ଏହି ଦଧିଯାତ୍ରା ଉତ୍ସବ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସାମଗମ ହୋଇଥିଲା। ରବିବାର ସକାଳଠାରୁ ଦିନତମାମ ୪ ଗ୍ରାମର ଦୋଳ ଠାକୁରଙ୍କ ସହ ଉମାମହେଶ୍ୱର ଦେବ ପୃଥକ ଭାବେ ଭୋଗ ସାରି ରାତିରେ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ପରସ୍ପରକୁ ରଙ୍ଗ ଲଗାଇଲେ, ମିଠା ଖୁଆଇଲେ



ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)

ହୋଲି ଅବସରରେ ଶନିବାର ସବୁଠି ଜମିଥିଲା ରଙ୍ଗର ଆସର। ଲୋକେ ପରସ୍ପରକୁ ରଙ୍ଗ ଲଗାଇବା ସହ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଚଳିତ ବର୍ଷ ହର୍ବାଲ ରଙ୍ଗର ଚାହିଦା ରହିଥିଲା। ବିଭିନ୍ନ କଲୋନୀରେ ପରିବାର, ସାଙ୍ଗସାଥୀ ଏକାଠି ହୋଇ ହୋଲି ଗୀତର ତାଳେ ତାଳେ ରଙ୍ଗ ଖେଳି ଓ ନାଚି ମଜା ଉଠାଇଥିଲେ। ଜିଲା ପ୍ରେସ୍ କ୍ଲବ, କର୍ମଜୀବୀ ସମ୍ମିଳିତ ସାମ୍ବାଦିକ ସଂଘ, ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନରେ ହୋଲି ଆସର ଜମିଥିଲା। ପରସ୍ପରକୁ ହର୍ବାଲ ଫଗୁ ଲଗାଇ ଶୁଭେଚ୍ଛା ଜଣାଇଥିଲେ। ନାଚଗୀତର ଆସର ଜମିଥିଲା। ସେହିପରି ଆଇନଜୀବୀମାନେ କୋର୍ଟ ଛକରେ ଏକାଠିହୋଇ ହୋଲି ଖେଳିଥିଲେ। ଖୋର୍ଦ୍ଧା କ୍ଲବ ଓ ଇଗଲ କ୍ଲବ ସମେତ ବିଭିନ୍ନ ସଙ୍ଗଠନରେ ସାମୂହିକ ଉତ୍ସବ ଆୟୋଜନ ହୋଇଥିଲା। ହୋଲି ପାଳନ ପାଇଁ ବିଭିନ୍ନ ରାଜନେତାଙ୍କ ଘରେ ସମର୍ଥକଙ୍କ ଭିଡ଼ ଜମିଥିଲା। ଏକାଠି ହୋଲିର ମଜା ଉଠାଇବା ସହ ଭାଇଚାରା ବାର୍ତ୍ତା ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ହୋଲି ଉତ୍ସବ ଆୟୋଜନ କରାଯାଇଥିଲା। ଉପଜିଲାପାଳ କିଶୋର କୁମାର ପଣ୍ଡା କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଲୋକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀଙ୍କ ସହ ହୋଲି ଖେଳିଥିଲେ। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମଧ୍ୟ ନିଜ କାର୍ଯ୍ୟାଳୟ ପରିସରରେ ହୋଲି ଉତ୍ସବ ପାଳନ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ହୋଲି ଉତ୍ସବ ଆୟୋଜନ ହୋଇଥିଲା। ଚଳିତ ବର୍ଷ ନିଶାମୁକ୍ତ ହୋଲି ଆୟୋଜନର ବାର୍ତ୍ତା ଦେଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ବିଭିନ୍ନ ଛକରେ ମୁତୟନ ହୋଇଥିବା ବେଳେ ପାଟ୍ରୋଲିଂ ଗାଡ଼ି ପଇଁତରା ମାରୁଥିଲା। ଏହି ଅବସରରେ ଜିଲାପାଳ ଚଞ୍ଚଳ ରାଣା, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ପ୍ରମୁଖ ସମସ୍ତଙ୍କୁ ହୋଲିର ଶୁଭେଚ୍ଛା ଜଣାଇଥିଲେ।

## ଆନ୍ତଃଜିଲା ଭଲିବଲ୍ ପାଇଁ ଖୋର୍ଦ୍ଧା ଜିଲା ଦଳ ମନୋନୟନ ୧୮ରେ

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୧୮ ତାରିଖ ସକାଳ ୮ଟାରେ ଖୋର୍ଦ୍ଧା ଷ୍ଟାଡିୟମରେ ଆନ୍ତଃଜିଲା ଭଲିବଲ ପାଇଁ ଖୋର୍ଦ୍ଧା ଆଥ୍‌ଲେଟିକ ଆସୋସିଏଶନର ପୁରୁଷ ଓ ମହିଳା ଦଳ ମନୋନୟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କେବଳ ଖୋର୍ଦ୍ଧା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଆସୋସିଏଶନର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡ଼ିକର ପ୍ରତିଯୋଗୀମାନେ ଭାଗନେଇପାରିବେ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି।

# 'ଚିଲିକାର ବିକାଶକୁ ପ୍ରାଥମିକତା'



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହୋଲି ଖେଳୁଛନ୍ତି।

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)

**ଲୋକଙ୍କ ସହ ହୋଲି ଖେଳିଲେ ଆଇନ ମନ୍ତ୍ରୀ ହରିଚନ୍ଦନ**

ଚିଲିକାବାସୀଙ୍କ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହୋଲି ଉତ୍ସବ ପାଳନ କରିଛନ୍ତି। ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନଙ୍କ ନାରୁଣୀସ୍ଥିତ ବାସଭବନଠାରେ ଆୟୋଜିତ ହୋଲି ଉତ୍ସବ କାର୍ଯ୍ୟକ୍ରମରେ ମନ୍ତ୍ରୀ ହରିଚନ୍ଦନ ଯୋଗଦେଇ ଦଳୀୟ ନେତୃବୃନ୍ଦ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜନସାଧାରଣ, ସାମାଜିକ କର୍ମୀଙ୍କ ସମେତ ଯୁବକମାନଙ୍କ ସହ ହୋଲି ଉତ୍ସବ ପାଳନ କରିଥିଲେ। ଚିଲିକାର ବିକାଶ ସର୍ବଦା ପ୍ରାଥମିକତା ରହିଛି। ଚିଲିକାବାସୀଙ୍କ ସୁଖଦୁଃଖରେ ସଦାବେଳେ ଜଣେ ସେବକ ଭାବେ ସାଥିରେ ରହିବେ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଗୋପୀନାଥ, ଚନ୍ଦ୍ରଶେଖରଙ୍କ ସହ ଦୋଳି ଖେଳିଲେ ଭଗବତୀ

ବାଣପୁର,୧୬।୩(ଦିଲୀପ କୁମାର ସ୍ୱାଇଁ)

ପାଠ ହେଲା ଆଗାମୀ ବର୍ଷର ନୂତନ ପଞ୍ଜିକା। ଦୋଳ ପୂର୍ଣ୍ଣିମାରେ ମା'ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀଙ୍କୁ ଦୋଳବେଦିରେ ବିଜେ କରାଯିବା ପରେ ଚନ୍ଦ୍ରଶେଖର, ଗୋପୀନାଥଙ୍କୁ ଦୋଳିରେ ବିଜେ କରାଯାଇଥିଲା। ଶ୍ରୀକ୍ଷେତ୍ରରେ ଦୋଳଗୋବିନ୍ଦଙ୍କ ସହିତ ଶ୍ରୀଦେବୀ ଭୂଦେବୀ ଦୋଳି ଖେଳୁଥିବାବେଳେ ଏଠାରେ ଭଗବତୀଙ୍କ ସହିତ ଗୋପୀନାଥ ଓ ଚନ୍ଦ୍ରଶେଖର ହରିହର ଦୁର୍ଗା ଏକତ୍ର ଗୋଟିଏ ଦୋଳିରେ ବସି ଦୋଳି ଖେଳିବାର ଅନନ୍ୟ ପରମ୍ପରା ଦେଖିବାକୁ ମିଳିଥିଲା। ପରିଚ୍ଛା ପ୍ରକାଶ ମହାପାତ୍ର ମା'ଙ୍କୁ ନିଶଙ୍କୁଡ଼ି ଧୂପରେ କାକରା, ସରପୁଳି, ମାଠପୁଳି, ଖଇ, ଖଜା ଆଦି ଧୂପ କରି ସାନ୍ଧ୍ୟ ଆଳତି ବଢାଇଥିଲେ। ପରେ ମନ୍ଦିର ପାଞ୍ଜିକାର ଗଣକ ଅରୁଣ ପଣ୍ଡିତରାୟ ତାଳପତ୍ର ଲେଖନୀରେ ପ୍ରସ୍ତୁତ କରିଥିବା ଆଗାମୀ ନୂତନ ବର୍ଷର ନୂତନ ପାଞ୍ଜି ପାଠ କରିବା ପରେ ଦୋଳବେଦିରେ ଦେବଦେବୀଙ୍କୁ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଇଥିବା ଖଇ, ଫେଣି, ସାକର, ନଡ଼ିଆ ପାତି, ପୂଜା କରାଇ ଅବିର ଲାଗି କରାଯାଇଥିଲା। ଦୋଳବେଦିରେ ଅବିର ଲାଗି ସହିତ ସୁଗନ୍ଧିତ ରଙ୍ଗବେରଙ୍ଗ ପୁଷ୍ପରେ ମଣ୍ଡିତ ହୋଇ ଦୋଳି ଖେଳୁଥିବା ହରିହର ଭଗବତୀଙ୍କୁ ଦର୍ଶନ କରିବା ସହିତ ନୂତନ ପାଞ୍ଜିରେ ଆଗାମୀ ବର୍ଷର ଗ୍ରହରାଶି ନକ୍ଷତ୍ରଙ୍କ ଚଳନ, ପର୍ବପର୍ବାଣୀ, ଓଷାବ୍ରତ, ଦୈବିଦୁର୍ବିପାକ, ବର୍ଷାର ପରିମାଣ, ଶୁଭ ଫଳାଫଳ ଆଦି ଶୁଣିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

# ଲେଣ୍ଡୋ ଫୁଲଦୋଳ, ଆଞ୍ଚଳିକ ମହୋତ୍ସବ ଆରମ୍ଭ

ନିରାକାରପୁର,୧୬।୩ (ମାନସ ଚନ୍ଦ୍ର ପଟ୍ଟନାୟକ)



ଆଞ୍ଚଳିକ ମହୋତ୍ସବରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

ଲେଣ୍ଡୋ ପଞ୍ଚାୟତରେ ଫୁଲଦୋଳ ପର୍ବ ଆଞ୍ଚଳିକ ମହୋତ୍ସବ ଆରମ୍ଭ ହୋଇଯାଇଛି। ଗ୍ରାମର ଇଷ୍ଟଦେବ ଲଡ୍ଡୁକିଶୋର ଦେବଙ୍କୁ ଏକ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇ ଦୋଳ ପଡିଆରେ ଥାନପତି ଭାବେ ଆସୀନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶିବ-ପାର୍ବତୀ, କେଳା-କେଳୁଣୀ, ଧୋବା-ଧୋବଣୀ, ଶବର-ଶବରୁଣି ଆଦି ପାରମ୍ପରିକ ନୃତ୍ୟ ସାଙ୍ଗକୁ ଘଣ୍ଟ, ମର୍ଦ୍ଦଳରେ ଗାଁ ଦାଣ୍ଡ ମୁଖରିତ ହୋଇଥିଲା। ଅନୁରୂପଭାବେ ଏହି ଦୋଳ ପାଇଁ ନିମନ୍ତ୍ରଣ ରକ୍ଷା କରି ପାଣ୍ଡପାଟଣା, ନନପଡ଼ା, ଲଳିତା ପାଟପୁର, ଆରେଡି, ଆସେଲି, ମୈତ୍ରତ୍ରିଲୋଚନପୁର ଆଦି ଗ୍ରାମର ଇଷ୍ଟ ଦେବଦେବୀ ଦୋଳ ପଡିଆରେ ଏକତ୍ରିତ ହୋଇଥିଲେ। ସମସ୍ତ ଦେବଦେବୀ ଦୋଳ ପଡିଆରେ ଆସୀନ ହେବାପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିର ଖେଳ ହୋଇଥିଲା। ଘରକରଣା ସାମଗ୍ରୀଠାରୁ ଆରମ୍ଭକରି ଖେଳଣା, ମନୋହରି, ମାଟିପାତ୍ର ଆଦି ଷ୍ଟଲମାନ ପଡି ଅସ୍ଥାୟୀ ବଜାରରେ କିଣାବିକା ଜୋର ଧରିଛି। ଆଞ୍ଚଳିକ ଦୋଳ ମହୋତ୍ସବ କମିଟି ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ, ଉପସଭାପତି ଅପର୍ତ୍ତୀ ଜେନା, ସମ୍ପାଦକ ମହେନ୍ଦ୍ର ବିଶ୍ୱାଳ, ସହ ସମ୍ପାଦକ ପୀତବାସ ବାରିକ, କୋଷାଧ୍ୟକ୍ଷ ନିରଞ୍ଜନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ୩ ମାସରେ ମିଳିବ ନିଯୁକ୍ତି

ଖୋର୍ଦ୍ଧା,୧୬।୩(ପ୍ରଭାତ ପାଣିଗ୍ରାହୀ)

- ସ୍ୱଳ୍ପକାଳୀନ ଓ ଦୀର୍ଘମିଆଦୀ ପ୍ରଶିକ୍ଷଣ ପରାମର୍ଶ ଶିବିର
- ଦେଢ଼ମାସରୁ ୪ ମାସ ନେବେ ପ୍ରଶିକ୍ଷଣ

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାର ସମସ୍ତ ବ୍ଲକରେ ସ୍ୱଳ୍ପକାଳୀନ ଓ ଦୀର୍ଘମିଆଦୀ ପ୍ରଶିକ୍ଷଣ ସମ୍ବନ୍ଧୀୟ ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜନ କରାଯିବ। ଜିଲାପାଳ ଚଞ୍ଚଳ ରାଣା ଜିଲା ପ୍ରଶାସନର ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ସୂଚନା ଦେଇଛନ୍ତି। ଏହି ପରାମର୍ଶ ଶିବିରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ବିଭିନ୍ନ ସରକାରୀ ଏବଂ ବେସରକାରୀ ତାଲିମ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯୋଗଦେବେ। ଏହି ତାଲିମ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ବିଭିନ୍ନ ଟ୍ରେଡ୍‌ମାନଙ୍କରେ ନ୍ୟାଶନାଲ ସ୍କିଲ ଡେଭଲପ୍‌ମେଣ୍ଟ କର୍ପୋରେଶନ ଦ୍ୱାରା ଜାରି କରାଯାଇଥିବା ସ୍ୱଳ୍ପମିଆଦୀ ପାଠ୍ୟକ୍ରମ ସୂଚୀରୁ ପ୍ରାର୍ଥୀମାନଙ୍କ ରୁଚି ଅନୁଯାୟୀ ତାଲିମ ପ୍ରଦାନ କରିଥାନ୍ତି। ଏହି ତାଲିମର ଅବଧି ସାଧାରଣତଃ ଦେଢ଼ମାସରୁ ୪ ମାସ ମଧ୍ୟରେ ହୋଇଥାଏ। ତାଲିମ ସମୟରେ ଆବାସିକ ପ୍ରାର୍ଥୀ, ପ୍ରାର୍ଥିନୀଙ୍କ ରହିବା, ଖାଇବା ଏବଂ ତାଲିମର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ। ତାଲିମ ପରେ ଆସେସ୍‌ମେଣ୍ଟ ଟେଷ୍ଟ କରାଯାଇ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ଏସ୍‌ଏସ୍‌ସି ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ। ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ୩ମାସ ମଧ୍ୟରେ ଦକ୍ଷତା ଅନୁସାରେ ରାଜ୍ୟ ଭିତରେ କିମ୍ବା ବାହାରେ ବେସରକାରୀ ସଂସ୍ଥାଗୁଡ଼ିକରେ ନିଯୁକ୍ତି ପ୍ରଦାନ କରାଯାଇଥାଏ। ସେହିପରି ଦଶମ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ବୈଷୟିକ ଶିକ୍ଷା ଆଇଟିଆଇ, ଡିପ୍ଲୋମା ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ଭୁବନେଶ୍ୱର ସମ୍ପର୍କରେ ପରାମର୍ଶ ପ୍ରଦାନ କରାଯିବ। ଏହି ତାଲିମ ଲାଗି ଇଚ୍ଛୁକ ଆଗ୍ରହୀ ଛାତ୍ରୀଛାତ୍ର ନିର୍ଦ୍ଧାରିତ କାର୍ଯ୍ୟଦିବସ, ସମୟ ଓ ସ୍ଥାନରେ ଆୟୋଜିତ ପରାମର୍ଶ ଶିବିରରେ ଅଂଶଗ୍ରହଣ କରି ଏହାର ସୁଯୋଗ ନେବାକୁ ଜିଲାପାଳ ନିବେଦନ କରିଛନ୍ତି। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆସନ୍ତା ୧୮ ତାରିଖରେ ବାଣପୁର ବ୍ଲକ ପାଇଁ କୃତ୍ତିବାସ ଭବନ, ପଲଟନ ପଡ଼ିଆ ବାଣପୁରଠାରେ ଆୟୋଜନ କରାଯିବ। ୧୯ ତାରିଖ ଚିଲିକା ବ୍ଲକ, ୨୦ ତାରିଖ ଟାଙ୍ଗୀ ବ୍ଲକ, ୨୧ ତାରିଖ ବୋଲଗଡ଼ ବ୍ଲକ, ୨୪ ତାରିଖ ବେଗୁନିଆ ବ୍ଲକ, ୨୫ ତାରିଖ ଖୋର୍ଦ୍ଧା ବ୍ଲକ, ୨୬ ତାରିଖ ଜଟଣୀ ବ୍ଲକ, ୨୭ ତାରିଖ ବାଲିଅନ୍ତା ବ୍ଲକ, ୨୮ ତାରିଖ ବାଲିପାଟଣା ଏବଂ ୨୯ ତାରିଖ ଭୁବନେଶ୍ୱର ବ୍ଲକ ପାଇଁ ଆବେଦନ ଗ୍ରହଣ କରାଯିବ। ଏହିସବୁ ବ୍ଲକରେ ପଞ୍ଜୀକରଣ ସେହି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।

**କଟୁରି ଦେଖାଇ ସୁନାଅଳଙ୍କାର ଲୁଟ୍**

କଟକ ସଦର,(ସୁଶାନ୍ତ କୁମାର ଜେନା): କନ୍ଦରପୁର ଥାନା ଅନ୍ତର୍ଗତ ନାହାଭଙ୍ଗା (ଦେଓପୁର)ଗ୍ରାମର ଲକ୍ଷ୍ମୀପ୍ରିୟା ମହାନ୍ତି ନାମ୍ନୀ ବୃଦ୍ଧାଙ୍କଠାରୁ ଶନିବାର ୨ ଜଣ ଦୁର୍ବୃତ୍ତ ସୁନାଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଖବରପାଇ ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ଘରେ ନ ଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ତୁମ ସ୍ୱାମୀ ରଙ୍ଗ ପଠାଇଛନ୍ତି ବୋଲି କହିଥିଲେ। ପରେ କଟୁରି ଦେଖାଇ ଭୟଭୀତ କରି ସୁନାଚେନ, ମୁଦି, ବାହୁଟି ଓ ମୋବାଇଲ ଫୋନ୍ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୬୭/୨୫) ରୁଜୁ କରିଛି।

# ୩ ସ୍ଥାନରେ ଗୋଷ୍ଠୀ ସଂଘର୍ଷ

- ୫ ଗିରଫ, ୪ ଗୁରୁତର
- ଉତ୍ତେଜନା, ପୋଲିସ ମୁତୟନ

**ଫୁଲନଖରା/ମଙ୍ଗୁଳି-ଜଗତପୁର, ୧୬।୩ (ସତ୍ୟରଞ୍ଜନ ଦାସମହାପାତ୍ର/ମାନସ ସାମଲ)**

କଟକ ଜିଲାର ସଦର ଥାନା ଓ ଜଗତ୍‌ପୁର ଥାନା ଅଞ୍ଚଳର ୩ଟି ସ୍ଥାନରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଏକାଧିକ ଲୋକ ଆହତ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

କଟକ ସଦର ଥାନା ଅନ୍ତର୍ଗତ ସୁଭଦ୍ରାପୁରରେ ଶୁକ୍ରବାର ବିଳମ୍ବିତ ରାତିରେ ଦୋଳ ମେଳଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଉତ୍ତମାପୁର ଗ୍ରାମର ଲୋକମାନେ ବିମାନରେ ଠାକୁରଙ୍କୁ ଭୋଗ ଖାଇବା ପାଇଁ ସୁଭଦ୍ରାପୁର ଗ୍ରାମକୁ ଯାଇଥିଲେ। ହେଲେ ସେଠାରେ ସୁଭଦ୍ରାପୁର ଗ୍ରାମର ଲୋକମାନେ ଦୋଳ ବିମାନଟିକୁ ଅଟକାଇଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଉତ୍ତମାପୁର ଗ୍ରାମର ଅନେକ ଲୋକ ଆହତ ହୋଇଛନ୍ତି। ଏନେଇ ଉତ୍ତମାପୁର ଗ୍ରାମର ସତ୍ୟଜିତ୍ ଦାସ ଥାନାରେ ୧୫ ଜଣଙ୍କ ନାମରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୯୦/୨୫) ରୁଜୁ କରିଛି। ଏହି ଘଟଣାରେ ୫ ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମର ସୁକେଶ ଚନ୍ଦ୍ର ସାହୁ, ଅଶୋକ ବେହେରା, ଶିଶିର କୁମାର ବାରିକ, ସ୍ମୃତି ରଞ୍ଜନ ବେହେରା ଓ ଜଗମୋହନ ପଣ୍ଡା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୧୦ ଜଣ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଗଣେଶ ପୂଜା ସମୟରେ ସୁଭଦ୍ରାପୁର ଗ୍ରାମବାସୀ ଉତ୍ତମାପୁର ଗ୍ରାମ ଦେଇ ରୋଶଣି କରିଥିଲେ। ହେଲେ ଉତ୍ତମାପୁର ଗ୍ରାମର ଲୋକମାନେ ବିରୋଧ କରିଥିଲେ। ତେଣୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୋଷ୍ଠୀ ସଂଘର୍ଷ ଘଟିଥିବା ପୋଲିସ ସୂଚନା ଦେଇଛି।



ବିଜୁ କଲୋନୀ-ମା’ ମଙ୍ଗଳା କଲୋନୀ ରାସ୍ତାରେ ଗୋଷ୍ଠୀ ସଂଘର୍ଷ ପରେ ପୋଲିସ ମୁତୟନ।

ଜଗତପୁର ଥାନା ଅଧୀନ ବିଜୁ କଲୋନୀ ଏବଂ ମା’ ମଙ୍ଗଳା କଲୋନୀକୁ ସଂଯୋଗ କରୁଥିବା ରାସ୍ତାରେ ଶନିବାର ଉଭୟ କଲୋନୀର ଯୁବକମାନେ ମାଇକ ବଜାଇ ହୋଲି ଖେଳୁଥିଲେ। କିଛି ସମୟ ପରେ ମାଇକ୍ ସାଉଣ୍ଡକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ସହ ଢେଲାପଥର ମାଡ଼ ହୋଇଥିଲା। ଢେଲା ପଥର ମାଡ଼ରେ ଉଭୟ ପକ୍ଷରୁ ଏକାଧିକ ଆହତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗଣ୍ଡଗୋଳ ରୋକିବା ପାଇଁ ୪୮ ନମ୍ବର ୱାର୍ଡ କର୍ପୋରେଟରଙ୍କ ସ୍ୱାମୀ ନାଗେଶ୍ୱର ବେହେରା ପହଞ୍ଚି ବୁଝାଶୁଝା କରୁଥିବାବେଳେ ତାଙ୍କ ଗୋଡ଼ରେ ଏକ ଢେଲା ବାଜିବାରୁ ଫାକ୍ଚର ହୋଇଥିବା ଜଣାପଡିଛି। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହେବା ପରେ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ତେବେ ଗଣ୍ଡଗୋଳ ଆଶଙ୍କା ଥିବାରୁ ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛି।

ସେହିପରି ଚୌଦ୍ୱାର ଅଞ୍ଚଳର ଜଣେ ଯୁବକ ଏକ ଖୋଲା ଜିପ୍‌ରେ ମାଇକ୍ ବଜାଇ ୬ଜଣ ଯୁବତୀଙ୍କୁ ଧରି ରଙ୍ଗ ଖେଳିବାକୁ ଜଗତପୁର ନୂଆସାହିକୁ ଆସୁଥିଲେ। ଏହି ସମୟରେ ନୂଆସାହି ଛକ ନିକଟରେ ୩ଜଣ ନିଶାସକ୍ତ ଯୁବକ ଉକ୍ତ ଜିପ୍‌କୁ ଅଟକାଇ ଯୁବତୀଙ୍କ ଦେହରେ ଜୋରଜବରଦସ୍ତି ରଙ୍ଗ ଲଗାଇବା ସହ ଅସଦାଚରଣ କରିଥିଲେ। ସମ୍ପୃକ୍ତ ଯୁବକ ଜଣଙ୍କ ଏହାର ପ୍ରତିବାଦ କରିବାରୁ ନିଶାସକ୍ତ ଯୁବକମାନେ ଏକ ମଦ ବୋତଲରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେବାରୁ ସେ ତଳେ ପଡି ଯାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଚିକିତ୍ସା ପାଇଁ କଟକ ମେଡିକାଲ ପଠାଇଥିଲା। ଘଟଣାସ୍ଥଳରୁ ନିଶାସକ୍ତ ଯୁବକମାନେ ଫେରାର ହୋଇଯାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ଯୁବକଙ୍କର ୧୦ରୁ ଊର୍ଦ୍ଧ୍ୱ ସାଙ୍ଗ ନୂଆସାହିରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପରେ ନୂଆସାହିର ଯୁବକ ଓ ସେମାନଙ୍କ ମଧ୍ୟରେ ମାର୍‌ପିଟ ସହ ସଂଘର୍ଷ ଘଟିଥିଲା। ପୋଲିସ ପହଞ୍ଚି ଉଭୟ ପକ୍ଷର ଲୋକଙ୍କୁ ବୁଝାଶୁଝା କରିଛି। ରିପୋର୍ଟ ଲେଖାଯିବାବେଳକୁ ଛକାପଞ୍ଝା ଲାଗି ରହିଥିବାବେଳେ ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛି।

## ମହାନଦୀରୁ ମୃତଦେହ ଜବତ

**ବଡ଼ମ୍ବା, ୧୬।୩(ମାୟାଧର ମଲ୍ଲିକ)**

କଟକ ଜିଲା ବଡ଼ମ୍ବାସ୍ଥିତ ଭଟ୍ଟାରିକା ପୀଠ ନିକଟ ମହାନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ପ୍ରମୋଦ କୁମାର ରାଉତ(୨୫)। ଶନିବାର ଅପରାହ୍ନରେ ସେ ହୋଲି ଖେଳ ସାରି ସାଙ୍ଗମାନଙ୍କ ସହ ମହାନଦୀରେ ଗାଧୋଉ ଥିବା ବେଳେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଖବରପାଇ ବଡ଼ମ୍ବା ଓ ବାଲିଝରୀ ଅଗ୍ନିଶମ ଦଳ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ପ୍ରମୋଦଙ୍କ ପତ୍ତା ମିଳି ନଥିଲା। ରବିବାର ମହାନଦୀର ପଦ୍ମାବତୀ ଅଞ୍ଚଳ ନଦୀକୂଳରୁ ବଡ଼ମ୍ବା ଅଗ୍ନିଶମ ଦଳ ପ୍ରମୋଦଙ୍କ ମୃତଦେହ ଠାବ କରିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୫) ରୁଜୁ ହୋଇଛି।



ଦୋଳପୂର୍ଣ୍ଣିମା ଅବସରରେ କଟକ ବକ୍ସିବଜାର ବଡ଼େଇସାହି ବାସ୍ତରୀ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ଦୋଳମେଳଣ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ନିଶ୍ଚିନ୍ତକୋଇଲି, ୧୬।୩(ଅଶୋକ କୁମାର ମହାପାତ୍ର)**

ବିଦ୍ୟୁତ୍ ଆଘାତରେ ମାହାଙ୍ଗା ବ୍ଲକ ଅଧୀନ ବ୍ରାହ୍ମଣ ମଣୀଜୋରି ଗ୍ରାମର କୁନା ମହାନ୍ତି ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ଗୋବରୀ ନଦୀରେ ମାଛ ଧରିବା ନିମନ୍ତେ ତାର ସାହାଯ୍ୟରେ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ କରିଥିଲେ। ତେବେ ଅସାବଧାନତା ଯୋଗୁ ବିଦ୍ୟୁତ୍ ତାର ସଂସ୍ପର୍ଷରେ ଆସି ସେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭଦ୍ରେଶ୍ୱର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଆଣି ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା।

### ଋଣ ଟଙ୍କା ନ ଫେରାଇ ଯୁବକ ଗିରଫ

**ଚୌଦ୍ୱାର, ୧୬।୩(ଆଶୁତୋଷ ଦାସ)**

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ବାବଦ ଟଙ୍କା ନେଇ ଫେରାର ଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଚୌଦ୍ୱାର ହାଉସିଂବୋର୍ଡ କଲୋନିର ପ୍ରଫୁଲ୍ଲ କୁମାର ପଣ୍ଡା। ପୋଲିସ ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ଉତ୍କର୍ଷ ନାମକ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରୁ ୨୦୨୦ରେ ୨୦ ହଜାର ଟଙ୍କା ଋଣ ନେଇଥିଲେ। ହେଲେ ଏହି ଅର୍ଥ ପରିଶୋଧ ନ କରି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୯୨/୨୦) ରୁଜୁ କରିଥିଲା।

### ମା’ ହେଲେ ନାବାଳିକା, ଅଭିଯୁକ୍ତ ଫେରାର

**ଖୁଣ୍ଟୁଣୀ, ୧୬।୩(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଞ୍ଚଳର ୧୭ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ଅନ୍ତଃସତ୍ତ୍ୱା କରିଥିବା ଅଭିଯୋଗ ହୋଇଛି। ଅନ୍ତଃସତ୍ତ୍ୱା ପରେ ନାବାଳିକା ଜଣକ କଟକ ବଡ଼ ଡାକ୍ତରଖାନାରେ ଶୁକ୍ରବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଘଟଣା ପରେ ସମ୍ପୃକ୍ତ ଆଦିବାସୀ ଯୁବକ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ହୋଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୪୪/୨୫) ରୁଜୁ କରିବା ସହ ପୀଡିତାଙ୍କ ବୟାନ ରେକର୍ଡ କରିଥିଲା। ଉଭୟ ପୀଡିତା ଓ ତାଙ୍କ ସନ୍ତାନକୁ ପୋଲିସ କଟକ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିବା ଏସ୍‌ଆଇ ସସ୍ମିତା ପରିଡ଼ା କହିଛନ୍ତି।



ସାହିତ୍ୟ ଅନୁଷ୍ଠାନ ଧ୍ରୁବତାରା ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଲି ମହୋତ୍ସବରେ ବ୍ୟଙ୍ଗ ଉପସ୍ଥାପକ ନିରଞ୍ଜନ ଓଝାଙ୍କୁ ବ୍ୟଙ୍ଗ ଉପାଧି ପ୍ରଦାନ କରାଯାଉଛି।

## ଦୋଳ ମେଳଣରେ ଅଘଟଣ: ଡିଜେ ଶବ୍ଦରେ ବୃଦ୍ଧ ମୃତ

**ନିଶ୍ଚିନ୍ତକୋଇଲି, ୧୬।୩(ଅଶୋକ କୁମାର ମହାପାତ୍ର)**

ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଦୋଳ ମେଳଣବେଳେ ଅଘଟଣ ଘଟିଛି। ଡିଜେ ସାଉଣ୍ଡରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବାଣ ବିସ୍ଫୋରଣରେ ଜଣେ ଗୁରୁତର ହୋଇଛନ୍ତି। ଏହି ଥାନା ଅନ୍ତର୍ଗତ ଗୋତରା ଅସୁଲେଶ୍ୱରୀ ପୀଠରେ ଦୋଳଯାତ୍ରା ଚାଲିଥିଲା। ଏହି ଯାତ୍ରାରେ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ଜୋର୍‌ରେ ଡିଜେ ବଜାଯାଇଥିଲା। ଡିଜେ ଶବ୍ଦରେ ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ଛେନା ବ୍ୟବସାୟୀ ସୁକଦେବ ଦାସ(୬୨) ଗୁରୁତର ହୋଇଥିଲେ। ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁକଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଏହି ପଞ୍ଚାୟତ ଅନ୍ତର୍ଗତ ଆପିଲୋ ଗ୍ରାମରେ ଅନୁଷ୍ଠିତ ଦୋଳ ମେଳଣ ଉତ୍ସବରେ ବାଣ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ଗୋରୁ ଫସଲ ଖାଇବାକୁ ନେଇ ସଂଘର୍ଷ

**ନିଶ୍ଚିନ୍ତକୋଇଲି, ୧୬।୩(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତରେ ଗୋରୁ ମୁଗଫସଲ ଖାଇବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୩/୪ଜଣ ଗୁରୁତର ହୋଇଥିବାବେଳେ ଏକ ବାଇକ୍ ଭାଙ୍ଗି ଦିଆଯାଇଛି। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ପୋଖରୀରେ ବୁଡ଼ି କଲେଜ ଛାତ୍ର ମୃତ

**ଆଠଗଡ଼, ୧୬।୩(ସତ୍ୟ ପ୍ରସାଦ ରଥ)**

ପୋଖରୀରେ ବୁଡ଼ି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିଗିରିଆ ଥାନା ବିରୁଡୁଟ ଗ୍ରାମର ପ୍ରସନ୍ନ ଦାଶଙ୍କ ପୁଅ ଦିବ୍ୟରଞ୍ଜନ (୧୯)। ସେ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଯୁକ୍ତ ୩ ଶେଷ ବର୍ଷର ଛାତ୍ର। ସେ ଆଠଗଡ଼ସ୍ଥିତ ଗଦାସାହି ନିକଟ ଭାଗିରଥି ସାଗର (ବଡ ପୋଖରୀ)କୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗଙ୍କ ସହ ପୋଖରୀରେ ପହଁରି କୂଳ ଠାରୁ ପ୍ରାୟ ୪୦ରୁ୫୦ ଫୁଟ ଭିତରକୁ ଚାଲିଯାଇଥିଲେ। ଏହି ସମୟରେ ଦିବ୍ୟରଞ୍ଜନ ଥକିଯାଇ ବୁଡିଗଲାବେଳେ ସାଙ୍ଗମାନେ ତାଙ୍କୁ କୂଳ ଆଡ଼କୁ ଆଣିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ଦିବ୍ୟରଞ୍ଜନ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଖୋଜା ଖୋଜି କରିବା ପରେ ଦିବ୍ୟରଞ୍ଜନଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ପୃଥକ୍ ଗାଡ଼ି ଦୁର୍ଘଟଣା: ୧ ମୃତ

**ନିଶ୍ଚିନ୍ତକୋଇଲି, ୧୬।୩(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ପୃଥକ୍ ଗାଡି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣାରେ ୨ଟି ବାଇକ ଓ ଗୋଟିଏ ସାଇକେଲ ଭାଙ୍ଗି ଚୁରମାର ହୋଇଯାଇଛି। ବନକ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ମୋହନ ଚରଣ ଦାସ(୫୧) ସାଇକେଲ ଯୋଗେ ଆସୁଥିଲାବେଳେ ଗୋପପୁର ଭଗବତୀ ଛକ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ମୋହନଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏସମ୍ପର୍କରେ ମୋହନଙ୍କ ପରିବାର ତରଫରୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପିରି ରବିବାର ସକାଳେ କଟକ-ଚାନ୍ଦବାଲି ରାସ୍ତାର କଟରପଡା ଛକ ନିକଟରେ ବସ୍ ଦୁର୍ଘଟଣାରେ କଟରପଡା ପଞ୍ଚାୟତ ଅନ୍ତର୍ଗତ ସାଙ୍କିଲୋ(ଦଶମାଣିଆ)ଗ୍ରାମର ରବୀନ୍ଦ୍ର କୁମାର ନାୟକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଏହି ଦୁର୍ଘଟଣାରେ ଗୋଟିଏ ବାଇକ୍ ଓ ସ୍କୁଟି ଭାଙ୍ଗି ଯାଇଛି।

## ହୋଲି ଉତ୍ସବ ପାଳିଲେ ଏମ୍‌ପି, ମେୟର

**କଟକ, ୧୬।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଦୋଳ ପୂର୍ଣ୍ଣିମା ଅବସରରେ କଟକ ବିହାରୀବାଗ୍‌ଠାରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଠାରେ ସେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ରଙ୍ଗ ଲଗାଇ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଲଉଡି ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ବରିଷ୍ଠ ନେତା ନୟନ ମହାନ୍ତି, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଭାଜପା ନେତା ଅରିନ୍ଦମ ରାଏ, କଟକ ମେୟର ସୁବାସ ସିଂଙ୍କ ସମେତ କର୍ପୋରେଟର ଓ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ଭର୍ତ୍ତୃହରି କହିଛନ୍ତି, ଦୋଳ ପୂର୍ଣ୍ଣିମାରେ ହୋଲି ଉତ୍ସବ ପାଳନ କରିଛୁ। କାରଣ ଏହା ହୋଲିକା ଦହନର ସମୟ ରହିଥାଏ। ଅହଂକାର, ପରଶ୍ରୀକାତରତା ଓ ଅନ୍ୟାନ୍ୟ କୁପ୍ରଭାବର ଅନ୍ତ ଘଟିଥାଏ। କଟକ ବାରବାଟୀ ଦୁର୍ଗସ୍ଥିତ ସିଏମ୍‌ସି ମେୟର ସୁବାସ ସିଂଙ୍କ ବାସଭବନରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଓ ଅଧ୍ୟକ୍ଷ, ବିଜେଡି କର୍ପୋରେଟର ଯୋଗଦେଇଥିଲେ। ଏହି ଅବସରରେ ସୁବାସ କହିଛନ୍ତି, ହୋଲି ପର୍ବକୁ ଜାତି, ଧର୍ମ, ବର୍ଣ୍ଣ, ଦଳରୁ ଊର୍ଦ୍ଧ୍ୱରେ ରଖି ପାଳନ କରୁଛୁ। ଏହା ଭାଇଚାରାର ପ୍ରତୀକ। ଏଥିରେ ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରାହୀ, ବିନୋଦ ପଣ୍ଡା, କାଳୀଚରଣ ପାଣିଗ୍ରାହୀ, ସୌମେନ୍ଦ୍ର ସାହୁ, ସ୍ୱଦେଶ ଦାସ, ଦୀପ୍ତି ରଞ୍ଜନ ରାୟ, ବିଶ୍ୱନାଥ ଧୀର, ମିତାଲି ଭଞ୍ଜଙ୍କ ସମେତ କଟକ ସହର ସାହି ମୁରବି, ଆଇନଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

## ଦୁର୍ଗନ୍ଧ ପରେ ଘରୁ ମିଳିଲା ବୃଦ୍ଧାଙ୍କ ମୃତଦେହ

- ଅନାହାର କାରଣରୁ ମୃତ୍ୟୁ ଘଟିଥିବା ଚର୍ଚ୍ଚା

**ବାଙ୍କୀ, ୧୬।୩ (ଶୁଭେନ୍ଦୁ ମହାପାତ୍ର)**

କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଏଠାରେ ଜଣେ ବୃଦ୍ଧାଙ୍କ ଅନାହାରଜନିତ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବାବେଳେ ଖବରପାଇ ଗ୍ରାମର କେତେଜଣ ସାମାଜିକ କର୍ମୀ ମିଶି ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ମୃତକ ହେଲେ ଏହି ଗ୍ରାମର ଭାମା ଦାସ (୭୦)।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଭାମାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଏକ ମାତ୍ର ପୁଅ ପାଗଳ ହୋଇ ଘର ଭିତରେ ବନ୍ଦୀ ଭଳି ରହୁଛନ୍ତି। ଏଭଳିସ୍ଥିତିରେ ଭାମା ମାସକୁ ୧୦ କିଲୋ ଚାଉଳ ସହ ବିଧବା ଭତ୍ତା ବାବଦରେ ମାସିକ ୧୦୦୦ ଟଙ୍କାରେ ବହୁ କଷ୍ଟରେ ଜୀବନଯାପନ କରୁଥିଲେ। ଅନେକ ସମୟରେ ଖାଦ୍ୟାଭାବ ଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିଲେ। ଏଥିଯୋଗୁ ଗୁରୁବାର ଭାମାଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଶୁକ୍ରବାର ଉକ୍ତ ଘରୁ ଦୁର୍ଗନ୍ଧ ବାହାରିଥିଲା। ଭାମାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିବା ପରେ ପୁଅ ଭିନ୍ନକ୍ଷମ ଥିବାରୁ ସାମାଜିକ କର୍ମୀ ରଜନୀକାନ୍ତ ପଣ୍ଡା, ଶରତ ସାହୁ , ଚୈତନ୍ୟ ଦାସ ଓ ସୁଧୀର ଦାସ ପ୍ରମୁଖ ପହଞ୍ଚି ମୃତଦେହ ସତ୍କାର ପାଇଁ ବ୍ୟବସ୍ଥା କରିଥିଲେ। ଖବରପାଇ ନୀଳମଣି ମହାପାତ୍ର ପହଞ୍ଚି ତାଙ୍କ ନିଜ ଅଟୋରେ ମୃତଦେହ ନେବା ପରେ ଗାଁ ଶ୍ମଶାନରେ ଭାମାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଡ୍ରେନ୍ ମରାମତି ପାଇଁ ଅଭିନବ ପ୍ରତିବାଦ

**କଟକ, ୧୬।୩(କାର୍ତ୍ତିକ ସାହୁ)**

ମୁକୁଳା ଡ୍ରେନ୍ ମରାମତି ପାଇଁ ପ୍ରଶାସନ ଶୁଣିଲାନି। ବାଧ ହୋଇ ଡ୍ରେନ୍ ଭିତରେ ପଶି ଅଭିନବ ପ୍ରତିବାଦ ଜଣାଇଲେ ସାମାଜିକ କର୍ମୀ ଡ. ବ୍ୟୋମୋକେଶ କାନୁନ୍‌ଗୋ। କଟକ ମହାନଗର ନିଗମ(ସିଏମ୍‌ସି)ର ୫୨ ଓ ୫୩ ନମ୍ବର ୱାର୍ଡ ସୀମାବର୍ତ୍ତୀ ଅଞ୍ଚଳରେ ଏକ ଡ୍ରେନ୍ ମରାମତି ପାଇଁ ସେ ଏପରି କରିଥିବା କହିଛନ୍ତି। ସେ ମଧ୍ୟ ବିଜେଡିର ଜଣେ ଆଗଧାଡ଼ିର କର୍ମୀ।

ସୂଚନାନୁସାରେ, କଲ୍ୟାଣୀନଗରର ମୁଖ୍ୟରାସ୍ତା ସେଣ୍ଟ ଜାଭିୟର ପ୍ଲେ ସ୍କୁଲ ନିକଟରେ ୨୦୨୨ ମସିହାରୁ ଡ୍ରେନ୍ ମୁକୁଳା ଅବସ୍ଥାରେ ରହିଛି। ୨୦୨୨ରେ ସେଠାରେ ଏକ କଲ୍‌ଭର୍ଟ ନିର୍ମାଣ ହେଇଥିଲା। ସେବେଠାରୁ ସେଠାରେ ଥିବା ଡ୍ରେନ୍‌ଉପରେ ସ୍ଲାବ୍ ପଡିନାହିଁ। ସେହି ରାସ୍ତାରେ ଜଣେ ଶିକ୍ଷକ ସ୍କୁଟିରେ ଯାଉଥିବାବେଳେ ଡ୍ରେନ୍ ଭିତରେ ଖସିପଡି ଆହତ ହୋଇଥିଲେ। ଏକ ଷଣ୍ଢ ମଧ୍ୟ ସେଠାରେ ଗଳିପଡ଼ିଲା। ଓଡ୍ରାଫ୍ ଟିମ୍ ସହାୟତାରେ ଷଣ୍ଢକୁ ଉଦ୍ଧାର କରାଯାଇଥିଲା। ଏପରି କି ଜଣେ ସ୍କୁଲ ପିଲା ମଧ୍ୟ ସେଠାରେ ପଡ଼ି ଆହତ ହୋଇଥିଲେ। ଏସବୁ ଘଟଣା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଡ୍ରେନ୍ ଭିତରେ ପଶି ପ୍ରତିବାଦ କଲେ ପ୍ରଶାସନ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବ ବୋଲି ମନରେ ଆସିଥିବା ବ୍ୟୋମୋକେଶ କହିଛନ୍ତି। ତେବେ ସ୍ଥାନୀୟ କର୍ପୋରେଟର ସେଠାକୁ ଆସି ସୋମବାରଠାରୁ କାମ ଆରମ୍ଭ ହେବାର ଚିଠି ଦେଖାଇବା ପରେ ବ୍ୟୋମୋକେଶ ପ୍ରତିବାଦରୁ ଓହରି ଯାଇଥିଲେ।



ଡ୍ରେନ୍ ଭିତରେ ପଶି ବ୍ୟୋମୋକେଶ କାନୁନ୍‌ଗୋ ପ୍ରତିବାଦ କରୁଛନ୍ତି।

## କ୍ୟାରମ୍ ବୋର୍ଡରେ ପାଣି ପଡ଼ିବାରୁ ସାଙ୍ଗଙ୍କୁ ହତ୍ୟା

- ବନ୍ଧୁକ ଜବତ, ଅଭିଯୁକ୍ତ ଗିରଫ

**କଟକ/କଟକ ସଦର, ୧୬।୩ (କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)**

ହୋଲିର ଖୁସି କ୍ଷଣକରେ ମିଳାଇଗଲା। ସାଙ୍ଗର ବନ୍ଧୁକ ମୁନରେ ଟଳିପଡ଼ିଲା ସାଙ୍ଗ। ଏଭଳି ଏକ ହୃଦୟ ବିଦାରକ ଘଟଣା ଶନିବାର ଘଟିଛି କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ବିହାରରେ। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ବିରାଙ୍ଗ ଗ୍ରାମର ଗଣେଶ ଓରଫ ବିକାଶ ମହାନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚାହାପଡ଼ା ଗ୍ରାମର କିଟୁ ଓରଫ ପ୍ରକାଶ ସୂତାର(୨୫)ଙ୍କୁ ପୋଲିସ ଗିରଫ କରିଛି। ଏଥିସହ ପୋଲିସ ଘଟଣାସ୍ଥଳରୁ ଏକ ଦେଶୀ ବନ୍ଧୁକ ଓ ଖୋକା ଜବତ କରିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ରବିବାର ମଧୁପାଟଣା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବିକାଶ ମହାନ୍ତି ଓ ତାଙ୍କ ସହ ୪ ଜଣ ବନ୍ଧୁ ଶ୍ରୀକୃଷ୍ଣ ବିହାର ଦ୍ୱାରକା ଛକ ଅଞ୍ଚଳରେ ଥିବା ପ୍ରକାଶଙ୍କ ଭଡ଼ାଘରେ ଶନିବାର ହୋଲି ଖେଳ ପରେ ଭୋଜିକରୁଥିଲେ। ସମସ୍ତେ ଏକାଠି କ୍ୟାରମ୍ ଖେଳୁଥିଲେ। ଏହି ସମୟରେ କ୍ୟାରମ୍ ବୋର୍ଡରେ ପାଣି ଢାଳି ହୋଇଯିବାକୁ ନେଇ ବିକାଶ ଓ ପ୍ରକାଶଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରକାଶ ଅତ୍ୟନ୍ତ ଉତ୍କ୍ଷିପ୍ତ ହୋଇ ପାଖରେ ରଖିଥିବା ବନ୍ଧୁକରୁ ଅତି ନିକଟରୁ ବିକାଶଙ୍କ ଉପରକୁ ଗୁଳି ଚଳାଇଥିଲେ। ବିକାଶଙ୍କ ମୁଣ୍ଡରେ ଗୁଳି ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ସାଙ୍ଗମାନେ ଅଭିଯୁକ୍ତ ପ୍ରକାଶଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ପ୍ରକାଶଙ୍କୁ ଗିରଫ କରିବା ସହ ବନ୍ଧୁକ ଓ ଖୋକା ଜବତ କରିଥିଲା। ଏନେଇ ଡିସିପି ଖିଲାରୀ କହିଛନ୍ତି, ହୋଲି ପାଇଁ ଶନିବାର କିଛି ସାଙ୍ଗଙ୍କ ସହ ବିକାଶ ମଦ୍ୟପାନ କରିଥିଲେ। କ୍ୟାରମ୍ ଖେଳ କାଳ ହୋଇଥିଲା। ଅଭିଯୁକ୍ତ ହତ୍ୟା କରିଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ପରିବାର ଲୋକେ ବିକାଶଙ୍କ ହତ୍ୟା ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବିକାଶଙ୍କ ବାପା ଶାନ୍ତନୁ ମହାନ୍ତି କହିଛନ୍ତି। ଏନେଇ ୪୨ ମୌଜା ଥାନାରେ ଏକ ହତ୍ୟା ମାମଲା(ନଂ.୮୯/୨୫) ରୁଜୁ ହୋଇଛି।



ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଅରୁଣ ସ୍ତମ୍ଭ ନିକଟରେ ଜଳିଲା ୫ଫୁଟ୍‌ର ମହମବତି

### ଭିଡିଓ ଭାଇରାଲ ପରେ ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ

ପୁରୀ, ୧୬।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ୫ ଫୁଟ୍‌ର ମହମବତି ପ୍ରଜ୍ୱଳନ କରାଯିବା ନେଇ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଯେ, ଜଣେ ବ୍ଲଗର ଶ୍ରୀମନ୍ଦିରରେ ୫ଫୁଟର ମହମବତି ଜାଳିବା ପାଇଁ ମାନସିକ କରିଥିଲେ। ତାଙ୍କ ମାନସିକ ପୂରଣ ହେବା ପରେ ସେ ଶ୍ରୀମନ୍ଦିର ସିଂହଦ୍ୱାର ସାମ୍ନାରେ ପହଞ୍ଚି ଅରୁଣ ସ୍ତମ୍ଭ ନିକଟରେ ୫ଫୁଟର ଏକ ମହମବତି ଜାଳିବାକୁ ଜଣେ ସେବାୟତଙ୍କୁ ଦେଇଥିଲେ। ସେବାୟତ ଜଣକ ଅରୁଣସ୍ତମ୍ଭ ନିକଟରେ ଜଳୁଥିବା ଦୀପରୁ ମହମବତିରେ ଅଗ୍ନି ସଂଯୋଗ କରିଥିଲେ। ପରେ ମହମବତିକୁ ଅରୁଣସ୍ତମ୍ଭ ସମ୍ମୁଖରେ ରଖିଦେଇଥିଲେ। ଶ୍ରୀମନ୍ଦିର ସାମ୍ନାରେ ଏଭଳି ଘଟଣା ପ୍ରଥମ। ସନାତନ ଧର୍ମ ସଂସ୍କୃତିରେ ମନ୍ଦିରରେ ମହମବତି ନୁହେଁ, ବରଂ ଦୀପ ଜାଳିବାର ପରମ୍ପରା ରହିଛି। ତେଣୁ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଦୋଳବେଦିରେ ଭକ୍ତଙ୍କ ସହ ଫଗୁ ଖେଳିଲେ ଠାକୁର

ପୁରୀ, ୧୬।୩(ଅଜିତ୍ କୁମାର ମହାନ୍ତି)


ଦୋଳବେଦିରେ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ପ୍ରଭୁ ଦୋଳଗୋବିନ୍ଦ।

ପବିତ୍ର ଦୋଳପୂର୍ଣ୍ଣିମାରେ ଶନିବାର ମହାପ୍ରଭୁଙ୍କ ଦୋଳଯାତ୍ରା ଓ ସୁନାବେଶ (ରାଜରାଜେଶ୍ୱର ବେଶ) ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ମର୍ଣ୍ଣବିମାନରେ ଆସି ଦୋଳବେଦିରେ ହୋଲି ଖେଳିଥିଲେ। ସେହିପରି ଭକ୍ତମାନେ ଝିମିରି ଫଗୁ ଓ ଅବିର ଖେଳିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁନାବେଶରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଖଇ କୋରା, ଶୀତଳ ଭୋଗ ସରିବା ପରେ ଦୋଳଗୋବିନ୍ଦ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ କରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନ ଚତୁଃପାର୍ଶ୍ୱରେ ୭ଥର ପ୍ରଦକ୍ଷିଣ କରିଥିଲେ। ନାଭିକଟାମଣ୍ଡପରେ ଚଳନ୍ତି ପ୍ରତିମାମାନଙ୍କୁ ବିଜେ କରାଯାଇଥିଲା। ମହାସ୍ନାନ, ମାଜଣା, ବନକଲାଗି, ପାଟଯୋଡ଼ ଶାଢ଼ି ଲାଗିହୋଇ ବେଶ ସମ୍ପନ୍ନ ପରେ ଶୀତଳ ଭୋଗ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି ଓ ବନ୍ଦାପନା ସାରିବା ପରେ ମହାଜନେ ତିନି ଦିଅଁଙ୍କୁ ସାତପାହାଚ ଦ୍ୱାରସ୍ଥିତ ବିମାନରେ ବିଜେ କରାଇଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଶ୍ରୀମନ୍ଦିର ଭିତରବେଢାରେ ବିମାନକୁ ସାତଘେରା ବୁଲାଇବା ପରେ ଦୋଳବେଦିକୁ ଯାଇଥିଲେ। ପରେ ଦୋଳବେଦି ପରିସର ଚାରିପଟେ ସାତଘେରା ବିମାନ ବୁଲିଥିଲା। ମହାଜନ ସେବକମାନେ ଠାକୁରଙ୍କୁ ସାତଘେରା ବେଦି ଚାରିପଟେ ଓ ବନ୍ଧା ହୋଇଥିବା ଦୋଳି ଚାରିପଟେ ଏହିପରି ସମୁଦାୟ ଦୋଳବେଦିରେ ୨୧ ଘେରା ବୁଲାଇବା ପରେ ଦୋଳିରେ ବିଜେ କରାଇଥିଲେ। ପାଣିପଡ଼ି ଧୋପଖାଳ ହୋଇ ଘଣ୍ଟ, ଛତା ଓ କାହାଳୀ, ତଳିଚ୍ଛ ପଟୁଆର ହୋଇ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାଧୂପ ଷୋଡ଼ଶ ଉପଚାରରେ ପୂଜା ହୋଇଥିଲା। ପରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ଦୋଳବେଦିରେ ଠାକୁରଙ୍କ ଦର୍ଶନ କରିଥିଲେ। ମୁଦିରସ୍ତଙ୍କ ଦ୍ୱାରା ନୀତି ଓ ଛେରାପହଁରା ସମ୍ପନ୍ନ ହେବା ପରେ ଠାକୁର ଠାକୁରାଣୀଙ୍କୁ ବେଦି ଚାରିପାଖରେ ୭ ଘେରା ଓ ବେଦି ଉପରେ ୭ ଘେରା ପରିକ୍ରମା କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇ ବିମାନରେ ଦିଅଁମାନେ ବିଜେ କରିଥିଲେ। ବିମାନ ବେଦି ଚାରିପଟେ ସାତଘେରା ବୁଲିବା ପରେ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଶ୍ରୀମନ୍ଦିର ଭିତରବେଢାରେ ବିମାନ ସାତଘେରା ବୁଲିବା ପରେ ସରସ୍ୱତୀ ମନ୍ଦିର ସମ୍ମୁଖରେ ଶୀତଳଭୋଗ ମଣୋହି ଓ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ବିମାନ ସାତପାହାଚ ଦେଇ ଭିତରକାଠ ପାଖରେ ଭଣ୍ଡାରଦ୍ୱାରଠାରେ ବିଜେ କରାଯାଇଥିଲା। ବନ୍ଦାପନା ଓ ଜଳଲାଗି ସରିବା ପରେ ଠାକୁରମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିରରେ ଖଇକୋରା ଭୋଗ ସରିବା ପରେ ପୁଷ୍ପାଳକମାନେ ରତ୍ନସିଂହାସନସ୍ଥ ଶ୍ରୀବିଗ୍ରହଙ୍କୁ ରାଜବେଶ (ସୁନାବେଶ)ରେ ସଜ୍ଜିତ କରିଥିଲେ। ଦିଅଁମାନେ ଦୋଳବେଦିରୁ ଫେରିବା ସହ ଅନ୍ୟାନ୍ୟ ନୀତି ହେବା ପରେ ସୁନାବେଶ ଓଲାଗି କରାଯାଇ ମହାସ୍ନାନ ଏବଂ ଅନ୍ୟ ନୀତି କରାଯାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସଙ୍ଘମିତ୍ରା


@ ସରୋଜ


@ ଗୁଡୁ


@ ସୂର୍ଯ୍ୟମଣି


@ ପ୍ରଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କ ଦର୍ଶନ ସହ ହୋଲି ଖେଳିଲେ ହେମାମାଳିନୀ


ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଏବଂ ଅନ୍ୟମାନଙ୍କ ସହ ଅଭିନେତ୍ରୀ ତଥା ମଥୁରା ଏମ୍‌ପି ହେମାମାଳିନୀ ହୋଲି ଖେଳୁଛନ୍ତି। (ଫଟୋ-ଯଜ୍ଞେଶ୍ୱର)

ପୁରୀ, ୧୬।୩(ଅଜିତ୍ କୁମାର ମହାନ୍ତି)

ପ୍ରଖ୍ୟାତ ବଲିଉଡ୍ ଅଭିନେତ୍ରୀ ତଥା ମଥୁରା ଏମ୍‌ପି ହେମାମାଳିନୀ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ସାହିବାସିନ୍ଦାଙ୍କ ସହିତ ହୋଲି ଖେଳିଛନ୍ତି। ଶନିବାର ସକାଳେ ହେମାମାଳିନୀ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ରତ୍ନସିଂହାସନରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇବା ପରେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ପରେ ହେମାମାଳିନୀ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ରଙ୍କ ବାସଭବନରେ ପହଞ୍ଚି ତାଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ସହ ମିଶି ହୋଲି ପାଳନ କରିଥିଲେ। ଡା. ପାତ୍ରଙ୍କ ଘରେ ସେ ବିଭିନ୍ନ ପ୍ରକାରର ଓଡ଼ିଆ ପିଠା ଖାଇଥିଲେ। ନାଗା ମେଢ଼ ଓ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇଥିଲେ। ମଧୁସୂଦନ ସାହି ନିବାସୀ ଉତ୍ସାହର ସହ ଏହି ଉତ୍ସବରେ ଭାଗ ନେଇ ହେମାମାଳିନୀଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହେମାମାଳିନୀ ସମସ୍ତଙ୍କୁ ହୋଲି ଶୁଭେଚ୍ଛା ଜଣାଇ କହିଥିଲେ, ପୂର୍ବରୁ ମଥୁରାରେ ବାଙ୍କେ ବିହାରୀଙ୍କ ସହିତ ହୋଲି ଖେଳିଥିବାବେଳେ ଏଥର ପୁରୀ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ହୋଲି ଖେଳିବାର ସୁଯୋଗ ମିଳିଛି। ସେହିପରି ମହାପ୍ରଭୁଙ୍କ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା। ତେଣୁ ଅତ୍ୟନ୍ତ ଖୁସି ବୋଲି ସେ ପ୍ରକାଶ କରିଥିଲେ।

# ଶ୍ରୀମନ୍ଦିରରେ ଦ୍ୱିତୀୟ ଭୋଗ ମଣ୍ଡପ ସହ ନୀତି ବିଳମ୍ବ

ପୁରୀ, ୧୬।୩ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ରବିବାର କୋଠଭୋଗରେ ବରାଦି ଭୋଗ ପ୍ରବେଶକୁ ନେଇ ଦ୍ୱିତୀୟ ଭୋଗ ମଣ୍ଡପ ବିଳମ୍ବ ଘଟିଛି। ଫଳରେ ମହାପ୍ରଭୁଙ୍କ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଛି। ଏଡାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ପରିମାଣର କୋଠଭୋଗ ଆସିଥାଏ। ତେବେ ରବିବାର କୋଠ ଭୋଗ ସହ ଆଉ କିଛି ବରାଦି ଓ ବିକ୍ରି ଭୋଗ ହୋଇଥିଲା। ପାଳିଆ ସୁଆରବଡୁ ସେବାୟତ ଏହାର ପ୍ରତିବାଦ କରିଥିଲେ। ପରେ ପାଳିଆ ସୁଆରବଡୁ ସେବକ ପାଣି ପକାଇ ନ ଥିଲେ। ଫଳରେ ନୀତି ଅଟକି ରହିଥିଲା। ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ପାଣି ନ ପଡିବା କାରଣରୁ ମଣ୍ଡପକୁ ରୋଷଘରୁ ମହାପ୍ରସାଦ ଭୋଗ ଆସିପାରି ନ ଥିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଆସି ପାଳିଆ ସୁଆରବଡୁ ସେବକଙ୍କୁ ବୁଝାଶୁଝା କରିବା ପରେ ସେମାନେ ପାଣି ଢାଳିଥିଲେ। ପରେ ନୀତି ଆଗେଇଥିଲା। ତେବେ କୋଠ ଭୋଗ ସହ ବିକ୍ରି ଓ ବରାଦୀ ଭୋଗ ପଶୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ହେ ଏନେଇ ପ୍ରଶାସନ ଗୁରୁତ୍ୱ ଦେଉନାହିଁ।

# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ

ପୁରୀ, ୧୬।୩ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶନିବାର ଜଣେ ଯୁବକ ସ୍ପାଏ କ୍ୟାମେରା ନେଇ ଶ୍ରୀମନ୍ଦିର ଭିତର ଫଟୋ ଉତ୍ତୋଳନ କରୁଥିବା ବେଳେ ଧରାପଡ଼ିଥିଲେ। ସେ ହେଲେ ଭାସ୍କର ସାମନ୍ତ (୨୬)। ତାଙ୍କ କ୍ୟାମେରାକୁ ପୋଲିସ ଜବତ କରି ମେମୋରିରେ ମନ୍ଦିର ଭିତର ଫଟୋ ଓ ଭିଡିଓ ଥିବା ଜାଣିବାକୁ ପାଇଥିଲା। ସେହିପରି ରବିବାର ଜଣେ ବ୍ଲଗର ଡ୍ରୋନ ସାହାଯ୍ୟରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳର ଦୃଶ୍ୟ ଅପଲୋଡ୍ କରିଥିବା ନେଇ ତାଙ୍କ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ନେଇ କଟକଣା ରହିଛି। ମାତ୍ର ଅନେକ ସମୟରେ ଏହାର ଉଲ୍ଲଂଘନ କରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଯାଉଥିବା ଦେଖିବାକୁ ମିଳୁଥି। ମନୀଷ ସୋଲାଙ୍କି ଭ୍ଲଗ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଶ୍ରୀମନ୍ଦିର ଉପରେ ଉଡ଼ାଇ ନିଆଯାଇଥିବା ଭିଜୁଆଲକୁ ଅପଲୋଡ୍ କରାଯାଇଛି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇ ମନ୍ଦିର ବାହାର ଓ ଭିତର ଦୃଶ୍ୟ କଏଦ କରାଯାଇଛି। ବ୍ଲଗର ଜଣକ ଭିଡିଓରେ ଶ୍ରୀମନ୍ଦିର ବିଷୟରେ ସୂଚନା ଦେଉଥିବା ଦେଖିବାକୁ ମିଳିଛି।

# ସୈନିକ ସ୍କୁଲ ସ୍ଥାନାନ୍ତରକୁ ବିରୋଧ ତେଜିଲା


ବୈଠକରେ ଓଡ଼ିଶା ଅଭିଭାବକ ମହାସଂଘ ସଦସ୍ୟଙ୍କ ସହ ଅନ୍ୟମାନେ।

## ଗେଟ୍ ବାଟେ ଅଳିଆଗାଡ଼ି ନ ଛାଡ଼ିବାକୁ ନିଷ୍ପତ୍ତି

ଭୁବନେଶ୍ୱର, ୧୬।୩(ସୁଚିସ୍ମିତା ସାହୁ)

ରାସ୍ତା ସମ୍ପ୍ରସାରଣ ଆଳରେ ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରସଙ୍ଗକୁ ନେଇ ବିଭିନ୍ନ ମହଲରେ ବିରୋଧ କରାଯାଉଛି। ଏନେଇ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ କମିଟି ପକ୍ଷରୁ ସୈନିକ ସ୍କୁଲର କୌଣସି ଗେଟ୍ ବାଟେ ଅଳିଆ ଗାଡ଼ି ଡମ୍ପିଂୟାର୍ଡ ଆଡ଼କୁ ଛଡ଼ାଯିବ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ସୈନିକ ସ୍କୁଲ ସ୍ଥାନାନ୍ତର ବିରୋଧରେ ଓଡ଼ିଶା ଅଭିଭାବକ ମହାସଂଘ, ସୈନିକ ସ୍କୁଲ ଅଭିଭାବକ ସଂଘ, ଭିଏସ୍ଏସ୍ ନଗର ଉନ୍ନୟନ କମିଟି, ଗାଡ଼କଣ ଗ୍ରାମବାସୀ, ସିଟିଜେନ୍ ଫୋରମ୍ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ରବିବାର ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ୧୦ ଦିନ ଭିତରେ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିଲେ ସ୍କୁଲ ପରିସରକୁ ଅଳିଆ ଗାଡ଼ି ପୂରେଇ ଦିଆଯିବନି ବୋଲି ଚେତାବନୀ ଦେଇଛନ୍ତି। ଓଡ଼ିଆ ଅସ୍ମିତାର ଅନନ୍ୟ ପରିଚୟ ଓଡ଼ିଶା ତଥା ଭାରତର ଗର୍ବ ଗୌରବ ଭାବେ ୧୯୬୨ ମସିହାରୁ ପ୍ରତିଷ୍ଠିତ ଭୁବନେଶ୍ୱର ସୈନିକ ସ୍କୁଲ ଦେଶର ସୁରକ୍ଷା ଓ ଉନ୍ନତି ପାଇଁ ସର୍ବୋତ୍କୃଷ୍ଟ ଯୋଗଦାନ ଦେଇଛି। ଏହି ସ୍କୁଲରୁ ଅନେକ ବରିଷ୍ଠ ସେନାଧିକାରୀ, ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ତଥା ବହୁତ ରାଜନେତା ସୃଷ୍ଟି ହୋଇଛନ୍ତି। ବର୍ତ୍ତମାନ ରାସ୍ତା ସମ୍ପ୍ରସାରଣ ଆଳରେ ସରକାର ନେଇଥିବା ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତ୍ତିକୁ ବାତିଲ କରିବାକୁ ମୁଖ୍ୟମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରତିରକ୍ଷା ସଚିବ, ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ଓ ସଚିବଙ୍କୁ ମଧ ଦାବି କରାଯାଇଛି। ପୂର୍ବରୁ ଡମ୍ପିଂୟାର୍ଡ ପାଇଁ ଅନେକ ବିରୋଧ ଓ ଆନ୍ଦୋଳନ ସତ୍ତ୍ୱେ ଏପର୍ଯ୍ୟନ୍ତ ତା'ର ସମାଧାନ ହୋଇପାରିନି। ଅଳିଆ ଗଦା ଉଠାଇବା ପରିବର୍ତ୍ତେ ସୈନିକ ସ୍କୁଲ ଭଳି ଗର୍ବ ଗୌରବମୟ ଅନୁଷ୍ଠାନ ଉଠାଇନେବା ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ସମସ୍ତ ଅଞ୍ଚଳବାସୀ ଏହି ନିଷ୍ପତ୍ତିକୁ ଜୋରଦାର ବିରୋଧ କରୁଛନ୍ତି। ସମସ୍ତେ ଏକାଠି ହୋଇ ବିରୋଧ କରିବାକୁ ବୈଠକରେ ସିଦ୍ଧାନ୍ତ ହୋଇଛି। ସୈନିକ ସ୍କୁଲ ମୁଖ୍ୟ ପ୍ରବେଶ ଦ୍ୱାର, ଦାଶରଜା ମନ୍ଦିର ପ୍ରବେଶ ଦ୍ୱାର ଓ ଧୀରିକୁଟି ବସ୍ତି ପ୍ରବେଶ ଦ୍ୱାର ପାଖରେ ରହି ସମସ୍ତ ଅଳିଆ ଗାଡ଼ି ପ୍ରବେଶକୁ ବନ୍ଦ କରାଯିବ। ଗାଡ଼କଣ, ରଙ୍ଗମାଟିଆ, ଆଦିମାତା କଲୋନୀ, ଆଚାର୍ଯ୍ୟ ବିହାର, ଭିଏସ୍ଏସ୍ ନଗର, ଡମଣା, ବାଣୀବିହାର ଆଦି ଅଞ୍ଚଳର ମୁରବି ଓ ବୁଦ୍ଧିଜୀବୀଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ବାସୁଦେବ ଭଞ୍ଜ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ରଶ୍ମିରଞ୍ଜନ ପରିଡ଼ା, ସଂଜୀବ ମହାନ୍ତି, ଦିଲୀପ ଦାସ ଶର୍ମା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଟାଇଟଲ୍, କଳାକାରଙ୍କ ନାମ ଘୋଷଣା

ଭୁବନେଶ୍ୱର, ୧୬।୩ (ସୌମ୍ୟରଞ୍ଜନ ରାଉତ)

ଲକ୍ଷେଶ୍ୱର ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ସୌରଭ ପାଢ଼ୀଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଟାଇଟଲ୍ ଘୋଷଣା ଉତ୍ସବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱରେ ନିର୍ଦ୍ଦେଶକ ପିନୁ ନାୟକ ରହିଥିବାବେଳେ କାହାଣୀ ଦିଶା ପାଢ଼ୀ ଓ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଗୀତ ଡ. ନିର୍ମଳ ନାୟକ ଏବଂ ଡ. ରଘୁନାଥ ସାହୁ ରଚନା କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଚିତ୍ରୋତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ରହିଥିବାବେଳେ ନୃତ୍ୟ ନିର୍ଦ୍ଦେଶନାରେ ଅମିତ ନାୟକ ଓ କବିର ଅଛନ୍ତି। ସେହିପରି ନାୟକ ଭୂମିକାରେ ଶୁଭାଶିଷ ଶର୍ମା ଓରଫ ମଣ୍ଟୁ, ନାୟିକା ଭୂମିକା ଦାଶ, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଟାରାଣୀ ଦାଶ ପ୍ରମୁଖ ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ରରେ ରହସ୍ୟ, ରୋମାନ୍ସ ଓ ଭରପୂର କମେଡି ସହ ସମ୍ପୂର୍ଣ୍ଣ ଏଣ୍ଟରଟେନ୍‌ମେଣ୍ଟ ଭରି ରହିବା ସହ ଫ୍ୟାମିଲି ଡ୍ରାମା, ଲଭ୍ ରୋମାନ୍ସ ସହ ଆମ ଓଡ଼ିଶାର ଦୋଳପର୍ବ ଅତି ଜାକଜମକରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ଗାଁ ପରିବେଶ ତଥା ଆମ ମାଟିର ବାସ୍ନା ଅନୁଭବ କରିହେବ। ସମାଜକୁ ସଚେତନ ବାର୍ତ୍ତା ଦେଉଥିବା ଏଇ ଫିଲ୍ମକୁ ପରିବାରର ସମସ୍ତେ ଏକାଠି ବସି ଦେଖିପାରିବେ। ଯୋଉ ବାପା ମାଆଙ୍କ ପିଲାମାନେ ଦୂରରେ ରହୁଛନ୍ତି, ସେମାନେ ନିଜ ପିଲାଙ୍କୁ ଏଇ ଶିକ୍ଷଣୀୟ ଫିଲ୍ମଟି ଦେଖିବାକୁ ନିହାତି କହିବେ ବୋଲି ପ୍ରଯୋଜକ ସୌରଭ ମତବ୍ୟକ୍ତ କରିଛନ୍ତି। ଫିଲ୍ମର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି।



ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଟାଇଟଲ୍ ଘୋଷଣା କରାଯାଉଛି।

# ‘କଞ୍ଚାଲଙ୍କା’ ଆଞ୍ଚଳିକ ଭାଷା, ସଂସ୍କୃତିକୁ ଗୁରୁତ୍ୱ ଦେଉଛି

**କେନ୍ଦ୍ରାପଡ଼ା ଜିଲାରେ ବିଭୁପ୍ରସାଦ ରଥଙ୍କ ଜନ୍ମ। ପୁରୀ ପରେ ଅହମଦାବାଦରେ ପାଠପଢ଼ା। କର୍ପୋରେଟ କ୍ୟାରିଅର ସମୟରେ ଉତ୍ପାଦନଠାରୁ ଆରମ୍ଭ କରି ସେବା ଏବଂ ମନୋରଞ୍ଜନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ତାଙ୍କର ଅବଦାନ ଥିଲା। ତାଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ଅନେକ ସାଟେଲାଇଟ୍ ଚ୍ୟାନେଲ ବିକଶିତ ହୋଇଥିଲା। ଓଡ଼ିଶାର ସାଟେଲାଇଟ୍ ଟେଲିଭିଜନ ଶିଳ୍ପକୁ ନୂଆ ସଂଜ୍ଞା ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏବେ ରାଜ୍ୟର ପ୍ରଥମ ଓଟିଟି ପ୍ଲାଟ୍‌ଫର୍ମ ‘କଞ୍ଚାଲଙ୍କା’ର ସହପ୍ରତିଷ୍ଠାତା ଭାବେ ସେ ଗୁରୁଦାୟିତ୍ୱ ତୁଲାଉଥିବା ବିଭୁପ୍ରସାଦଙ୍କ ସହ ‘ଧରିତ୍ରୀ’ର ସ୍ୱତନ୍ତ୍ର ସାକ୍ଷାତକାର।**


ବିଭୁପ୍ରସାଦ ରଥ

BUSINESS EMINENCE AWARDS (ଧରିତ୍ରୀ | OrissaPOST)

**ପ୍ର- ଓଟିଟି ଇଣ୍ଡଷ୍ଟ୍ରି ପ୍ରତି କେବେଠୁ, କାହିଁକି ମନ ବଳାଇଲେ?**

ଉ- ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ପ୍ରମୁଖ ସାଟେଲାଇଟ୍ ଚ୍ୟାନେଲ ବିକାଶ କାର୍ଯ୍ୟକାରିତା ଦିଗରେ ମୁଁ କାର୍ଯ୍ୟ କରିଛି। ତେବେ ଡିଜିଟାଲ ଯୁଗ ଆରମ୍ଭରେ ମୁଁ ଏକ ପୂର୍ଣ୍ଣ ବିକଶିତ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିବାରେ ସଫଳ ହୋଇଥିଲି। ଲୋକମାନେ ପାରମ୍ପରିକ ଟିଭିରୁ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରତି ଆକର୍ଷିତ ହେଉଥିବା ମୁଁ ଲକ୍ଷ୍ୟ କରିଥିଲି। ୨୦୨୧ରେ ଅକ୍ଷୟ ପରିଜା ଓ ସି.ଆର୍. ନାୟକଙ୍କ ସହ ମୁଁ ସହ ପ୍ରତିଷ୍ଠାତା ଭାବେ ଓଡ଼ିଶାର ପ୍ରଥମ ଓଟିଟି ପ୍ଲାଟ୍‌ଫର୍ମ ‘କଞ୍ଚାଲଙ୍କା’ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚାହିଁଥିଲି।

**ପ୍ର- କୋଭିଡ୍-୧୯ ପରେ ଓଟିଟି ପ୍ଲାଟ୍‌ଫର୍ମର ଚାହିଦା ବଢ଼ିଥିଲା। ଓଡ଼ିଶାରେ ଏହି ସ୍ଥିତି ସମ୍ପର୍କରେ କ’ଣ କହିବେ?**

ଉ- ହଁ, କୋଭିଡ୍ ପରବର୍ତ୍ତୀ ସମୟରେ ଓଡ଼ିଶାରେ ମଧ୍ୟ ଡିଜିଟାଲ ମାଧ୍ୟମର ଚାହିଦା ବେଶ୍ ବଢ଼ିଯାଇଛି। କମ୍ ଖର୍ଚ୍ଚ, ହାଇସ୍ପିଡ୍ ଇଣ୍ଟରନେଟ, ସ୍ମାର୍ଟଫୋନ୍ ବ୍ୟବହାର ବୃଦ୍ଧି ଏବଂ ଆଞ୍ଚଳିକ କାହାଣୀକୁ ନେଇ ପ୍ରସ୍ତୁତ କଣ୍ଟେଣ୍ଟ କାରଣରୁ ଏହି ଚାହିଦା ବୃଦ୍ଧି ପାଇଛି। ନେଟ୍‌ଫ୍ଲିକ୍ସ, ପ୍ରାଇମ୍ ଭିଡିଓ, ଜିଓ ହଟ୍‌ଷ୍ଟାର ଯଦିଓ ଖୁବ୍ ଲୋକପ୍ରିୟତା ସାଉଣ୍ଟିଛି, ଅନୁରୂପ ଭାବେ ‘କଞ୍ଚାଲଙ୍କା’ ମଧ୍ୟ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି। ଆଞ୍ଚଳିକ ଭାଷା, ସଂସ୍କୃତି ଓ ଅନ୍ୟାନ୍ୟ ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ଏହାକୁ ଗ୍ରହଣ କରୁଛନ୍ତି।

**ପ୍ର- ଏକ୍ଷେତ୍ରରେ କେଉଁସବୁ ସମସ୍ୟା ବା ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ?**

ଉ- ଦର୍ଶକଙ୍କୁ ସୁହାଇଲା ଭଳି ଭିନ୍ନଧରଣର ମୌଳିକ କାହାଣୀ ଆଧାରିତ କଣ୍ଟେଣ୍ଟ ପ୍ରସ୍ତୁତ କରିବା ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ବର୍ତ୍ତମାନ ଦର୍ଶକଙ୍କ ପାଖରେ ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟାଲମ୍, ଇଂଲିଶ ଏବଂ କୋରିୟନ୍ ଭାଷା ଭଳି ଅନେକ ବିକଳ୍ପ ରହିଛି। ତେଣୁ ବିଶ୍ୱସ୍ତରୀୟ ସ୍ୱତନ୍ତ୍ର ଦୃଷ୍ଟିକୋଣକୁ ନେଇ କଣ୍ଟେଣ୍ଟ ପ୍ରସ୍ତୁତ କରି ଦର୍ଶକଙ୍କୁ ବାନ୍ଧିରଖିବାକୁ ପଡ଼ିଥାଏ।

**ପ୍ର- ‘କଞ୍ଚାଲଙ୍କା’ର ବର୍ତ୍ତମାନ ସ୍ଥିତି ଓ ଆଗକୁ ଯୋଜନା କ’ଣ ରହିଛି?**

ଉ- ଭାରତ ସହ ୧୭ଟି ଦେଶରେ ୧୩ଲକ୍ଷ ଲୋକ ‘କଞ୍ଚାଲଙ୍କା’ ଆପ୍ ଇନ୍‌ଷ୍ଟଲ କରିଛନ୍ତି। ସେଥିମଧ୍ୟରୁ ୪.୨୫ ଲକ୍ଷ ଲୋକ ଏହାକୁ ଆକ୍ଟିଭେଟ୍ କରିଛନ୍ତି। ଉଭୟ ପ୍ଲେଷ୍ଟୋର୍ ଓ ଆପ୍ ଷ୍ଟୋର୍‌ରେ ଏହା ଉପଲବ୍ଧ ହେଉଛି। ଏହା ବ୍ୟତୀତ କଞ୍ଚାଲଙ୍କା ଟିଭି ଓଏସ୍ ପ୍ଲାଟ୍‌ଫର୍ମ ଆଣ୍ଡ୍ରଏଡ୍ ଟିଭି, କ୍ରୋମ୍‌କାଷ୍ଟ, ଆପଲ୍ ଟିଭି ଏବଂ ଫାୟାର୍ ଟିଭିରେ ମଧ୍ୟ ଉପଲବ୍ଧ ହେଉଛି। ଲୋକଙ୍କ ନିକଟରେ ସହଜରେ ପହଞ୍ଚିବା ପାଇଁ ଆମେ ସବୁ ପ୍ରୟାସ କରୁଛୁ। ଷ୍ଟ୍ରିମିଂ ହେଉଥିବା ୧୧୮ଟି ଟାଇଟଲ୍ ମଧ୍ୟରେ ୱେବ୍ ସିରିଜ, ମୁଭିଜ୍, ଶର୍ଟ ଫିଲ୍ମ ଓ ଡକ୍ୟୁମେଣ୍ଟାରୀ ଆଦି ରହିଛି। ଗ୍ୟାଙ୍ଗସ୍ ଅଫ୍ ପୁରୀ, ବାରଙ୍ଗ ୧୯୯୯, ଓଖା ଏକ୍ସପ୍ରେସ୍, ହେଲୋ ରାବଣ, ଭୁବନେଶ୍ୱର ନାଇଟ୍ ଆଦି ଖୁବ୍ ପ୍ରଶଂସା ତଥା ଲୋକପ୍ରିୟତା ହାସଲ ହୋଇଛି। ଗ୍ୟାଙ୍ଗସ୍ ଅଫ୍ ପୁରୀର ସିଜନ୍-୨ ଆସନ୍ତା ମାସ ସୁଦ୍ଧା ପ୍ରଦର୍ଶିତ ହୋଇପାରେ। ଚଳିତବର୍ଷ ଶେଷସୁଦ୍ଧା ଦର୍ଶକ ‘ସଚିବ: ଦ ମ୍ୟାନ୍ ଇନ୍ ଏ ହରି’ ଦେଖିବାକୁ ପାଇବେ।

**ପ୍ରଶ୍ନ: ମନୋରଞ୍ଜନ ଶିଳ୍ପରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଉଦ୍ୟୋଗୀଙ୍କ ପାଇଁ କିଛି ପରାମର୍ଶ?**

ଉ – ଡିଜିଟାଲ ଯୁଗରେ କଣ୍ଟେଣ୍ଟ ପ୍ରସ୍ତୁତ କରିବା ଉଭୟ ବୈଶ୍ୱିକ ଓ ଗଣତାନ୍ତ୍ରିକ ହୋଇପଡ଼ିଛି। କେବଳ ଓଡ଼ିଶାରେ ନୁହେଁ, ବରଂ ସମଗ୍ର ବିଶ୍ୱରେ ଆମର ପ୍ରତିଯୋଗିତା ଲାଗିରହିଛି। ହାତରେ ଗୋଟିଏ ମୋବାଇଲ୍ ଫୋନ୍ ଥିଲେ ଜଣେ ବ୍ୟକ୍ତିଗତ କଣ୍ଟେଣ୍ଟ କ୍ରିଏଟର୍ ମୌଳିକ କାହାଣୀକୁ ନେଇ ବଡ଼ ବଡ଼ ଅନୁଷ୍ଠାନ ସହ ମଧ୍ୟ ମୁକାବିଲା କରିପାରେ। ତେଣୁ ଯୁବ ଉଦ୍ୟୋଗୀମାନେ ସ୍ୱତନ୍ତ୍ର ଚିନ୍ତାଧାରା ସହ ଆଞ୍ଚଳିକ କଥାବସ୍ତୁକୁ ନେଇ ଆଗକୁ ବଢ଼ିପାରିବେ।

–ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ୨୦୩୦ ସୁଦ୍ଧା ବେଦାନ୍ତରେ ୩୦% ମହିଳା ପ୍ରତିନିଧିତ୍ୱ ଲକ୍ଷ୍ୟ

**ନୂଆଦିଲ୍ଲୀ, ୧୬।୩**


ଖଣି ପରିସରରେ ମହିଳା କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

ବେଦାନ୍ତ ଗ୍ରୁପ୍ ଏହାର କାର୍ଯ୍ୟରେ ମହିଳାଙ୍କ ଉଲ୍ଲେଖନୀୟ ଅବଦାନକୁ ପାଳନ କରି ଗର୍ବ ଅନୁଭବ କରୁଛି, କାରଣ ସେମାନେ ପ୍ରତିବନ୍ଧକକୁ ଭାଙ୍ଗି ଶିଳ୍ପର ଭବିଷ୍ୟତକୁ ପୁନଃନିର୍ଦ୍ଧାରଣ କରୁଛନ୍ତି। ଏ ନେଇ ଗ୍ରୁପ୍ ଘୋଷଣା କରିଛି, ୨୧% ଲିଙ୍ଗଗତ ବିବିଧତା ସହିତ ୨୦୩୦ ସୁଦ୍ଧା ୩୦% ମହିଳା ପ୍ରତିନିଧିତ୍ୱ ଲକ୍ଷ୍ୟ ହାସଲ କରିବା ଦିଗରେ ରହିଛି। ଉଲ୍ଲେଖଯୋଗ୍ୟ, ଏହାର ୨୮% ମହିଳା ପ୍ରତିନିଧିତ୍ୱ ନିଷ୍ପତ୍ତି ନେବା ଭୂମିକାରେ ଅଛନ୍ତି, ଯାହା କି ଭାରତର ଧାତୁ ଏବଂ ଖଣି କମ୍ପାନୀଙ୍କ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ସେହିଭଳି ପ୍ରାକୃତିକ ସମ୍ପଦ କ୍ଷେତ୍ର ଐତିହାସିକ ଭାବେ ଏହାର କର୍ମକ୍ଷେତ୍ରରେ ମହିଳାମାନଙ୍କର ପ୍ରତିନିଧିତ୍ୱର ଘୋର ଅଭାବର ସମ୍ମୁଖୀନ ହୋଇଛି। ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରାକୃତିକ ସମ୍ପଦ କମ୍ପାନୀ ଭାବେ ବେଦାନ୍ତ ଯୋଗ୍ୟ ମହିଳାଙ୍କୁ ନିଜ ଦଳରେ ସାମିଲ କରି ପ୍ରତିଭା ବ୍ୟବଧାନକୁ ଦୂର କରୁଛି। ବେଦାନ୍ତର ସ୍ଥାୟିତା ଲକ୍ଷ୍ୟ ସହିତ ସଂଯୁକ୍ତ, କମ୍ପାନୀ ଏହାର କର୍ମଚାରୀମାନଙ୍କୁ ସମର୍ଥନ କରିବା ପାଇଁ ପ୍ରଗତିଶୀଳ ଲୋକ ନୀତି କାର୍ଯ୍ୟକାରୀ କରିଛି, ଯେଉଁଥିରେ ସମୃଦ୍ଧ ଚାକିରି ବିଷୟବସ୍ତୁ, ଟାର୍ଗେଟେଡ୍ ନିଯୁକ୍ତି, ପରାମର୍ଶ କାର୍ଯ୍ୟକ୍ରମ, ଉଚ୍ଚ-ଅଭିବୃଦ୍ଧି ବ୍ୟବସାୟରେ ଦ୍ରୁତ କ୍ୟାରିୟର-ଅଭିବୃଦ୍ଧି ସୁଯୋଗ ଅନ୍ତର୍ଭୁକ୍ତ ରହିଛି। ବେଦାନ୍ତ ଶିକ୍ଷା ଏବଂ ଲିଙ୍ଗଗତ ନିଶ୍ଚିତତା ପ୍ରକ୍ରିୟା ପାଇଁ ଆର୍ଥିକ ସହାୟତା ସୁନିଶ୍ଚିତ କରିଥାଏ, ଯାହା କିନ୍ନର ଅନ୍ତର୍ଭୁକ୍ତୀକରଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।

ଏ ସମ୍ପର୍କରେ ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡ୍‌ର ଅଧ୍ୟକ୍ଷା ତଥା ବେଦାନ୍ତ ଲିମିଟେଡ୍‌ର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବ୍ବର କହିଛନ୍ତି, ବେଦାନ୍ତରେ ଆମେ ସମସ୍ତଙ୍କ ପାଇଁ ଏକ ସମାବେଶୀ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରି କି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଭାରତରେ ସ୍ଥାୟୀ ଅଭିବୃଦ୍ଧିର କେନ୍ଦ୍ରବିନ୍ଦୁ ପାଲଟିଛି ଏବଂ ଆମେ ବେଦାନ୍ତରେ ଏହାକୁ ସମର୍ଥନ କରିବାକୁ ସମର୍ପିତ ରହିଛୁ। ସେହିପରି ଲିଙ୍ଗଗତ ବ୍ୟବଧାନକୁ ବନ୍ଦ କରିବା ଦ୍ୱାରା ଭାରତ ୭୭୦ ବିଲିୟନ ଡଲାର ହାସଲ କରିବାରେ ସହାୟକ ହେବ ଏବଂ ମହିଳା କର୍ମଚାରୀଙ୍କ ଅଂଶଗ୍ରହଣରେ ମାତ୍ର ୧୦% ବୃଦ୍ଧି ଘଟିବ। ଏହି ଦିନଟି କେବଳ ସମାନତା ବିଷୟରେ ନୁହେଁ–ଏହା ଏକ ବିଶାଳ ଅର୍ଥନୈତିକ ସୁଯୋଗ ଖୋଲିବା ବିଷୟରେ କାର୍ଯ୍ୟ କରୁଛି। ତୃଣମୂଳସ୍ତରରେ ମହିଳାଙ୍କ ନେତୃତ୍ୱାଧୀନ ବିକାଶରେ ପୁଞ୍ଜିନିବେଶ କରିବା କେବଳ ଏକ ସାମାଜିକ ଆବଶ୍ୟକତା ନୁହେଁ, ଏହା ହେଉଛି ସବୁଠାରୁ ସ୍ମାର୍ଟ ଅର୍ଥନୈତିକ ନିଷ୍ପତ୍ତି ବୋଲି କୁହାଯାଉଛି।

# ଆନ୍ତର୍ଜାତିକ ମହିଳା ଦିବସ ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୩**



ଡାବୁନାସ୍ଥିତ ବେନିଫିସିଏସନ୍ ପ୍ଲାଣ୍ଟରେ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଏବଂ କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ୟୁନିଟ୍ ପକ୍ଷରୁ ପାଳିତ ଆନ୍ତର୍ଜାତିକ ମହିଳା ଦିବସ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ବିଶେଷ କରି ଚଳିତ ବର୍ଷର ବିଷୟ ବସ୍ତୁ ‘ଆକ୍ସିଲରେଟ୍ ଆକ୍ସନ’ ସହିତ ଲିଙ୍ଗଗତ ସମାନତା ହାସଲ ପାଇଁ ତ୍ୱରିତ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନେବାର ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀର ଶ୍ରମିକ, ସହଯୋଗୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏପରି କି ସପ୍ତାହବ୍ୟାପୀ ପାଳିତ ଏହି ଦିବସରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।

ପାରାଦୀପ ପେଲେଟ ପ୍ଲାଣ୍ଟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଅପରେଶନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଏବଂ ପାରାଦୀପ ପେଲେଟପ୍ଲାଣ୍ଟ ମୁଖ୍ୟ ୟୁଏସ୍ ରାଜୁଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଡାବୁନା ବେନେଫିସିଏସନ ପ୍ଲାଣ୍ଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଉତ୍ସବ ଆରମ୍ଭ ହେବା ପରେ ଆଭ୍ୟନ୍ତରୀଣ ସାଂସ୍କୃତିକ ଓ ଆଲୋଚନା କାର୍ଯ୍ୟକ୍ରମରେ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଡାବୁନାସ୍ଥିତ ବେନିଫିସିଏସନ୍ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା ଏବଂ ଡାବୁନା ପ୍ଲାଣ୍ଟର ମୁଖ୍ୟ (ଲଜିଷ୍ଟିକ୍ସ) ଜୟକିଶନ ଶର୍ମା ମହିଳା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମକୁ ଉତ୍ସାହଜନକ ଓ ସକାରାତ୍ମକ ଭାବେ ଶେଷ କରିଥିଲେ। ବଡ଼ବିଲ ଖଣି ଡିଭିଜନରେ ମଧ୍ୟ ଆନ୍ତର୍ଜାତିକ ମହିଳା ଦିବସ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ମହିଳା କ୍ଲବ ଅଫ୍ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପ୍ପା କାମ୍ବଲୀ ସମ୍ବର୍ଦ୍ଧିତ କରିଥିଲେ।

# ୩ୟ ତ୍ରୈମାସିକରେ ଜିଓର ୨୦ ଲକ୍ଷ ନୂତନ ବ୍ରଡବ୍ୟାଣ୍ଡ ସଂଯୋଗ

Jio AIRFIBER

**ମୁମ୍ବାଇ, ୧୬।୩ (ଅଭୟ ଦାଶ)**

ରିଲାଏନ୍ସ ଜିଓର ବ୍ରଡବ୍ୟାଣ୍ଡ ବ୍ରାଣ୍ଡ ଜିଓ ଏୟାରଫାଇବରକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରି କି ଭାରତରେ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା ମାଧ୍ୟମରେ ରିଲାଏନ୍ସ ଜିଓର ଜିଓ ଏୟାରଫାଇବର ସେବା ଘରଗୁଡ଼ିକୁ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ କରିବାର ଗତିକୁ ଏକ ନୂତନସ୍ତରକୁ ନେଇଯାଇଛି। ସେହିଭଳି ଏକ ସଦ୍ୟତମ ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଜିଓ ୨୦ଲକ୍ଷ ନୂତନ ଘରକୁ ବ୍ରଡବ୍ୟାଣ୍ଡ ସଂଯୋଗ କରିଛି, ଯାହା ଜିଓର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ଏୟାରଟେଲ ତୁଳନାରେ ତିନି ଗୁଣ ଅଧିକ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଜିଓ ପକ୍ଷରୁ କୁହାଯାଇଛି, ଜିଓର ୪୫ ଲକ୍ଷ ଘର ବର୍ତ୍ତମାନ ୫ଜି ଫିକ୍ସଡ୍ ୱାୟାରଲେସ୍ ଆଧାରିତ ଜିଓ ଏୟାରଫାଇବର ସହିତ ସଂଯୁକ୍ତ ହୋଇଛି, ଯାହା ତୃତୀୟ ତ୍ରୈମାସିକରେ ମୋଟ ନୂତନ ସଂଯୋଗର ୮୫% ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସବୁଠାରୁ ବଡ଼ କଥା ହେଉଛି, ଏହି ଗ୍ରାହକମାନଙ୍କ ମଧ୍ୟରୁ ୭୦% ଦେଶର ୧,୦୦୦ ବଡ ସହର ବାହାରର ହୋଇଥିଲାବେଳେ ଛୋଟ ସହର ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ଏହି ସେବାର ଚାହିଦା ବହୁତ ରହିଛି।

# ସାଉଣ୍ଡ ଅଫ୍ କଲରର ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୬।୩**

ଜେଏସ୍‌ଡବ୍ଲ୍ୟୁ ପେଣ୍ଟସର ନୂତନ ପ୍ରଚାର ଅଭିଯାନ ‘ସାଉଣ୍ଡ ଅଫ୍ କଲର’କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହି ଅଭିଯାନରେ ସଙ୍ଗୀତକୁ ଦୃଶ୍ୟପଟ କାହାଣୀ ବର୍ଣ୍ଣନା ସହ ମିଶ୍ରଣ କରାଯାଇଛି, ଯେଉଁଠାରେ ରଙ୍ଗ ସଙ୍ଗୀତକୁ ପ୍ରେରଣା ଦେଉଛି। ଭାରତର ଅଗ୍ରଣୀ ସ୍ୱାଧୀନ କଳାକାରଙ୍କ ପ୍ଲାଟ୍‌ଫର୍ମ ସଙ୍ଗ୍‌ଡିଓ ସହଯୋଗରେ ଏହି ଅନନ୍ୟ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ୧ ମିନିଟ୍ ଲମ୍ବା ଭିଡିଓ ସହ ସଙ୍ଗୀତ ଟ୍ରାକ୍ ରହିଛି, ଯେଉଁଥିରେ ପ୍ରତ୍ୟେକ ଟ୍ରାକ୍ ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ ପୋର୍ଟଫୋଲିଓର ଏକ ନିର୍ଦ୍ଦିଷ୍ଟ ରଙ୍ଗର ସାରମର୍ମକୁ ବର୍ଣ୍ଣନା କରୁଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail Id: seccbbsr@gmail.com
**E-Procurement Tender Call Notice No.21 of 2024-25**
No.1173 (Estg.) Bhubaneswar the 7th March-2025

**No.B-1069:** The Chief Construction Engineer, Central (R&B} Circle Bhubaneswar on behalf of the Governor of Odisha invites percentage rate bids for two number of Annual Comprehensive Maintenance Plan of roads to be received in online bidding, double cover system as detailed in: https://tendersodisha.gov.in. The details of bid documents will be available in the above website from 5.00 P.M. of 19.03.2025 to 4.oo P.M of 29.03.2025. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 P.M. of 29.03.2025 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal **www.tendersodisha.gov.in.**
Addendum / Corrigendum, if required, will be available only in the Website.

Sd./- Er.M.K.Mahananda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0022/2425



**GOVERNMENT OF ODISHA** ID:ee.randbjyp@gmail.com
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
e-Procurement Notice
Bid Identification No.S.E.(R&B)-07/2024-25/JYP(K)
No.1332, Date:11.3.25

**No.B-1075:** Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Building Works as mentioned in DTCN
2. No. of Works : 2 Nos.
3. Estimated Cost : Rs.59.94 Lakhs to Rs.95.39 Lakhs
4. Period of Completion : 6 (Six) Month to 7 (Seven) Months
5. Date & Time of Bidding : From 11.00 hours of 21.03.2025 upto 17.00 hours of 04.04.2025
6. Last date & time for receipt of bids in portal : 17.00 hours of 04.04.2025
7. Bids received online shall be opened on : 11.00 hours of 05.04.2025
8. Name and address of the Officer Inviting Bid : Superintending Engineer Jeypore (R&B) Division, Jeypore

Further details can be seen from the **www.tendersodisha.gov.in.**

Sd./- Superintending Engineer
Jeypore (R&B) Division
OIPR-34027/11/0010/2425



**‘e’ PROCUREMENT NOTICE REFERENCE NO.E.E. (A), Kendrapara Division- 07/2024-25** No.L-
Date & time of bidding online-17.03.2025 at 10.00 A.M. to 24.03.2025 upto 5.00 PM
Date of Submission of documents- 17.03.2025 at 10.00 A.M. to 25.03.2025 upto 5.00 P.M. (Except Holidays)

| Sl. No. | Name of the Work | Approximate Estimated cost put to Tender (Excluding G.S.T.) (Rs.) | Cost of Bid Documents (in Rs.) | Class of Contractor | Period of Completion | Cost of EMD @1% in the form of TDR |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Beautification with land development of the CDAO office campus, Jajpur | 8,42,451.00 | 4000.00 | C&D | 2 (Two Calendar Month) | 8500.00 |

Date of Opening of original documents & Online Bid- 26.03.2025 at 11.00 A.M. onwards.
Further details can be seen from the website www.tendersodisha.gov.in

Sd./- Executive Engineer (Agril.),
Agriculture Engineering Division, Kendrapara
OIPR-01471/11/0007/2425



**BHUBANESWAR DEVELOPMENT AUTHORITY BHUBANESWAR**
AKASH SHOVA BUILDING, SACHIVALAYA MARG, BHUBANESWAR-751001
Visit us at: http://www.bda.gov.in
RFP No.266, Date: 13.03.2025

No.CAD-2830: Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites Request for proposal (RFP) in ONLINE MODE only for the following works.

1. “Selection of an Agency for providing temporary lighting on hire/ Rental Basis for the beautification of streets at various locations and B.D.A. Office Building’s in Bhubaneswar for different occasions” and
2. “Selection of an Agency for supply of excavators & machineries with operator on hire basis for BDA”
3. The RFP documents will be available in the website: https://tendersodisha.gov.in from dtd.18.03.2025 to 27.03.2025 upto 5.00 PM. The last date of receipt of proposals in online mode is upto 5.00 PM on Dtd. 03.04.2025 and the RFP will be opened at 11.30 AM on Dtd.04.04.2025 in the office chamber of the Executive Engineer, Division No-IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website https://tendersodisha.gov.in for further details. Any addendum/ corrigendum/ cancellation of RFP can be seen in this website only.

Sd./- Executive Engineer
Division No-IV, BDA
OIPR-13033/11/0255/2425



**OFFICE OF THE MUNICIPAL COUNCIL, BHADRAK**
BHADRAK, PIN- 756100
E-mail: eobdkmunicipality@gmail.com
**INVITATION FOR BIDS**
(Through E-Procurement)
Tender Reference No.08/BM/2024-25
Tender Call Notice No.1353/BM/dtd.12.03.2025
Tender ID No.

**No.C-1858**: The Executive Officer, Bhadrak Municipality, Bhadrak invites percentage rate bids in double cover system through e-procurement in conformity with the detailed tender call notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the State Government/ contractors of equivalent grade/ class registered with Central Government/ MES/ Railways and Municipal Contractors on production of definite proof from the appropriate authority. This tender is of composite nature and only tenderers with sound financial background capable of investing required amount for advance procurement of all materials required for the work need apply. The bidders may submit bids for any or all of the following works separately as per their eligibility.

1. Name of the Work : Individual Civil Construction works as per DTCN published in the website
2. No. of works put to tender : 3 Nos individual civil construction works
3. Estimated Cost : As per DTCN
4. Period of Completion : As per DTCN
5. Date and Time of availability of bid document in the portal : From 10.00 hours of Dt.20.03.2025 to 17.00 hours of Dt.19.04.2025
6. Mode of deposit towards cost of Bid document & EMD : Online
7. Date and Time of opening of the Technical Bid : 11.00 hours and onwards of Dt.21.04.2025
8. Date and time of opening of the Financial Bid : To be intimated in due course of time to the eligible bidders qualified in the technical evaluation.
9. Name and address of the Officer Inviting Bid : Executive Officer, Bhadrak Municipality Bhadrak

Further details can be seen from the e-procurement portal **https://tendersorissa.gov.in.**

OIPR-13152/11/0023/2425 Sd./- Executive Officer, Bhadrak Municipality



**OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//18//SERWDG-I//2024-25
No.O-1610 E-mail: eerw_gm1@yahoo.co.in
Letter No.1674// RWDG-I//BAM//Date:11.03.2025

| | | | |
|---|---|---|---|
| 1. | Name of the Work | :: | Road Work |
| 2. | Estimated Cost | :: | Rs.55.98 Lakhs |
| 3. | Period of Completion | :: | 01 (One) Calendar Month as shown in Column No.06 of Annexure. |
| 4 | Date & Time of Availability of Bid documents in the portal | :: | From 18.03.2025 at 11.00 AM to 25.03.2025 upto 6.00 P.M. |
| 5 | Last Date/Time for Receipt of Bids in the Portal | :: | 25.03.2025 upto 6.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.

Sd./- Additional Chief Engineer
R.W.Division-I, Ganjam, Berhampur
OIPR-25085/11/0025/2425



**OFFICE OF THE CHIEF ENGINEER, MEGA LIFT, BHUBANESWAR**
Plot no. A 8/2, Bhoinagar, Bhubaneswar, Odisha, PIN-751022
No.A-1184 E-Mail: cemlpwr.od@@mail.com
**Government of Odisha “e” Procurement Notice**
**Bid Identification No. 11ML/2024-25**

Online open tender is invited for EPC Contract (Turn Key Basis) for Mega Lift, Odisha

1.Name of Work: Execution of 04 nos. of Lift Irrigation Schemes with intake points on Surubali jore (Surubali jore ISS), Harihar jore (Harihar jore ISS), Mahanadi River (Near Godheneswar ISS / ISS Kapasira) having Command area between 500 Ha. to 2000 Ha. in Cluster No. XXIX in the district of Sonepur including its distribution network, up to 1 Ha Chak having total planned Culturable Command Area of 6,710Ha. on “EPC -Turn Key” basis including power system connectivity and Operation & Maintenance of complete commissioned schemes for fifteen years.
2. **Period of completion:** 36 (Thirty-six) calendar months including rainy season.
3. **Date & time of availability of bid document in the portal** : 18.03.2025,10 A.M.
4. **Last date/Time for receipt of bids in the portal**: 07.04.2025 up to 5.00 P.M
5. **Name & address of the officer inviting Bid**: Chief Engineer, Megalift, A-8/2, Bhoi Nagar, Bhubaneswar,Pin- 751022

Further details can be seen from the e-procurement portal **“https://tendersodisha.gov.in”**

Sd./- Chief Engineer, Megalift
Bhubaneswar
OIPR-32504/11/0019/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସିଦ୍ଧାର୍ଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘କେଦାରନାଥରେ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ଜାରି ହେଉ’

## ଭାଜପା ବିଧାୟିକାଙ୍କ ମନ୍ତବ୍ୟକୁ ନେଇ ବିବାଦ

**ଡେରାଡୁନ୍, ୧୬।୩**

କେଦାରନାଥ ଧାମ୍‌ରେ ଅଣହିନ୍ଦୁଙ୍କ ପ୍ରବେଶ ଓ ଗତିବିଧି ଉପରେ କଟକଣା ଲଗାଯିବା ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଏନେଇ କେଦାରନାଥର ଭାଜପା ବିଧାୟିକା ଆଶା ନୋଟିୟାଲ କହିଛନ୍ତି, କେତେକ ଅଣହିନ୍ଦୁ ତତ୍ତ୍ୱ କେଦାରନାଥ ଧାମ୍‌ର ପବିତ୍ରତାକୁ ନଷ୍ଟ କରିବା ପାଇଁ ପ୍ରୟାସ କରୁଛନ୍ତି। ସେମାନେ ଏଠାରେ ମାଛ, ମାଂସ, ମଦ ଆଦି ପରଷିବା କାର୍ଯ୍ୟରେ ଲିପ୍ତ ଅଛନ୍ତି। ଫଳରେ କେଦାରନାଥ ଧାମ୍‌ର ଗରିମା ଓ ସମ୍ମାନକୁ କ୍ଷତି ପହଞ୍ଚୁଛି। ଏଭଳି ତତ୍ତ୍ୱଙ୍କୁ ଚିହ୍ନଟ କରି କେଦାରନାଥ ମନ୍ଦିରରେ ସେମାନଙ୍କର ପ୍ରବେଶ ଉପରେ କଟକଣା ଲଗାଇବାକୁ ରାଜ୍ୟ ସରକାର ଯୋଜନା କରୁଥିବା ସେ କହିଛନ୍ତି। ନିକଟରେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସୌରଭ ବହୁଗୁଣା ଜିଲା ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଏକ ବୈଠକ କରିଥିଲେ। କେଦାରନାଥ ଧାମ୍‌କୁ ବଦ୍‌ନାମ କରିବାକୁ ପ୍ରୟାସ କରୁଥିବା ଅଣହିନ୍ଦୁ ତତ୍ତ୍ୱଙ୍କୁ ଚିହ୍ନଟ କରି ମନ୍ଦିର ମଧ୍ୟରେ ସେମାନଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଉ ବୋଲି ଏହି ବୈଠକରେ ପ୍ରସ୍ତାବ ଦିଆଯାଇଛି। ତେବେ ଆଶାଙ୍କ ଏହି ମନ୍ତବ୍ୟକୁ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିଶ୍ ରାୱତ ସମାଲୋଚନା କରିଛନ୍ତି। ଏହା ଭାଜପାର ସଙ୍କୀର୍ଣ୍ଣ ମାନସିକତାକୁ ଦର୍ଶାଉଥିବା ସେ କହିଛନ୍ତି।


## ୨ୟ ଜନ୍ମଦିନର ଶୁଭେଚ୍ଛା



**ସିଦ୍ଧାର୍ଥ ମହାନ୍ତି**

ଜନ୍ମଦିନର ଶୁଭ ଅବସରରେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ତୋର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।

ଧ-୨୧୨୯


# ଏମ୍ପିଙ୍କ ହୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଚର୍ଚ୍ଚାରେ ମେୟର



କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ବିହାରୀବାଗସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଲିବେଳେ ମେୟର ସୁବାସ ସିଂ ଓ ଅନ୍ୟମାନେ।

**କଟକ, ୧୬।୩(ଶିଳ୍ପା ପ୍ରିୟଦର୍ଶିନୀ)**

## ରଙ୍ଗର ପର୍ବରେ ରୋଚକ ମୋଡ଼ ନେଇଛି କଟକ ରାଜନୀତି

ରଙ୍ଗର ପର୍ବ ହୋଲିରେ ରଙ୍ଗେଇ ହୋଇଛି କଟକ ରାଜନୀତି। ୩ ପ୍ରମୁଖ ରାଜନୈତିକ ଦଳର ନେତା ହୋଲି ପାଳନ କରିଛନ୍ତି। ଅପରପକ୍ଷରେ ଭାଜପା ଓ ବିଜେଡି ନେତାଙ୍କ ହୋଲି ପାଳନର ଦୃଶ୍ୟପଟ୍ଟରୁ ରାଜନୀତି ବେଶ୍ ବାରି ହେଉଥିଲା। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ବିହାରୀବାଗସ୍ଥିତ କାର୍ଯ୍ୟାଳୟଠାରେ ଦୋଳ ପୂର୍ଣ୍ଣିମା ସନ୍ଧ୍ୟା ସମୟରେ ହୋଲି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଟକ ମେୟର ସୁବାସ ସିଂଙ୍କ ସମେତ ଭାଜପାର ନେତୃବୃନ୍ଦମାନେ ଯୋଗଦାନ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ବିଜେଡି ସରକାରରୁ ଯିବା ପରେ ଭାଜପା ପ୍ରତି ମେୟରଙ୍କ ଆନ୍ତରିକତା ବଢ଼ିବାକୁ ନେଇ ଲୋକେ ଟୁପୁରୁଟାପୁରୁ ହେଉଥିବାବେଳେ ଭର୍ତ୍ତୃହରିଙ୍କ ହୋଲି ବନ୍ଧୁମିଳନରେ ମେୟର ସୁବାସ ଯୋଗଦେଇ ଏହାକୁ ସତରେ ପରିଣତ କରିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ସେହିପରି ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଅରିନ୍ଦମ ରାଏ ଯୋଗଦେବା ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ବହୁ ସୁନ୍ଦର ପରିବେଶରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ହୋଲି ପର୍ବରେ ରାଜନୀତି ନ ଥାଏ। ଲୋକ ସମାନ ରହିଛନ୍ତି, ହେଲେ ସରକାର ବଦଳିଛି। ଓଡ଼ିଶାବାସୀ ପରିବର୍ତ୍ତନ ଚାହୁଁଥିଲେ ଏବଂ ତାହା ହୋଇଛି। ବିଜେଡି ଓ ଭାଜପାର ରଙ୍ଗ ଖେଳ ସମ୍ପୂର୍ଣ୍ଣ ଭିନ୍ନ। ବିଜେଡିରେ ମଳିଆ ରଙ୍ଗ ଥିଲା, ହେଲେ ଭାଜପାର ସ୍ୱଚ୍ଛ ରଙ୍ଗ ଅଛି ବୋଲି ରାଏ କହିଛନ୍ତି। ସେହିପରି ଏମ୍‌ପି ଭର୍ତ୍ତୃହରି କହିଛନ୍ତି, ସକାରାତ୍ମକ ମନୋଭାବ ରଖି ରଙ୍ଗ ଖେଳିଛୁ। ଯେଉଁମାନେ ପରିବର୍ତ୍ତନର ଆହ୍ୱାନରେ ଥିଲେ ସେମାନେ ଏହି ବନ୍ଧୁମିଳନରେ ଉପସ୍ଥିତ ବୋଲି ମହତାବ କହିଛନ୍ତି। ଅପରପକ୍ଷରେ ପ୍ରତିବର୍ଷ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ହୋଲି ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥାନ୍ତି। ହେଲେ ଚଳିତବର୍ଷ ସେ କଟକରେ ଉପସ୍ଥିତ ନ ଥିବାରୁ ଏହାର ଆୟୋଜନ କରି ନ ଥିବା ସୂଚନା ମିଳିଥିବାବେଳେ ହୋଲି ଅବସରରେ ମେୟର ସୁବାସ ବାରବାଟୀ ଦୁର୍ଗ ପରିସରସ୍ଥ ବାସଭବନରେ ଉତ୍ସବ ପାଳିଥିଲେ। ଏଥିରେ ମେୟରଙ୍କ ସମର୍ଥକଙ୍କ ସମେତ ବିଜେଡିର କେତେଜଣ କର୍ପୋରେଟର ଉପସ୍ଥିତ ଥିଲେ। ହେଲେ ଏହି କାର୍ଯ୍ୟକ୍ରମରେ ଦେବାଶିଷଙ୍କ ସମର୍ଥକ ବା ବିଜେଡିର ନେତୃବୃନ୍ଦଙ୍କୁ ଦେଖିବାକୁ ନ ମିଳିବାରୁ ଦେବାଶିଷ ଓ ସୁବାସଙ୍କ ମଧ୍ୟରେ କନ୍ଦଳ ଥିବା ସ୍ପଷ୍ଟ ବାରି ହୋଇପଡ଼ିଥିଲା। ମେୟର ସୁବାସ ଗଣମାଧ୍ୟମ ପ୍ରତିନିଧିଙ୍କ ସମସ୍ତ ପ୍ରଶ୍ନକୁ ଏଡାଇ ଦେଇ କହିଛନ୍ତି, କଟକ ଭାଇଚାରାର ସହର। ଏଠାରେ ସବୁ ପର୍ବ ପାଳନ ସମୟରେ ଦଳ, ଜାତି, ଧର୍ମ ଦେଖାଯାଏ ନାହିଁ। ଦୋଳ ଉତ୍ସବରେ ସମସ୍ତେ ଏକଜୁଟ୍ ହୋଇଥାଉ। ଅନ୍ୟପଟେ ହୋଲି ଅବସରରେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ମହାନଦୀବିହାରସ୍ଥିତ ତାଙ୍କ ବାସଭବନରେ ନିଜ ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ହୋଲି ଉତ୍ସବ ପାଳନ କରିଥିଲେ। ସେହିପରି ବରିଷ୍ଠ ଭାଜପା ନେତା ନୟନ ମହାନ୍ତି କଟକ ମହାନଦୀବିହାରସ୍ଥିତ ବାସଭବନଠାରେ ମଧ୍ୟ ହୋଲି ଉତ୍ସବ ପାଳନ କରିଛନ୍ତି।

# କଂଗ୍ରେସ: ତାରାଙ୍କ ନିଲମ୍ବନରୁ ବଢୁଛି ସମର୍ଥନ

**ଭୁବନେଶ୍ୱର, ୧୬।୩(ରବିନାରାୟଣ ଜେନା)**

ଦୀର୍ଘଦିନ ଧରି ଲୋକଙ୍କ ଆଢ଼ ନଜରରେ ଥିବା କଂଗ୍ରେସ ଏବେ ରାଜନୈତିକ ଚର୍ଚ୍ଚାକୁ ଆସିଛି। ବିଧାନସଭାର ଚଳିତ ଅଧିବେଶନରେ କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତି ନିଲମ୍ବନ ହେବା ଏବଂ ପରେ ତାଙ୍କୁ ସର୍ବଦଳୀୟ ବୈଠକରେ କ୍ଷମା ପ୍ରାର୍ଥନା ଲାଗି କୁହାଯିବା ଘଟଣାକୁ ନେଇ ରାଜନୈତିକ ମହଲରେ ହଟଚମଟ ସୃଷ୍ଟି ହୋଇଛି। ଗୋଷ୍ଠୀକନ୍ଦଳ ଓ ଗୋଡ଼ଟଣା ପାଇଁ ଦୀର୍ଘ ୨୫ବର୍ଷ ଧରି ଯେଉଁଦଳ କ୍ଷମତାଠାରୁ ଦୂରେଇ ରହିଥିଲା ଏବେ ସେ ଗୃହରେ ପ୍ରଭାବୀ ଢଙ୍ଗରେ ସରକାରଙ୍କୁ ବିରୋଧ କରୁଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ବିଜେଡି ଯଦିଓ ପ୍ରମୁଖ ବିରୋଧୀଦଳ ଭାବେ ମର୍ଯ୍ୟାଦା ପାଇଛି, ତଥାପି କଂଗ୍ରେସ ଚଳିତ ଅଧିବେଶନରେ ମହିଳା ସୁରକ୍ଷା ପ୍ରସଙ୍ଗ ଉଠାଇ ରାଜ୍ୟବାସୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି।

ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସର ନୂତନ ସଭାପତି ଭାବେ ଭକ୍ତ ଚରଣ ଦାସଙ୍କ ନିଯୁକ୍ତି ପରେ କଂଗ୍ରେସ ଦଳ ଭିତରେ ନୂଆ ଉତ୍ସାହ ସୃଷ୍ଟି ହୋଇଛି। ପୁରୁଣା କଂଗ୍ରେସ ନେତା ଦଳରେ ସାମିଲ ହେବାପାଇଁ ନୂତନ ଆଶା ସଞ୍ଚାର ହୋଇଥିବାବେଳେ ଭକ୍ତ ମଧ୍ୟ ଅନୁରୂପ ଭାବେ ସେମାନଙ୍କୁ ନେଇ ନୂତନ ଟିମ୍ ଗଢ଼ିବା ପାଇଁ ଆଗଭର ହୋଇଛନ୍ତି। ଏହିକ୍ରମରେ ସେ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ଭେଟିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଗୋଟିଏ ପଟେ ଭକ୍ତଙ୍କ ଭକ୍ତିର ମାର୍ଗ କଂଗ୍ରେସ ନେତାଙ୍କୁ ସୁହାଉଥିବାବେଳେ ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଗୋଟି ଚାଳନା ଗୃହରେ କଂଗ୍ରେସକୁ ମଜଭୁତ କରୁଛି ବୋଲି ଆଲୋଚନା ହେଉଛି।

ଚଳିତମାସ ୭ରୁ ୨ୟ ପର୍ଯ୍ୟାୟ ବଜେଟ ଅଧିବେଶନ ଚାଲୁ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହକୁ କିଭଳି ଶାନ୍ତିଶୃଙ୍ଖଳାର ସହ ଚଳାଯିବ ତାକୁ ନେଇ ନିୟମିତ ଭାବେ ରଣନୀତିରେ ପରିବର୍ତ୍ତନ ହେଉଛି। ଏହି ପରିପ୍ରେକ୍ଷୀରେ ଗୃହରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟ ବାହିନୀପତି ସ୍ଲୋଗାନ ଦେବା ସହିତ ବାଚସ୍ପତିଙ୍କ ଉପରକୁ କାଗଜଗୋଳା ଫିଙ୍ଗିଥିଲେ। ତା’ ପରଦିନ ନଗର ଉନ୍ନୟନମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପ୍ରଥମେ ଅନୁରୋଧ ଓ ପରେ ତାଙ୍କ କାଗଜପତ୍ର ଟଣାଓଟରା କରିବା ସହିତ ମାଇକ୍ ମଧ୍ୟ ଟାଣିଥିଲେ। ଏହାକୁ ନେଇ ଗୃହରେ ଏକପ୍ରକାର ହାଇଡ୍ରାମା ଦେଖିବାକୁ ମିଳିଥିଲା। ଶାସକ ଦଳ ପକ୍ଷରୁ ସଂସଦୀୟ ବ୍ୟାପାରମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସାରାରେ ବାହିନୀପତିଙ୍କୁ ଘେରିବା ସହିତ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ତାଙ୍କ ଶାର୍ଟ କଲାରକୁ ଧରିଥିଲେ। ଏହି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିଲା ; ଯାହାକୁ ନେଇ ସରକାର ଅଡୁଆରେ ପଡ଼ିଥିଲେ। ଗତ ବୁଧବାର ଓ ଗୁରୁବାର ଦୁଇଦିନ ଧରି କଂଗ୍ରେସ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତିତଳେ ଧାରଣା ଦେବା ସହିତ ତାରାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ପାଇଁ ଦାବି କରିଥିଲା। ଏଥିଯୋଗୁ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲି ପାରି ନ ଥିଲା। ଯଦିଓ ଶାସକଦଳ ପକ୍ଷରୁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଂଗ୍ରେସକୁ ଗୃହକୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ, ମାତ୍ର କଂଗ୍ରେସ ରାଜି ହୋଇ ନ ଥିଲା।

ଚଳିତ ଅଧିବେଶନରେ କଂଗ୍ରେସ ମଧ୍ୟରେ ଥିବା ଫାଟ କେତେକାଂଶରେ ଯୋଡ଼ି ହୋଇଥିବା ଲକ୍ଷ୍ୟ କରାଯାଉଛି। ବାଚସ୍ପତିଙ୍କ ପକ୍ଷରୁ ଆହୂତ ସର୍ବଦଳୀୟ ବୈଠକରେ କଂଗ୍ରେସ ସଦସ୍ୟ ବାହିନୀପତିଙ୍କୁ କ୍ଷମାପ୍ରାର୍ଥନା ତଥା ଭୁଲ୍ ସ୍ୱୀକାର କରିବାକୁ ସର୍ତ୍ତ ରଖାଯାଇଥିଲା। ଏହାକୁ ନେଇ କଂଗ୍ରେସ ଏକଜୁଟ ହୋଇଥିଲା। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ବାହିନୀପତି ଏଭଳି କ୍ଷମାପ୍ରାର୍ଥନା କରିବାକୁ ଟିକେ ହଜମ କରିପାରି ନ ଥିଲେ। ଏହାକୁ ନେଇ ଦଳୀୟ ବୈଠକ ପରେ ଯାହାକିଛି ନିଷ୍ପତ୍ତି ହେବ ବୋଲି କହିଥିଲେ।

ଏହି ପରିପ୍ରେକ୍ଷୀରେ ତାରାପ୍ରସାଦ କହିଥିଲେ, ରାଜ୍ୟରେ ମହିଳା ସୁରକ୍ଷା ଲାଗି ସେ ଗୃହରେ ସ୍ୱର ଉତ୍ତୋଳନ କରିଥିଲେ। ଏଥିପାଇଁ ବାଚସ୍ପତି ତାଙ୍କୁ ୭ ଦିନ ପାଇଁ ନିଲମ୍ବିତ କରିଛନ୍ତି। ହେଲେ ଏଥିରେ ତାଙ୍କର ଟିକେ ହେଲେ ଶୋଚନା ନାହିଁ। ସର୍ବଦଳୀୟ ବୈଠକରେ ତାଙ୍କୁ ଭୁଲ୍ ସ୍ୱୀକାର କରିବାକୁ କୁହାଯାଇଥିଲା। ତାହା କରିବାକୁ ସେ ରାଜି ଅଛନ୍ତି, ହେଲେ ସରକାର କୁହନ୍ତୁ ଯେ, ରାଜ୍ୟରେ ମହିଳା ନିର୍ଯାତନା ବନ୍ଦ ହେବ। ଯଦି ସରକାର ପ୍ରତିଶ୍ରୁତି ଦେବେ ତେବେ ସେ କେବଳ କ୍ଷମାପ୍ରାର୍ଥନା ନୁହେଁ, ଆଣ୍ଠେଇ ଆଣ୍ଠେଇ ବିଧାନସଭା ପର୍ଯ୍ୟନ୍ତ ଯିବାକୁ ପ୍ରସ୍ତୁତ।

# ମଞ୍ଚରେ ବସିବା ଯୋଗ୍ୟତା ନାହିଁ: ଜୟନାରାୟଣ



ଜୟନାରାୟଣ ମିଶ୍ର ମଞ୍ଚ ତଳେ ଅନ୍ୟ ବିଧାୟକ ଓ ନେତାଙ୍କ ସହ ବସିଛନ୍ତି।

**ସମ୍ବଲପୁର, ୧୬।୩ (ଭବାନୀ ଶଙ୍କର ଭୋଇ)**

## ■ସବୁକଥା ବଡ଼ନେତାମାନଙ୍କୁ ପଚାର

ମୁଁ ଜଣେ ଛୋଟକାଟିଆ ନେତା। ପ୍ରସ୍ତୁତି ବୈଠକ ମଞ୍ଚରେ ବସିବା ମୋର ଯୋଗ୍ୟତା ନାହିଁ ବୋଲି କହିଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ଆଗାମୀ ୨୨ ତାରିଖରେ ସମ୍ବଲପୁର ଗସ୍ତରେ ଆସୁଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା। ଏଥିପାଇଁ ରବିବାର ପୂର୍ବାହ୍ନରେ ବୁର୍ଲା ଏମ୍‌ସିଏଲ୍ ପରିସରସ୍ଥ ଅତିଥି ଭବନରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକ ଶେଷ ହେବା ପରେ ଖବରଦାତାଙ୍କୁ ନିଜର ପ୍ରତିକ୍ରିୟାରେ ସେ ଏହା କହିଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତକୁ ନେଇ ଏମ୍‌ସିଏଲ୍ ଅତିଥି ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି ପ୍ରମୁଖଙ୍କ ସହିତ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ମଞ୍ଚକୁ ଆମନ୍ତ୍ରିତ କରାଯାଇଥିଲା। ମାତ୍ର ସେ ମଞ୍ଚକୁ ଯିବାକୁ ରାଜି ହୋଇ ନ ଥିଲେ। ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ତାଙ୍କ ନିକଟକୁ ଆସି ମଞ୍ଚକୁ ସାଙ୍ଗରେ ଯିବାକୁ ନିବେଦନ କରିଥିଲେ ମଧ୍ୟ ଜୟନାରାୟଣ ଅମଙ୍ଗ ହୋଇଥିଲେ। ଏହାର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ କଥାବାର୍ତ୍ତାରୁ ତାଙ୍କ ମଧ୍ୟରେ ଥିବା ଅସନ୍ତୋଷ ସ୍ପଷ୍ଟ ବାରି ହୋଇପଡ଼ିଥିଲା। ବୈଠକ ଶେଷରେ ବାହାରକୁ ବାହାରିଲା ପରେ ଜୟନାରାୟଣଙ୍କୁ ବୈଠକରେ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା ବୋଲି ଖବରଦାତାମାନେ ପଚାରିବାରୁ ସେ ସିଧାସଳଖ ଅନ୍ୟ ବଡ଼ନେତାମାନଙ୍କୁ ପଚାରନ୍ତୁ ବୋଲି କହିଥିଲେ। ତେବେ ଆପଣ ମଞ୍ଚରେ କାହିଁକି ବସିଲେ ନାହିଁ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ତାଙ୍କର ଏଥିପାଇଁ ଯୋଗ୍ୟତା ନାହିଁ। ଉକ୍ତ ମଞ୍ଚ କେବଳ ରାଜ୍ୟ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ ଓ ମନ୍ତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ତଥାପି ରାଜ୍ୟ ଭାଜପା ପକ୍ଷରୁ ତାଙ୍କୁ ଏହି ବୈଠକକୁ ଡକାଯାଇଥିଲା। ତେଣୁ ସେ କେବଳ ଏଥିରେ ଅନ୍ୟ ବିଧାୟକମାନଙ୍କ ଭଳି ଉପସ୍ଥିତ ଥିଲେ ବୋଲି କହିଥିଲେ। ତେବେ ‘ବନ୍ଦେ ଉତ୍କଳ ଜନନୀ’ ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୁମ୍ଭିତୋଫାନ ସମ୍ପର୍କରେ ସେ କହିଛନ୍ତି, ମୁଁ ବିବାଦ ବିଷୟରେ କିଛି ଜାଣିନାହିଁ।

# ‘ବିଧାନସଭାରେ କୋଶଳ ରାଜ୍ୟ ଗଠନ ପ୍ରସ୍ତାବ ଉଠାଅ’

**ବଲାଙ୍ଗୀର, ୧୬।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ସମର୍ଥନ ଘୋଷଣା କରିଛି କୋଶଳ ରାଜ୍ୟ ସମନ୍ୱୟ ସମିତି। ରବିବାର ସ୍ଥାନୀୟ ଯାଦବ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡାକି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ସ୍ୱତନ୍ତ୍ର କୋଶଳ ରାଜ୍ୟ ପ୍ରସଙ୍ଗ ଓ ବନ୍ଦେ ଉତ୍କଳ ଜନନୀ ଗୀତକୁ ନେଇ ଜୟନାରାୟଣ ଦେଇଥିବା ମନ୍ତବ୍ୟକୁ ସ୍ୱାଗତ କରିବା ସହ ତାଙ୍କୁ କୋଶଳବାଦୀ ସଙ୍ଗଠନ ଏବଂ ଏହି ଅଞ୍ଚଳର ଜନସାଧାରଣ ସମର୍ଥନ କରୁଥିବା କହିଛନ୍ତି। ତୁରନ୍ତ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପ୍ରସ୍ତାବ ବିଧାନସଭାରେ ଉଠାଇବା ଲାଗି ନିବେଦନ କରିଛନ୍ତି। ଏହି ପ୍ରସଙ୍ଗରେ କୋଶଳାଞ୍ଚଳର ଅନ୍ୟ ବିଧାୟକମାନେ ମଧ୍ୟ ଆଗେଇ ଆସିବାକୁ ପ୍ରମୋଦ ଅନୁରୋଧ କରିଥିଲେ।


# Classified Everyday
0674-2580101, 9692975378



REAL ESTATE

SALE

ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- 7978676652, 9439087845. D-76249

Gharabari plot sale near SUM Hospital-2, Trinath Bazar, Phulnakhara, 1250/-per sqft. whatsapp- 9437011506, 6371462496. D-3297

Duplex sale with gated society near AIIMS Hospital, Bhubaneswar. 9777433701. D-76248

Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424. D-76242



CONSTRUCTION

Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332. D-3206



Healthcare

Positively health benifited spa by expert therapist. 8658088274. D-76903

Relax, Refresh your body, mind at Saikrupa Spa with best therapies. 8984068077. D-3288

Full body massage experience, good looking therapist @999 (Bhubaneswar). 9078484455. D-3280

AFFIDAVIT

By the virtue of an affidavit sworn before Executive Magistrate, Banarpal, dated- 17.02.2025, I, Rohita Kumar Sahu, Address: AT- Raghunathpur, P.O.- Kankalu, Dist.- Dhenkanal, PIN- 759121, declare that I have changed my name from Rohit Sahu to Rohita Kumar Sahu. Henceforth, I shall be known as Rohita Kumar Sahu for all purposes. Rohita Kumar Sahu. D-3303

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

In the Court of the Executive Magistrate, Simulia, on 01.03.25 affidavit No.- 763, I, P.Ojha Alias Ajay Ojha aged about 48 years, S/o- Ananta Ojha, At- Maitapur Sasan, P.O.- Maitapur, P.S.- Simulia, Dist.- Balasore, on dated 18.11.2005 my LIC Policy bearing No.- 586248839, where in my name is P.Ojha and many documents has Ajay Ojha. I declare that both name's are same and one person. D-3306

I, Apun Kumar Mahapatra, aged about 47 years, S/o-Amarendra Mahapatra, resident of D-10, Maitri Vihar, Chandrasekharpur, S.E Rly. Proj. Complex, Bhubaneswar, PIN- 751023, Dist.- Khordha, Odisha, hereby declare that I have changed my name from Apun Kumar Mahapatra to Aditya Mahapatra by an affidavit before the Notary Public, Bhubaneswar on Dt. 07.08.2024. Hence, I shall be known as Aditya Mahapatra for all purposes. D-3308

LOST

I, Krupasindhu Mahakul, R/o- Village/ P.O.- Sagada, P.S.- Manamunda, Dist.- Boudh, Odisha declare that I have lost the register sale deed bearing Regd. No.636/2000 dated 20.04.2000 on the way while I was coming from Sagada to Manamunda on dated 12.03.2025. Inspite of my thorough search I could not traced it out. D-3300

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ତା୧୭.୦୩.୨୦୨୫ରିଖ



୰ନାରାୟଣ ବାରିକ୍
ଗ୍ରାମ: ରାମେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ଆବିର୍ଭାବ: ୦୬.୦୩.୧୯୪୪
ତିରୋଧାନ: ୨୮.୦୩.୨୦୨୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:: ଶୋକସନ୍ତପ୍ତ ::-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭଣଜା, ଭାଣେଜୀ, ପୁତୁରା, ଝିଆରୀ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୩୩୧୨

ଏକାଦଶାହ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



୰ସତ୍ୟନାରାୟଣ ପଟ୍ଟନାୟକ
ଆବିର୍ଭାବ: ୦୭/୧୧/୧୯୩୧ (ଗୁରୁବାର)
ତିରୋଧାନ: ୦୭/୦୩/୨୦୨୫ (ଶୁକ୍ରବାର)
ଚାହୁଁ ଚାହୁଁ ୧୧ ଦିନ ବିତିଗଲା, ତୁମ ଅବର୍ତ୍ତମାନ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା, ସରଳ ବ୍ୟକ୍ତିତ୍ୱ, ସମାଜସେବା ଆମମାନଙ୍କର ପ୍ରେରଣାର ଉତ୍ସ। ମହାପ୍ରଭୁଙ୍କ ଚରଣରେ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପଟ୍ଟନାୟକ ପରିବାର :- ପୁତ୍ର-ଭୁବନମୋହନ, ମଦନମୋହନ, ରାଧାମୋହନ, ପୁତ୍ରବଧୂ- ରୋଜି, ମୁନୁ, ମିଲି, ଝିଅ- ଜ୍ୟୋତି, ଜ୍ୱାଇଁ- ଦେବ, ନାତି- ଡ. ସିଦ୍ଧାର୍ଥ, ଡ. ପ୍ରୀତମ, ସାଇ, ନାତୁଣୀ ବୋହୂ- ଡ. ସ୍ମିତା, ନାତୁଣୀ- ଡ. ସୁଶ୍ରୀ ମାନସୀ, ନାତୁଣୀ ଜ୍ୱାଇଁ- ଡ. ମୃତ୍ୟୁଞ୍ଜୟ, ମନୀଷା, ଅଣନାତି- ଭାବ୍ୟାଂଶ, ଅଣନାତୁଣୀ କଶିଷ ଓ ସାୟାଂଶୀ।
ଧ-୩୩୧୦

ଏକାଦଶାହ ଉପଲକ୍ଷେ



୰ବୀଣାପାଣି ବଳ
ବୁଢ଼ଙ୍ଗ, ଦୋଳସାହି, ଭଦ୍ରକ
ଆବିର୍ଭାବ-୧୫।୦୩।୧୯୪୩
ତିରୋଧାନ-୦୭।୦୩।୨୦୨୫
ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:-
ଆତ୍ମୀୟ ସ୍ୱଜନ ଓ ବନ୍ଧୁ ବାନ୍ଧବ।
ଧ-୩୩୧୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

See Career Appointment on every Wednesday & Saturday

# ସ୍ୱାସ୍ଥ୍ୟୋପକାରୀ କଳା ଚାଉଳ



ଡ. ଶିବାନୀ ମହାପାତ୍ର

''ଚାଇନାରେ ପ୍ରାଚୀନ କାଳରେ କେବଳ ରାଜପରିବାରର ସଦସ୍ୟମାନଙ୍କ ଦ୍ୱାରା କଳା ଚାଉଳ ବ୍ୟବହାର କରାଯାଉଥିଲା। ଏହା ପୁଷ୍ଟିକର ଲାଭ ପାଇଁ ନୁହେଁ ବରଂ ଔଷଧୀୟ ଗୁଣ ଲାଗି ମଧ ମୂଲ୍ୟବାନ୍ ଥିଲା। ପାରମ୍ପରିକ ଭାବରେ ଚାଇନାର ଆଭିଜାତ୍ୟସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ପାଇଁ ଏହାର ବ୍ୟବହାର ସୀମିତ ଥିଲା। କଳା ଚାଉଳ ବ୍ୟବହାର ଦ୍ୱାରା ଦୀର୍ଘାୟୁ ହେବା ସହିତ ସ୍ୱାସ୍ଥ୍ୟର ଉନ୍ନତି କରେ ବୋଲି ବିଶ୍ୱାସ କରାଯାଏ। ଉକ୍ତ ଆନ୍ଥୋସାୟାନିନ୍ ସାମଗ୍ରୀ ଯୋଗୁ କଳା ଚାଉଳର ରଙ୍ଗ ଗାଢ଼ କଳା ହୋଇଥାଏ।''





କଳା ଧାନର ବୈଜ୍ଞାନିକ ନାମ 'ଓରାଇଜା ସାଟାଇଭା ଏଲ୍' ଅଟେ। ଏଥିରେ ଆନ୍ଥୋସାୟାନିନ, ଫେନୋଲିକ୍ ଏସିଡ୍ ଏବଂ ଅନ୍ୟାନ୍ୟ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟର ସମୃଦ୍ଧ ଉପାଦାନ ରହିଛି। ଏଥିରେ ବାର୍ଦ୍ଧକ୍ୟ-ପ୍ରତିରୋଧ କ୍ଷମତା ରହିଛି। ତା'ସହ ଚର୍ମ ପାଇଁ ଏହା ମଧ ଉପକାରୀ। ଗବେଷଣାରୁ ଏହାର ବ୍ୟବହାର ଶତ ପ୍ରତିଶତ ପ୍ରମାଣିତ ହୋଇସାରିଛି। ଆମ ଓଡ଼ିଶାରେ ଚାଷ ହେଉଥିବା କଳା ଧାନ ମଧ୍ୟରେ କଳା ଚମ୍ପା ଓ କଳାବତୀ ଇତ୍ୟାଦି ପ୍ରଧାନ।

ଚାଇନାରେ ପ୍ରାଚୀନ କାଳରେ କେବଳ ରାଜ ପରିବାରର ସଦସ୍ୟମାନଙ୍କ ଦ୍ୱାରା କଳା ଚାଉଳ ବ୍ୟବହାର କରାଯାଉଥିଲା। କେବଳ ପୁଷ୍ଟିକର ଲାଭ ପାଇଁ ନୁହେଁ ବରଂ ଏହା ଔଷଧୀୟ ଗୁଣ ଲାଗି ମଧ ମୂଲ୍ୟବାନ ଥିଲା। ପାରମ୍ପରିକ ଭାବରେ ଚାଇନାର ଆଭିଜାତ୍ୟସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ପାଇଁ ଏହାର ବ୍ୟବହାର ସୀମିତ ଥିଲା। କଳା ଚାଉଳର ବ୍ୟବହାର ଦୀର୍ଘାୟୁ କରିଥାଏ ଏବଂ ସାଧାରଣତଃ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଉକ୍ତ ଆନ୍ଥୋସାୟାନିନ ସାମଗ୍ରୀ ଯୋଗୁ କଳା ଚାଉଳର ରଙ୍ଗ ଗାଢ଼ କଳା ହୋଇଥାଏ।

ପ୍ରାଥମିକ ଅକ୍ସିଡେଟିଭ ଚାପର କାରଣ ହେଉଛି ଆଭ୍ୟନ୍ତରୀଣ ଏବଂ ବାହ୍ୟ ଭାବରେ ପ୍ରେରିତ ଚର୍ମ ବୟସ୍କତା, ଯାହା କୋଷୀୟ କ୍ଷତିର କାରଣ। ଏହି ଚାପ ହିଁ ବୟସ୍କତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। କଳା ଚାଉଳ ଖାଦ୍ୟସାରରେ ଥିବା ସମୃଦ୍ଧ ଆଣ୍ଟିଅକ୍ସିଡାଣ୍ଟ ଯେପରିକି ଆନ୍ଥୋସାୟାନିନ ମୁକ୍ତ ରାଡିକାଲ୍ସକୁ ଦୂର କରିଥାଏ। ତା' ସହ ଚର୍ମ ଉପରେ ଅକ୍ସିଡେଟିଭ ଚାପର ପ୍ରଭାବକୁ ହ୍ରାସ କରଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ କୋଲାଜେନ ଏବଂ ଇଲାଷ୍ଟିନକୁ ସ୍ଥିର କରିଥାଏ, ଯାହା ଚର୍ମ ଏବଂ ଗଠନର ନମନୀୟତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଉଦାହରଣ ସ୍ୱରୂପ, ଏଥିରେ ଥିବା ଖାଦ୍ୟସାର ମେଲାନିନ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ। ତା' ସହ ଏନ୍‌ଜାଇମ ଟାଇରୋସିନେଜର କାର୍ଯ୍ୟକଳାପକୁ ବାଧା ଦେଇଥାଏ। କଳା ଚାଉଳ ଉତ୍ପାଦଗୁଡ଼ିକ ମାଇଟୋଜେନ-ସକ୍ରିୟ ପ୍ରୋଟିନ କାଇନେଜ ସିଗନାଲିଂ ପଥ ସମେତ ମେଲାନୋଜେନେସିସ ପଥକୁ ନକାରାତ୍ମକ କରିବାକୁ ଦେଇ ନ ଥାଏ। ଏହା ଫଳରେ ସେଥିରୁ ଉତ୍ପନ୍ନ ତତ୍ତ୍ୱ ବୟସ୍କତା ପ୍ରତିରୋଧୀ ଶକ୍ତି, ମଣିଷ ଶରୀରରେ ବାର୍ଦ୍ଧକ୍ୟ ତଥା ଅକାଳ ବାର୍ଦ୍ଧକ୍ୟକୁ ପ୍ରତିରୋଧ କରିବାକୁ ସକ୍ଷମ ହେଉଛି।

ପ୍ରସାଧନ ସାମଗ୍ରୀ ପ୍ରସ୍ତୁତିରେ କଳା ଚାଉଳର ପ୍ରଭାବକୁ କ୍ଲିନିକାଲ ପରୀକ୍ଷା ଦ୍ୱାରା ବୈଧ କରାଯାଇଛି। ଉଦାହରଣ ସ୍ୱରୂପ, କଳା ଚାଉଳ ଧାରଣ କରିଥିବା ଲୋସନ ମେଲାନିନ ଉତ୍ପାଦନକୁ ଅଧିକ ବାଧା ଦେଇଥାଏ। ଚର୍ମକୁ ମଧ ଉଜ୍ଜ୍ୱଳତା ଦେଇଥାଏ। ମେଲାନୋଜେନେସିସ ଉପରେ କଳା ଚାଉଳର ପ୍ରଭାବ ବିଷୟରେ ଆଉ ଏକ ଗବେଷଣା କରାଯାଇଛି। ଏହାର ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ନିଷ୍କାସନଗୁଡ଼ିକର ପ୍ରୟୋଗ କୃତ୍ରିମ ଉପାଦାନ ଦ୍ୱାରା ପ୍ରାୟତଃ ସୃଷ୍ଟି ହେଉଥିବା ପ୍ରତିକୂଳ ପ୍ରଭାବ ବିନା ଚର୍ମ ସୌନ୍ଦର୍ଯ୍ୟରେ ଉନ୍ନତି ଆଣିପାରେ। ଆଜିକାଲି ମାଇକ୍ରୋଏନ କ୍ୟାପସୁଲେସନ ଏବଂ ଅନ୍ୟାନ୍ୟ ଉନ୍ନତ ବିତରଣ ବ୍ୟବସ୍ଥା ଉପରେ ବହୁତ ଗବେଷଣା ଜାରି ରହିଛି।

କେତେକ ପାରମ୍ପରିକ ପ୍ରସାଧନ ସାମଗ୍ରୀରେ କୃତ୍ରିମ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସଂଖ୍ୟାଧିକ ଗ୍ରାହକ ଏପରି ଉତ୍ପାଦ ଚାହାନ୍ତି ଯାହା ପ୍ରଭାବଶାଳୀ କିନ୍ତୁ ବ୍ୟବହାର ପାଇଁ ସୁରକ୍ଷିତ ହୋଇଥିବା ସହ ପରିବେଶ ପାଇଁ କମ୍ କ୍ଷତିକାରକ ହେବା ଦରକାର। ଉଦାହରଣ ସ୍ୱରୂପ, କଳା ଚାଉଳ ନିଷ୍କାସନର ବାଣିଜ୍ୟିକ ଉତ୍ପାଦର ସଫଳ ଉତ୍ପାଦନ ଓ ବିତରଣର ସମନ୍ୱୟ ପାଇଁ ଏକ ନିୟାମକ ଗଠନ କରିବା ଗୁରୁତ୍ୱପୂର୍ଣ୍ଣ। ସୁରକ୍ଷା ଏବଂ ପ୍ରଭାବଶାଳୀ ମାନଦଣ୍ଡ ବ୍ୟତୀତ, ଏହାର ବହୁଳ ଉପଲବ୍ଧି ଏବଂ ଉତ୍ପାଦନର ସ୍ଥାୟିତ୍ୱ ମଧ ଗୁରୁତ୍ୱପୂର୍ଣ୍ଣ। ତେଣୁ, କଳା ଧାନ ଚାଷ ଏକ ଆର୍ଥିକ ଦୃଷ୍ଟିରୁ ଉପଯୁକ୍ତ ଏବଂ ପରିବେଶ ଅନୁକୂଳ ଉପାଦାନ ଭାବରେ ସ୍ଥାୟୀ ହେବା ଆବଶ୍ୟକ, ଯାହା ଉତ୍ପାଦକ ଏବଂ ଗ୍ରାହକ ଉଭୟଙ୍କ ଆଶା ପୂରଣ କରିପାରିବ।

ବର୍ତ୍ତମାନର ଗବେଷଣା ଚର୍ମ ଯତ୍ନରେ ନୂତନ ପ୍ରୟୋଗ ବ୍ୟତୀତ ଏହି ସମ୍ପୂର୍ଣ୍ଣ ଉଦ୍ଭିଦରେ ସକ୍ରିୟ ଯୌଗିକଗୁଡ଼ିକର ନିଷ୍କାସନକୁ ଅଧିକ କରିପାରୁଛି। ତା'ସହ ଜୈବ ଉପଲବ୍ଧତାକୁ ସର୍ବାଧିକ କରିବା ଉପରେ ଧ୍ୟାନ ଦେଉଛି। ତେଣୁ, ନୂତନ ଜୈବପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ମାଧ୍ୟମରେ କଳା ଚାଉଳ ନିଷ୍କାସନର ପ୍ରଭାବକୁ ବୃଦ୍ଧି କରି କଳା ଚାଉଳ ନିଷ୍କାସନକୁ ଏକ ବାର୍ଦ୍ଧକ୍ୟ ନିରୋଧୀ ସ୍କିନକେୟାର ଡାଏଟ୍‌ର ମୂଳ ଆଧାର କରିବା ସମ୍ଭବ ହୋଇପାରିଛି। କସମେଟୋଲୋଜିର ବାର୍ଦ୍ଧକ୍ୟ ନିରୋଧୀ ଜଗତରେ କଳା ଚାଉଳ ନିଷ୍କାସନ ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର। ଏଥିରେ ଥିବା ଅଧିକ ଉପକାରୀ ଗୁଣ ବିଷୟରେ ଜାଣିବା ପାଇଁ ଏବେ ଗବେଷଣା ଜାରି ରହିଛି। ଏହା କୁହାଯାଇପାରେ ଯେ, କଳା ଚାଉଳ କସ୍‌ମେଟିକ ବିଜ୍ଞାନର ଭବିଷ୍ୟତରେ ପ୍ରମୁଖ ଉପାଦାନମାନଙ୍କ ମଧ୍ୟରୁ ଗୋଟିଏ ହେବ। ତେଣୁ କଳା ଚାଉଳ ଅଧିକ ଉତ୍ପାଦନ ପାଇଁ ଅଧିକ ଚେଷ୍ଟା କରାଯିବାର ଆବଶ୍ୟକତା ରହିଛି। ଏପରିକି ଏହା କ୍ୟାନ୍‌ସର, ହୃଦ୍‌ରୋଗ, ଯକୃତ୍‌ଜନିତ ରୋଗ, ମେଦ ବହୁଳତାକୁ ପ୍ରତିରୋଧ କରିପାରିବ ବୋଲି ଗବେଷକମାନେ ମତ ଦେଲେଣି।

-ସହକାରୀ ପ୍ରଫେସର (ଗବେଷଣା)
ଔଦ୍ୟୋଗିକ ଜୈବ ପ୍ରଯୁକ୍ତିବିଦ୍ୟା
ଗବେଷଣା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ
ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୬୩୭୨୫୯୮୯୯୩

## ସନ୍ତୁଳିତ ପରିବେଶ ଓ ଜୀବନଶୈଳୀ



ଆଜିକାଲି ପ୍ରଦୂଷିତ ପରିବେଶ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଛି। ଏହାଦ୍ୱାରା କେବଳ ମନୁଷ୍ୟ ନୁହନ୍ତି, ପ୍ରାଣୀ ଜଗତ ମଧ ପ୍ରଭାବିତ ହେଉଛନ୍ତି। ଯଦି ଆପଣ ଏକ ସନ୍ତୁଳିତ ପରିବେଶରେ ରହୁଛନ୍ତି ତେବେ ତାହାର ଭଲ ପ୍ରଭାବ ଆପଣଙ୍କ ଜୀବନଶୈଳୀ ଉପରେ ଅନେକାଂଶରେ ପଡ଼ିଥାଏ। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ ବିଶ୍ୱବିଦ୍ୟାଳୟର ପରିବେଶବିତ୍‌ମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଏ ବିଷୟରେ ସୂଚନା ପାଇଛନ୍ତି। କେତେକ ବ୍ୟକ୍ତିଙ୍କ ଜୀବନଶୈଳୀ ଉପରେ ତର୍ଜମା କରିବା ସମୟରେ ଏଭଳି ତଥ୍ୟ ଜଣାପଡ଼ିଥିଲା। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକାଂଶ ସମୟ ସୁସ୍ଥ ପରିବେଶରେ ରହୁଥିଲେ ସେମାନଙ୍କର ଜୀବନଶୈଳୀ ଅନେକାଂଶରେ ସନ୍ତୁଳିତ ରହୁଥିଲା। ଉକ୍ତ ବିଶ୍ୱବିଦ୍ୟାଳୟର ପରିବେଶବିତ୍‌ମାନଙ୍କ ଦ୍ୱାରା ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏକ ସୁସ୍ଥ ପରିବେଶରେ ରହିଲେ ଜଣେ ବ୍ୟକ୍ତିଙ୍କର ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ, ଯାହାର ସୁପ୍ରଭାବ ଜୀବନଶୈଳୀ ଉପରେ ପଡ଼େ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ କଖାରୁଫୁଲ



କଖାରୁଫୁଲ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ପ୍ରକାର ଭିଟାମିନ୍ ଭରିରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି। 'ରୋଗ ପ୍ରତିରୋଧକ ଶକ୍ତି ଓ କଖାରୁଫୁଲ' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରାୟ ନିୟମିତ କଖାରୁଫୁଲ ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଉଥିଲା ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହାକୁ ନିୟମିତ ଖାଇବା ଦ୍ୱାରା, ଶରୀରରେ ଭିଟାମିନ୍ 'ସି'ର ଅଭାବ କେତେକାଂଶରେ ପୂରଣ ହୋଇଯାଏ। ଏହା ଶରୀରରେ ଲୌହ ଓ ଖଣିଜ ଲବଣ ପରିମାଣକୁ ସନ୍ତୁଳିତ ରଖେ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ ତିଆରି କରିଥାଏ। କଖାରୁଫୁଲ ଅସ୍ଥି ଓ ଦାନ୍ତକୁ ମଜଭୁତ କରିବାରେ ସାହାଯ୍ୟ କରେ।



## ରାଗ ରୋକିବ ଡିଭାଇସ୍

କେତେଜଣ ବ୍ୟକ୍ତି କଥା କଥାକେ ରାଗି ଯାଇଥାଆନ୍ତି। ପ୍ରାୟ ଅନେକ ଛୋଟବଡ଼ କଥାକୁ ନେଇ କ୍ରୋଧ ପ୍ରକାଶ କରିବାର ବହୁ ଉଦାହରଣ ରହିଛି। ତେବେ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଦରକାର। କାରଣ ତାହା ପରୋକ୍ଷରେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ରାଗକୁ ନିୟନ୍ତ୍ରଣରେ ରଖିବାକୁ ବେଜିଂ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଅଭିନବ ଉପାୟ ବାହାର କରିଛନ୍ତି। ପ୍ରାୟ ତିନି ବର୍ଷ ଧରି ଏହା ଉପରେ ଗବେଷଣା କରି ସେମାନେ ଏକ ହାଇଟେକ୍ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ଯଦି ଜଣେ ବ୍ୟକ୍ତି ରାଗିଯାଆନ୍ତି, ତେବେ ଏହାକୁ ବାହୁରେ କିଛି ସମୟ ବାନ୍ଧିଦେଲେ ତାଙ୍କର ରାଗ କେତେକାଂଶରେ ପ୍ରଶମିତ ହୋଇଯାଇଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ଡିଭାଇସ୍‌ରେ ଏଭଳି ଶକ୍ତି ରହିଛି ଯାହା ମନର ଉତ୍ତେଜନାକୁ ଧୀରେ ଧୀରେ କମାଇଥାଏ। ପରୀକ୍ଷାମୂଳକ ଭାବରେ ବ୍ୟବହାର କରି ଏଥିରୁ ସଫଳତା ମିଳିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ଜଳାତଙ୍କର ଚିକିତ୍ସା



ଜଳାତଙ୍କ ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ତେବେ କାଳବିଳମ୍ବ ନ କରି ରୋଗୀକୁ ଡାକ୍ତରଖାନା ନେଇଯିବା ଉଚିତ୍। ଡାକ୍ତରଖାନାକୁ ନେବା ପୂର୍ବରୁ କ୍ଷତ ସ୍ଥାନକୁ ତୁରନ୍ତ ସାବୁନ୍ ଲଗାଇ ବାରମ୍ବାର ଧୋଇ ଦିଅନ୍ତୁ। ହାତ କି ଗୋଡ଼କୁ କାମୁଡ଼ିଥିଲେ ଆକ୍ରାନ୍ତସ୍ଥାନକୁ ଟ୍ୟାପ୍ ପାଣିରେ ଭଲ ଭାବରେ ପ୍ରଥମେ ଧୋଇ ଦିଅନ୍ତୁ। ଏହାଦ୍ୱାରା କେତେକ ଜୀବାଣୁ ଧୋଇ ହୋଇଯାଆନ୍ତି। ସାବୁନ୍‌ରେ ଧୋଇବା ବେଶି ହିତକର। କ୍ଷତ ସ୍ଥାନକୁ ଧୋଇସାରି ସେଠାରେ ସ୍ପିରିଟ୍, ଟିଙ୍କଚର୍ ଆୟୋଡିନ୍ କି ପ୍ରୋଭିଡନ୍ ଆୟୋଡିନ୍ ଲୋସନ୍ ଲଗାନ୍ତୁ। ଶବ୍ଦ, ଆଲୋକ ଓ ଥଣ୍ଡା ପବନ ଜଳାତଙ୍କ ରୋଗୀଠାରେ ପେଶୀ ସଙ୍କୋଚନ ଓ ବାତ ମାରିବା ଲକ୍ଷଣ ସୃଷ୍ଟିର କାରଣ ହେଉଥିବାରୁ ରୋଗୀକୁ ଏକ ନିସ୍ତବ୍ଧ କୋଠରିରେ ରଖାଯାଏ। ବଡ଼ ପାଟିରେ କଥାବାର୍ତ୍ତାର ଶବ୍ଦ, ଲାଉଡ୍ ସ୍ପିକରରୁ ବାହାରୁ ଥିବା ଶବ୍ଦ, ଗାଡ଼ି ମୋଟର ହର୍ନର ଶବ୍ଦ ଓ ଆଖି ଝଲସିଆ ଆଲୋକ ରୋଗୀ ସହିପାରେନି। ଉତ୍କଣ୍ଠା ହ୍ରାସ କରେଇବା ପାଇଁ ରୋଗୀକୁ ନିଦ କରାଉଥିବା ଔଷଧ ଦିଆଯାଏ। ପେଶୀ ସଙ୍କୋଚନ ନିୟନ୍ତ୍ରଣକାରୀ ଔଷଧ ମଧ ଦିଆଯାଏ। କାମୁଡ଼ିଥିବା ପ୍ରାଣୀର ପାଟି ଓ ଦାନ୍ତରେ ରହିଥିବା ଜୀବାଣୁଗୁଡ଼ିକ ଦ୍ୱାରା କ୍ଷତ ସ୍ଥାନ ସଂକ୍ରମିତ ହେବାର ଆଶଙ୍କା ରହିଛି। ତେଣୁ ପ୍ରଥମେ ଟିଟାନସ୍ ଦିଆଯାଏ। ପ୍ରତିଷେଧକ ଟିକା ଦିଆଯିବା ସହ ଓ ଆଣ୍ଟିବାୟୋଟିକ୍ସ ମଧ ଦିଆଯାଏ। ଜାଣି ରଖିବା ଦରକାର ଯେ, ଜଳାତଙ୍କ ଏକ ମାରାତ୍ମକ ସଂକ୍ରାମକ ରୋଗ। ରୋଗୀର ଲାଳ, ଲୁହ, ବାନ୍ତି ଓ ପରିସ୍ରାରେ ଜୀବାଣୁ ରହିଥାନ୍ତି। ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତଥା ନର୍ସମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ୍, ଆଖିରେ ରଙ୍ଗିନ୍ ଚଷମା ଓ ଦେହରେ ପୁରାହାତ ଆପ୍ରନ୍ ପିନ୍ଧିବା ଅପରିହାର୍ଯ୍ୟ। ଯାହା ଶରୀରରେ କୌଣସି କ୍ଷତ ଥିବ, ସେ ରୋଗୀ ସଂସ୍ପର୍ଶରେ ଆସିବା ଆଦୌ ନିରାପଦ ନୁହେଁ।

## ଜାଣିରଖନ୍ତୁ



- ଆଜିକାଲି ଓଜନ ବୃଦ୍ଧି ଏକ ସାଧାରଣ ସମସ୍ୟା ହୋଇଗଲାଣି। ତେଣୁ ଓଜନ ଯେମିତି ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।
- ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ ଖାଇବା ପରେ ପରେ ଶୁଅନ୍ତୁ ନାହିଁ।
- ଘରେ ଯଦି କିଛି ମେଡିସିନ୍ ରଖିଛନ୍ତି ତେବେ ସେଗୁଡ଼ିକର ନାମ ଏବଂ ଏକ୍ସପାଏରୀ ତାରିଖ ଡାଏରୀରେ ଟିପି ରଖନ୍ତୁ।
- ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମ ହାଡ଼ ଓ ମାଂସପେଶୀଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହୋଇଯାଏ। ତେଣୁ ଚଲାବୁଲା ସମୟରେ ସତର୍କତା ଅବଲମ୍ବନ କରିବା ଦରକାର।
- ଯଦି ଆପଣଙ୍କ ବୟସ ଅଧିକ ଆଉ ଆପଣ ହୃଦ୍‌ରୋଗ, କ୍ୟାନ୍ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ସବୁବେଳେ ଏକ ରୁଟିନ୍ ଲାଇଫ୍ ଅନୁସରଣ କରନ୍ତୁ। ତା'ସହ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
- ବାହାର ଏବଂ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।

## ସ୍ୱାସ୍ଥ୍ୟ ସୂଚନା

- ବର୍ତ୍ତମାନ ଖରାଦିନ। ତେଣୁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କାରଣ ଏହି ଦିନରେ ଯଦି ପାଣି ପିଇବାରେ ଏପଟ ସେପଟ କଲେ ତେବେ ତାହା ଶରୀରରେ ଜଳୀୟ ଶୁଷ୍କତା (ଡିହାଇଡ୍ରେଶନ) ପରିସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।
- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ଏବଂ ଚଷମା ପିନ୍ଧୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆଖି ପରୀକ୍ଷା କରାଇ ନିଅନ୍ତୁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ମନକୁ ଶାନ୍ତ ରଖନ୍ତୁ। ଟେନ୍‌ସନ୍ କିମ୍ବା ଅବସାଦର ବଶବର୍ତ୍ତୀ ହୋଇ ଶୋଇବାକୁ ଗଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡ଼ିଥାଏ।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। କାରଣ ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଭରି ରହିଥାଏ।
- ଅଧିକାଂଶ ସମୟ ଆବଶ୍ୟକତାଠାରୁ ଅଧିକ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଅଣ୍ଟା ଉପରେ ପଡ଼ିଥାଏ।
- ପେଟରେ ଗ୍ୟାଷ୍ଟ୍ରିକ ସମସ୍ୟା ସୃଷ୍ଟି କରୁଥିବା ଖାଦ୍ୟପେୟଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।
- ପ୍ରତିଦିନ ସକାଳେ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ।



## ଜଗିଙ୍ଗ କରିବା ସମୟରେ...



ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ସୁସ୍ଥ ରଖିବା କେତେ ଜରୁରୀ ହୋଇପଡ଼ିଛି ତାହା ଅନେକେ ଜାଣନ୍ତି। ତେଣୁ ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରିବା ନିହାତି ଦରକାର। କାରଣ ଏହା ଶରୀରକୁ କେତେକାଂଶରେ ସୁସ୍ଥ ରଖିଥାଏ। ଯଦି ଆପଣ ଜଗିଙ୍ଗ କରୁଛନ୍ତି ତେବେ କେତୋଟି ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ସବୁଦିନ ଅତିକମ୍‌ରେ ୧୫-୩୦ ମିନିଟ୍ ଜଗିଙ୍ଗ କରନ୍ତୁ। ନିୟମିତ ଜଗିଙ୍ଗ କରିବା ଦ୍ୱାରା ଶରୀର ଭିତରକୁ ଫ୍ରେସ୍ ଅମ୍ଳଜାନ ଯାଇଥାଏ। ନିୟମିତ ଏଭଳି କରିବା ଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଟେନ୍‌ସନ ଏବଂ ଅବସାଦ ଠାରୁ କେତେକାଂଶରେ ଦୂରେଇ ରଖିପାରିବ। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦୃଢ଼ ହୋଇଥାଏ। ଜଣେ ଡାଇବେଟିସ୍ ରୋଗୀ ପ୍ରତିଦିନ ଜଗିଙ୍ଗ କରିବା ନିହାତି ଦରକାର। ଏହାଦ୍ୱାରା ଶରୀରରେ ସୁଗାର ବା ଶର୍କରା ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ଏଥିପାଇଁ କେବଳ ସକାଳ ନୁହେଁ, ସନ୍ଧ୍ୟା ସମୟକୁ ବି ଚୟନ କରିପାରନ୍ତି। ନିୟମିତ ଜଗିଙ୍ଗ କରିବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ରହିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ହୃଦ୍‌ଜନିତ ସମସ୍ୟା ଏପରିକି ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଓଜନ ମଧ କେତେକାଂଶରେ ସନ୍ତୁଳିତ ରହେ।

# ଅମିତ ରୋହିଦାସ ଶ୍ରେଷ୍ଠ ଡିଫେଣ୍ଡର

**ହକି ଇଣ୍ଡିଆ ପୁରସ୍କାର**

**ହରମନପ୍ରୀତ୍ ଓ ସବିତା ପୁନିଆ ପ୍ଲେୟର ଅଫ୍ ଦି ଇୟର**

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ଉତ୍ସବ ଏଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଅମିତ ରୋହିଦାସ ବର୍ଷର ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ଲାଭ କରିଛନ୍ତି। ଭାରତର ଅଧିନାୟକ ହରମନପ୍ରୀତ୍ ସିଂ ଓ ସିନିୟର ଗୋଲ୍‌କିପର ସବିତା ପୁନିଆ ଶନିବାର ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗ ହକି ଇଣ୍ଡିଆ ବଲ୍‌ବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ୨୦୨୪ରେ କ୍ରମାଗତ ଦ୍ୱିତୀୟ ଥର ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ରହିଥିଲା। ସେ ଆହୁରି ମଧ୍ୟ ଟୋକିଓ ଗେମ୍ସ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ରହିଥିଲେ। ସବିତାଙ୍କ ଲାଗି ଏହାଥିଲା ଦ୍ୱିତୀୟ ଆନନ୍ଦର ବିଷୟ। ସେ ୨୦୨୪ ବର୍ଷ ପାଇଁ ହକି ଇଣ୍ଡିଆ ବଲ୍‌ଜିତ ସିଂ ଗୋଲ୍‌କିପର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ସବିତା ତୃତୀୟ ଥର ପାଇଁ ଏହି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ହକି ଶତବାର୍ଷିକୀ ପାଳନ ଅବସରରେ ୭ମ ହକି ଇଣ୍ଡିଆ ପୁରସ୍କାର ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଆହୁରି ମଧ୍ୟ ୧୯୭୫ରେ କୁଆଲାଲମ୍ପୁରରେ ଦେଶର ବିଶ୍ୱକପ୍ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ୧୯୭୫ ପୁରୁଷ ବିଶ୍ୱକପ୍ ବିଜୟୀ ଦଳକୁ ହକି ଇଣ୍ଡିଆ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ହାର୍ଦ୍ଦିକ ସିଂଙ୍କୁ ଫରୱାର୍ଡ ଅଫ୍ ଦି ଇୟର ପୁରସ୍କାର ମିଳିଥିବା ବେଳେ ହାର୍ଦ୍ଦିକ ସିଂ ମିଡ୍‌ଫିଲ୍ଡର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ସେହିପରି ଯୁଗରାଜ ସିଂ ୨୧ ବର୍ଷରୁ କମ୍ ପୁରୁଷ ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଥିବା ବେଳେ ଦୀପିକାଙ୍କୁ ୨୧ ବର୍ଷରୁ କମ୍ ମହିଳା ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମିଳିଛି। ଏହି ଆଡମ୍ବରପୂର୍ଣ୍ଣ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଲାନାଥ ସିଂଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଅମିତ ରୋହିଦାସ ଓ ହରମନପ୍ରୀତ ସିଂ।

## ନୋରିସ ଜିତିଲେ ଅଷ୍ଟ୍ରେଲିଆନ ଗ୍ରାଁ.ପ୍ରି.


ଟ୍ରଫି ସହ ଲାଣ୍ଡୋ ନୋରିସ।

**ମେଲବୋର୍ନ, ୧୬।୩ (ଏପି)**

ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ୍ ବର୍ଷାରେ ପ୍ରଭାବିତ ଘଟଣା ବହୁଳ ଅଷ୍ଟ୍ରେଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଆଲବର୍ଟ ପାର୍କରେ ଏହା ହେଉଛି ତାଙ୍କର ପ୍ରଥମ ବିଜୟ। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ବିଳମ୍ବରେ ତୃତୀୟ ସେଫ୍‌ଟି କାର୍ ପରେ ରେଡ୍ ବୁଲ୍‌ର ଭର୍ଷ୍ଟାପେନ୍‌ଙ୍କଠାରୁ ୦.୮୯୫ ସେକେଣ୍ଡ ଆଗରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଫେରାରି ତରଫରୁ ପ୍ରଥମ ପଦାର୍ପଣରେ ଲୁଇସ୍ ହାମିଲଟନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ୭ଥର ଚାମ୍ପିୟନ ଏହି ଡ୍ରାଇଭର ୧୦ମ ସ୍ଥାନରେ ରହିଥିଲେ। ରେସ୍‌ରେ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ରହିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଜର୍ଜ ରସେଲ (ମର୍ସିଡିଜ), ଆନ୍ଦ୍ରିଆ କିମି ଆଣ୍ଟୋନେଲି (ମର୍ସିଡିଜ୍), ଆଲେକ୍‌ଜାଣ୍ଡର ଆଲ୍‌ବନ୍ (ୱିଲିୟମ୍ସ), ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ), ନିକୋ ହକେନବର୍ଗ (ସୌବେର), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଲୁଇସ୍ ହାମିଲଟନ (ଫେରାରି)। ସିଜନର ଦ୍ୱିତୀୟ ରେସ୍ ଚାଇନିଜ ଗ୍ରାଁ. ପ୍ରି. ସାଂଘାଇରେ ମାର୍ଚ୍ଚ ୨୩ରେ ଅନୁଷ୍ଠିତ ହେବ।

## ଅନନ୍ୟା, ମନୀଷ ଚାମ୍ପିୟନ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ଓପନ ଜୁନିୟର (୭ ଓ ୧୭ ବର୍ଷରୁ କମ୍) ଚେସ୍ ଚାମ୍ପିୟନଶିପ୍ ରବିବାର ଆୟୋଜିତ ହୋଇଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାର ୭ ବର୍ଷରୁ କମ୍ ବର୍ଗରେ ଅନନ୍ୟା ଅନ୍ୱେଷା ମିଶ୍ର ଓ ୧୭ ବର୍ଷରୁ କମ୍‌ରେ ମନୀଷ ରଞ୍ଜନ ଦାସ ଚାମ୍ପିୟନ ହୋଇଛନ୍ତି। ୭ ବର୍ଷରୁ କମ୍ ବର୍ଗରେ ଆଦି ଆୟୁଷ୍ମାନ ମହାପାତ୍ର, କିର୍ତ୍ତୀଶ କୁମାର ସାହୁ, ରେୟାଂଶ ରାଜ ଓ ଆୟାଂଶ ଆର୍ଯ୍ୟନ ମିଶ୍ର ଏବଂ ୧୭ ବର୍ଷରୁ କମ୍‌ରେ ଧ୍ରୁବ, ସତ୍ୟମ ସ୍ୱରୂପ ସାହୁ, ଆରିଶ ନନ୍ଦ ଗୋସ୍ୱାମୀ ଓ ବୈଭବ ଘୋଷ ଟପ୍-୫ ଫିନିଶ୍ କରିଛନ୍ତି।

## ବିଡିସିର କ୍ରୀଡ଼ାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

ଭୀମପୁର ଡେଭଲପ୍‌ମେଣ୍ଟ କମିଟି (ବିଡିସି)ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ସମ୍ପନ୍ନ ହୋଇଛି। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କର୍ପୋରେଟର ଶ୍ରୀଧର ବେହେରା, ବିଡିସି ସଭାପତି ସ୍ୱରାଜ କୁମାର ସାହୁ, ଉପସଭାପତି ପ୍ରସନ୍ନ ସ୍ୱାଇଁ, ଦେବବ୍ରତ ମହାନ୍ତି, ସମ୍ପାଦକ ଅରୁଣ କୁମାର ଦାସ, କ୍ରୀଡ଼ା ସମ୍ପାଦକ ପାର୍ଥ ସାରଥି ଜେନା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମିଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଭୀମପୁର ସ୍ପୋର୍ଟ୍ସ ଆରେନାରେ ଉପଯୁକ୍ତ କ୍ରୀଡ଼ା ଭିତ୍ତିଭୂମି ଓ ଏକ ରୋଲ ବଲ୍ ମିନି ଷ୍ଟାଡିୟମ ହେବ ବୋଲି କ୍ରୀଡ଼ା ସମ୍ପାଦକ ପାର୍ଥ ସାରଥି ଜେନା ଆଶା ପ୍ରକାଶ କରିଛନ୍ତି।

## ଗୋକୁଲମ୍‌ଠାରୁ ଓଡ଼ିଶା ଏଫ୍‌ସି ପରାସ୍ତ

**ଇଣ୍ଡିଆନ ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୩ ଗୋଲରେ ଗୋକୁଲମ୍ କେରଳ ନିକଟରୁ ହାରି ଯାଇଛି। ଫଜିଲା ଇକ୍ୱାପୁତ୍ ୨ଟି ଗୋଲଦେଇ ଗୋକୁଲମ୍ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଛନ୍ତି। ଆରମ୍ଭରୁ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ୩୨ତମ ମିନିଟରେ ପ୍ୟାରୀ ଖାଖାଙ୍କ ଆତ୍ମଘାତୀ ଗୋଲ ଯୋଗୁ ଗୋକୁଲମ୍ ଅଗ୍ରଣୀ ହାସଲ କରିଥିଲା। ୪୩ତମ ମିନିଟରେ ଫଜିଲା ଏକ ଗୋଲ ଦେବାରୁ ଓଡ଼ିଶା ଏଫ୍‌ସି ଉପରେ ଚାପ ବଢ଼ିଥିଲା। ୫୦ତମ ମିନିଟରେ ନେହା ଗୋଟିଏ ଗୋଲ ପରିଶୋଧ କରିବାରୁ ମ୍ୟାଚ ରୋମାଞ୍ଚକ ମୋଡ଼ ନେଇଥିଲା। ମାତ୍ର ୫୫ତମ ମିନିଟରେ ଫଜିଲା ବ୍ୟକ୍ତିଗତ ଗୋଲ ଦେଇ ଗୋକୁଲମ ବିଜୟକୁ ଏକ ପ୍ରକାର ନିଶ୍ଚିତ କରି ଦେଇଥିଲେ। ୬୨ତମ ମିନିଟରେ ବିପଜ୍ଜନକ ଖେଳ ପାଇଁ ଓଡ଼ିଶା ଏଫ୍‌ସିର କଣ୍ଠିନା ଓ ଗୋକୁଲମର ଆସେମ ରୋଜା ଦେବୀଙ୍କୁ ରେଫରି ହଳଦିଆ କାର୍ଡ ପ୍ରଦର୍ଶନ କରିଥିଲେ।

## ହୋପ୍ସକୁ ହରାଇଲା ନୀତା ଏକାଡେମୀ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

ରବିବାର କାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଲ୍ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୨-୦ ଗୋଲରେ ହୋପ୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ୬୦ ଓ ୬୩ତମ ମିନିଟରେ ମନୀଷା ନାୟକ ୨ଟି ଗୋଲ ଦେଇ ନୀତା ଏକାଡେମୀକୁ ବିଜୟୀ କରିଥିଲେ। ଏହି ବିଜୟ ଫଳରେ ନୀତା ଫୁଟବଲ ଏକାଡେମୀର ପଏଣ୍ଟ ସଂଖ୍ୟା ୮ ମ୍ୟାଚରୁ ୧୦ରେ ପହଞ୍ଚିଛି। ତେବେ ୯ ଦଳ ବିଶିଷ୍ଟ ଟେବୁଲରେ ନୀତା ଏକାଡେମୀ ୭ମ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସି ୮ ମ୍ୟାଚରୁ ୩ ବିଜୟ, ୨ ଡ୍ର ଓ ୩ ପରାଜୟ ସହ ୧୧ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନରେ ରହିଛି।

## ବୀର ବାହାଦୁର ଚାମ୍ପିୟନ, କିଟ୍ ରନରଅପ୍



କିଟ୍ ମହିଳା କ୍ରିକେଟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ**

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ପ୍ରତିଯୋଗିତା କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀର ବାହାଦୁର ସିଂ ୟୁନିଭର୍ସିଟି, ପୂର୍ବାଞ୍ଚଳ ଚାମ୍ପିୟନ ହୋଇଥିବାବେଳେ କିଟ୍ ରନରଅପ୍ ଟ୍ରଫି ହାସଲ କରିଛି। ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟ ତୃତୀୟ ଓ ୟୁନିଭର୍ସିଟି ଅଫ୍ କୋଲକାତା ୪ର୍ଥ ହୋଇଛି। ନିଜର ଅନ୍ତିମ ଲିଗ୍ ମ୍ୟାଚରେ କିଟ୍ ଦଳ ୯ ଉଇକେଟରେ ୟୁନିଭର୍ସିଟି ଅଫ୍ କୋଲକାତାକୁ ପରାସ୍ତ କରିଛି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ସିନିୟର ଏନ୍‌ଆଇଏସ୍ କ୍ରିକେଟ କୋଚ୍ ଅଜିତ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ ଯେ, ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛି।

## ପାକିସ୍ତାନର ସମସ୍ତ ୫୦ଖେଳାଳି ଅଲୋଡ଼ା

**ଦି ହଣ୍ଡ୍ରେଡ୍**

**ଲଣ୍ଡନ, ୧୬।୩**

ଇଂଲଣ୍ଡରେ ଖେଳାଯାଉଥିବା 'ଦି ହଣ୍ଡେଡ' କ୍ରିକେଟ ଲିଗ୍ ପାଇଁ ହୋଇଥିବା ନିଲାମିରେ ୫ ମହିଳା ସମେତ ସମସ୍ତ ୫୦ ପାକିସ୍ତାନ ଖେଳାଳିଙ୍କୁ କୌଣସି ଦଳ ନେବା ଲାଗି ଆଗ୍ରହ ପ୍ରକାଶ ନ କରିବା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ସେମାନଙ୍କ ମଧ୍ୟରେ ଦାମୀ କାଟେଗୋରିରେ ସ୍ଥାନ ପାଇଥିବା ଇମାଦ ୱାସିମ, ସଇମ ଆୟୁବ, ଶଦାବ ଖାନ୍ ଓହସନ ଅଲି ଓ ଫାଷ୍ଟ ବୋଲର ନସିମ ଶାହାଙ୍କ ଭଳି ଖେଳାଳି ରହିଛନ୍ତି। ଅନ୍ୟପକ୍ଷରେ ଆଫଗାନିସ୍ତାନ ସ୍ପିନର ନୁର୍ ଅହମ୍ମଦ ଓ ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ମାଇକେଲ ବ୍ରେସ୍‌ୱେଲ ବହୁ ମୂଲ୍ୟରେ ବିକ୍ରି ହୋଇଛନ୍ତି। ନୁର୍ ମାଞ୍ଚେଷ୍ଟର ଓରିଜିନାଲ୍ସ ଯୋଗ ଦେଇଥିବାବେଳେ ବ୍ରେସ୍‌ୱେଲଙ୍କୁ ସଦର୍ନ ବ୍ରେଭ୍ କ୍ରୟ କରିଛି। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡେଭିଡ୍ ୱାର୍ନରଙ୍କୁ ଲଣ୍ଡନ ସ୍ପିରିଟ୍ ନେଇଛି। ଏହି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଖର୍ଚ୍ଚ କାଟ୍ ପଦକ୍ଷେପ ନେଇଛି। ଏହାର ଏକ ଅଂଶବିଶେଷ ସ୍ୱରୂପ ଘରୋଇ କ୍ରିକେଟରେ ଖେଳାଳିମାନଙ୍କ ମ୍ୟାଚ୍ ଫି' ପରିମାଣ ହ୍ରାସ କରାଯାଇଛି। ଏଥିରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ବର୍ତ୍ତମାନ ଆର୍ଥିକ ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ନ୍ୟାଶନାଲ ଟି୨୦ ଚାମ୍ପିୟନଶିପ୍ ପାଇଁ ଏଥିରେ ଭାଗନେଉଥିବା ଖେଳାଳିଙ୍କ ପ୍ରାପ୍ୟ ମ୍ୟାଚ ପିଛା ୧୦୦,୦୦୦ ଟଙ୍କାରୁ ୧୦,୦୦୦ ଟଙ୍କାକୁ ହ୍ରାସ କରାଯାଇଛି। ରିଜର୍ଭ ଖେଳାଳି ମ୍ୟାଚ ପିଛା ୫,୦୦୦ ଟଙ୍କା ଲେଖାଏ ପାଇବେ। ମ୍ୟାଚ୍ ଫି' ହ୍ରାସ କରାଯାଇଥିବାରୁ ଖେଳାଳିମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବୋର୍ଡ ଆହୁରି ମଧ୍ୟ ଘରୋଇ କ୍ରିକେଟର ବିକାଶ କ୍ଷେତ୍ରରେ କମ୍ ଖର୍ଚ୍ଚ କରିବା ଲାଗି ବିଚାର କରୁଛି।


ଓମେନ୍ସ ପ୍ରିମିୟର ଲିଗ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳ ଟ୍ରଫି ସହ।

**ଇଣ୍ଡିଆ ସୁପର ଲିଗ୍**

## ପ୍ଲେଅଫ୍ କାର୍ଯ୍ୟସୂଚୀ ଘୋଷିତ

**ମୁମ୍ବାଇ, ୧୬।୩ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ତରଫରୁ ଶନିବାର ୨୦୨୪-୨୫ ସିଜନ ପାଇଁ ଦୁଇ ପର୍ଯ୍ୟାୟ ବିଶିଷ୍ଟ ସେମିଫାଇନାଲ ସହ ପ୍ଲେଅଫ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହା ଏପ୍ରିଲ ୨ରୁ ୬ ପର୍ଯ୍ୟନ୍ତ ଖେଳାଯିବ। ଏପ୍ରିଲ ୧୨ରେ ଫାଇନାଲ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟ ମାର୍ଚ୍ଚ ୧୨ରେ ଶେଷ ହୋଇଛି। ନକ୍‌ଆଉଟ ମାର୍ଚ୍ଚ ୨୯ ଓ ୩୦ରେ ଖେଳାଯିବ। ସେମିଫାଇନାଲ ଏପ୍ରିଲ ୨, ୩, ୬ ଓ ୭ରେ ଖେଳାଯିବ। ମୋହନ ବାଗାନ ଏସ୍‌ଜି କ୍ରମାଗତ ଦ୍ୱିତୀୟ ସିଜନ ପାଇଁ ଲିଗ୍ ଶିଲ୍ଡ ହାସଲ କରି ଇତିହାସ ସୃଷ୍ଟି କରିଛି। ଏହି ସଫଳତା ହାସଲ କରିବାରେ ମୋହନ ବାଗାନ ହେଉଛି ଦ୍ୱିତୀୟ ଦଳ। ମୋହନ ବାଗାନ ଏସ୍‌ଜି ବ୍ୟତୀତ ଏଫ୍‌ସି ଗୋଆ (୨ୟ), ବେଙ୍ଗାଲୁରୁ ଏଫ୍‌ସି (୩ୟ), ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି (୪ର୍ଥ), ଜାମସେଦପୁର ଏଫ୍‌ସି (୫ମ) ଓ ମୁମ୍ବାଇ ସିଟି ଏଫ୍‌ସି (୬ଷ୍ଠ) ଏମାନେ ସମସ୍ତେ ପ୍ଲେ-ଅଫ୍ ପାଇଁ ସେମାନଙ୍କ ସ୍ଥାନ ସ୍ପଷ୍ଟ କରିସାରିଛନ୍ତି। ପ୍ଲେଅଫ୍‌ରେ ୩ୟରୁ ୬ଷ୍ଠ ର୍ୟାଙ୍କରେ ରହିଥିବା ଦଳଗୁଡ଼ିକ ଦୁଇ ସିଙ୍ଗଲ-ଲେଗ୍ ବିଶିଷ୍ଟ ନକ୍‌ଆଉଟ ମ୍ୟାଚ ଖେଳିବେ। ଏଥିରୁ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିବା ମୋହନ ବାଗାନ ଏସ୍‌ଜିତ ଓ ଏଫ୍‌ସିଂ ଗୋଆ ବିପକ୍ଷରେ କେଉଁ ଦଳ ଖେଳିବ ତାହା ଧାର୍ଯ୍ୟ ହେବ। ସେମିଫାଇନାଲ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯିବ। ଦୁଇ ଲେଗ୍ ଖେଳର ବିଜେତା ଏପ୍ରିଲ ୧୨ରେ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିବେ। ଲିଗ୍ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳର ହୋମ୍ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯିବ।






1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ